# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଏପ୍ରିଲ ୧୫/୨୦୧୯ (୧୬ ପୃଷ୍ଠା) | Balasore, Monday, April 15/2019 | ★★★★

୪୫ଶ ଭାଗ ୧୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-







ଜାଲିଆନୱାଲାବାଗ୍ ଗଣହତ୍ୟା ଭଳି ଦୁଃଖଦ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳୁଷିତ ରାଜନୀତି କରୁଛନ୍ତି।
-ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ





ଜମ୍ମୁ-କଶ୍ମୀରର କଠୁଆଠାରେ ରବିବାର ଏକ ନିର୍ବାଚନୀ ସଭାରେ ସମର୍ଥକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁଖା ଧରିଛନ୍ତି।



ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ୧୨୮ତମ ଜୟନ୍ତୀ ଅବସରରେ ନୂଆଦିଲ୍ଲୀରେ ରବିବାର ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶିଳା ଦୀକ୍ଷିତ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।



ଗୁଆହାଟୀରେ ରଙ୍ଗୋଲି ବିହୁ ପର୍ବ ପାଳନ ଅବସରରେ ରବିବାର ନୃତ୍ୟାଙ୍ଗନାମାନେ ବିହୁ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଫୁଏଲ୍ ଟ୍ୟାଙ୍କ ବିସ୍ଫୋରଣ: ୧୨ ମୃତ

**କାନୋ(ନାଇଜେରିଆ),୧୪।୪(ଏଏଫ୍‌ପି):** ନାଇଜେରିଆର ଉତ୍ତର ଭାଗସ୍ଥ ଗୋମ୍ବେ ନଗରୀରେ ଏକ ଫୁଏଲ୍ ଟ୍ୟାଙ୍କ ବିସ୍ଫୋରଣ ହେବାଯୋଗୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଆହତ ହୋଇଛନ୍ତି। ସମ୍ମୁଖ ଭାଗରୁ ଆସୁଥିବା ଆଉ ଏକ ଟ୍ରକ୍‌ରେ ବାଡେଇ ହୋଇଯିବା ଆଶଙ୍କା କରି ଉକ୍ତ ଫୁଏଲ୍ ଟ୍ୟାଙ୍କର ଡ୍ରାଇଭର ନିଜ ଗାଡି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସିଯିବାରୁ ଟ୍ୟାଙ୍କ୍ ଫାଟି ଏଥିରେ ନିଆଁ ଲାଗି ଯାଇଥିଲା। ନିଆଁ ଚତୁଃପାର୍ଶ୍ୱକୁ ବ୍ୟାପିଯିବାରୁ ୧୨ ଲୋକଙ୍କ ମୃତ୍ୟୁ ଘଟିଛି। ୧୬ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ଗୋମ୍ବେ ଷ୍ଟେଟ୍ ପୋଲିସ ମୁଖପାତ୍ର ମ୍ୟାରି ମାଲୁମ୍ ପ୍ରକାଶ କରିଛନ୍ତି।

### ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା ନିଷ୍କ୍ରିୟ କରାଗଲା

**ବର୍ଲିନ,୧୪।୪:** ଜର୍ମାନୀରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳର ଏକ ବୋମା ଠାବ କରାଯିବା ପରେ ଏହାକୁ ନିଷ୍କ୍ରିୟ କରିବା ପାଇଁ ଫ୍ରାଙ୍କଫର୍ଟ ସହରରୁ ପାଖାପାଖି ୬୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଯୋଜନା ମୁତାବକ ଉକ୍ତ ବୋମାକୁ ରବିବାର ନଦୀରେ ନିଷ୍କ୍ରିୟ କରାଯିବାବେଳେ ପ୍ରଚଣ୍ଡ ଶବ୍ଦ ହେବା ସହିତ କିଛି ମୁହୂର୍ତ୍ତ ପାଇଁ ଏକ କୃତ୍ରିମ ଝରଣା ସୃଷ୍ଟି ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ନଦୀରେ ତାଲିମ ନେଉଥିବାବେଳେ ୨୫୦ କିଲୋଗ୍ରାମ ବିଶିଷ୍ଟ ଉକ୍ତ ଆମେରିକୀୟ ବୋମାକୁ ଠାବ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତିର ୭୦ ବର୍ଷ ବିତିଯାଇଥିଲେ ମଧ ଜର୍ମାନୀରୁ ନିୟମିତ ବୋମା ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଠାବ ଯୁଦ୍ଧର ଭୟାବହତାକୁ ସ୍ପଷ୍ଟ କରୁଛି।

## ■ ୫୦% ଭିଭିପିଏଟି ଯାଞ୍ଚ ଦାବି

# ପୁଣି ସୁପ୍ରିମକୋର୍ଟ ଯିବେ ବିରୋଧୀ

**ନୂଆଦିଲ୍ଲୀ,୧୪।୪(ପି.ଟି.)**

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବିଶ୍ୱସନୀୟତା ଉପରେ ବିରୋଧୀ ଦଳ ସନ୍ଦେହ ବ୍ୟକ୍ତ କରିବା ସହ ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ଯାଞ୍ଚ ଲାଗି ପୁଣି ଥରେ ସୁପ୍ରିମକୋର୍ଟ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ କଂଗ୍ରେସ, ତେଲୁଗୁ ଦେଶମ୍ ପାର୍ଟି (ଟିଡିପି), ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇ(ଏମ୍) ସମେତ ବିରୋଧୀ ଦଳଗୁଡ଼ିକ ଏକ ମିଳିତ ଖବରଦାତା ସମ୍ମିଳନୀରେ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ନାଗରିକଙ୍କ ଭୋଟ ଅଧିକାରର ସୁରକ୍ଷା ନିମନ୍ତେ ସେମାନେ ଆହ୍ୱାନ ଦେଇଛନ୍ତି।

ଲୋକ ସଭା ନିର୍ବାଚନ ଜିତିବା ଲାଗି ଭାଜପା ଇଭିଏମ୍‌ର ପ୍ରୋଗ୍ରାମିଂ କରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜରିୱାଲ ଅଭିଯୋଗ କରିଛନ୍ତି। ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ଇଭିଏମ୍ ଫଳାଫଳ ସହ ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ସ୍ଲିପ୍ ଯାଞ୍ଚ ପାଇଁ ୨୧ଟି ବିରୋଧୀ ଦଳ ଦାବି କରୁଥିବା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ କହିଛନ୍ତି। ଶନିବାର ଚନ୍ଦ୍ରାବାବୁ ମୁଖ୍ୟ ନିର୍ବାଚନ କମିଶନ ସୁନୀଲ ଆରୋରାଙ୍କୁ ଭେଟି ବିଭିନ୍ନ ବୁଥ୍‌ରେ ଇଭିଏମ୍ ଅଚଳ ଥିବା ପ୍ରସଙ୍ଗ ଉଠାଇଥିଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ପୁଣି



ନୂଆଦିଲ୍ଲୀରେ ବୈଠକରେ ଯୋଗ ଦେଇଥିବା ବିରୋଧୀ ଦଳ ନେତା ଚନ୍ଦ୍ରାବାବୁ ନାଇଡୁ, କପିଲ ସିବଲ, ଅରବିନ୍ଦ କେଜରିୱାଲ ପ୍ରମୁଖ।

ଥରେ ବିରୋଧୀ ଭିଭିପିଏଟି ଯାଞ୍ଚ ଦାବି କରିଛନ୍ତି। ପୂର୍ବରୁ ଏଥିପାଇଁ ବିରୋଧୀ ଦଳ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା ସମ୍ଭବ ନୁହେଁ ବୋଲି ନିର୍ବାଚନ କମିଶନ (ଇସି) କହିବା ପରେ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ବୁଥ୍‌ରେ ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ମେଳ କରାଇବାକୁ ସର୍ବୋଚ୍ଚ ଅଦାଳତ ନିର୍ଦ୍ଦେଶ ଦେଇଥିଲେ।

■ଇଭିଏମ୍‌ର ପ୍ରୋଗ୍ରାମିଂ କରିଛି ଭାଜପା: କେଜରିୱାଲ

■ଗୋଟିଏ ଦଳର ବଟନ ଟିପିଲେ ଅନ୍ୟ ଦଳକୁ ଯାଉଛି ଭୋଟ

■ଇଭିଏମ୍ ବିଶ୍ୱସନୀୟ ନୁହେଁ : ଚନ୍ଦ୍ରାବାବୁ ନାଇଡୁ

ରବିବାର ଅନୁଷ୍ଠିତ ବିରୋଧୀ ଦଳ ବୈଠକରେ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ୍ ସିଙ୍ଘଭି ଯୋଗଦେଇ ୫୦% ଭିଭିପିଏଟି ଯାଞ୍ଚ ଲାଗି ପୁଣି ଥରେ ଅଦାଲତ ଯିବା ଲାଗି ପ୍ରସ୍ତାବ ଦେଇଥିଲେ। ଇଭିଏମ୍‌ରେ ପକ୍ଷପାତିତା ନେଇ ବିରୋଧୀ ଦଳଗୁଡ଼ିକ ଦେଶବ୍ୟାପୀ ସଚେତନତା ଅଭିଯାନ ଚଳାଇବା ଲାଗି ସିଙ୍ଘଭି କହିଥିଲେ। ଇଭିଏମ୍‌ରେ ଗୋଟିଏ ଦଳ ପାଇଁ ବଟନ ଦାବିରେ ଅନ୍ୟ ଦଳକୁ ଭୋଟ ଯାଉଛି। ଭିଭିପିଏଟିରେ ୭ ସେକେଣ୍ଡ ବଦଳରେ ମାତ୍ର ୩ ସେକେଣ୍ଡ ପାଇଁ ପେପର ସ୍ଲିପ୍ ଦେଖାଉଥିବା ସିଙ୍ଘଭି ଅଭିଯୋଗ କରିଥିଲେ। ୨୦ରୁ ୨୫ ପ୍ରତିଶତ ଇଭିଏମ୍ ଠିକ୍ ଭାବେ କାମ କରୁ ନ ଥିବାବେଳେ ୫୦% ଭିଭିପିଏଟି ଯାଞ୍ଚ ପାଇଁ ଇସି ରାଜି ନ ହେବା ପଛର ଉଦ୍ଦେଶ୍ୟ ନେଇ ସିବଲ ପ୍ରଶ୍ନ ଉଠାଇଥିଲେ। ଇଭିଏମ୍ ବିଶ୍ୱସନୀୟ ନୁହେଁ। ଭିଭିପିଏଟି ଯାଞ୍ଚ ୫ ବୁଥ୍‌କୁ ବୃଦ୍ଧି କରିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ବିରୋଧୀ ଦଳ ସନ୍ତୁଷ୍ଟ ନୁହନ୍ତି। ଏନେଇ ସାନି ପିଟିଶନ୍ ଦାଏର ହେବ ବୋଲି ଚନ୍ଦ୍ରାବାବୁ କହିଥିଲେ।

## କ୍ୟାବିନେଟ ଓ ରାଜ୍ୟ ସଭାରୁ ବୀରେନ୍ଦ୍ର ସିଂଙ୍କ ଇସ୍ତଫା ପ୍ରସ୍ତାବ

**ନୂଆଦିଲ୍ଲୀ,୧୪।୪(ପି.ଟି.)**



କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂ ମନ୍ତ୍ରିମଣ୍ଡଳ ଏବଂ ରାଜ୍ୟ ସଭାରୁ ଇସ୍ତଫା ଦେବା ଲାଗି ରବିବାର ପ୍ରସ୍ତାବ ଦେଇଛନ୍ତି। ପୁଅ ବ୍ରିଜେନ୍ଦ୍ର ସିଂଙ୍କୁ ଭାଜପା ହରିୟାଣାର ହିସାରରୁ ପ୍ରାର୍ଥୀ କରିବା ପରେ ବୀରେନ୍ଦ୍ର ନିଜର ସରକାରୀ ବାସଭବନରେ ଖବରଦାତା ସମ୍ମିଳନୀ ଡାକି ଏହା ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କୁ ଜଣାଇ ଦେଇଛନ୍ତି। ପୁଅକୁ ଲୋକ ସଭା ଟିକେଟ ମିଳିଥିବାରୁ ବଂଶବାଦ ରାଜନୀତି ବିରୋଧରେ ସମାଜକୁ ଏକ ବାର୍ତ୍ତା ଦେବା ଲାଗି ସେ ଇସ୍ତଫା ଦେବାକୁ ଚାହାନ୍ତି ବୋଲି ହରିୟାଣାର ଏହି ବରିଷ୍ଠ ଭାଜପା ନେତା କହିଛନ୍ତି। ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟରେ ପ୍ରଥମେ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ, ପାନୀୟଜଳ ଓ ପରିମଳ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବୀରେନ୍ଦ୍ରଙ୍କୁ ୨୦୧୬ରେ ଇସ୍ପାତ ମନ୍ତ୍ରଣାଳୟକୁ ସ୍ଥାନାନ୍ତର କରାଯାଇଥିଲା। କଂଗ୍ରେସ ସହ ୪ ଦଶନ୍ଧିର ସମ୍ପର୍କ ତୁଟାଇ ବୀରେନ୍ଦ୍ର ୨୦୧୪ରେ ଭାଜପାରେ ଯୋଗ ଦେଇଥିଲେ।

## ସମ୍ବିଧାନ ଧ୍ୱଂସ ଉଦ୍ୟମ ହେଉଛି: ପ୍ରିୟଙ୍କା

**ସିଲ୍‌ଚର(ଆସାମ),୧୪।୪(ପି.ଟି.)**

ଦେଶର ସମ୍ବିଧାନକୁ ଧ୍ୱଂସ କରିଦେବାକୁ ଭାଜପା ଉଦ୍ୟମ ଚଳାଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ରବିବାର ଅଭିଯୋଗ କରିଛନ୍ତି। ପ୍ରଥମ ଥର ପାଇଁ ଉତ୍ତରପ୍ରଦେଶ ବାହାରେ ଏକ ରୋଡ ଶୋ'ରେ ଯୋଗଦେଇ ପ୍ରିୟଙ୍କା ଭାଜପା ଉପରେ ବର୍ଷିଛନ୍ତି। ଆସାମର ସିଲଚରରେ କଂଗ୍ରେସ ପ୍ରାର୍ଥୀ ତଥା ବର୍ତ୍ତମାନର ଏମ୍‌ପି ସୁସ୍ମିତା ଦେବଙ୍କ ସମର୍ଥନରେ ଏକ ରୋଡ ଶୋରେ ଯୋଗଦେଇ ପ୍ରିୟଙ୍କା କହିଥିଲେ, ପ୍ରଧାନମନ୍ତ୍ରୀ ବିଶ୍ୱ ଭ୍ରମଣ କରୁଥିବାବେଳେ ନିଜ ନିର୍ବାଚନମଣ୍ଡଳୀ ବାରାଣସୀରେ କ୍ୱଚିତ ସମୟ ଦେଇଥାନ୍ତି। ସମ୍ବିଧାନର ପ୍ରଣେତା ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ କଂଗ୍ରେସ ନେତ୍ରୀ କହିଥିଲେ, ସମ୍ବିଧାନକୁ ସମ୍ମାନ ଦେବା ପ୍ରତ୍ୟେକ ନେତାଙ୍କ କର୍ତ୍ତବ୍ୟ, ଯାହା ଏବେ କରାଯାଉ ନାହିଁ। ଭାଜପାର ନିର୍ବାଚନୀ ଇସ୍ତାହାରକୁ ସମାଲୋଚନା କରି ପୂର୍ବ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା କଂଗ୍ରେସ ସାଧାରଣ ସମ୍ପାଦକ କହିଥିଲେ, ଏଥିରେ ଭିନ୍ନ ସଂସ୍କୃତି ଓ ଧର୍ମକୁ ସ୍ଥାନ ଦିଆଯାଇ ନଥିବାବେଳେ ସମ୍ବିଧାନକୁ ସମ୍ମାନ ଦିଆଯାଇ ନାହିଁ। ଦଳୀୟ ପ୍ରାର୍ଥୀ ସୁସ୍ମିତାଙ୍କୁ ଉଚ୍ଚ ପ୍ରଶଂସା କରି ପ୍ରିୟଙ୍କା ତାଙ୍କୁ ନିଜ ଜେଜେମା' ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ତୁଳନା କରିଥିଲେ। ସୁସ୍ମିତାଙ୍କଠାରେ ସେଭଳି ସାହସ, ସଚ୍ଚୋଟତା ଓ ଲୋକମାନଙ୍କ ପାଇଁ କାମ କରିବାର ଆଗ୍ରହ ରହିଛି ବୋଲି ପ୍ରିୟଙ୍କା କହିଥିଲେ।



ଆସାମର ସିଲଚରରେ ପ୍ରିୟଙ୍କା ଗାନ୍ଧୀଙ୍କ ରୋଡ୍ ଶୋ।

## ଶ୍ରୀନଗର ଭୋଟ ଗଣତନ୍ତ୍ରର ପରୀକ୍ଷା

**ଶ୍ରୀନଗର,୧୪।୪(ପି.ଟି.)**

ଜମ୍ମୁ-କଶ୍ମୀରର ଶ୍ରୀନଗର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ମତଦାନ ହେବାକୁ ଯାଉଛି, ଯାହା ଗଣତନ୍ତ୍ର ଆହ୍ୱାନର ଅସଲ ପରୀକ୍ଷା ହେବ ବୋଲି କୁହାଯାଉଛି। ପିଡିପି ନେତା ତାରିକ୍ ହମିଦ କାରାଙ୍କ ଇସ୍ତଫା କାରଣରୁ ଦୁଇ ବର୍ଷ ପୂର୍ବେ ସେଠାରେ ଉପନିର୍ବାଚନ ହୋଇଥିଲା। ତେବେ ହିଂସାକାଣ୍ଡ ଯୋଗୁ ମାତ୍ର ୭.୨ ପ୍ରତିଶତ ମତଦାନ ହୋଇଥିଲା। ବିଭିନ୍ନ ସ୍ଥାନରେ ସୁରକ୍ଷାବଳର କାର୍ଯ୍ୟାନୁଷ୍ଠାନ ଯୋଗୁ ୯ ଜଣ ବିକ୍ଷୋଭକାରୀ ନିହତ ହୋଇଥିଲେ। ନିର୍ବାଚନ ଡ୍ୟୁଟିରେ ଥିବା ଯବାନମାନଙ୍କୁ ପଥର ଫିଙ୍ଗାଳିଙ୍କ ଆକ୍ରମଣରୁ ରକ୍ଷା କରିବା ଲାଗି ସେନା ଅଫିସର ଜଣେ ଶାଲ୍ ବୁଣାକାରଙ୍କୁ ମାନବ ଢାଲ ଭାବେ ବ୍ୟବହାର କରିଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଥିଲା।

ଏଥର କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀର ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୨,୯୦,୩୧୮ ଭୋଟର। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲା, ପିଡିପି ପ୍ରାର୍ଥୀ ଆଗା ସୟେଦ୍ ମୋହସିନ।

# ଦେଶକୁ ବିଭାଜନ ହେବାକୁ ଦିଆଯିବନି

**କଠୁଆ,୧୪।୪(ପି.ଟି.)**

**କଠୁଆରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ସଭା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର କଠୁଆରେ ରବିବାର ଏକ ନିର୍ବାଚନୀ ସଭାରେ ଯୋଗଦେଇ ଅବଦୁଲ୍ଲା ଏବଂ ମୁଫତି ପରିବାରକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଦୁଇ ପରିବାର ରାଜ୍ୟକୁ ତିନି ପିଢ଼ି ଧରି କବ୍‌ଜା କରି ରଖିଛି। ଭାରତକୁ ବିଭାଜନ ହେବାକୁ ଦିଆଯିବନି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଜମ୍ମୁ-କଶ୍ମୀରବାସୀଙ୍କୁ ବନ୍ଧକ କିମ୍ବା ଗୋଟି ଶ୍ରମିକ କରି ରଖାଯାଇପାରିବ ନାହିଁ ସତର୍କ କରିଦେଇଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବଦୁଲ୍ଲା ଜମ୍ମୁ-କଶ୍ମୀର ପାଇଁ ଅଲଗା ପ୍ରଧାନମନ୍ତ୍ରୀ ଦାବି କରୁଥିବାବେଳେ ଧାରା ୩୭୦ ଉଚ୍ଛେଦ ହେଲେ ଭାରତରୁ ଉକ୍ତ ରାଜ୍ୟ ଅଲଗା ହୋଇଯାଇପାରେ ବୋଲି ପିଡିପି ନେତ୍ରୀ ମେହବୁବା ମୁଫ୍‌ତି କହିଥିବାରୁ ସେମାନଙ୍କୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ରାଜ୍ୟର ଉନ୍ନତ ଭବିଷ୍ୟତ ପାଇଁ ଭୋଟ ମାଧ୍ୟମରେ ଅବଦୁଲ୍ଲା ଓ ମୁଫ୍‌ତି ପରିବାରକୁ କ୍ଷମତାଠାରୁ ଦୂରେଇ ରଖିବାପୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଉଧାମପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ପାଇଁ ପ୍ରଚାରରେ ଯାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ, ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଜମ୍ମୁ-କଶ୍ମୀର ଜନସାଧାରଣ ବହୁସଂଖ୍ୟାରେ ମତଦାନ କରି ଆତଙ୍କବାଦୀ ନେତା, ସୁବିଧାବାଦୀଙ୍କୁ ଅଡୁଆରେ ପକାଇଥିବାବେଳେ ମହାଅପମିଶ୍ରିତ ମେଣ୍ଟକୁ ନିରୁତ୍ସାହିତ କରିବା ସହ ଗଣତନ୍ତ୍ରର ଶକ୍ତିକୁ ପ୍ରମାଣିତ କରିଛନ୍ତି।

## [ଇତିହାସର ଆଇନାରେ]

### ଏପ୍ରିଲ ୧୫ର ପ୍ରମୁଖ ଘଟଣା


### ଇନ୍‌ସୁଲିନ୍ ଉପଲବ୍ଧ ହେଲା

୧୯୨୩ ଏପ୍ରିଲ ୧୫ରେ ଡାଇବେଟିସ ରୋଗୀଙ୍କ ନିମନ୍ତେ ଇନ୍‌ସୁଲିନ୍ ଉପଲବ୍‌ଧତା ସହଜ ହେଲା। ଲାଟିନ୍ ନାମ ଇନ୍‌ସୁଲା ଅନୁସାରେ ଇନ୍‌ସୁଲିନ୍ ନାମକରଣ ହୋଇଛି। ଉକ୍ତ ପେପଟାଇଡ୍ ହରମୋନ୍ ପାନକ୍ରିୟାଟିକ୍ କୋଷିକାରୁ ଝରିଥାଏ। ଏହାକୁ ଶରୀରର ମୁଖ୍ୟ ଆନାବୋଲିକ ହରମୋନ୍ ଭାବେ ବିବେଚନା କରାଯାଏ। ଏହା ଶରୀରର ଶ୍ୱେତସାର, ସ୍ନେହସାର ଏବଂ ପୁଷ୍ଟିସାର ମାତ୍ରାକୁ ନିୟନ୍ତ୍ରଣ କରିଥାଏ।

### ବାଗଦାଦ୍‌ରେ ବିସ୍ଫୋରଣ

୨୦୧୩ ଏପ୍ରିଲ ୧୫ରେ ବାଗଦାଦ୍‌ରେ ବୋମା ବିସ୍ଫୋରଣ ଯୋଗୁ ଅନ୍ୟୂନ ୭୫ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୩୫୬ ଜଣ ଆହତ ହୋଇଥିଲେ। ଏପ୍ରିଲ ୨୦ରେ ପ୍ରାଦେଶିକ ନିର୍ବାଚନ ହେବାକୁ ଥିବାବେଳେ ଏହାର ୫ ଦିନ ପୂର୍ବରୁ ବିସ୍ଫୋରଣ ହୋଇଥିଲା।

## ସର୍ବବୃହତ୍ ବିମାନର ପରୀକ୍ଷାମୂଳକ ଉଡାଣ



**ୱାଶିଟନ୍,୧୪।୪(ଏଏଫ୍‌ପି)**

କାଲିଫର୍ନିଆରେ ବିଶ୍ୱର ସର୍ବବୃହତ୍ ବିମାନର ପ୍ରଥମ ପରୀକ୍ଷାମୂଳକ ଉଡାଣ ସଫଳତାର ସହ ସମ୍ପନ୍ନ ହୋଇଛି। ଦୁଇ ଫ୍ୟୁଜଲେଜ୍‌ସ ବିଶିଷ୍ଟ ଏହି ବିମାନରେ ୬ଟି ବୋଇଂ ୭୪୭ ଇଞ୍ଜିନ ସଂଲଗ୍ନ ହୋଇଛି। ଏହି ବିମାନ ଶନିବାର ମୋଜାଭେ ମରୁଭୂମି ଉପରେ ଉଡାଣ କରିଥିଲା। ଉକ୍ତ ବିମାନର ଡିଜାଇନ୍ ଏପରି ପ୍ରସ୍ତୁତ କରାଯାଇଛି ଯେ, ଏହା ମହାକାଶରେ ରକେଟ ବହନ କରିବା ସହିତ ଉତ୍‌କ୍ଷେପଣ କରିପାରିବ। ଯଦ୍ୱାରା ଆକାଶରୁ ଆକାଶକୁ ଉପଗ୍ରହ ଲଞ୍ଚ୍ କରିବା ସମ୍ଭବ ହୋଇପାରିବ। ଉକ୍ତ ବିମାନର ଡେଣା ଏକ ଫୁଟବଲ୍ ପଡିଆର ଲମ୍ବଠାରୁ ଅଧିକ ଅଥବା ଏୟାରବସ୍ ଏ୩୮୦ର ୧.୫ଗୁଣ ସହିତ ସମାନ। ସାଧାରଣତଃ ଏୟାରବସ୍ ଏ୩୮୦ ଡେଣାର ଲମ୍ବ ପାଖାପାଖି ୮୦ମିଟର ହୋଇଥିବା ବେଳେ ଉକ୍ତ ବିମାନର ଡେଣାର ଦୈର୍ଘ୍ୟ ୧୧୭ ମିଟର। ବିମାନଟି ପାଖାପାଖି ଅଢ଼େଇ ଘଣ୍ଟା ଉଡାଣ କରିଥିଲା । ଏହାର ଗତି ପ୍ରତି ଘଣ୍ଟାରେ ୩୦୪ କିଲୋମିଟର। ଏହା ୧୭,୦୦୦ ଫୁଟ ଉଚ୍ଚତାରେ ଉଡିପାରିଥିଲା। ବିମାନ ନିର୍ମାଣ ପାଇଁ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ପଲ୍ ଆଲେନ୍ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ନେପାଳରେ ବିମାନ ଦୁର୍ଘଟଣା: ୩ ମୃତ

**କାଠମାଣ୍ଡୁ,୧୪।୪(ପି.ଟି.)**

ନେପାଳ ଇଭରେଷ୍ଟ ଅଞ୍ଚଳରେ ରବିବାର ଏକ କ୍ଷୁଦ୍ର ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟ ଏବଂ ଦୁଇଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଲୁକ୍‌ଲା ବିମାନ ବନ୍ଦରରେ ବିମାନଟି ରନୱେରୁ ବାହାରିଯାଇ ସେଠାରେ ଛିଡାହୋଇଥିବା ଦୁଇଟି ହେଲିକପ୍ଟରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିମାନର କୋ-ପାଇଲଟ ଏସ. ଧଙ୍ଗାନା ଏବଂ ହେଲିପ୍ୟାଡରେ ଥିବା ପୋଲିସ ଏଏସ୍‌ଆଇ ରାମବାହାଦୁର ଖଡକାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ଏଏସ୍‌ଆଇ ରୁଦ୍ରବାହାଦୁର ଶ୍ରେଷ୍ଠଙ୍କୁ କାଠମାଣ୍ଡୁସ୍ଥିତ ଗ୍ରାଣ୍ଡ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ହେମାଙ୍କ ପାଇଁ ପ୍ରଚାର କରୁଛନ୍ତି ଧର୍ମେନ୍ଦ୍ର

**ମଥୁରା:** ବଲିଉଡ୍ ଅଭିନେତ୍ରୀ ତଥା ଭାଜପାରୁ ମଥୁରା ଲୋକ ସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହେମାମାଳିନୀଙ୍କ ଲାଗି ନିର୍ବାଚନୀ ପ୍ରଚାର କରୁଛନ୍ତି ତାଙ୍କ ସ୍ୱାମୀ ତଥା ବିଶିଷ୍ଟ ଅଭିନେତା ଧର୍ମେନ୍ଦ୍ର। ରବିବାର ହେମାମାଳିନୀଙ୍କ ନିର୍ବାଚନମଣ୍ଡଳୀରେ ଧର୍ମେନ୍ଦ୍ରଙ୍କ ଭୋଟ ପ୍ରଚାର ଜନସାଧାରଣଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଏ ସମ୍ପର୍କରେ ହେମାମାଳିନୀ ଖୁବ୍ ଖୁସି ଥିବା ପ୍ରକାଶ କରିଛନ୍ତି। ତାଙ୍କ ପାଇଁ ଧର୍ମେନ୍ଦ୍ର ଦିନତମାମ ପ୍ରଚାର କରିଥିଲେ। ସେ ଯେଉଁଠାକୁ ଯାଉଥିଲେ, ଲୋକମାନେ ତାଙ୍କୁ ଆଗ୍ରହର ସହିତ ଅପେକ୍ଷା କରି ରହୁଥିଲେ। ଉକ୍ତ ଦମ୍ପତିଙ୍କ ସହାସ୍ୟ ବଦନର ଫଟୋକୁ ହେମା ଟୁଇଟ୍ କରିଛନ୍ତି। ତେବେ ଏହି ଫଟୋ ପ୍ରଚାରକୁ ଆସିବାର ଠିକ୍ ପୂର୍ବରୁ ଘରେ ଉଠାଯାଇଥିବା ହେମା କହିଛନ୍ତି।

ଉକ୍ତ ଅଭିନେତ୍ରୀଙ୍କ ନିର୍ବାଚନୀ ପ୍ରଚାର ଫଟୋ ଜନସାଧାରଣରେ କୌତୂହଳ ସୃଷ୍ଟି କରିବା ସହିତ ପ୍ରଚୁର ଜନସମର୍ଥନ ହାସଲ କରୁଥିବା ସୋସିଆଲ ମିଡିଆରୁ ସୂଚନା ମିଳିଛି।

କିଛିଦିନ ତଳେ ଉତ୍ତରପ୍ରଦେଶର ଏକ ଗହମ କ୍ଷେତରେ ତାଙ୍କର ନୂଆ ଅବତାର ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେ ତାଙ୍କ ନିର୍ବାଚନମଣ୍ଡଳୀରେ ଚାଷୀଙ୍କ ସାଥିରେ ଗହମ ଗଛ କାଟି ବିଡା ଧରିଥିବାର ଦୃଶ୍ୟ ଦେଖି ବିରୋଧୀ ଦଳ ସମାଲୋଚନା କରିଥିଲେ। ଏଥିପାଇଁ 'ଡ୍ରିମ୍ ଗର୍ଲ' ଭାବେ ପୂର୍ବରୁ ପରିଚିତ ଥିବା ହେମାଙ୍କ ନାମ ସହିତ ପୁନଶ୍ଚ 'ଡ୍ରାମା ଗର୍ଲ' ଯୋଡି ହୋଇଯାଇଛି।



ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ଏପ୍ରିଲ ୧୫/୨୦୧୯ | Balasore, Monday, April 15/2019 | ପୃଷ୍ଠା-୧



## ଅନୁଭୂତି ବଖାଣିଲେ ସୋନାଲି

ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ମୁମ୍ବାଇଠାରେ ଅନୁଷ୍ଠିତ ୫ମ 'କାହୋକନ୍-୨୦୧୯' ଅନ୍ତର୍ଜାତୀୟ ସମ୍ମିଳନୀରେ ନିଜ ଅନୁଭୂତି ବଖାଣିଛନ୍ତି।

୦୨

୧୩

## ହାମିଲଟନଙ୍କୁ ଟାଇଟଲ

ମର୍ସିଡିଜର ଲୁଇସ୍ ହାମିଲଟନ ଚାଇନିଜ ଫର୍ମୁଲା ୱାନ ଗ୍ରାଁପ୍ରି ଟାଇଟଲ ହାସଲ କରିଛନ୍ତି।








■ ସବୁ ଦଳର ଇସ୍ତାହାରରେ 'ଚାଷୀ'

# ସ୍ୱାର୍ଥ ଲାଗି ଭୋଟ ଅମଳ ଯୋଜନା

ଭୁବନେଶ୍ୱର,୧୪।୪(ବ୍ୟୁରୋ)








କୃଷିପ୍ରଧାନ ରାଜ୍ୟ ଓଡ଼ିଶା। ଏଠାରେ ଚାଷୀ ପରିବାର ସଂଖ୍ୟା ୭୦ଲକ୍ଷରୁ ଉର୍ଦ୍ଧ୍ୱ। ସେମାନଙ୍କ ଭୋଟ ସଂଖ୍ୟା ପାଖାପାଖି ୨କୋଟି। ତେଣୁ ଏହି ବର୍ଗର ଭୋଟ ଉପରେ ଏବେ ସବୁ ଦଳର ଆଖି। ଦୀର୍ଘକାଳ ଅବହେଳିତ ଅବସ୍ଥାରେ ରହି ଆସିଥିବା ଚାଷୀଙ୍କ ଉନ୍ନତି ପାଇଁ ଏବେ ପ୍ରତ୍ୟେକ ଦଳ ସେମାନଙ୍କ ଇସ୍ତାହାରରେ ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ଦେବାରେ ବ୍ୟସ୍ତ ଅଛନ୍ତି। ତେବେ ଏସବୁ ପ୍ରତିଶ୍ରୁତିରୁ କେଉଁ ଦଳକୁ କେତେ ଫାଇଦା ମିଳିବ ତାହା ଭୋଟ ଗଣନା ପରେ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରୁଛନ୍ତି।

ରାଜ୍ୟରେ ଦୁଇଦଶନ୍ଧି ଧରି କ୍ଷମତାରେ ଥିବା ବିଜେଡି ପୁଣିଥରେ ନିର୍ବାଚନ ବୈତରଣୀ ପାରହେବାକୁ ଦଳର ଇସ୍ତାହାରରେ ରାଜ୍ୟର ଚାଷୀଙ୍କୁ ଅନେକ ପୁରୁଣା ପ୍ରତିଶ୍ରୁତି ଦେଇଛି। ଅସନ୍ତୁଷ୍ଟ କୃଷକଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା କାଳିଆ ଯୋଜନାର ଲକ୍ଷ୍ୟ ସାଧିତ ହେଉ ନ ଥିବା ଅନୁମାନ କରି ବିଜେଡି ଏହାର ଇସ୍ତାହାରରେ କାଳିଆ ସହାୟତା ଅର୍ଥରାଶି ସଂଶୋଧନ କରିବାକୁ ପ୍ରତିଶ୍ରୁତି ଦେଇଛି। କାଳିଆ ସହାୟତା କେବଳ ୫ଟି ଚାଷ ଋତୁ ପାଇଁ ୫ହଜାର ଟଙ୍କା ଲେଖାଏ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଘୋଷଣା କରିଥିଲେ। ସରକାରଙ୍କ ଉକ୍ତ ସହାୟତା ସମସ୍ତଙ୍କ ପାଇଁ ସମାନ ରହିଛି। ଅର୍ଥାତ୍ ଯାହାର ୨୦ଏକର ଚାଷ ସେ ଯେତିକି ସହାୟତା ପାଇବ ଯାହାର ୨ଏକର ଚାଷ ସେ ବି ସେତିକି ସହାୟତା ପାଇବ। କିନ୍ତୁ ତେଲେଙ୍ଗାନା ସରକାରଙ୍କ ରୟତ ବନ୍ଧୁ ଯୋଜନାରେ ପ୍ରତ୍ୟେକ ଚାଷୀଙ୍କୁ ହେକ୍ଟର ପିଛା ୧୦ହଜାର ଟଙ୍କାର ସହାୟତା ଦିଆଯାଉଛି। ତେଣୁ କାଳିଆ ଯୋଜନା ନେଇ ବହୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସେଥିପାଇଁ ବିଜେଡି ଏବେ ଇସ୍ତାହାରରେ ତିନି ବର୍ଷ ପରେ ମଧ୍ୟ କାଳିଆ ଯୋଜନା ଅବ୍ୟାହତ ରହିବ ଓ ସହାୟତା ରାଶି ସଂଶୋଧନ କରିବାକୁ କମିଟି ବସିବ ବୋଲି ଉଲ୍ଲେଖ କରିଛି। ଏବେ କାଳିଆ କାର୍ଯ୍ୟକାରିତା ପାଇଁ ଏକ କମିଶନ ଗଠନ କରାଯିବ ବୋଲି ଘୋଷଣା କରାଯାଇଛି। ଏହି ଯୋଜନାରେ ୫୦ହଜାର ଟଙ୍କାର ଋଣ ପର୍ଯ୍ୟନ୍ତ ସୁଧଛାଡ଼ କଥା ମାସକ ତଳେ ଘୋଷଣା କରାଯାଇଥିଲେ ସୁଦ୍ଧା ଏବେ ଏହାକୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଘୋଷଣା ଅନୁସାରେ ଯଦି ତାଙ୍କ ଦଳ ପୁଣି ସରକାର ଗଠନ କରେ ତେବେ ସରକାର ଗଠନର ପ୍ରଥମ ଦିନ କାଳିଆର ସମସ୍ତ ହିତାଧିକାରୀଙ୍କୁ ସବୁ ବକେୟା ଟଙ୍କା ପ୍ରଦାନ କରାଯିବ। ସରକାରଙ୍କ ତରବରିଆ ନିଷ୍ପତ୍ତି ଯୋଗୁ କାଳିଆ ସହାୟତା ଏଯାଏ ଅଧିକାଂଶ ଚାଷୀ ପାଇନାହାନ୍ତି। ପ୍ରତ୍ୟେକ ଗାଁର ମାତ୍ର ୫ ରୁ ୧୦ ପ୍ରତିଶତ ହିତାଧିକାରୀ ଚାଷୀଙ୍କ ଆକାଉଣ୍ଟକୁ କାଳିଆ ସହାୟତା ଯାଇଥିବାବେଳେ ବାକି ହିତାଧିକାରୀମାନେ ଟଙ୍କା ନ ପାଇ କ୍ଷୁବ୍ଧ ଅବସ୍ଥାରେ ଅଛନ୍ତି। ଏହା ବୁଝିବାପରେ ନବୀନ ପଟ୍ଟନାୟକ ପଞ୍ଚମ ପାଳି ସରକାରର ପ୍ରଥମ ଦିନ ଟଙ୍କା ପଠେଇବା କଥା କହିଛନ୍ତି। ବିଜେଡି ସରକାର ଜଳସେଚନ କ୍ଷେତ୍ରରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରି ନ ଥିବାରୁ ଏଥର ସରକାରକୁ ଆସିଲେ ୫୦ହଜାର କୋଟି ଟଙ୍କା ବ୍ୟୟରେ ଜଳସେଚନ ସୁବିଧା ☞ପୃଷ୍ଠା-୨

■ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରେ କଳା ଟ୍ରଙ୍କ୍

## ତଦନ୍ତ ଦାବି କଲା କଂଗ୍ରେସ



ନୂଆଦିଲ୍ଲୀ,୧୪।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କର୍ଣ୍ଣାଟକର ଚିତ୍ରଦୁର୍ଗ ଗସ୍ତ ସମୟରେ ତାଙ୍କ ହେଲିକପ୍ଟରରୁ ରହସ୍ୟମୟ କଳା ଟ୍ରଙ୍କ ବାହାରିବା ଘଟଣା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ଗତ ଶୁକ୍ରବାର ଚିତ୍ରଦୁର୍ଗକୁ ନିର୍ବାଚନ ପ୍ରଚାରରେ ଯାଇଥିଲେ। ତାଙ୍କ ହେଲିକପ୍ଟରରେ ଏକ କଳା ଟ୍ରଙ୍କ୍ ଥିବାରୁ ଏହାକୁ ନେଇ କଂଗ୍ରେସ ସନ୍ଦେହ ପ୍ରକଟ କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନିଜକୁ ସ୍ୱଚ୍ଛ ପ୍ରମାଣିତ କରିବାକୁ କଂଗ୍ରେସ ମୁଖପାତ୍ର ଆନନ୍ଦ ଶର୍ମା ରବିବାର ଆହ୍ୱାନ ଦେଇଛନ୍ତି। ନିର୍ବାଚନ କମିଶନ ଏହାର ଅନୁଧ୍ୟାନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏନେଇ କର୍ଣ୍ଣାଟକ ରାଜ୍ୟ କଂଗ୍ରେସ ପକ୍ଷରୁ ଇସିଙ୍କ ନିକଟରେ ଅଭିଯୋଗ ଦାଏର ହୋଇଛି।

ମୋଦିଙ୍କ ହେଲିକପ୍ଟର ଚିତ୍ରଦୁର୍ଗଠାରେ ଅବତରଣ କରିବା ପରେ ଦୁଇ ଜଣ ଲୋକ ଟ୍ରଙ୍କକୁ ହେଲିକପ୍ଟରରୁ ବାହାର କରି ଏକ ଧଳାରଙ୍ଗର କାର ପାଖକୁ ନେଇଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ ସଭାପତି ଦିନେଶ ଗୁଣ୍ଡୁ ରାଓ ଉକ୍ତ ଭିଡିଓକୁ ଟୁଇଟ୍ କରିଛନ୍ତି। ତେବେ ଏହି ଟ୍ରଙ୍କ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରୁ କିମ୍ବା ଅନ୍ୟ ହେଲିକପ୍ଟରରୁ ନିଆଯାଇଛି ତାହା ଭିଡିଓରୁ ସ୍ପଷ୍ଟ ହୋଇନାହିଁ। ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

ତତଲା ତାୱା

### ଆଜିର ମନ୍ତବ୍ୟ

"ବାବାସାହେବଙ୍କ ସମ୍ବିଧାନର ଶକ୍ତି ଅବହେଳିତ ଶ୍ରେଣୀରୁ ଆସିଥିବା ବ୍ୟକ୍ତିଙ୍କୁ ରାଷ୍ଟ୍ରପତି ଓ ଜଣେ ଚା'ବାଲାଙ୍କୁ ପ୍ରଧାନମନ୍ତ୍ରୀ କରାଇଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଦେଶର ପୁଞ୍ଜି ବଜାରରେ ୧୧,୦୯୬ କୋଟି ଟଙ୍କା ନିବେଶ କରିଛନ୍ତି।

- ଶେୟାର ବଜାର ଡିପୋଜିଟୋରୀ ଡାଟା




NECC NATIONAL EGG CO-ORDINATION COMMITTEE | 14.04.2019 | Venco CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 92 | 148 | 158 |
| BLS | 94 | 150 | 160 |
| ANG | 89 | 144 | 154 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers

## ୫ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ

ବୁଗୁଡ଼ା,୧୪।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ୫ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ହୋଇଥିବା ନେଇ ଶନିବାର ରାତିରେ ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ଶିଶୁକନ୍ୟାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୬୯/୧୯ରେ ଏକ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ବୁଗୁଡ଼ା ଥାନାଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଜନୈକ ବିବାହିତ ଯୁବକ ଜଗଦୀଶ ସାହୁ ତାଙ୍କ ସାହିରେ ଥିବା ଜଣେ ଶିଶୁ କନ୍ୟାକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକି ନେଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଜଗଦିଶ ଶିଶୁକନ୍ୟାକୁ ବଳାତ୍କାର କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ପରେ ଶିଶୁକନ୍ୟା ଜଣକ ଘରକୁ ଆସି ଘଟଣା ସମ୍ପର୍କରେ ବାପା, ମା'ଙ୍କୁ କହିଥିଲା। ତେବେ ଏହି ଘଟଣାକୁ ଗାଁରେ ରଫାଦଫା କରିବା ପାଇଁ ବିଭିନ୍ନ ଉଦ୍ୟମ ଚାଲିଥିଲା। କିନ୍ତୁ ଏ ନେଇ ଶନିବାର ରାତିରେ ଶିଶୁକନ୍ୟାଙ୍କ ମା' ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଥିବା ବେଳେ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଫେରାର୍ ଥିବା ଅଭିଯୁକ୍ତ ଜଗଦିଶଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

ଅସହ୍ୟାଳ ହେଲାଣି ତାତି

## ୪୩.୫ ଡିଗ୍ରୀରେ ଟିଟିଲାଗଡ଼

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସକାଳ ୮ଟାରୁ ଖରାର ପ୍ରକୋପ ଧୀରେ ଧୀରେ ବୃଦ୍ଧି ପାଇ ପୂର୍ବାହ୍ନ ୧୧ଟା ପରେ ତାତି ଅସହ୍ୟାଳ ହୋଇପଡୁଛି। ଏହି ସମୟରେ ରାସ୍ତାଘାଟ ମଧ୍ୟ ଶୁନ୍‌ଶାନ୍ ହୋଇଯାଉଛି। ପ୍ରବଳ ତାତି ଯୋଗୁ କାଳବୈଶାଖୀ ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ରବିବାର ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୧୧ ସହରରେ ପାରଦ ୪୦ ଡିଗ୍ରୀ ଉପରେ ରହିଛି। ଅନୁଗୋଳରେ ତାପମାତ୍ରା ୪୨.୭ ଡିଗ୍ରୀ ରହିଥିବା ବେଳେ ବଲାଙ୍ଗୀର ୪୨.୫, ତାଳଚେର ୪୨.୩, ଝାରସୁଗୁଡ଼ା ୪୧.୮, ସୋନପୁର ୪୧.୪, ସମ୍ବଲପୁର ୪୧.୧, ଭବାନୀପାଟଣା ୪୧.୦, ହୀରାକୁଦ ୪୦.୯, ମାଲକାନଗିରି ୪୦.୬ ଓ ଭୁବନେଶ୍ୱରରେ ୪୦.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତା ଦୁଇଦିନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ତା'ପରେ ୨ରୁ ୩ଦିନ ତାପମାତ୍ରା ସାମାନ୍ୟ ହ୍ରାସ ପାଇବ। ସୋମବାର ରାଜ୍ୟର ୯ ଜିଲାରେ ସାମାନ୍ୟ ବର୍ଷା ସହ ଘଡ଼ଘଡ଼ି ହେବା ସମ୍ଭାବନା ରହିଛି। କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ରାୟଗଡ଼ା, ବଲାଙ୍ଗୀର, ଅନୁଗୋଳ, କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲାରେ କାଳବୈଶାଖୀ ହେବା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପ୍ରତିଦିନ କାଳବୈଶାଖୀର ସମ୍ଭାବନା ରହୁଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଉଛି।

■ ୧୧ ସହର ତାପମାତ୍ରା ୪୦ ଡିଗ୍ରୀ ଟପିଲା



## ସଙ୍ଗୀତ ନିର୍ଦ୍ଦେଶକ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ପରଲୋକ



କଟକ ଅଫିସ,୧୪।୪

ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ରବିବାର ଅପରାହ୍ନ ୪.୧୫ରେ ବାସଭବନରେ ପରଲୋକ ଘଟିଛି। ସେ କିଛିଦିନ ତଳେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା କରାଇବା ପରେ ମଧ୍ୟ ସେ ଠିକ୍‌ଭାବେ ଚଲାବୁଲା କରିପାରୁ ନ ଥିଲେ। ରାଖାଲଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ଅନେକ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ସଙ୍ଗୀତ ପ୍ରେମୀ ଓ ସଙ୍ଗୀତ ଦୁନିଆରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବାଦାମବାଡ଼ି ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ କ୍ଷଣପ୍ରଭା ମହାନ୍ତି, ପୁଅ ସୁହାସ, ସୁବ୍ରତ, ବୋହୂ ଅନିତା, ରଶ୍ମିତା, ଝିଅ ସୁରଭି, ସୁସ୍ମିତାଙ୍କ ସମେତ ପରିବାରବର୍ଗ, ସମ୍ପର୍କୀୟ ଉପସ୍ଥିତ ଥିଲେ। ସୋମବାର ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ☞ପୃଷ୍ଠା-୨

## ରାଇସ୍ ମିଲ୍‌ରେ ଶ୍ରମିକଙ୍କ ମୃତ୍ୟୁ ନେଇ ଉତ୍ତେଜନା

ବାହାନଗା, ୧୪।୪(ଡି.ଏନ.ଏ.)



ଉତ୍ୟକ୍ତ ଲୋକମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ାସ୍ଥିତ ଦୁର୍ଗା ରାଇସ୍ ମିଲ୍‌ରେ ଶନିବାର ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି । କ୍ଷତିପୂରଣ ଦାବିରେ ପରିବାର ଲୋକ ଓ ମିଲ୍‌ର ଅନ୍ୟ ଶ୍ରମିକମାନେ ରବିବାର ୧୬ ନମ୍ବର ଜାତୀୟ ରାଜପଥରେ ମୃତଦେହ ରଖି ଘଣ୍ଟାଏ କାଳ ଅବରୋଧ କରିଥିଲେ। ପୋଲିସ ରାଇସ୍ ମିଲ୍‌ର ମାଲିକଙ୍କ ନିଜ ହେପାଜତରେ ଥାନାକୁ ଆଣି ଲୋକଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। କିଛିଟା ଦାବି ପୂରଣ ହେବାରୁ ରାସ୍ତା ଅବରୋଧ ହଟିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ବିଦ୍ୟୁତ ଆଘାତରେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଶୁଣାଯାଉଛି । ମୃତ ଶ୍ରମିକ ହେଲେ ମନ୍ମଥ ବାରିକ। ତାଙ୍କ ଘର ବସ୍ତା ଥାନା ହଳଦୀପଦା ନିକଟସ୍ଥ ମଲ୍ଲିସାହି ଗ୍ରାମରେ। ଖନ୍ତାପଡ଼ାଠାରେ ଥିବା ଦୁର୍ଗା ରାଇସ୍‌ମିଲ୍‌ରେ ଶନିବାର ରାତିରେ ଶ୍ରମିକମାନଙ୍କ ସହିତ ମନ୍ମଥ ମଧ୍ୟ କାମ କରୁଥିଲେ। ସେ ହଠାତ୍ ମେଶିନ୍‌ରେ ବିଦ୍ୟୁତ୍ ଆଘାତ କାରଣରୁ ତଳେ ପଡ଼ିଯାଇ ଚେତାଶୂନ୍ୟ ହରାଇଥିଲେ ବୋଲି ଅନ୍ୟ ଶ୍ରମିକମାନେ କହିଛନ୍ତି। ଘଟଣା ସମ୍ପର୍କରେ ଶ୍ରମିକମାନେ ସଙ୍ଗେ ସଙ୍ଗେ ମିଲ୍ ମାଲିକ ମଧୁ ପୃଷ୍ଟିଙ୍କୁ ଖବର ଦେଇଥିଲେ। ତେବେ ମାଲିକ ପହଞ୍ଚି ମନ୍ମଥଙ୍କୁ ପ୍ରଥମେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ☞ପୃଷ୍ଠା-୨

### କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................


ଅଂଶ ବାବୁ
ପରିବାରବର୍ଗ


ଅଂଶ ସାହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟିଡିପି ପାଇଁ ଆଇଟି କମ୍ପାନୀ ଚୋରି କରିଛି ୭.୮ କୋଟି ଆଧାର ତଥ୍ୟ

## ମାମଲା ଦାଏର କଲା ୟୁଆଇଡିଏଆଇ

ନୂଆଦିଲ୍ଲୀ,୧୪।୪

ତେଲୁଗୁ ଦେଶମ ପାର୍ଟି(ଟିଡିପି) ପାଇଁ 'ସେବା ମିତ୍ର ଆପ୍' ତିଆରି କରୁଥିବା ଇନ୍‌ଫର୍ମେଶନ ଟେକ୍ନୋଲୋଜି କମ୍ପାନୀ ଆଇଟି ଗ୍ରିଡ୍(ଇଣ୍ଡିଆ) ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ୭.୮ କୋଟି ଆଧାର ତଥ୍ୟ ଚୋରି କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଜଣାପଡିବା ପରେ ଆଧାର କାର୍ଡ ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ପକ୍ଷରୁ ସାଇବରାବାଦ୍ ପୋଲିସ ନିକଟରେ ମାମଲା ରୁଜୁ କରାଯାଇଛି।

ଏହି ଦୁଇ ରାଜ୍ୟ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ନାଗରିକଙ୍କ ସଂଖ୍ୟା ୮.୪ କୋଟି ରହିଛି। ପ୍ରାଥମିକ ଯାଞ୍ଚରୁ ଜଣାପଡିଛି ଯେ, ଉକ୍ତ କମ୍ପାନୀ ଅବୈଧ ଭାବେ ଲୋକଙ୍କ ସମ୍ବେଦନଶୀଳ ଡାଟା ଯଥା–ଆଧାର ତଥ୍ୟ, ଇଲେକ୍ଟୋରାଲ ରୋଲ, ସରକାରୀ ସ୍କିମ୍ ଏବଂ ବିଭିନ୍ନ ରାଜନୈତିକ ଦଳ ସହିତ ଜଡ଼ିତ ଭୋଟର ସୂଚନାକୁ ଚୋରି କରିଥିଲା। ଏହି ତଥ୍ୟକୁ ବେଆଇନ ଭାବେ ବ୍ୟବହାର କରାଯାଇପାରିବ। ଯାଞ୍ଚରୁ ଏହା ମଧ୍ୟ ଜଣାପଡିଛି ଯେ, ଚୋରି କରାଯାଇଥିବା ଭୋଟର ସୂଚନାରୁ ଭୋଟର ପ୍ରୋଫାଇଲିଂ, କ୍ୟାମ୍ପେନ ଟାର୍ଗେଟିଂ ଏବଂ ଭୋଟରଙ୍କ ନାମକୁ ତାଲିକାରୁ ବାଦ୍ ଦିଆଯାଇପାରିବ। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଜବତ ହୋଇଥିବା ଡିଜିଟାଲ ପ୍ରମାଣର ଫରେନସିକ୍ ଯାଞ୍ଚ ଲାଗି ତେଲେଙ୍ଗାନା ଷ୍ଟେଟ୍ ଫରେନସିକ ସାଇନ୍ସ ଲାବରେଟୋରିଜକୁ ପଠାଇ ଦିଆଯାଇଛି। ଅଭିଯୋଗ ଆଣିଥିବା ୟୁଆଇଡିଏଆଇ ଅଧିକାରୀଙ୍କ କହିବାନୁଯାୟୀ, ଜବତ ହୋଇଥିବା ହାର୍ଡ ଡିସ୍କରୁ ଜଣାପଡିଛି ଯେ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ୭,୮୨,୨୧,୩୯୭ ଅଧିବାସୀଙ୍କ ଆଧାର ଡାଟା ଚୋରି କରାଯାଇ ଆଇଟି ଗ୍ରିଡ୍(ଇଣ୍ଡିଆ) ଟିଡିପି ପାଇଁ ସେବା ମିତ୍ର ଆପ୍ ତିଆରି କରୁଛି ବୋଲି ୟୁଆଇଡିଏଆଇ ଡେପୁଟି ଡାଇରେକ୍ଟର ତଥା ଅଭିଯୋଗକାରୀ ଟି.ଭବାନୀ ପ୍ରସାଦ କହିଛନ୍ତି। ୟୁଆଇଡିଏଆଇ ନିକଟରେ ରହୁଥିବା ଡାଟାବେସ ସାଇଜ ଓ ସଂରଚନା ଭଳି ଆଇଟି ଗ୍ରିଡ୍ ନିକଟରେ ରହିଥିବା ଆଧାର ଡାଟା ମିଶିଯାଉଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଉକ୍ତ କମ୍ପାନୀ ଏହି ଡାଟାକୁ ସେଣ୍ଟ୍ରାଲ ଡାଟା ରିପୋଜିଟୋରି ଅଥବା ଷ୍ଟେଟ୍ ଡାଟା ହବ୍‌ରୁ ଅବୈଧ ଭାବେ ହାସଲ କରିଛି। ଅନ୍ୟପକ୍ଷରେ ଟିଡିପି ଏହି ଆଧାର ଡାଟା ଚୋରି ଅଭିଯୋଗକୁ ଖଣ୍ଡନ କରି ଏହି ମାମଲାକୁ ତେଲେଙ୍ଗାନାରୁ ଆନ୍ଧ୍ରପ୍ରଦେଶ ସ୍ଥାନାନ୍ତର ପାଇଁ ଦାବି କରିଛି।

# କଷ୍ଟକୁ ସହିବାର ଧୈର୍ଯ୍ୟ ଦରକାର: ସୋନାଲି



ମୁମ୍ବାଇ

ବଲିଉଡ୍ ନାୟିକା ସୋନାଲି ବେନ୍ଦ୍ରେ ମୁମ୍ବାଇଠାରେ ଅନୁଷ୍ଠିତ ହୋଇଥିବା ୫ମ 'କାହୋକନ୍-୨୦୧୯' ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇ ସେ ତାଙ୍କ ଅନୁଭୂତି ବଖାଣିଛନ୍ତି। ଗତବର୍ଷ ସେ କ୍ୟାନ୍‌ସର ଭଳି ଏକ ମାରାତ୍ମକ ରୋଗର ଶିକାର ହୋଇଥିଲେ। ଚିକିତ୍ସା ପରେ ଏବେ ସୁସ୍ଥ ଥିବା କହିଛନ୍ତି। ସେ ହାଇଗ୍ରେଡ୍ କ୍ୟାନସ୍‌ରରେ ପୀଡିତ ଥିବା ଜଣାପଡିବା ପରେ କିଛି ଦିନ ଧରି ନ୍ୟୁୟର୍କରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାର ପ୍ରାୟ ୭ ମାସ ପରେ ସେ ଡିସେମ୍ବରରେ ଭାରତ ଫେରିଥିଲେ। କଷ୍ଟକୁ ସହିବାର ଧୈର୍ଯ୍ୟ ରଖିବା ଦରକାର। ଯେମିତି ଗୋଟେ ଶିଶୁର ଦାୟିତ୍ୱ ବହନ କରିବାପାଇଁ ମା' ପ୍ରସ୍ତୁତ ଥାଏ, ଠିକ୍ ସେମିତି ଶାରୀରିକ କଷ୍ଟ ବହନ କରିବାକୁ ପ୍ରସ୍ତୁତ ହେବା ଦରକାର। ଆତ୍ମବିଶ୍ୱାସ ଓ ମନୋବଳ ଦୃଢ଼ କରି ନିଜକୁ ସେମିତି ପ୍ରସ୍ତୁତ କରିଥିବାରୁ ଆଜି ସୁସ୍ଥ ଅଛି ବୋଲି କହିଛନ୍ତି ସୋନାଲି। ସୋନାଲିଙ୍କ ଏହି ଅନୁଭୂତି ଅନେକଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ପ୍ରଶଂସକ ମହଲରେ ଆଲୋଚନା ହେଉଛି।

## ପ୍ରଥମ ପୃଷ୍ଠାରୁ...

## ସ୍ୱାର୍ଥ ଲାଗି...

କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି। ଓଡ଼ିଶାରେ କେବେବି ଏକକ ଦଳଭାବେ ସରକାର ଗଠନ କରିବାର ସୁଯୋଗ ପାଇ ନ ଥିବା ଭାରତୀୟ ଜନତା ପାର୍ଟି(ଭାଜପା) ମଧ୍ୟ ରାଜ୍ୟର ଚାଷୀମାନଙ୍କ ପାଇଁ ଅନେକ ଲୋଭନୀୟ ଯୋଜନା ଘୋଷଣା କରିଛି। ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ୍ ଦାବିରେ ଆନ୍ଦୋଳନ ଚଳାଇଥିବା ନବନିର୍ମାଣ କୃଷକ ସଂଗଠନ ଓ ଧାନର ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ନେଇ ଆନ୍ଦୋଳନରତ ପଶ୍ଚିମ ଓଡ଼ିଶାର ଚାଷୀ ସଂଗଠନଗୁଡ଼ିକ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୁଷ୍ଟ ଥିବା ହୃଦ୍‌ବୋଧ କରି ଭାଜପା କ୍ଷମତାକୁ ଆସିଲେ ୨୦୨୨ସୁଦ୍ଧା ସମସ୍ତ ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ ପ୍ରତିଶ୍ରୁତି ଦେଇଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ କୃଷକଙ୍କୁ ମାସିକ ୩ହଜାର ଟଙ୍କାର ପେନ୍‌ସନ ବ୍ୟବସ୍ଥା କରିବାକୁ ଭାଜପା ଇସ୍ତାହାରରେ ପ୍ରତିଶ୍ରୁତି ଦେବା ସହ ଚାଷ ଋଣ ଉପରୁ ସମ୍ପୂର୍ଣ୍ଣ ସୁଧ ଛାଡ଼ କରିବାକୁ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସମସ୍ତ ଚାଷୀଙ୍କୁ ବାର୍ଷିକ ୬ହଜାର ଟଙ୍କା ଲେଖାଏ ସହାୟତାର ପ୍ରତିଶ୍ରୁତି ସହିତ କୃଷକଙ୍କ ଚାଷଖର୍ଚ୍ଚ କିପରି କମିବ ସେ ବ୍ୟବସ୍ଥା ନିଶ୍ଚିତ କରିବାକୁ ମଧ୍ୟ ଭାଜପା ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି। ସେହିପରି ରାଜ୍ୟରେ ସବୁ ଚାଷଜମିକୁ ସବୁଦିନିଆ ଜଳସେଚନ ସୁବିଧା ଯୋଗାଇ ଦେବାକୁ ୧ଲକ୍ଷ କୋଟି ଟଙ୍କାର ଏକ ଯୋଜନା ହାତକୁ ନିଆଯିବ ବୋଲି ମଧ୍ୟ ଭାଜପା ପ୍ରତିଶ୍ରୁତି ଦେଇଛି।

ସେହିପରି କଂଗ୍ରେସ ମଧ୍ୟ ତା'ର ଇସ୍ତାହାରରେ ଚାଷୀଙ୍କ ପାଇଁ ଅନେକ ପ୍ରତିଶ୍ରୁତି ଅଜାଡ଼ି ଦେଇଛି। କ୍ଷମତାକୁ ଆସିଲେ କଂଗ୍ରେସ ଶାସିତ ଅନ୍ୟ ରାଜ୍ୟ ଭଳି ସମସ୍ତ କୃଷିଋଣ ଛାଡ଼ କରାଯିବ। କୃଷି ବିକାଶ ଓ ଯୋଜନା ପାଇଁ ଜାତୀୟସ୍ତରରେ ଏକ କମିଶନ ଗଠନ କରାଯିବ ବୋଲି କଂଗ୍ରେସ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି। ଫସଲ ବୀମା ଯୋଜନାର ଦୋଷତ୍ରୁଟି ସୁଧାରିବା ସହିତ କୃଷି ଉତ୍ପାଦର ବିପଣନ ଓ ରପ୍ତାନି ବୃଦ୍ଧି ପାଇଁ ସୁବ୍ୟବସ୍ଥା କରିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି।

ଏହିସବୁ ରାଜନୈତିକ ଦଳର କୃଷି ଓ କୃଷକଙ୍କ ସମ୍ପର୍କିତ ଇସ୍ତାହାର ପ୍ରସଙ୍ଗରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ, ନିର୍ବାଚନ ସମୟରେ ସମସ୍ତ ରାଜନୈତିକ ଦଳ ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି। ଏହାପରେ ସେହି ପ୍ରତିଶ୍ରୁତିକୁ ଯଦି ପାଳନ କରନ୍ତେ ତେବେ ତା'ର ମହତ୍ତ୍ୱ ରୁହନ୍ତା। କିନ୍ତୁ କୃଷକଙ୍କ କ୍ଷେତ୍ରରେ ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ତେଣୁ ରାଜନୈତିକ ଦଳଗୁଡ଼ିକ ଉପରେ ଚାଷୀଙ୍କ ଭରସା ତୁଟିଯାଉଛି। ଚାଷୀ ନିଜର ଦାବି ହାସଲ କରିବାକୁ ଶାନ୍ତିପୂର୍ଣ୍ଣ ଭାବେ ଭୁବନେଶ୍ୱରରେ ଧାରଣା ଦେବାକୁ ଅନେକ ଥର ଯୋଜନା କରିଛନ୍ତି। କିନ୍ତୁ ରାଜ୍ୟ ସରକାର ଯେଉଁଭଳି ଭାବରେ ଚାଷୀଙ୍କୁ ଭୁବନେଶ୍ୱରକୁ ଯିବାକୁ ଦେଇ ନାହାନ୍ତି, ବାରମ୍ବାର ଗିରଫ କରିଛନ୍ତି ତାହା ଚଳିତ ନିର୍ବାଚନରେ ପ୍ରଭାବ ପକାଇବ। ଚାଷୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ ୪୦ ଲକ୍ଷ ଚାଷୀଙ୍କୁ ସାମିଲ କରାଯାଇଛି ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ ତା'ର ତାଲିକା ଯଦି ସରକାର ଦେଇପାରନ୍ତେ ତେବେ ସତ୍ୟାସତ୍ୟ ଜଣାପଡନ୍ତା। ପୂର୍ବରୁ ଚାଷୀମାନଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ ବୋଲି ସରକାର କହୁଥିଲେ। କିନ୍ତୁ ଏବେ ପ୍ରାୟ ୬୫ ଲକ୍ଷ ଚାଷୀ ଚିହ୍ନଟ ହୋଇସାରିଛନ୍ତି ବୋଲି ସରକାର କହୁଛନ୍ତି। ତାହା କିପରି ସମ୍ଭବ ହୋଇପାରିଲା ବୋଲି ଅକ୍ଷୟ ପ୍ରଶ୍ନ କରିଛନ୍ତି।

କୃଷକ ନେତା ସୁକେଶ ପଟ୍ଟନାୟକ କହିଛନ୍ତି ଯେ, ଏହା ହେଉଛି ଏକ ନିର୍ବାଚନୀ ଚାଲ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଶାସନ କରୁଥିବା ଦଳ ନିର୍ବାଚନ ସମୟରେ ଚାଷୀମାନଙ୍କୁ ଲୋକଦେଖାଣିଆ ପ୍ରତିଶ୍ରୁତି ଦେଉଛନ୍ତି। ସ୍ୱାମୀନାଥନ କମିଟି ରିପୋର୍ଟର ସୁପାରିସକୁ କାର୍ଯ୍ୟକାରୀ କରିବାକୁ ୨୦୧୪ରୁ ରାଜନୀତି ହେଉଛି। ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଉଦାସୀନତାର ଅଭାବ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ତେଣୁ ନିର୍ବାଚନବେଳେ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ରାଜନୈତିକ ଦଳଗୁଡ଼ିକର ପ୍ରତିଶ୍ରୁତିରେ ଚାଷୀମାନେ ଭାସି ନ ଯିବା ଉଚିତ ବୋଲି ପଟ୍ଟନାୟକ କହିଛନ୍ତି।

ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜଙ୍କ କହିବା ହେଲା ଭାଜପା, ବିଜେଡି ଓ କଂଗ୍ରେସ ଚାଷୀ ଭୋଟ ହାତେଇବା ଉଦ୍ଦେଶ୍ୟରେ ସେମାନଙ୍କ ଇସ୍ତାହାର ପ୍ରକାଶ କରିଛନ୍ତି। ଏଥିରେ କିଛି ନୂତନତ୍ୱ ନାହିଁ। ଚାଷୀଙ୍କ ମୂଳ ଦାବିକୁ ରାଜନୈତିକ ଦଳଗୁଡ଼ିକ ଭୁଲିଯାଇଛନ୍ତି। ଗତ କିଛି ମାସତଳେ ୫ଟି ରାଜ୍ୟର ନିର୍ବାଚନରେ ଚାଷୀମାନେ ନିର୍ଣ୍ଣାୟକ ଭୂମିକା ନେଇଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁଭବ କରିଥିବାରୁ ଇସ୍ତାହାରରେ ଚାଷୀଙ୍କୁ କିଛି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇଛି। ଚାଷୀଙ୍କ ମୁଖ୍ୟ ୨ଟି ଦାବି ଋଣ ମୁକ୍ତି ଓ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚର ପ୍ରକୃତ ମୂଲ୍ୟ ପ୍ରଦାନ ଦାବିକୁ ଅଣଦେଖା କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାର କିଛି ଅର୍ଥ ଦେଇ ନିର୍ବାଚନୀ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି। ଚାଷୀଙ୍କ ମୂଳ ସମସ୍ୟା ଅସମାହିତ ହୋଇ ରହିଯାଉଛି ବୋଲି ଲିଙ୍ଗରାଜ କହିଛନ୍ତି।

## ତଦନ୍ତ ଦାବି...

ଅଭିଯୋଗ ଅନୁଯାୟୀ ପ୍ରଧାନମନ୍ତ୍ରୀ ଚିତ୍ରଦୁର୍ଗକୁ ନିର୍ବାଚନ ପ୍ରଚାରରେ ଯାଇଥିବାବେଳେ ତାଙ୍କ ହେଲିକପ୍ଟରକୁ ଅନ୍ୟ ତିନୋଟି ହେଲିକପ୍ଟର ସୁରକ୍ଷା ଦେଉଥିଲେ। ଅବତରଣ ପରେ ଉକ୍ତ କଳା ଟ୍ରଙ୍କ୍‌କୁ ହେଲିକପ୍ଟରରୁ ନିଆଯାଇ ଏସ୍‌ପିଜି କାରକେଡ୍ ବାହାରେ ଥିବା ଏକ ଘରୋଇ କାରରେ ରଖାଯାଇଥିଲା। ଟ୍ରଙ୍କ ରଖାଯିବା ପରେ ଉକ୍ତ ଇନୋଭା କାର୍‌ଟି ସଙ୍ଗେ ସଙ୍ଗେ ସେଠାରୁ ପଳାଇଥିଲା, ଯାହାକୁ ନେଇ ସନ୍ଦେହ ପ୍ରକାଶ କରିଛି କଂଗ୍ରେସ। ପ୍ରଶ୍ନ ଉଠୁଛି ଉକ୍ତ ଟ୍ରଙ୍କ ସୁରକ୍ଷା ପ୍ରୋଟୋକଲ ଭିତରେ ନ ଥିଲା କାହିଁକି। ଇନୋଭା କାର ପ୍ରଧାନମନ୍ତ୍ରୀଙ୍କ କାରକେଡ୍‌ରେ କ'ଣ ପାଇଁ ସାମିଲ ହୋଇ ନ ଥିଲା ଏବଂ ଉକ୍ତ କାର୍‌ଟି କାହାର।

ନିର୍ବାଚନ କମିଶନଙ୍କ ପକ୍ଷପାତ ନୀତିକୁ ଜେଡିଏସ୍ ପକ୍ଷରୁ ସମାଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କୁ କାର୍‌କୁ ସେଦିନ ଏକାଧିକ ଥର ଯାଞ୍ଚ କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରୁ ସନ୍ଦେହଜନକ ବାକ୍ସ ଘରୋଇ କାରକୁ ନିଆଯିବା ଘଟଣାରେ ଇସି ଚିନ୍ତିତ ନହେବା ଆଶ୍ଚର୍ଯ୍ୟଜନକ ବୋଲି ଜେଡିଏସ୍ ଟୁଇଟର୍ ହ୍ୟାଣ୍ଡଲ୍‌ରେ ଅଭିଯୋଗ କରାଯାଇଛି।

## ରାଇସ୍ ମିଲ୍‌ରେ...

ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଡାକ୍ତର ମନ୍ମଥଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମନ୍ମଥଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଶବ ରଖି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ହେଲେ ମାଲିକ ୫ଲକ୍ଷ ଟଙ୍କା ଦେବା ପାଇଁ ରାଜି ହୋଇଥିଲେ। ଖନ୍ତାପଡ଼ା ଥାନା ପୋଲିସ ମାଧ୍ୟମରେ ମାଲିକ ସଙ୍ଗେ ସଙ୍ଗେ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ମାଲିକ ଏହାକୁ ଖଣ୍ଡନ କରିଛନ୍ତି।

## ସଙ୍ଗୀତ ନିର୍ଦ୍ଦେଶକ...

ହେବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

୧୯୩୨ ଜୁନ୍ ୨୬ ତାରିଖରେ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇସ୍ଥିତ ଟଟଣା ଗ୍ରାମରେ ରାଖାଲ ଜନ୍ମଗ୍ରହଣ କରିଥିଲେ। ସେ ବମ୍ବେର ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟ ମଣ୍ଡଳରେ ୧୯୭୩ ମସିହାରେ ସଙ୍ଗୀତ କ୍ଷେତ୍ରରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ୧୯୫୫ରୁ ୧୯୭୩ ମସିହା ପର୍ଯ୍ୟନ୍ତ କଟକ କଳାବିକାଶ କେନ୍ଦ୍ରସ୍ଥିତ ଇଣ୍ଡିଆନ କଲେଜ ଅଫ ମ୍ୟୁଜିକ ଆଣ୍ଡ ଡ୍ୟାନ୍ସରେ ସଙ୍ଗୀତ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପରେ ୧୯୭୪ରୁ ୧୯୯୪ ମସିହା ପର୍ଯ୍ୟନ୍ତ ରାଖାଲଙ୍କର ଯାଦୁଗରି ସଙ୍ଗୀତ ଆକାଶବାଣୀରୁ ଶୁଣିବାକୁ ମିଳିଥିଲା। ଉକ୍ତ ଦୁଇ ଦଶନ୍ଧି ଧରି ସେ ଆକାଶବାଣୀ କଟକରେ ମ୍ୟୁଜିକ କମ୍ପୋଜର ଭାବେ କାର୍ଯ୍ୟ କରିଥିଲେ। ଟପ୍‌ଗ୍ରେଡ ମ୍ୟୁଜିକ କମ୍ପୋଜର ଭାବେ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ରାଖାଲଙ୍କର ବେଶ୍ ପରିଚୟ ରହିଛି। କ୍ୟାସେଟ ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ରାଖାଲ ଅନେକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଘର ସଂସାର, ଅମର ପ୍ରେମ, ଶ୍ରୀକୃଷ୍ଣ ରାସଲୀଳା, ଅକ୍ଷିତୃତୀୟା, ତ୍ରିନାଥ ମେଳା ଚଳଚ୍ଚିତ୍ରରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏହାଛଡ଼ା ତପସ୍ୱିନୀ, ଗୀତ ଗୋବିନ୍ଦ, କାଞ୍ଚି ଅଭିଯାନ, ଶକୁନ୍ତଳା, କୋଣାର୍କ, ଲାବଣ୍ୟବତୀ ଭଳି ନୃତ୍ୟନାଟିକା ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସେ ଚିରସ୍ମରଣୀୟ ହୋଇ ରହିଛନ୍ତି। ଦେଶ ବିଦେଶରେ ରାଖାଲଙ୍କୁ ଅନେକ ସମ୍ବର୍ଦ୍ଧନା ମିଳିଛି। ଅନ୍ୟପକ୍ଷରେ ସେ ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ସ୍ଥାୟୀ ସଭାପତି ରହିବା ସହ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଥିଲେ।


# classifieds

real estate

**SALE**

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66308

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/- , BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, electry, gharabari, temple, sqft. 650/-ରେ ଦିଆଯାଉ ଅଛି। 7008045582, 9692003948. D-12088

Bhubaneswar Patrapada Market HDFC bankରୁ 500 mtr କଲୋନୀ ଭିତରେ BDA yellow zone plot କିଣି ତୁରନ୍ତ ଘର କରନ୍ତୁ। 6370292040. D-66339

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

Gharabari plot behind Hitech Plaza, beside 30' road with boundary wall- 490/-, Pradhan sahi mouza (SC plot) - 650/-, 9090008333, 9437357287. D-12089

ଘରବାରି plot sale ନଖରା ବ୍ରାହ୍ମଣ ଝରିଲୋ ପିଚୁରୋଡ଼ sideରେ 3000 sqft. 16,50,000/- 9437306208. D-66337

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Gharabari plot with boundary wall, sand filling for sale at Pahala. Contact: 9437321343. D-12131


to-let

5000 sqft. godown near Dhenkanal Rly station/ sliding previously cement godown. 9437023399. D-62093



# ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ ନରେନ୍ଦ୍ରନାଥ ଦାଶ**
(ଧୁଷା ଭାଇନା)
ସୁମଣାଶାସନ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୩।୦୧।୧୯୪୪
ତିରୋଧାନ: ୦୬।୦୪।୨୦୧୭
ଆଜି ତୁମର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆନ୍ତର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୫୮୭

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ସତ୍ୟଭାମା ମହାନ୍ତି**
ପ୍ଲଟ୍ ନଂ.୧୦୧, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୨୦।୦୧।୧୯୩୭
ତିରୋଧାନ: ୧୫।୦୪।୨୦୧୭
'ମା' ଆପଣଙ୍କୁ କୋଟି କୋଟି ପ୍ରଣାମ। ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଅନାବିଳ ସ୍ନେହ, ନିଷ୍ପାପର କାର୍ଯ୍ୟ ନିପୁଣତା ଆମ ସମସ୍ତଙ୍କର ଜୀବନର ଧେୟ ହେଉ। ଆପଣଙ୍କ ପ୍ରଦତ୍ତ ଆଲୋକ ରୂପକ ଆଶୀର୍ବାଦରେ ଆଲୋକିତ ହେଉଥାଉ ଆମ ପରିବାର। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର-ଲୁଲୁ, ବୋହୂ-ମଧୁମିତା।
ଧ-୫୬୧୭୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ମନୋରମା ସେଠୀ**
ଆବିର୍ଭାବ : ୦୬/୧୧/୧୯୬୦
ତିରୋଧାନ : ୨୭/୦୩/୨୦୧୮
କ୍ରୀଷ୍ଟା ଗାର୍ଡେନ୍, ୪/୩
ଫେଜ୍-୨,ଜାଗମରା,ଭୁବନେଶ୍ୱର
ହେ ମହାନ୍ ଆତ୍ମା ତୁମ ଅଗାଢ଼ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନ ଶୈଳୀ ଆମମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥିବ ଓ ତୁମେ ସବୁବେଳେ ମନେପଡୁଥିବ। ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ତୁମର ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ। ଏହା ହିଁ ଭକ୍ତିଭରା ପ୍ରାର୍ଥନା।
ଶୋକସନ୍ତପ୍ତ ; ସ୍ୱାମୀ - ହରେକୃଷ୍ଣ ସେଠୀ
ପୁତ୍ର - ହିମାଂଶୁ, କାଳିନ୍ଦୀ ଓ ସୁଧାଂଶୁ
ପୁତ୍ରବଧୂ, ଝିଅର ଯାଆ, ଝିଅ ଜ୍ୱାଇଁ, ପୁତୁରା ଝିଆରୀ, ନାତି ପରିବାରବର୍ଗ ଓ ପ୍ରିୟଜନ।
ଧ-୫୯୯୨୯

### ଏକାଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଧ୍ରୁବରାଜ ବସନ୍ତରାୟ**
ଖଣ୍ଡପଡ଼ା, ଦାଣ୍ଡସାହି
ଆବିର୍ଭାବ: ୨୮ ଏପ୍ରିଲ ୧୯୪୨
ତିରୋଧାନ: ୦୫ ଏପ୍ରିଲ ୨୦୧୯
ଚାହିଁ ଚାହିଁ ଦଶଦିନ ବିତିଗଲା। କାହିଁକି କେଜାଣି ଗ୍ରହଣ କରିପାରୁନୁ ସୃଷ୍ଟିର ଏହି ନିଷ୍ଠୁର ସତ୍ୟକୁ। ସ୍ୱଶରୀରରେ ତୁମକୁ ଦେଖିବାତ ଏ ଜନ୍ମରେ ଅସମ୍ଭବ। ତେବେ, ଯେଉଁଠି ଥାଆନ୍ତୁ ଖୁସିରେ ରୁହନ୍ତୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆଶିଷ ଉତ୍ସାହୀ, ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ।
ଧ-୧୨୧୫୪

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ପୂର୍ଣ୍ଣବଳି କୋଣାଧିପତି ରାଶିରେ ରହି ଆପଣଙ୍କୁ ଅଭୂତପୂର୍ବ ସଫଳତାର ଗୌରବ ପ୍ରଦାନ କରିବେ। ଚତୁର୍ଥାଧିପତି ସାମାଜିକ ସ୍ତରରେ ସମ୍ମାନ ସାଙ୍ଗକୁ ବନ୍ଧୁମିଳନ, ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ଦେଇପାରନ୍ତି। କୃତ୍ତିକା ନକ୍ଷତ୍ର ବିଶେଷଭାବରେ ଶୁକ୍ରଙ୍କ ପ୍ରଭାବରେ ମଧୁର ମନୋହର କଥାରେ ଅନ୍ୟମାନଙ୍କୁ ଆପ୍ୟାୟିତ କରିବ।

**ବୃଷ** ଆଜି ଚନ୍ଦ୍ରଙ୍କ ସହ ଚାରୋଟି ଗ୍ରହଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ କାର୍ଯ୍ୟ ସାଧିତ ହେଲେ ମଧ୍ୟ ଏଥିପାଇଁ ବହୁତ ସଂଘର୍ଷ କରିବାକୁ ପଡ଼ିପାରେ। ଦ୍ୱିଜା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ,ବ୍ୟବସାୟ, ପରିବହନ, ରାଜନୈତିକ ସଂଗଠନର ପ୍ରଚେଷ୍ଟା ଭଲରେ ଚାଲିବ। ସପ୍ତମାଧିପତି ନିଜ ରାଶିରେ ରହିଥିବାରୁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବାକୁ ପଡ଼ିପାରେ।

**ମିଥୁନ** ଏକାଦଶରେ ରାଜନୈତିକ ଗ୍ରହ ରବି ଓ ରାଶିରେ ରାହୁ ଆପଣଙ୍କୁ ଉଚ୍ଚାସନରେ ପ୍ରତିଷ୍ଠିତ କରାଇପାରେ। ବିଭିନ୍ନ ଯୋଜନା କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଚତୁର୍ଥ ଭାବକୁ ବୁଧଙ୍କ ପୂର୍ଣ୍ଣଦୃଷ୍ଟି ସାମାଜିକ ସ୍ଥିତି,ସଭା ସମିତି ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ହେବ। ପୁନର୍ବସୁ ନକ୍ଷତ୍ରର ସହକର୍ମୀ,ପଡ଼ୋଶୀଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇବେ।

**କର୍କଟ** ଆଜି ଦ୍ୱାଦଶସ୍ଥ ରାହୁ ସାଙ୍ଗକୁ ଚନ୍ଦ୍ର ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ପ୍ରଭାବରେ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ। ଯାତ୍ରାରେ ଦ୍ୱନ୍ଦ୍ୱ, ବ୍ୟବସାୟରେ ଝଗଡ଼ା, ବନ୍ଧୁପତ୍ନୀ ସହ ବିବାଦ ଓ କିଛି ନୂତନ କାମ ସମ୍ପର୍କରେ ଦୁଃଶ୍ଚିନ୍ତା ଦେଖାଦେଇପାରେ। ପୁଷ୍ୟା ନକ୍ଷତ୍ର ଶିଳ୍ପ, କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ରାଦିରେ ଉନ୍ନତମାନର ଫଳ ପାଇବେ।

**ସିଂହ** ରାଶ୍ୟାଧିପତି ଭାଗ୍ୟସ୍ଥାନରେ ରହି ଉଚ୍ଚ ପଦବୀ, ସୁପରିକଳ୍ପିତ ଯୋଜନା, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ପାଇବେ। ଆପଣଙ୍କ ସକାଶେ ଆଜି ପ୍ରତ୍ୟେକ କ୍ଷେତ୍ର ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ ହୋଇପାରିବ। ପୂର୍ବାଫାଲଗୁନୀ ସକାଶେ ଜମିଜମା କ୍ରୟବିକ୍ରୟ, ନିର୍ମାଣାଧୀନ କାମ, ଆମଦାନି କାରବାର ଭଲରେ ଚାଲିବ। ପ୍ରଶାସନିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା** ଚନ୍ଦ୍ରଙ୍କ ଏକାଦଶରେ ମଙ୍ଗଳ ତୃତୀୟ, ଅଷ୍ଟମାଧିପତି ଯୋଗୁ ଭ୍ରାତୃ ସମ୍ପର୍କରେ ଫାଟ ସୃଷ୍ଟି ହୋଇପାରେ। ଅଫିସରେ ସହକର୍ମୀମାନେ କାର୍ଯ୍ୟକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ଦିଗରେ ଜାଣିଶୁଣି ବିଳମ୍ବ କରିପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ବିରୋଧୀମାନଙ୍କ ଦ୍ୱାରା ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ।

**ତୁଳା** ଚନ୍ଦ୍ରଙ୍କ କେନ୍ଦ୍ରରେ ପ୍ରଭାବଶାଳୀ ରବି ଆପଣଙ୍କୁ ଉଚ୍ଚ କ୍ଷମତା ସମ୍ପନ୍ନ ପଦପଦବୀ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ପ୍ରଦାନ କରିବ। ରାଜନୈତିକ ସ୍ତରରେ ବିଜୟ ଗୌରବ ବିମଣ୍ଡିତ ହେବାର ପୂର୍ଣ୍ଣ ଆଶା,ଭରସା କରାଯାଇପାରେ। ପ୍ରଶାସନିକ, ସାମାଜିକ ଓ ବ୍ୟବସାୟିକ ସ୍ଥିତି ମଧ୍ୟ ମନ୍ଦ ହେବନି। କିନ୍ତୁ ସମ୍ପର୍କୀୟମାନଙ୍କ ପୂର୍ଣ୍ଣ ସହଯୋଗର ଅଭାବ ପରିଲକ୍ଷିତ କରାଯାଇପାରେ।

**ବିଛା** ଚନ୍ଦ୍ର ଓ ଶୁକ୍ର ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ମନ ଅନୁଯାୟୀ ବନ୍ଧୁମିଳନ ଉପଭୋଗ୍ୟ ନ ହୋଇପାରେ। ଆପଣଙ୍କ ସକାଶେ କୌଣସି ଜଣାଶୁଣା ମହିଳା ସମସ୍ୟା ସୃଷ୍ଟିର କାରଣ ହେବାର ଆଶଙ୍କା ରହିଛି। ଆର୍ଥିକ ସ୍ଥିତି ଭଲ ରହିବା ସାଙ୍ଗକୁ ପାରିବାରିକ ସ୍ଥିତି ମଧ୍ୟ ମଜବୁତ୍ ରହିବ। ପାରିବାରିକ କ୍ଷେତ୍ର ଯାତ୍ରା, ବାଣିଜ୍ୟ, ସମ୍ପର୍କସ୍ଥାପନ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ।

**ଧନୁ** ଉପଚୟାଧିପତି ଶନି ସହ ବୃହସ୍ପତିଙ୍କ ରାଶ୍ୟାବସ୍ଥାନ ଶାରୀରିକ ଓ ମାନସିକ ସ୍ଥିତି ପାଇଁ ପ୍ରତିକୂଳ ପ୍ରଭାବ ପକାଇପାରେ। ଅନ୍ୟକୁ ପରାମର୍ଶ ଦେବାରେ ଯେତିକି ପ୍ରଶଂସିତ ହେବେ ତାହାଠାରୁ ଅଧିକ ଆତ୍ମୀୟସ୍ୱଜନ କ୍ଷେତ୍ରରେ ସମାଲୋଚିତ ହେବାକୁ ପଡ଼ିପାରେ। ବ୍ୟବସାୟିକ ତର୍କ ଓ ବିବାଦ ମଧ୍ୟରେ ମୂଳା ନକ୍ଷତ୍ର ହଇରାଣ ହରକତ ହୋଇପାରନ୍ତି।

**ମକର** ଏକାଦିକ୍ରମେ ରବି,ଚନ୍ଦ୍ର,ମଙ୍ଗଳ ଓ ଶୁକ୍ରଙ୍କ ସ୍ଥାନସ୍ଥିତି ଆପଣଙ୍କ ପାଇଁ ଅନୁକୂଳ ହେତୁ ଯାହା ଯେମିତି ଆଶା କରୁଛନ୍ତି ସେପରିହିଁ ହୋଇପାରିବ। ଧନାଧିପତିଙ୍କ ଦୃଷ୍ଟି ପ୍ରଭାବରେ ମୁହଁରେ ହସ ଲାଖି ରହିବ ଏବଂ ପକେଟ ମଧ୍ୟ ଖାଲି ରହିବ ନାହିଁ। ପାରିବାରିକ, ପରିବହନ, ପ୍ରଶାସନ, ପ୍ରକାଶନ,ସାହିତ୍ୟ,ସାମ୍ବାଦିକତା ପାଇଁ ପ୍ରକୃଷ୍ଟ ଦିବସଟିଏ।

**କୁମ୍ଭ** ସାହାଯ୍ୟ, ସହଯୋଗ ପାଇଲେ ମଧ୍ୟ ଯଥାସାଧ୍ୟ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ ସତ କିନ୍ତୁ ଟେନ୍ସନ ଜମା ଛାଡିବ ନାହିଁ। ଅର୍ଥ ସମ୍ପର୍କ, ବନ୍ଧୁଙ୍କ ସହ ଯୋଗାଯୋଗ, ସନ୍ତାନଙ୍କ ଶିକ୍ଷା,ସାମ୍ବାଦିକତା ପ୍ରଭୃତିରୁ ସନ୍ତୋଷ ଲାଭ କରିବେ। କିନ୍ତୁ ଯାତ୍ରା, ବାଣିଜ୍ୟ, ପରିବହନରେ ସମସ୍ୟା ସାଙ୍ଗକୁ ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅନର୍ଥ ସୃଷ୍ଟି ହୋଇପାରେ।

**ମୀନ** ଆଜିର ଗ୍ରହସ୍ଥିତି ବହୁଳାଂଶରେ ଭଲ ରହିଥିବାରୁ ପ୍ରତ୍ୟେକ କାମ ସହଜରେ ସମ୍ପନ୍ନ ହୋଇପାରିବ। କିନ୍ତୁ ପରୋକ୍ଷ ଶତ୍ରୁତା,ସାମୟିକ ସମସ୍ୟା,ନୀଚଜନଙ୍କ ସହ ଝଗଡ଼ା ମାନସିକ ସ୍ଥିତିକୁ ବିଡମ୍ବିତ କରିଦେଇପାରେ। କେତେକ କ୍ଷେତ୍ରରେ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି।

ଆଜି ଚୈତ୍ର ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ କାମଦା ଏକାଦଶୀ ସୋମବାର,ଶ୍ରୀମନ୍ଦିରରେ ଯଜ୍ଞରକ୍ଷା ଓ ସୀତା ବିବାହ ଲୀଳା, ଏପ୍ରିଲ ୧୫ ତାରିଖ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଏକାଦଶୀ ଉପବାସ, ଦିବା ଘ୭।୦୨ମି. ମଧ୍ୟେ ଘ୧।୨୧ମି. ଗତେ, ଘ୨।୫୫ମି. ମଧ୍ୟେ ଘ୪।୩୦ମି. ଗତେ, ଘ୬।୩୦ମି. ମଧ୍ୟେ ଅମୃତ ବେଳା ଏବଂ ଦିବା ଘ୮।୩୬ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୦୬ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### କେପି ସିଂଦେଓ ଅସୁସ୍ଥ

**ଢେଙ୍କାନାଳ ଅଫିସ, ୧୪।୪:** ଢେଙ୍କାନାଳ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବରିଷ୍ଠ କଂଗ୍ରେସ ନେତା କାମାକ୍ଷା ପ୍ରସାଦ ସିଂଦେଓ (କେପି) ଅସୁସ୍ଥ ହୋଇପଡ଼ିଛନ୍ତି। ୨ଦିନ ତଳେ ନିର୍ବାଚନ ପ୍ରଚାର କରୁଥିବାବେଳେ ଅସହ୍ୟ ତାତି ସହି ନ ପାରି ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶରୀରରେ ସୋଡିୟମ୍ ମାତ୍ରା କମିଯିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ହସ୍ପିଟାଲରେ ୩ ଦିନ ରହିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ପରୀକ୍ଷା ରିପୋର୍ଟରୁ ତାଙ୍କର ସେଭଳି କୌଣସି ସମସ୍ୟା ନ ଥିବା ଜଣାପଡ଼ିଛି। ରବିବାର କେପିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ତାଙ୍କ ବଡ଼ପୁଅ ଅମରଜ୍ୟୋତି ସିଂଦେଓ ସୂଚନା ଦେଇଛନ୍ତି।

### ବିଜେଡିରେ ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ

**ଭୁବନେଶ୍ୱର, ୧୪।୪(ବ୍ୟୁରୋ):** ସଞ୍ଜୟ ବାବୁ ଓ ସନ୍ତୋଷ ଜେନାଙ୍କୁ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସନ୍ତୋଷ ଲେଙ୍କା ବିଜେଡି ମିଡିଆ ପ୍ୟାନେଲିଷ୍ଟ ଭାବେ ମନୋନୀତ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି କରାଯାଇଛି।

## ପ୍ରଚଳନ ହେଲା ନୂଆ ପାଞ୍ଜି

# ଚଳିତ ବର୍ଷ ଓଡ଼ିଶାରେ କୃଷି ଉତ୍ପାଦନ ମଧ୍ୟମ

**ପୁରୀ ଅଫିସ, ୧୪।୪**

ସୌରମାନ ମାସ ଅନୁସାରେ ରବିବାର ଓଡ଼ିଆ ବର୍ଷର ପ୍ରଥମ ଦିନ ଏବଂ ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି। ଏହିଦିନଠାରୁ ଏକମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ଏହି ଦିନଠାରୁ ପ୍ରଚଳନ ଆରମ୍ଭ ହୋଇଛି। ପାଞ୍ଜି ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ପାଞ୍ଜିରେ ଚଳିତବର୍ଷ ଗ୍ରହମାନଙ୍କ ସ୍ଥିତିକୁ ଲକ୍ଷ୍ୟକଲେ ଜଣାଯାଏ, ୪।୧୧।୨୦୧୯ ସୋମବାର ରାତ୍ରି ୯ଟା ୧୨ ମିନିଟ୍ ସମୟେ ବୃହସ୍ପତି ମୂଳା ନକ୍ଷତ୍ର ଧନୁରାଶିକୁ ଗମନ କରିବେ। ଏ ବର୍ଷ ରାହୁ କେତୁ ଚଳନ ହେବନାହିଁ। ୧୬।୭।୨୦୧୯ ମଙ୍ଗଳବାର ଆଷାଢ଼ ପୂର୍ଣ୍ଣିମା ତିଥିରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହେବ। ସେହିପରି ୨୬।୧୨।୨୦୧୯ ଗୁରୁବାର ପୌଷ ଅମାବାସ୍ୟା ଦିନ ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ ଅନୁଷ୍ଠିତ ହେବ। ଏ ବର୍ଷ ରାଜା ହେଉଛନ୍ତି ରବି, ମନ୍ତ୍ରୀ ବୁଧ, ପୁରୋହିତ ଶନି, ଜ୍ୟୋତିଷୀ ମଙ୍ଗଳ, ପରୀକ୍ଷକ ଶୁକ୍ର, ଡଗର ବୃହସ୍ପତି ଓ ଅର୍ଥରକ୍ଷକ ହେଉଛନ୍ତି ବୁଧ। ଧନୁ ରାଶିରେ ବାରମ୍ବାର ପଞ୍ଚ ଏବଂ ଷଡ଼ଗ୍ରହକୂଟ ରହିଛି। ଫଳରେ ଏହା ପୃଥିବୀର ଜନସମାଜ ପ୍ରତି ଶୁଭସୂଚକ ନୁହେଁ। ଶନି, ରାହୁ ପରସ୍ପର ସପ୍ତମ ଭାବରେ ରହୁଥିବାରୁ ପୃଥିବୀର ଉନ୍ନତ ରାଷ୍ଟ୍ରମାନଙ୍କ ମଧ୍ୟରେ ଧ୍ୱଂସର ତାଣ୍ଡବଲୀଳା, ବିସ୍ଫୋରଣ, ରକ୍ତପାତ ଓ ଜନଅସନ୍ତୋଷ ବୃଦ୍ଧି ପାଇବ। ଶନିଦୃଷ୍ଟି ଫଳରେ ଆଫ୍ରିକା ମହାଦେଶର ପୂର୍ବ ଭାଗ ଓ ସଉଦି ଆରବ ଅଞ୍ଚଳରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ, ବିସ୍ଫୋରଣ, ଆକାଶଯାନ ଦୁର୍ଘଟଣା ଦେଖାଯିବ। ଭାରତର ସ୍ଥିତିକୁ ଦେଖିଲେ ଚଳିତବର୍ଷ ଖାଦ୍ୟ ସଙ୍କଟ ତଥା ମୂଲ୍ୟବୃଦ୍ଧି ଉତ୍କଟ ହେବ। ବହିର୍ବାଣିଜ୍ୟ ଓ ବୈଦେଶିକ ବ୍ୟାପାର କ୍ଷେତ୍ରରେ ଉନ୍ନତି ଘଟିବ। ଶ୍ରମ, ଶିଳ୍ପ, ଯୋଜନା, ସମନ୍ୱୟ, ଜନକଲ୍ୟାଣ, ପ୍ରତିରକ୍ଷା ଓ ପରିବାର ନିୟୋଜନ ଆଦି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ଅକ୍ଟୋବର ଏବଂ ନଭେମ୍ବରରେ ଦକ୍ଷିଣ ପୂର୍ବ ଉପକୂଳରେ ବାତ୍ୟା, ବନ୍ୟାର ଆଶଙ୍କା ରହିଛି। ସେହିପରି ଓଡ଼ିଶାରେ ଏ ବର୍ଷ କୃଷି ଉତ୍ପାଦନ ମଧ୍ୟମ ହେବ। ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥର ମୂଲ୍ୟ ବୃଦ୍ଧି ନେଇ ଜନ ଅସନ୍ତୋଷ ଦେଖାଦେବ। ରାଜ୍ୟର ଅନେକ ସ୍ଥାନରେ ଦୁର୍ନୀତି ଓ ଭ୍ରଷ୍ଟାଚାର ମୁଣ୍ଡ ଟେକିବ। ବହୁକ୍ଷେତ୍ରରେ ଶାସକୀୟ ଦୁର୍ବଳତାର ସୂଚନା ରହିଛି। ରାଜନୈତିକ ଝଡ଼ ବର୍ଷସାରା ଲାଗି ରହିବ। ବାରମ୍ବାର ବିଭାଗ ଅଦଳବଦଳର ସମ୍ଭାବନା ରହିଛି। ବିଭିନ୍ନ ସ୍ଥାନରେ ଅଗ୍ନିଉତ୍ପାତ ଏବଂ ଉତ୍ତର ପୂର୍ବ ଓଡ଼ିଶାରେ ପ୍ରବଳ ବନ୍ୟା, ବାତ୍ୟାର ଆଶଙ୍କା ରହିଛି। ତଥାପି ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ପ୍ରଭୃତି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ ବୋଲି ଡ. ଦାଶ କହିଛନ୍ତି।

# ସ୍ୱଚ୍ଛ, ଅବାଧ ନିର୍ବାଚନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ସବୁପ୍ରକାର ପଦକ୍ଷେପ ନିଆଯାଉଛି। ରାଜ୍ୟର ବିଭିନ୍ନ ଜିଲାରେ ଏବେ ସୁଦ୍ଧା ୧୩,୩୪୩ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି। ସିଆର୍‌ପିସି ୧୦୭/୧୧୦ ଧାରା ଅନୁଯାୟୀ ୫୪,୯୨୧ ଜଣଙ୍କୁ ଅଟକ ରଖାଯାଇଛି। ୫,୧୬୭ ଲାଇସେନ୍ସପ୍ରାପ୍ତ ବନ୍ଧୁକ ସଂପୃକ୍ତ ଜିଲା ପ୍ରଶାସନରେ ଜିମା ଦିଆଯାଇଛି। ଲାଇସେନ୍ସ ନ ଥିବା ୨୩୨ ଅସ୍ତ୍ରଶସ୍ତ୍ର ଏବଂ ୧୪୩୩.୦୩୨ କିଲୋଗ୍ରାମ୍ ବିସ୍ଫୋରକ ଦ୍ରବ୍ୟ ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୭୯୬୮.୩୧୫ ବଲ୍କ ଲିଟର ମଦ ଜବତ କରାଯାଇଥିବା ଜଣାପଡିଛି। ଏହି ମଦର ଆନୁମାନିକ ମୂଲ୍ୟ ପ୍ରାୟ ୩,୫୧,୮୯,୧୬୭ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ଓଡ଼ିଶା ପୋଲିସ ଏବଂ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୨,୯୭, ୨୫୦ ଟଙ୍କା ଜବତ କରାଯାଇଛି। ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରୁଥିବା ୩୨,୭୪,୮୪୧ ପୋଷ୍ଟରକୁ ହଟାଯାଇଛି। ବ୍ୟକ୍ତିଗତ ମାଲିକାନାରେ ଲାଗିଥିବା ୨,୮୨, ୧୯୮ ହୋର୍ଡିଂ ଓ ପୋଷ୍ଟର ଆଦିକୁ ମଧ୍ୟ ବାହାର କରିଦିଆଯାଇଛି। ରାଜ୍ୟସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷ ଟେଲିଫୋନ୍ ନଂ. ୦୬୭୪-୨୩୯୫୦୧୫କୁ ବର୍ତ୍ତମାନ ସୁଦ୍ଧା ୮୩୫ଟି କଲ୍ କରାଯାଇ ବିଭିନ୍ନ ସୂଚନା ମିଳିଛି। ସି-ଭିଜିଲ୍ ଆପ୍ ଦ୍ୱାରା ୧୨୯୩ ଅଭିଯୋଗ ଗ୍ରହଣ କରାଯାଇ ୧୨୨୬ଟିରେ ସମାଧାନ କରାଯାଇଛି।

# ୧୬ରେ ରୋଡ୍ ଶୋ' କରିବେ ମୋଦି

**କାଉଣ୍ଟର ପାଇଁ ବିଜେଡିର ଯୋଜନା**

**ଭୁବନେଶ୍ୱର, ୧୪।୪(ବ୍ୟୁରୋ)**

ଗତ ୪ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଲଗାତର ଭାବେ ଓଡିଶା ଗସ୍ତରେ ଆସିଛନ୍ତି। ଚଳିତ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାପରେ ମଧ୍ୟ ମୋଦି ଏବଂ ଶାହ ବାରମ୍ବାର ଓଡିଶା ଆସି ବିଭିନ୍ନ ସଭାରେ ଯୋଗଦେଉଛନ୍ତି। ଗତ ଦେଢ ମାସ ମଧ୍ୟରେ ଉଭୟ ପ୍ରାୟ ୧୦ଥର ରାଜ୍ୟ ଗସ୍ତରେ ଆସିଥିବା ଦେଖିବାକୁ ମିଳିଛି। ଉଭୟଙ୍କ କାର୍ଯ୍ୟକ୍ରମ ମଧ୍ୟ ଲଗାତର ଭାବେ ଚାଲିଛି। ଆସନ୍ତା ୧୬ତାରିଖରେ ପ୍ରଧାନମନ୍ତ୍ରୀ ପୁଣିଥରେ ଓଡିଶା ଆସୁଛନ୍ତି। ଏହି ଅବସରରେ ସେ ସମ୍ବଲପୁର ଗସ୍ତ କରି ସେଠାରେ ଏକ ନିର୍ବାଚନୀ ସଭାରେ ଯୋଗଦେବେ। ସେହିଦିନ ୪ଟାରେ ଭୁବନେଶ୍ୱରଠାରେ ପହଞ୍ଚିବେ। ଏହାପରେ ବିମାନବନ୍ଦର ଠାରୁ ଏକ ବିଶାଳ ରୋଡ ଶୋ'ରେ ବାହାରି ଏୟାରପୋର୍ଟ, ଗଙ୍ଗନଗର, ଓୟୁଏଟି ଏବଂ ଶିରିପୁର ଛକ ଦେଇ ସିଟି ଓମେନ୍ସ କଲେଜ ପାଖରେ ଥିବା ବାମ ପାର୍ଶ୍ୱ ବୁଲି ଶିବ ମନ୍ଦିର ଦେଇ ବରମୁଣ୍ଡା ପଡିଆରେ ପହଞ୍ଚିବେ। ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ରବିବାର ଏହି ସୂଚନା ଦେଇଛନ୍ତି। ରୋଡ ଶୋ ପରେ ବରମୁଣ୍ଡା ପଡିଆରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଉଦ୍‌ବୋଧନ ଦେବେ। ଏହି ଅବସରରେ ଭୁବନେଶ୍ୱର, ପୁରୀ, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଲୋକ ସଭା ମଣ୍ଡଳୀ ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଯୋଗଦେବେ। ଏହି ରୋଡ ଶୋ ସମୟରେ ପାରମ୍ପରିକ ବାଦ୍ୟ, ପାଇକ ଆଖଡା, ଦଣ୍ଡନାଚ, ସମର କଳା ଆଦି ପ୍ରଦର୍ଶନ କରାଯିବ। ସବୁବର୍ଗର ବ୍ୟକ୍ତିବିଶେଷମାନେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଏହି ରୋଡ ଶୋ ଓ ସମାବେଶକୁ ସଫଳ କରିବା ପାଇଁ ସମୀର ଅନୁରୋଧ କରିଛନ୍ତି। ଅନ୍ୟପଟେ ମୋଦିଙ୍କ ଏହି କାର୍ଯ୍ୟକ୍ରମ ଉପକୂଳ ଓଡିଶା ଉପରେ ପ୍ରଭାବ ପକାଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ମୋଦିଙ୍କ ଗସ୍ତର ଦିନକ ପରେ ଶାହ ପୁଣି ଓଡିଶା ଗସ୍ତରେ ଆସୁଛନ୍ତି। ଏହାପରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନର ପ୍ରଚାର ପାଇଁ ପୁଣିଥରେ ମୋଦି ଓ ଶାହ ରାଜ୍ୟ ଗସ୍ତରେ ଆସିବେ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ସେହିପରି ମୋଦିଙ୍କ ୧୬ତାରିଖ କାର୍ଯ୍ୟକ୍ରମକୁ କାଉଣ୍ଟର ଦେବା ପାଇଁ ବିଜେଡି ମଧ୍ୟ ସଜବାଜ ହେଉଥିବା ଶୁଣିବାକୁ ମିଳୁଛି।

# ଆଜି ଭାରତ-ଅଷ୍ଟ୍ରେଲିଆ ଯୁଗ୍ମ କାର୍ଯ୍ୟାନ୍ୱୟନ ଗୋଷ୍ଠୀ ବୈଠକ

## ଭାରତର ହୋଟେଲ ଶିଳ୍ପର ପ୍ରତିନିଧି ଭାବେ ଯୋଗଦେବେ ଜେ.କେ. ମହାନ୍ତି

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ସୋମବାର ସିଡ୍‌ନୀଠାରେ ତୃତୀୟ ଯୁଗ୍ମ କାର୍ଯ୍ୟାନ୍ୱୟନ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହେବ। ଏଥିରେ ଭାରତର ହୋଟେଲ ଶିଳ୍ପର ଜଣେ ପ୍ରତିନିଧି ଭାବେ ଓଡ଼ିଶାର ବିଶିଷ୍ଟ ହୋଟେଲ ଉଦ୍ୟୋଗୀ ସ୍ୱସ୍ତି ଗ୍ରୁପ୍ ସିଏମ୍‌ଡି ତଥା ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ) ଅଧ୍ୟକ୍ଷ ଜେ.କେ. ମହାନ୍ତି ଯୋଗଦେବେ। ଏଥିପାଇଁ ସେ ଭାରତ ସରକାରଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି। ଉକ୍ତ ବୈଠକରେ ମହାନ୍ତି ଭାରତୀୟ ହୋଟେଲଗୁଡ଼ିକର ମାର୍କେଟିଂ ସମସ୍ୟା ଏବଂ ଭାରତକୁ ଅଧିକ ପର୍ଯ୍ୟଟକ ଆଗମନ ପ୍ରସଙ୍ଗ ଉପରେ ଆଲୋଚନା କରିବେ। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁମନ ବିଲ୍ଲା ଭାରତୀୟ ଦଳର ନେତୃତ୍ୱ ନେବେ। ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ୧୫ରୁ ୧୮ତାରିଖ ପର୍ଯ୍ୟନ୍ତ ସିଡ୍‌ନୀ ଓ ମେଲବର୍ଣ୍ଣ ଏବଂ ଅକ୍‌ଲାଣ୍ଡରେ ଏକାଧିକ ରୋଡ୍ ଶୋ' ଅନୁଷ୍ଠିତ ହେବ। ଏଥିରେ ଭାରତର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଅଧିବାସୀଙ୍କୁ ଅବଗତ କରାଯିବ।

# ବିଜେଡି ସହ ରହିବି: ଆଶୀର୍ବାଦ

**କଟକ ଅଫିସ,୧୪।୪:** ଚଳିତ ନିର୍ବାଚନରେ ବିଜେଡିକୁ ସମର୍ଥନ ଜଣାଇବେ ଯାଦବ ନେତା ତଥା କ୍ରୀଡ଼ା ସଂଗଠକ ଆଶୀର୍ବାଦ ବେହେରା। ରବିବାର ମଧ୍ୟାହ୍ନରେ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ଏହା ଘୋଷଣା କରିଛନ୍ତି। ଏଥର ସେ ବିଜେଡି ଟିକେଟ ପାଇବା ଆଶାରେ ଥିଲେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ତାହାକୁ ଆଶୀର୍ବାଦ ଖଣ୍ଡନ କରିଛନ୍ତି। ହେଲେ ତାଙ୍କ ସମର୍ଥନ ଯୋଗୁ ବିଜେଡି ଯାଦବ ଓ କ୍ରୀଡ଼ା ସଂଗଠନ ସହ ସମ୍ପୃକ୍ତ ଭୋଟ ହାତେଇବାରେ ସକ୍ଷମ ହେବ ବୋଲି ଚର୍ଚ୍ଚା ହେଉଛି। ଏନେଇ କଟକ-ବାରବାଟୀ ଆସନର କଂଗ୍ରେସ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମ୍ କହିଛନ୍ତି ଯେ, କଟକବାସୀ କଂଗ୍ରେସ ପ୍ରତି ଆସ୍ଥା ରଖିଛନ୍ତି। ଆଶୀର୍ବାଦଙ୍କ ସମର୍ଥନ କୌଣସି ବଡ଼ ଫରକ ପକାଇବ ନାହିଁ। ଭାଜପା ପ୍ରାର୍ଥୀ ସମୀର ଦେ ମଧ୍ୟ ଆଶୀର୍ବାଦଙ୍କ ଘୋଷଣାକୁ ହାଲକା ଭାବେ ଗ୍ରହଣ କରି କୌଣସି ପ୍ରଭାବ ପକାଇବ ନାହିଁ ବୋଲି କହିଛନ୍ତି।

ସୂଚନାଥାଉ କି, ଭାଜପା ପ୍ରାର୍ଥୀ ସମୀର ହେଉଛନ୍ତି ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସଭାପତି। ଅଲିମ୍ପିକ ଆସୋସିଏଶନ ଅଧୀନରେ ସମସ୍ତ କ୍ରୀଡ଼ା ସଙ୍ଗଠନଅନୁବନ୍ଧିତ।ପୂର୍ବରୁଅଲିମ୍ପିକଆସୋସିଏଶନରସମ୍ପାଦକପଦବୀରେଆଶୀର୍ବାଦ ଥିଲେ। ଏଣୁ କ୍ରୀଡ଼ା ସଙ୍ଗଠନକୁ ବ୍ୟବହାର କରି ଭୋଟ ହାତେଇବା ପାଇଁ ଆଶୀର୍ବାଦ-ସମୀରଙ୍କ ଭିତରେ ଏବେ ଅଙ୍କକଷା ହେବା ନିଶ୍ଚିତ ବୋଲି ଆଲୋଚନା ହେଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଲା ଭାଜପା, ମୋଦି କେଉଁଥିରେ ଫେଲ୍ କୁହନ୍ତୁ

**ଭୁବନେଶ୍ୱର, ୧୪।୪(ବ୍ୟୁରୋ):** ଜାତୀୟ ଗଣମାଧ୍ୟମ ଆଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଯୋଗ୍ୟ ବୋଲି କହିଛନ୍ତି। ମୋଦି ଆଉଥରେ ପ୍ରଧାନମନ୍ତ୍ରୀ ନ ହୁଅନ୍ତୁ ବୋଲି ନବୀନ ମତ ରଖିଛନ୍ତି। ଶାସନ କରିବାରେ ମୋଦି ଫେଲ୍ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ପକ୍ଷରୁ କେତୋଟି ପ୍ରଶ୍ନ ପଚରାଯାଇଛି। ମୋଦି କେଉଁଥିରେ ଫେଲ୍ ହୋଇଛନ୍ତି ସେ ଉତ୍ତର ରଖନ୍ତୁ। ମୋଦି ଓଡିଆରେ ଜୟ ଜଗନ୍ନାଥ କହିଲେ ବୋଲି ନବୀନବାବୁଙ୍କ ଆଖିରେ ଫେଲ୍ ହୋଇଗଲେ କି ବୋଲି ଭାଜପା ପ୍ରଶ୍ନ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କେବେ ଭାଷଣରେ ଜୟ ଜଗନ୍ନାଥ ବୋଲି କୁହନ୍ତି ନାହିଁ। କମଳା ପୂଜାରୀ, ପ୍ରକାଶ ରାଓ, ହଳଧର ନାଗ, ଦୈତାରି ନାୟକ, ଜିତେନ୍ଦ୍ର ହରିପାଲ, ଗୋବର୍ଦ୍ଧନ ପାଣିକାଙ୍କ ଭଳି ମାଟିର ସନ୍ତାନମାନଙ୍କୁ ପଦ୍ମ ପୁରସ୍କାରରେ ପୁରସ୍କୃତ କରିବା କ'ଣ ମୋଦିଙ୍କ ଭୁଲ୍ ବୋଲି ନବୀନବାବୁ ଭାବୁଛନ୍ତି କି। ମୁଖ୍ୟମନ୍ତ୍ରୀ ଦିନେ ହେଲେ ସେମାନଙ୍କୁ ପଚାରନ୍ତି ନାହିଁ, ମାତ୍ର ମୋଦି ସେମାନଙ୍କୁ ରାଷ୍ଟ୍ରର ସବୁଠାରୁ ବଡ ପୁରସ୍କାରରେ ସମ୍ମାନିତ କଲେ। ସମୀର ଆହୁରି କହିଛନ୍ତି, ମୋଦି ସରକାର ଓଡିଶାରେ ୫୬ ଲକ୍ଷ ପରିବାର ପାଖରେ ପାଇଖାନା ପହଞ୍ଚାଇଲେ, ଦେଶର ୭ କୋଟି ତଥା ଓଡିଶାର ୩୮ ଲକ୍ଷ ଘରେ ଉଜ୍ଜ୍ୱଳା ଗ୍ୟାସ ପହଞ୍ଚାଇ ମା' ଭଉଣୀମାନଙ୍କୁ ଧୂଆଁରୁ ମୁକ୍ତି ଦେଲେ। ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣର ଜବାବ ପ୍ରଧାନମନ୍ତ୍ରୀ ଦେଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀଙ୍କ ଭାଜପା ପ୍ରତି ଥିବା ଭୟ ଏବେ ୧୦ ଗୁଣ ବଢିଛି। ମୋଦିଙ୍କୁ ଆଉ ଥରେ ପ୍ରଧାନମନ୍ତ୍ରୀ ଭାବେ ବସାଇବା ସହ ରାଜ୍ୟରେ ଡବଲ ଇଞ୍ଜିନ ସରକାର ବସିବ ଏକଥା ସ୍ପଷ୍ଟ ହୋଇଗଲାଣି ବୋଲି ସମୀର କହିଛନ୍ତି।



ଧରିତ୍ରୀ
DHARITRI
ସୋମବାର, ୧୫ ଏପ୍ରିଲ, ୨୦୧୯

ତୁମେ ଯାହା ଜାଣିଛ– ତାହା ହିଁ ଯେ ଏକମାତ୍ର ସତ୍ୟ– ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ– ତୁମେ ଯଦି ଏହିପରି ଭାବୁଥାଅ– ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ– ତୁମେ ତାହା ହିଁ କରୁଛ।
–ଶ୍ରୀମା



# ତତଲା ତାୱା

ରାଫାଲ୍ ଭୂତ କେନ୍ଦ୍ରର ଭାଜପା ସରକାରକୁ ଛାଡ଼ିଯିବାର ଦେଖାଯାଉ ନାହିଁ। ୧୩ ଏପ୍ରିଲ ୨୦୧୯ରେ ଫ୍ରାନ୍ସର ଅନ୍ୟତମ ଜଣାଶୁଣା ଖବରକାଗଜ 'ଲ ମନ୍ଦ' ରିପୋର୍ଟ ପ୍ରକାଶ କରିଛି ଯେ, ଭାରତ ଓ ଫ୍ରାନ୍ସ ମଧ୍ୟରେ ରାଫାଲ୍ ଚୁକ୍ତି ଘୋଷଣା ପରେ ଶିଳ୍ପପତି ଅନିଲ ଅମ୍ବାନୀଙ୍କ ରିଲାଏନ୍ସ କମ୍ୟୁନିକେଶନ୍‌ର ଫ୍ରାନ୍ସରେ ପଞ୍ଜୀକୃତ ସହଯୋଗୀ କମ୍ପାନୀ 'ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସ'କୁ ସେଠାକାର ସରକାର ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼ କରିଥିଲା। ଉକ୍ତ ଖବରରୁ ଆହୁରି ଜଣାପଡ଼ିଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ୟାରିସ୍‌ରେ ରାଫାଲ୍ ଯୁଦ୍ଧବିମାନ କିଣିବା ସକାଶେ ଘୋଷଣା କରିବାର ୫ ମାସ ପରେ ଅର୍ଥାତ୍ ୨୦୧୫ ଅକ୍ଟୋବରରେ ଫ୍ରାନ୍ସ କର୍ତ୍ତୃପକ୍ଷ ରିଲାଏନ୍ସଠାରୁ ୭.୩ ନିୟୁତ ୟୁରୋ ଗ୍ରହଣ କରି ଟିକସ ମାମଲାର ସମାଧାନ କରିଦେଇଥିଲେ। 'ଲ ମନ୍ଦ'ର ଚାଞ୍ଚଲ୍ୟକର ରିପୋର୍ଟ ମୋଦି ସରକାରଙ୍କ ସହ ଅନିଲଙ୍କ ଘନିଷ୍ଠ ସମ୍ପର୍କର ବିଭିନ୍ନ ଦିଗକୁ ପଦାକୁ ଆଣିଛି।

ରାଫାଲ୍ ଯୁଦ୍ଧବିମାନ କ୍ରୟ ବିବାଦ ଉପରେ ଦୃଷ୍ଟି ପକାଇଲେ ଅନେକ ଜଟିଳ ତଥ୍ୟ ସାମ୍ନାକୁ ଆସୁଛି। ଉପା ସରକାର ଅମଳରେ ପ୍ରତିଟି ରାଫାଲ୍ ଯୁଦ୍ଧବିମାନ ୫୨୬ କୋଟି ଟଙ୍କାରେ କିଣାଯିବା ଲାଗି କଥାବାର୍ତ୍ତା ହୋଇଥିବା ଖବର ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଭାଜପା କ୍ଷମତାସୀନ ହେବା ପରେ ଗୋଟିଏ ଯୁଦ୍ଧବିମାନର କିଣା ଦାମ୍ ହଠାତ୍ ବୃଦ୍ଧି ପାଇ ୧୬୭୦ କୋଟି ଟଙ୍କାରେ ପହଞ୍ଚିଥିଲା। କଂଗ୍ରେସ ଅଭିଯୋଗ କରିଛି ଯେ, ଉକ୍ତ ବିମାନର ମୂଲ୍ୟ ବଢ଼ା ଯାଇଥିବାରୁ ଏଥିରେ ବଡ଼ ଧରଣର ଦୁର୍ନୀତି ଘଟିଛି। ଉଲ୍ଲେଖଯୋଗ୍ୟ, ଏହି ଚୁକ୍ତି ବେଳେ ଭାରତର ରାଷ୍ଟ୍ରାୟତ୍ତ ଯୁଦ୍ଧବିମାନ ନିର୍ମାଣକାରୀ ସଂସ୍ଥା ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ସହିତ ଫ୍ରାନ୍ସର ଡାସଲ୍ଟ ଆଭିଏଶନ୍ସର ବହୁ ପର୍ଯ୍ୟାୟରେ ଆଲୋଚନା ହୋଇଥିଲା। ହାଲ୍‌ର ଯୁଦ୍ଧବିମାନ ତିଆରିର ଦୀର୍ଘବର୍ଷର ଅଭିଜ୍ଞତା ଥାଇ ମଧ୍ୟ ତରବରିଆ ଏହାକୁ ହଟାଇ ଅଧିକ ଖର୍ଚ୍ଚରେ ଅନିଲଙ୍କ 'ରିଲାଏନ୍ସ ଡିଫେନ୍ସ'କୁ କାମ ମିଳିବା ସ୍ୱାଭାବିକ ଭାବେ ଅନେକ ପ୍ରଶ୍ନ ଉଠାଇଛି। ରିଲାଏନ୍ସ ଡିଫେନ୍ସ କମ୍ପାନୀକୁ ରାଫାଲ୍ ନିର୍ମାତା ଡାସଲ୍ଟ ଆଭିଏଶନ୍ସ କମ୍ପାନୀର ଅଫସେଟ୍ ପାର୍ଟନର ଚୟନ କରାଯାଇଥିବାରୁ ଚୁକ୍ତି ବେଳେ ଆର୍ଥିକ ଅନିୟମିତତା ଘଟିଥିବା କୁହାଯାଉଛି। ସବୁଠାରୁ କୌତୂହଳର ବିଷୟ ଯେ, ରାଫାଲ୍ ଚୁକ୍ତିର ମାତ୍ର ୧୫ ଦିନ ପୂର୍ବରୁ ରିଲାଏନ୍ସ ଡିଫେନ୍ସ ଗଢ଼ି ଉଠିଥିଲା। ଏଭଳିସ୍ଥଳେ ଯୁଦ୍ଧବିମାନ ତିଆରିର ଅଭିଜ୍ଞତା ଅର୍ଜନ କରି ନ ଥିବା କମ୍ପାନୀକୁ ଡାସଲ୍ଟ ଆଭିଏଶନ ଚୟନ କରିବା ବେଳେ ରାଜନୈତିକ ହସ୍ତକ୍ଷେପ ନିଶ୍ଚିତ ଭାବେ ରହିଥିବା ବୁଝିହେଉଛି।

ପ୍ରତିରକ୍ଷା ଦେଶର ଏକ ସମ୍ବେଦନଶୀଳ କ୍ଷେତ୍ର। ମୋଦି ସରକାର ବାରମ୍ବାର ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବାକୁ ଚାହୁଁଥିବା କହିଆସୁଛି। ସେନା ଓ ସୈନ୍ୟଙ୍କୁ ଉପଯୁକ୍ତ ଯୁଦ୍ଧ ସରଞ୍ଜାମ ଯୋଗାଇ ସଶକ୍ତ କରିବାର ସ୍ଲୋଗାନ୍ ଦିଆଯାଉଛି। ଏପରିସ୍ଥଳେ ଅନଭିଜ୍ଞ କମ୍ପାନୀକୁ ମଝିରେ ପୂରାଇ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ପଛରେ କ'ଣ କାରଣ ଅଛି ତାହା ସମସ୍ତେ ଜାଣିବାକୁ ଇଚ୍ଛୁକ। କେବଳ ସେତିକି ନୁହେଁ, ଗତ କିଛିବର୍ଷ ହେବ ଅନିଲଙ୍କ ବ୍ୟବସାୟିକ ସାମ୍ରାଜ୍ୟ କ୍ଷତିରେ ଚାଲୁଥିବାରୁ ଯେଭଳି ହେଉ ପଛେ ତାଙ୍କୁ ବଞ୍ଚାଇ ରଖିବାକୁ ଯାଇ ତାଙ୍କ 'ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସ' କମ୍ପାନୀକୁ ଫ୍ରାନ୍ସ ସରକାର ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼ କରିବାରେ ଭାଜପା ସରକାର ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି କୁହାଯାଉଛି। ଏଥିରୁ ବୁଝିବାକୁ ହେବ ଯେ, ରିଲାଏନ୍ସ ଡିଫେନ୍ସକୁ ସିଧାସଳଖ ଓ ପରୋକ୍ଷରେ ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସକୁ ଆର୍ଥିକ ସୁବିଧା ଦେଇ ଭାଜପା ପକ୍ଷପାତିତାର ନୂଆ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଯେଉଁ ଦେଶରେ କ୍ରୋନି କ୍ୟାପିଟାଲିଜିମ୍ ବା ସରକାର ଓ ବ୍ୟବସାୟିକ ଗୋଷ୍ଠୀ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ହୋଇଥାଏ, ସେଠାରେ ଦୁର୍ନୀତି ହେବା ଅବଶ୍ୟମ୍ଭାବୀ। ପୂର୍ବରୁ ଉପା ସରକାର ବିଭିନ୍ନ ପ୍ରକାର ଦୁର୍ନୀତିରେ ବୁଡ଼ି ରହିଥିବା ଲୋକେ ଅନୁଭବ କରିବା ପରେ ତାକୁ ପ୍ରତ୍ୟାଖ୍ୟାନ କରିଥିଲେ। ମୋଦି ସରକାର ଉପାର ଦୁର୍ନୀତି ବିରୋଧୀ ନାରା ଦେଇ କ୍ଷମତାକୁ ଆସିଥିଲା। ଏବେ ଭାଜପା ସରକାରର ୫ ବର୍ଷର କାରନାମା ଗୋଟିଏ ପରେ ଗୋଟିଏ ଲୋକଲୋଚନକୁ ଆସିଲାଣି। ଏସବୁକୁ ଦେଖିଲେ ଲାଗୁଛି ଯେ, ଭୋଟର ଏବେ ଫୁଟିଲା ପାଣି ଓ ତତଲା ତାୱା ମଝିରେ ଅଟକି ଯାଇଛନ୍ତି।

## ଏଇ ଭାରତରେ

ଗୋଟିଏ ଗାଁରେ ଦୁଇଟି ରାଜ୍ୟର ଲୋକ ବାସ କରୁଛନ୍ତି। ଏ କଥା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ହରିୟାଣାରେ। କାରଣ ଏହି ଗାଁ ସହିତ ଦୁଇଟି ରାଜ୍ୟର ସୀମା ସଂଲଗ୍ନ ହୋଇରହିଛି। ଗାଁର ଗୋଟିଏ ମୁଣ୍ଡରେ ହରିୟାଣା ରାଜ୍ୟର ଭୋଟର ଥିବାବେଳେ ଅନ୍ୟ ପଟେ ଉତ୍ତରପ୍ରଦେଶ ଭୋଟର ରହିଛନ୍ତି। ଏହା ହେଉଛି ଯମୁନା ନଗର ଅନ୍ତର୍ଗତ ଘୋଡୋ ପିପଲି ଗ୍ରାମ। ଉକ୍ତ ଗାଁରେ ହରିୟାଣାର ୨୫୦ ପରିବାର ବାସ କରୁଥିବାବେଳେ ଉତ୍ତରପ୍ରଦେଶର ୩୫ ପରିବାର ରହୁଛନ୍ତି। ଏଠାରେ ହରିୟାଣା ଭୋଟରଙ୍କ ସଂଖ୍ୟା ୧୪ଶହ ଥିବାବେଳେ ଉତ୍ତରପ୍ରଦେଶର ଭୋଟର ଅଛନ୍ତି ୧୫୦। ଗାଁରେ ୮୦ ପ୍ରତିଶତ ଲୋକ ଗୁଜ୍ଜର ସମ୍ପ୍ରଦାୟର ହୋଇଥିବାବେଳେ ୧୮ ପ୍ରତିଶତ ମଲ୍ଲ ଏବଂ ୨ ପ୍ରତିଶତ ଅନ୍ୟ ସମ୍ପ୍ରଦାୟର ଲୋକ ବାସ କରନ୍ତି। ଗାଁ ଲୋକଙ୍କର ମୁଖ୍ୟ ଜୀବିକା ହେଉଛି ଚାଷ। ସେମାନଙ୍କର ବିଭିନ୍ନ ଅଭାବ ଅସୁବିଧା ଦୂର କରିଥାଆନ୍ତି ଏହି ଦୁଇ ରାଜ୍ୟ। ଏହି ଗାଁର ଲୋକେ ମିଳିମିଶି ସରପଞ୍ଚ ଚୟନ କରନ୍ତି। ଏଠାରେ ଦୁଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିକାଶ ମୂଳକ କାର୍ଯ୍ୟ କରାଯାଏ ବୋଲି ସରପଞ୍ଚ ସୁମିତ୍ ସିଂ ସୂଚନା ଦେଇଛନ୍ତି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | | | | | | | | | B | 1 | C | | 2 |
| 4 | | | 6 | B | | | | | 7 | | | | 0 | |
| | | | | | | E | A | 0 | | | 8 | | | D |
| | 5 | 2 | | 3 | | 9 | | 8 | C | | | | A | |
| | 7 | | | | | | | 4 | | 6 | 3 | | 5 | E |
| | 9 | 4 | 5 | | | | 8 | 2 | | | | | 1 | |
| 3 | C | | | | | | | | | | | | | |
| 7 | | 5 | | 8 | | | | | | | | 9 | | 0 |
| | 8 | | | | | A | 0 | | 9 | | 6 | | | |
| 2 | | | | | | 4 | 6 | | D | | 0 | | | A |
| 5 | | C | | A | | | 7 | | | 0 | | | | 4 |
| | 2 | | | | | | | | 1 | 3 | B | | | |
| | | B | | D | | | | 6 | A | | | | E | |
| | | 7 | 1 | | | | 2 | | | | 4 | D | | C |
| 6 | A | | E | 7 | | | | | | 5 | C | 1 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 5 | B | 7 | 1 | 2 | 6 | 3 | A | 0 | E | 8 | 9 | C |
| 3 | B | 1 | 5 | 0 | 9 | E | 7 | D | 8 | 4 | C | 6 | 2 | A |
| 2 | A | 8 | 4 | C | 6 | 0 | 1 | B | 7 | 3 | 9 | E | D | 5 |
| 0 | 6 | 7 | 2 | E | 8 | C | A | 9 | 5 | 1 | D | B | 3 | 4 |
| C | E | 9 | 3 | A | D | 8 | 4 | 5 | 2 | B | 6 | 1 | 0 | 7 |
| E | 3 | 4 | 9 | 6 | 7 | A | 0 | 2 | D | 8 | B | 5 | C | 1 |
| 9 | 2 | 6 | C | 4 | 0 | D | E | 8 | 1 | A | 5 | 7 | B | 3 |
| 1 | 5 | B | 8 | 2 | A | 7 | 9 | 4 | C | E | 3 | D | 6 | 0 |
| 8 | C | D | 1 | 5 | E | 3 | B | 6 | 4 | 7 | 0 | 2 | A | 9 |
| A | 7 | 0 | D | 3 | B | 1 | 5 | C | 6 | 9 | 2 | 4 | E | 8 |
| 7 | 0 | 2 | E | D | 4 | 9 | C | A | B | 5 | 1 | 3 | 8 | 6 |
| 4 | 1 | C | 7 | 8 | 2 | 6 | 3 | E | 9 | D | A | 0 | 5 | B |
| 6 | 8 | A | 0 | B | 3 | 5 | 2 | 7 | E | C | 4 | 9 | 1 | D |
| B | 9 | E | A | 1 | 5 | 4 | D | 0 | 3 | 6 | 8 | C | 7 | 2 |
| 5 | D | 3 | 6 | 9 | C | B | 8 | 1 | 0 | 2 | 7 | A | 4 | E |

ଗତକାଲିର ଉତ୍ତର

# ମଣିଷର ମାଙ୍କଡ଼ଡିଆଁ



ମନ–ମାନଚିତ୍ର

ଡ. ନରହରି ବେହେରା

ମାଙ୍କଡ଼ଡିଆଁ ଶବ୍ଦଟାକୁ ଆଜିକାଲିକା ଥୋକେ ପାଠୁଆ ପିଲା ବୁଝିପାରିବେନି, ଏ କଥା ଆମ୍ଭେ ହଲପ୍ ଦେଇ କହିପାରିବୁ। ତେଣୁ ଆମ୍ଭେ ବେଫିକର କହିରଖୁଛୁ, ମମିମାନେ ଯେମନ୍ତ କୋଡ଼ିଏକୁ ଟ୍ୱେଣ୍ଟି ବୋଲି ବୁଝାଇ ଆତ୍ମତୃପ୍ତିରେ ମୁରୁକୁନ୍ଦିଆ ହସ ହସିଥାନ୍ତି, ତେମନ୍ତ ମାଙ୍କଡ଼ଡିଆଁ ଶବ୍ଦଟାକୁ ଜମ୍ପ୍ ଅଫ୍ ମଙ୍କି ବୋଲି କହି ବୁଝାଇପାରିଲେ ଆମ୍ଭ ଆଇଡିଆଟାକୁ ସେମାନେ ଠିକ୍‌ଭାବେ ହଜମ କରିପାରିବେ। ଏଥର ଆମ୍ଭେ ଅସଲ କଥାଟାକୁ ଓକାଳିବାକୁ ଯାଉଛୁ। ସେଦିନ ମିଲୁ ଆମ୍ଭକୁ ମଗଜ ଗରମ କଲାପରିକା ପ୍ରଶ୍ନଟିଏ ପଚାରିଲା– ସତରେ କ'ଣ ଆମ ପୂର୍ବପୁରୁଷ ମାଙ୍କଡ଼ ଥିଲେ? ପ୍ରଶ୍ନଟାର କି ଉତ୍ତର ଦେବୁ ଭାବିହେଲୁ। ଆମ୍ଭେ ସିନା ବହିରେ ପଢ଼ିଥିଲୁ, କିନ୍ତୁ ମାଙ୍କଡ଼ରୁ ମଣିଷ ହେବାର ଠୋସ୍ ପ୍ରମାଣ ତ ଆମ୍ଭ ପାଖରେ ନାହିଁ। ଆମ ପୂର୍ବପୁରୁଷମାନେ ଯଦି ମାଙ୍କଡ଼ ଥିଲେ, କିଛି ଅନାଡ଼ି ମାଙ୍କଡ଼ କାହିଁକି ମଣିଷ ନ ହୋଇ ସେମିତି ରହିଗଲେ? ସେ ମାଙ୍କଡ଼ ରହିଲେ ବୋଲି ସିନା ଆଜି ଏ ପ୍ରଶ୍ନକୁ ହାବୁଡ଼ିବାକୁ ପଡ଼ୁଛି। ଏ ହାଲତରେ ଉତ୍ତର ଖୋଜୁ ଖୋଜୁ ମିଲୁ ପୁଣି ପଚାରିଲା– ଯଦି ମାଙ୍କଡ଼ ଆମର ପୂର୍ବପୁରୁଷ ଥିଲେ, ତେବେ ଆମେ ତାଙ୍କପରି ଡିଆଁ ମାରିପାରୁନୁ କାହିଁକି? ଆମ୍ଭକୁ ଉତ୍ତରଟା ମିଳିଗଲା। ଆମ୍ଭେ ହସିଦେଇ କହିଲୁ– କିଏ କହିଲା, ମଣିଷ ମାଙ୍କଡ଼ଡିଆଁ ମାରିପାରେ ନାହିଁ ବୋଲି? ସେ ଜଳଜଳ ହୋଇ ଆମ୍ଭକୁ ଚାହିଁଲା। ଆମ୍ଭେ ବୁଝିଗଲୁ, ମାଙ୍କଡ଼ ପରି ମଣିଷ ଡେଇଁବାର ସେ ଦେଖିନି, ତେଣୁ କଥାଟାକୁ ଗ୍ରହଣ କରିପାରୁନାହିଁ। ଆମ୍ଭେ ସରଳ ଭାଷାରେ ବୁଝାଇବା ପାଇଁ ଚେଷ୍ଟା କଲୁ– ଡିଆଁଡେଇଁର ମାନସିକତା ଏ ମଣିଷର ରକ୍ତମାଂସରେ ମିଶିଯାଇଛି। ମାଙ୍କଡ଼ ଫଳ ଲୋଭରେ ଏ ଗଛରୁ ସେ ଗଛକୁ ଡେଇଁଥାଏ। ମାତ୍ର ହଜାର ହଜାର ବର୍ଷ ପୂର୍ବରୁ ମାଙ୍କଡ଼ରୁ ମଣିଷ ହୋଇଥିବା ଏ ମଣିଷର ଲୋଭ ଏତେ ବଢ଼ିଯାଇଛି ଯେ, ଦିନରାତି ଚାରିଆଡ଼େ ଖାଲି ମାଙ୍କଡ଼ ପରି ଡିଆଁ ମାରିବାରେ ବ୍ୟସ୍ତ ରହୁଛି। ମଣିଷ ମାଙ୍କଡ଼ ଭଳି ସିନା ଡାଳରୁ ଡାଳକୁ ଡେଇଁପାରିବନି, ମାତ୍ର ସେ ଡେଇଁବାର ଯୋଉ କଳା ହାସଲ କରିଛି ମାଙ୍କଡ଼ଙ୍କ ସାତପୁରୁଷ ବି ତା'ର ଟେର୍ ପାଇପାରିବେନି। ଶାରୀରିକ ଅପେକ୍ଷା ମାନସିକସ୍ତରରେ ମଣିଷ ସବୁବେଳେ ଅନ୍ୟକୁ ପଛରେ ପକାଇ ଡିଆଁ ମାରିବା ପାଇଁ ଯୁଗ ଯୁଗରୁ ଚେଷ୍ଟା କରିଆସିଛି। ଏହାର ଅନେକ ଉଦାହରଣ ଆମ ସମାଜରେ ଦେଖିବାକୁ ମିଳେ।

ପୁଞ୍ଜିଲାଲ ମେହେର ଗୋଟିଏ ମହାବିଦ୍ୟାଳୟର ଅଧ୍ୟକ୍ଷ ହେବା ପାଇଁ ଚେଷ୍ଟା କରିଆସୁଥିଲେ, ମାତ୍ର ତାହା ପୂରଣ ହେଲାନାହିଁ। ଅଧ୍ୟକ୍ଷା ହେଲେ ଅନ୍ୟ ଜଣେ ଅଧ୍ୟାପିକା। ବାବୁ ମେହେରଙ୍କର ପିତ୍ତ ଉଠିଗଲା। ଧରିନେଲେ, ଚୌକି ଡେଇଁବାକୁ ହେଲେ ଏ ଅଧ୍ୟାପିକାଙ୍କୁ ହଟାଇବାକୁ ପଡ଼ିବ। ଅଧ୍ୟାପିକାଙ୍କ ପୁଅ ବାହାଘରକୁ ବୋମା ପାର୍ସଲ ପଠାଇ ତାଙ୍କ ବଂଶ ନିପାତ କରିବାକୁ ଚେଷ୍ଟା କଲେ। ଭଗବାନ ରକ୍ଷା କଲେ ବୋଲି ଅଧ୍ୟାପିକା ବଞ୍ଚିଗଲେ। ଚୌକିରୁ ଚୌକିକୁ ଡେଇଁବାର ପୁଞ୍ଜୀଭୂତ ଆଶା ମଉଳିଗଲା ପୁଞ୍ଜିଲାଲଙ୍କର। ଚୌକି ତ ମିଳିଲା ନାହିଁ, ଏବେ ମୁଠେ ମୁଠେ ହଳଦିଆ ଭାତ ମିଳୁଛି। ମଣିଷ ଉପରକୁ ଡିଆଁ ମାରିବାର ଲାଳସା କେତେ ମାରାତ୍ମକ, ତାହା ଏହି ଘଟଣା ସୂଚାଇଦିଏ।

ନିର୍ବାଚନ ପାଖେଇ ଆସିଲେ ନେତାମାନଙ୍କର ଏହି ମାଙ୍କଡ଼ଡିଆଁର ଅନେକ ଦୃଶ୍ୟ ଦେଖିବାକୁ ମିଳେ। ଚୌକି ଲୋଭରେ ସେମାନେ ଯେମିତି ଉଦଣ୍ଡିଆ ହୋଇ ଏ ଦଳରୁ ସେ ଦଳକୁ ଡିଆଁ ମାରନ୍ତି ତାହା ଦେଖିଲେ ମନେହୁଏ, ସତେଯେମିତି ଡିଆଁ ମାରିବାର କୌଶଳ ଏମାନେ ମାଙ୍କଡ଼ଙ୍କଠାରୁ ନେଇ ଆସିଛନ୍ତି। ଯୋଉ ତୁଣ୍ଡରେ ବିରୋଧୀ ଦଳକୁ ସଉତୁଣୀ ପରିକା ବର୍ଷ ବର୍ଷ ଧରି ଗାଳି ଦେଉଥାନ୍ତି, ରାତିକ ଭିତରେ ସେହି ଦଳକୁ କୁଦାମାରି ପ୍ରଶଂସାରେ ସେମାନଙ୍କୁ ପୋତିପକାନ୍ତି। ଆମପରି ଭକୁଆ ମଣିଷ ସେ ତୁଣ୍ଡ ଆଉ ମୁଣ୍ଡକୁ ଖାଲି ଦେଖୁଥାନ୍ତି। ଏହି ଡିଆଁ ମୂଳରେ ଅଛି କେବଳ କ୍ଷମତାର ଲୋଭ। ଏ କଥା ସତ ଯେ, ଉପରକୁ ଡେଇଁବାର ଲାଳସା ମଣିଷର ଅନ୍ତର୍ନିହିତ ଗୁଣ। ଏହି ଗୁଣ ମଣିଷକୁ ଆଗକୁ ନେବା ପାଇଁ ପ୍ରେରଣା ଦିଏ। କିନ୍ତୁ ଏ ଲାଳସା ଯେତେବେଳେ ଲୋଭ, କ୍ରୋଧ ଓ ପ୍ରତିହିଂସାରେ ପରିଣତ ହୁଏ, ସେତେବେଳେ ପରିସ୍ଥିତି ଭୟଙ୍କର ହୋଇପଡ଼େ। ଦୁଇ ବୁଢ଼ା ହନୁ ଲଢ଼େଇ କଲେ ସେଠାକାର ଗଛଲଟା ସବୁକିଛି ଯେମିତି ନଷ୍ଟ ହୋଇଯାଏ, ସେମିତି ଥରେ ଏ ଲଢ଼େଇ ଆରମ୍ଭ ହେଲେ ଧନଜୀବନ ସବୁ ବିପନ୍ନ ହୋଇଯାଏ। ଏବେ ଘସିପୁରାର ପୂର୍ବତନ ବିଧାୟକଙ୍କୁ ଯେପରି ନୃଶଂସ ଭାବେ ହତ୍ୟା କରାଯାଇଛି, ତାହା ଏହି ଡିଆଁଡେଇଁ ପ୍ରବୃତ୍ତିର ହିଂସ୍ରରୂପର କରୁଣ ପରିଣତିକୁ ସୂଚାଇ ଦେଉଛି।

କ୍ଷମତା, ଭୂମି, ନାରୀ ପ୍ରଭୃତି ଲାଭ ପାଇଁ ଅନ୍ୟକୁ ଅତିକ୍ରମ କରିବା ଲାଗି ଅନେକ ଘଟଣା ପୁରାଣ ଇତିହାସରେ ଭରି ରହିଛି। ଅନେକ ସମୟରେ ଡିଆଁ ମାରୁ ମାରୁ ଏହି ପୁରୁଷମାନେ ଶେଷରେ ମାଟି କାମୁଡ଼ି ପଡ଼ିଥିବାର ନଜିର ମଧ୍ୟ ଅଛି। ରାଜ୍ୟରୁ ପାଞ୍ଚଖଣ୍ଡ ଗାଁ ଦେଇଥିଲେ କଥା ସରିଥାନ୍ତା। ମାତ୍ର ଏକଛତ୍ରବାଦୀ ହେବା ନିଶାରେ ଦୁର୍ଯ୍ୟୋଧନ କେବଳ ଡେଇଁବାରେ ଲାଗିଲେ। ଏହାର ଶେଷ ପରିଣତି ହେଲା ସବଂଶ ନାଶ। ଜାର୍ ଦ୍ୱିତୀୟ ନିକୋଲାସ ଥିଲେ ବିଶାଳ ଭୂଖଣ୍ଡର ଶାସକ। ସେ ସବୁବେଳେ ଅଧିକ କ୍ଷମତା ଏବଂ ସାମ୍ରାଜ୍ୟର ବିସ୍ତାର ପାଇଁ ଅହରହ ଯୁଦ୍ଧ ଏବଂ କ୍ରୂରତାକୁ ଆୟୁଧ କରି ଡିଆଁ ମାରିଲେ। ତେଣୁ ବିଦ୍ରୋହର ନିଆଁ ଜଳିଲା। ବିଦ୍ରୋହୀମାନେ ତାଙ୍କୁ ହତ୍ୟାକରି ଦେହଟାକୁ ଖଣ୍ଡ ଖଣ୍ଡ କରିଦେଲେ। ସେହିପରି ନିଜର ପ୍ରଭୁତ୍ୱ ଜାହିର କରିବା ଉଦ୍ଦେଶ୍ୟରେ ଖାଲି ଡେଇଁବାକୁ ଲାଗିଥିଲେ ହିଟ୍‌ଲର। ନିଜ ଅହଂକାରକୁ ପ୍ରତିଷ୍ଠା କରିବା ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ସେ ମହାନାୟକ ସାଜିଥିଲେ। ଉଚ୍ଚକୁ ଡେଇଁବାକୁ ଚେଷ୍ଟା କରୁଥିବା ଏ ହିଟ୍‌ଲର ଶେଷରେ ପଟାସିୟମ୍ ସାୟାନାଇଡ୍ ଖାଇ ଆତ୍ମହତ୍ୟା କଲେ। ତାଙ୍କର ଏତେ ଡିଆଁଡେଇଁରୁ କେବଳ ରକ୍ତପାତ ଓ ହତାଶାବୋଧ ହିଁ ସାର ହେଲା।

ବିଶ୍ୱରେ ନିଜ ସାମ୍ରାଜ୍ୟର ପରିସର ବୃଦ୍ଧି କରିବା ପାଇଁ ଆଲେକ୍‌ଜାଣ୍ଡାର ରାଜ୍ୟରୁ ରାଜ୍ୟକୁ ଡେଇଁ ବୁଲିଲେ। ଏ କ୍ଷମତାର ଲୋଭ ତାଙ୍କୁ ଏମିତି ଅନ୍ଧ କରିଦେଲା ଯେ ଅହର୍ନିଶ ସେ ଯୁଦ୍ଧରେ ମାତି ରହିଲେ। ସେ ଯେତେବେଳେ ଜ୍ୱରାକ୍ରାନ୍ତ ହୋଇ ନିଜର ଅନ୍ତିମ ମୁହୂର୍ତ୍ତକୁ ଅନୁଭବ କରିପାରିଲେ, ସେତେବେଳେ ସମଗ୍ର ବିଶ୍ୱ ତାଙ୍କୁ ଅନ୍ତଃସାରଶୂନ୍ୟ ମନେହେଲା। ଅତ୍ୟନ୍ତ ହତାଶାବୋଧରେ ସେ ସମସ୍ତଙ୍କୁ କହିଲେ– 'ଆସିଥିଲି ଖାଲି ଗଲି ଖାଲି ହାତେ।' ଯେତେ ଡେଉଁଛ ଡେଉଁଥାଅ, ମୁକୁଟ ପିନ୍ଧିବା ପାଇଁ ନରହତ୍ୟା, ଗଣହତ୍ୟା ଯେତେ ବହପ ଦେଖାଉଥାଅ, ଶେଷରେ ଏହି ଖାଲିହାତରେ ଯିବାକୁ ପଡ଼ିବ– ଏହି ମହାସତ୍ୟକୁ ସେ ଉଖାରିଦେଲେ ସମସ୍ତଙ୍କ ଆଗରେ।

ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଅବସରରେ ରାଜ୍ୟରେ ଭୋଜିଭାତର ଆୟୋଜନ ହେଉଥାଏ। ପଙ୍‌କ୍ତି ଭୋଜନର ଗୋଟିଏ ପାର୍ଶ୍ୱରେ ବସିଥାନ୍ତି ମାଙ୍କଡ଼ ଦଳ। ଗୋଟିଏ ଛୁଆ ମାଙ୍କଡ଼ ହାତରୁ ଶିମ୍ବ ମଞ୍ଜିଟିଏ ଛିଟିକି ପଡ଼ିଲା। ସାଧାରଣ ଶିମ୍ବ ମଞ୍ଜିର ଏତେ ବହପ ଯେ ସେ ଡେଇଁପଡ଼ିବ! ଛୁଆ ମାଙ୍କଡ଼କୁ ଏ କଥା ବହୁତ ବାଧିଲା। ସେ କୁଦା ମାରିଲା। ପାଖରେ ବସିଥିବା ଟୋକା ମାଙ୍କଡ଼କୁ ଛୁଆ ମାଙ୍କଡ଼ର ବଡ଼ପଣିଆ ଭଲ ଲାଗିଲା ନାହିଁ। ସେ ଛୁଆ ମାଙ୍କଡ଼ଠୁ ଅଧିକ ଆଗକୁ ଡେଇଁଲା। ଏହାପରେ ଚାଲିଲା ଡିଆଁଡେଇଁ କସରତ। କେହି ନିଜ ଅହଂକାରକୁ ଛାଡ଼ିଲେ ନାହିଁ। ମାଙ୍କଡ଼ମାନେ ଡିଆଁଡେଇଁ କରିବାରୁ ସବୁ ଖାଦ୍ୟ ନଷ୍ଟ ହୋଇଗଲା। ସମସ୍ତେ ଉପାସ ରହିଲେ ସିନା ମାତ୍ର ଡିଆଁଡେଇଁ ବନ୍ଦ ହେଲାନାହିଁ। ଏବେ ଆଧୁନିକ ମଣିଷର ଏ ମାଙ୍କଡ଼ଡିଆଁକୁ ଲକ୍ଷ୍ୟ କଲେ ମନେହେଉଛି, ସତେଯେମିତି ତ୍ରେତୟା ଯୁଗର ସେହି ମାଙ୍କଡ଼ମାନଙ୍କ ଡିଆଁ ମାରିବାର ପ୍ରବୃତ୍ତିଟାକୁ ଏ ମଣିଷ ନିଜ ଜିନ୍‌ରେ ଧରି ଜନ୍ମ ନେଇଛି। ସେହି ମାଙ୍କଡ଼ମାନଙ୍କର ତୁଚ୍ଛା ଅହମିକାକୁ ପୁଞ୍ଜିକରି ଆଜିପର୍ଯ୍ୟନ୍ତ ମଣିଷ ଡେଉଁଛି, ଖାଲି ଡେଉଁଛି। ଏ ଡିଆଁର ଶେଷ ନାହିଁ କି ଦୁଃଖଯନ୍ତ୍ରଣାର ଅନ୍ତ ନାହିଁ। ମଣିଷଠାରେ ମାଙ୍କଡ଼ ପ୍ରବୃତ୍ତିର ଏହାଠାରୁ ବଡ଼ ପ୍ରମାଣ ଆଉ କ'ଣ ଅଛି? ହୋ ସୁଧୀଜନେ, ଅନ୍ୟକୁ ଧରାଶାୟୀ କରିବା ପାଇଁ ଆଉ କେତେଦିନ ତୁଚ୍ଛା ଅହମିକାକୁ ଧରି ଏମିତି ଡେଉଁଥିବେ? କାଳ ପରା ଆମକୁ ଚାହିଁଛି!

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍, ଭଦ୍ରକ, ମୋ–୭୯୭୮୯୦୩୫୦୯

# ମିଠାଫଳ ଓ ବିଷମଞ୍ଜି



ଉପେନ୍ଦ୍ର ବିଶ୍ୱାଳ

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ବହୁ ପ୍ରତୀକ୍ଷିତ ଉଣେଇଶର ଏ ପରୀକ୍ଷା। ନିର୍ଣ୍ଣାୟକ ଏ ନିର୍ବାଚନରେ ନିହିତ ଭାରତର ଭାଗ୍ୟ ଓ ଭବିଷ୍ୟତ। ପାକିସ୍ତାନ, ଚାଇନା ସମେତ ଦେଶବିରୋଧୀ ଶକ୍ତିଗୁଡ଼ିକ ଅତି ଉତ୍କଣ୍ଠାର ସହିତ ପ୍ରତୀକ୍ଷା କରିଛନ୍ତି ପରିଣାମକୁ। ସ୍ୱାଭାବିକ ଭାବେ ସେମାନେ କେବେ ଚାହିଁବେ ନାହିଁ ଭାରତରେ ଏକ ସ୍ଥିର, ସ୍ୱଚ୍ଛ ଓ ବଳିଷ୍ଠ ସରକାର ଶାସନ କରୁ। କାରଣ ଦୁର୍ବଳ, ଅସ୍ଥିର ଓ ଦୁର୍ନୀତିଖୋର ସରକାରଟିଏ ରହିଲେ ତାଙ୍କ ପାଇଁ ସୁବିଧା ହେବ। ଏଣୁ ସାମ୍ପ୍ରତିକ ସ୍ଥିତିରେ ଦେଶ ପାଇଁ ଲୋଡ଼ା ଏକ ଦୃଢ଼ମନା, ଦୂରଦୃଷ୍ଟିସମ୍ପନ୍ନ ଶାସକ। ଲୋଡ଼ା, ଅତ୍ୟନ୍ତ ପରିଶ୍ରମୀ ଓ ପରୀକ୍ଷିତ ବ୍ୟକ୍ତିତ୍ୱ, ଯାହାଙ୍କର ଥିବ ରାଷ୍ଟ୍ର ପ୍ରତି ଅଙ୍ଗୀକାରବଦ୍ଧତା, ପ୍ରଚଣ୍ଡ ଦେଶଭକ୍ତି ଓ କୌଣସି ସମାଲୋଚନାକୁ ଖାତିର ନ କରି କିଛି କରି ଦେଖାଇବାର ଦୃଢ଼ ମାନସିକତା। ଏଣୁ ଆମର ଗୋଟିଏ ଗୋଟିଏ ଭୋଟ, ସମାଜ ଓ ରାଷ୍ଟ୍ର ପାଇଁ ଅତୀବ ମୂଲ୍ୟବାନ। ଆମର ମୂଲ୍ୟବାନ ଭୋଟଖଣ୍ଡିକ ଉପରେ ନିର୍ଭର କରୁଛି ରାଷ୍ଟ୍ରର ସୁରକ୍ଷା ଓ ସମୃଦ୍ଧି, ଗୌରବ ଓ ଗରିମା। ଲେଶମାତ୍ର ଲୋଭ ଓ ଲାଭର ଶିକାର ନ ହୋଇ ବିବେକକୁ ଜାଗ୍ରତ କରାଇବାକୁ ହେବ। ଠିକ୍ ନିଷ୍ପତ୍ତି ନେବାକୁ ହେବ। ଭୋଟ ଦେବା ପୂର୍ବରୁ ସ୍ୱଚ୍ଛ ହୃଦୟରେ ନିଜ ଅନ୍ତରାତ୍ମାକୁ ପଚାରିବା ଉଚିତ, ମୁଁ ଦେଶକୁ ଧୋକା ଦେଉନି ତ? ମିଥ୍ୟା ଆଶ୍ୱାସନାରେ ଭଳି ଭୁଲ୍ ନିଷ୍ପତ୍ତି ନେବା ଆତ୍ମଘାତୀ ସଦୃଶ। ଆମର ଭୁଲ୍ ନିଷ୍ପତ୍ତି ମାନେ ଭାରତବିରୋଧୀ ଶକ୍ତିକୁ ସମର୍ଥନ। ଜାତି, ଧର୍ମ, ଦେଶର ସ୍ୱାର୍ଥ ପାଇଁ ଧାଇ ପାନ୍ନା ନିଜର ବାଳୁତ ପୁତ୍ରକୁ ସମର୍ପି ଦେବାକୁ ପଛାଇ ନ ଥିଲେ। ବିଧର୍ମୀ, ଦେଶବିରୋଧୀ ଶକ୍ତିକୁ ସହାୟତା କରିଥିବା ଯୋଗୁ ଦେବଗଡ଼ର ସେନାପତିଙ୍କୁ ନବବିବାହିତା ସ୍ତ୍ରୀଜଣକ ମଧ୍ୟ ହତ୍ୟା କରିଥିଲେ। ପ୍ରଥମେ ଦେଶର ସ୍ୱାର୍ଥ, ତା' ପରେ ବ୍ୟକ୍ତିସ୍ୱାର୍ଥ। ବ୍ୟକ୍ତିଗତ ଶତ୍ରୁତା ଥିଲେ ବି ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିରୁ ଶତ୍ରୁକୁ ମଧ୍ୟ ଭୋଟ ଦେବା ଉଚିତ। ମିତ୍ର ହେଲେ ବି ରାଷ୍ଟ୍ରର ସ୍ୱାର୍ଥବିରୋଧୀ ହୋଇଥିଲେ ତାଙ୍କୁ ବର୍ଜନ କରାଯିବା ଉଚିତ। ପ୍ରଚଣ୍ଡ ଅଧ୍ୟାତ୍ମବାଦୀ ଓ ଶିବଭକ୍ତ ଥିଲେ ମଧ୍ୟ ରାଷ୍ଟ୍ରଦ୍ରୋହୀ ଜୟଚନ୍ଦ୍ର କ'ଣ ସମର୍ଥନଯୋଗ୍ୟ?

ଏପରି ବ୍ୟକ୍ତିଙ୍କୁ ଚୟନ କରିବା, ଯିଏ କି ଲୋଭୀ ନ ଥିବ କି ଭୋଗୀ ନ ଥିବ। ସ୍ୱାଭିମାନକୁ ସାଥୀ କରି ସରଳ ଜୀବନ ଜିଉଁଥିବ। ଉଚ୍ଚ ବିଚାର ଓ ସେବା ମନୋଭାବ ରହିଥିବ। ନିର୍ଦ୍ଧନ ହେଲେ ମଧ୍ୟ ପବିତ୍ର ହୃଦୟ ଥିବା ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଆମେ ପ୍ରାଧାନ୍ୟ ଦେବା ଉଚିତ। କାରଣ ଏମାନେ ମଣିଷ ସମାଜର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ। ମନେପଡ଼େ ବିଶ୍ୱର ବିଶିଷ୍ଟ ବିଦ୍ୱାନ୍ ପ୍ଲାଟୋଙ୍କ ସୁଚିନ୍ତିତ ପରାମର୍ଶ– ''ଶାସକ ହେବାକୁ ଖୁବ୍ ଚାହୁଁଥିବା ଲୋକଙ୍କୁ ଶାସନର ଡୋରି ଦିଆ ନ ଯାଇ, ଆଦୌ ଚାହୁଁ ନ ଥିବା ଲେଖକ ଅବା ଦାର୍ଶନିକ ଅବା ଯୋଗୀମାନଙ୍କୁ ଦିଆଗଲେ ସମାଜର ମଙ୍ଗଳ ସାଧିତ ହେବ।'' ମିଠାଫଳ ଖାଇବାକୁ ହେଲେ ମିଠାଗଛର ଚାରା ହିଁ ରୋପଣ କରିବାକୁ ହୁଏ। ବିଷମଞ୍ଜି ବୁଣି ଅମୃତଫଳ ଆଶା କରିବା ନିରର୍ଥକ। ସୁସ୍ଥ ସମାଜଟିଏ ପାଇବାକୁ ହେଲେ ସଜ୍ଜନମାନଙ୍କୁ ଚୟନ କରିବା ଉଚିତ। ଦୁଷ୍ଟାତ୍ମାମାନେ କ୍ଷମତା ପାଇଲେ, ସମାଜ ବିଷାକ୍ତ ହୋଇଉଠିବ। ଭ୍ରଷ୍ଟ ବ୍ୟକ୍ତିଙ୍କ ମନୋଲୋଭା କଥାରେ ଭାସିଯାଇ ଆମେ ଭୁଲ୍ ନିଷ୍ପତ୍ତି ନେଉଥିବା ଯୋଗୁ ସମାଜରେ ଦୁର୍ଗତି ବଢ଼ି ବଢ଼ି ଚାଲିଛି। ଛବିରାଣୀଙ୍କଠାରୁ ଅଞ୍ଜନା, ଇତିଶ୍ରୀଠାରୁ ବେବିନାଙ୍କ ଭଳି ନାରୀରତ୍ନମାନେ ନାନାଦି ନିର୍ଯ୍ୟାତନାର ଶିକାର ହେଉଛନ୍ତି। କୁହାଯାଏ ପୃଥିବୀ ଏକ ଭୟଙ୍କର ସ୍ଥାନ, ଯେଉଁମାନେ ଖରାପ କାମ କରନ୍ତି ସେମାନଙ୍କ ପାଇଁ ଯେତିକି ନୁହେଁ, ସେମାନଙ୍କୁ ପ୍ରତିରୋଧ ନ କରି ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତିମାନଙ୍କ ପାଇଁ। ବେଶ୍ ଭଲ ସଂଖ୍ୟାରେ ଥିବା ଭଲ ଲୋକଙ୍କ ଉଦାସୀନତାର ସୁଯୋଗରେ ଅଳ୍ପ ସଂଖ୍ୟାରେ ଥିବା ଦୁଷ୍ଟ ଲୋକମାନେ ସମାଜକୁ ଉତ୍ପୀଡ଼ନ କରିଥାନ୍ତି। ଶିକ୍ଷିତ, ସଚେତନ ବ୍ୟକ୍ତିମାନେ ଭୋଟଦାନରୁ ବିରତ ରହି ପରୋକ୍ଷରେ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ଜିତାଇବାରେ ସହଯୋଗ କରିଥାଆନ୍ତି। ଆମଠି ଉପଲବ୍ଧ ଥିବା ଶ୍ରେଷ୍ଠ ବିକଳ୍ପକୁ ଚୟନ ନ କରି 'ନୋଟା'ର ଉପଯୋଗ କରିବା ଅଦୂରଦର୍ଶିତାର ପରିଚୟ ବୋଲି ମନେ ହୁଏ। ନିର୍ବାଚନ ମାନେ ହିଁ ତ ଶ୍ରେଷ୍ଠ ଚୟନ। ନିର୍ବାଚନ ମାନେ ନୁହେଁ ନୀରବତା ଅବା ନିଷ୍ପତ୍ତିର ନିର୍ବାସନ।

ଭୋଟର ଥରେ ହୁଡ଼ିଲେ ପୁଣି ୫ବର୍ଷକୁ ଅପେକ୍ଷା। ଏଣୁ ବୁଝି ବିଚାରି ସମୁଚିତ ନିଷ୍ପତ୍ତି ନେବା ନିହାତି ଆବଶ୍ୟକ। ସ୍ୱାର୍ଥାନ୍ଧ, ଦୁରାଚାରୀମାନଙ୍କୁ ଭୋଟ ମାଧ୍ୟମରେ କ୍ଷମତାସୀନ କଲେ ସମାଜକୁ ସେମାନେ କଣ୍ଟକିତ କରି ଚାଲିବେ। ଭଗବାନରୂପୀ ଭୋଟରମାନଙ୍କୁ ତ କ୍ଷମତା ଆଶାୟୀମାନେ ଗୁହାରି କରିବେ। କାକୁସ୍ଥ ହୋଇ ଭୋଟ ଭିକ୍ଷା କରିବେ। ମାତ୍ର ବୁଝି ବିଚାରି ଭୋଟ ନ ଦେଲେ ସମାଜ ସତ୍ୟାନାଶକୁ ସାମ୍ନା କରିବ।

ଏବେ ଆମ ସାମ୍ନାରେ ଦୁଇଟି ରାସ୍ତା। ଠିକ୍ ନିଷ୍ପତ୍ତି ନେଇ ଗୋଟିଏକୁ ବାଛିବା। ସମାଜକୁ ସଜାଡ଼ିବା ନା ବିଗାଡ଼ିବା? ସୁନ୍ଦର ସମାଜଟିଏ ଲୋଡ଼ା ନା ଅସୁନ୍ଦର, ଅନାଚାରଭରା ସମାଜ? ଦେଶର ସୁରକ୍ଷା, ସମୃଦ୍ଧି ନା ବିପତ୍ତି? ସ୍ଥିର ବଳିଷ୍ଠ ସରକାର ନା ଦୁର୍ବଳ ଅସ୍ଥାୟୀ ସରକାର? ସଚ୍ଚୋଟ, ଦେଶପ୍ରେମୀ ବ୍ୟକ୍ତିମାନଙ୍କୁ ସମର୍ଥନ କରିବା ନା ଦୁର୍ଗତିର କାରଣ ସାଜିଥିବା ଦେଶ ବିରୋଧୀ ଶକ୍ତିମାନଙ୍କୁ? ମିଠାଫଳ ପାଇଁ ବିଷମଞ୍ଜି ବୁଣିବା ଉଚିତ କି? ସତ୍ୟ, ଧର୍ମ ଓ ନ୍ୟାୟର ଜୟ ହେଉ। ମଙ୍ଗଳମୟ, ମଞ୍ଜୁଳ ହେଉ ଆମ ଭବିଷ୍ୟତ ଭାରତ।

ମୋ– ୯୪୩୭୪୩୬୦୭୩,
upendrabiswal05@gmail.com

# ଖୁବ୍ ଭଲ ହୋଇଛି

ଗନ୍ଧର୍ବସେନ ରଣା

ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। ଏହାକୁ ନେଇ ରହିଛି ଏକ ରୋଚକ କାହାଣୀ। ଅରବିନ୍ଦନଗରର ରାଜା ଶୁକଦେବ ଖୁବ୍ ସଚ୍ଚୋଟ, ଦୟାଳୁ ଓ ପରୋପକାରୀ। ତାଙ୍କର ମନ୍ତ୍ରୀ ସୁମତି ଖୁବ୍ ବୁଦ୍ଧିମାନ ଓ ଚରିତ୍ରବାନ। ହେଲେ ତାଙ୍କର ଗୋଟାଏ ଅଭ୍ୟାସ ହେଉଛି– ଯାହା ବି ଘଟୁ 'ଭଲ ହୋଇଛି' ବୋଲି କୁହନ୍ତି।

ଥରେ ରାଜା ଶିକାରକୁ ଯିବାବେଳେ ଘୋଡ଼ାରୁ ଖସି ଗୋଡ଼ ଖଣ୍ଡିଆ ହୋଇଗଲା। ମନ୍ତ୍ରୀ ଦେଖି ଭଲ ହୋଇଛି ବୋଲି କହିଲେ। ରାଜା ଏହାଦ୍ୱାରା ନିଜକୁ ଅପମାନିତ ମନେକଲେ ଏବଂ ମନ୍ତ୍ରୀଙ୍କୁ ବନ୍ଦୀଶାଳାରେ ରଖି ଜଙ୍ଗଲକୁ ଶିକାର କରିବାକୁ ଚାଲିଗଲେ। ମନ୍ତ୍ରୀ ସେଇଠି ବି କହିଲେ ଭଲ ହୋଇଛି।

ଜଙ୍ଗଲରେ ରାଜା ଦସ୍ୟୁମାନଙ୍କ ହାବୁଡ଼ରେ ପଡିଗଲେ। ସେମାନେ ରାଜାଙ୍କୁ ବଳି ଦେବାକୁ ସ୍ଥିର କରି ଜଙ୍ଗଲର ଠାକୁରାଣୀଙ୍କ ପାଖକୁ ନେଇଗଲେ। ରାଜାଙ୍କୁ ପୂଜାର୍ଚ୍ଚନା କରି ଦୁଇଟି ପଥର ମଝିରେ ମୁଣ୍ଡକୁ ରଖିଲେ। ଜଣେ ଖଣ୍ଡା ଉଠାଇ ହାଣିବା ପାଇଁ ଗଲାବେଳେ ଦେଖିଲା ରାଜାଙ୍କ ପାଦ ଖଣ୍ଡିଆ ହୋଇଛି। ଠାକୁରାଣୀ ଘାଉଡ଼ ହୋଇଥିବା ଲୋକର ବଳି ଖାଆନ୍ତି ନାହିଁ ଭାବି ଛାଡିଦେଲେ। ରାଜା କିଛିଦିନ ପରେ ଜଙ୍ଗଲରୁ ବୁଲି ବୁଲି ଆସି ପହଞ୍ଚିଲେ ଅରବିନ୍ଦନଗରରେ। ସେଠି ଜାଣିବାକୁ ପାଇଲେ ତାଙ୍କ ସହ ଯାଇଥିବା ସିପାହିମାନେ ଦସ୍ୟୁମାନଙ୍କ ଦ୍ୱାରା ନିହତ ହୋଇଛନ୍ତି। ଏହାପରେ ସେ ମନ୍ତ୍ରୀଙ୍କୁ ବନ୍ଦୀଶାଳାରୁ ବାହାର କରିଆଣି କ୍ଷମା ମାଗିଲେ। ଆଉ କହିଲେ– ଗଲାବେଳେ ମୁଁ ଘୋଡ଼ାରୁ ପଡିବାରୁ ଗୋଡ଼ ଖଣ୍ଡିଆ ହୋଇଯାଇଥିଲା। ସେଇଥିପାଇଁ ମୁଁ ଆଜି ବଞ୍ଚିକରି ଆସିଲି। ଆଉ ଆଜି ହିଁ ଜାଣୁଛି ପ୍ରକୃତରେ ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ। ଆଜିଠାରୁ ମୁଁ ମଧ୍ୟ କହିବି, ହଁ! ଯାହା ହୋଇଛି ଭଲ ହୋଇଛି। ମନ୍ତ୍ରୀ କହିଲେ, ଆପଣ ମୋତେ ବି ଯଦି ବନ୍ଦୀ କରି ନ ଥାନ୍ତେ ଓ ମୁଁ ଆପଣଙ୍କ ସହ ଯାଇଥାନ୍ତି, ତେବେ ଆପଣଙ୍କ ବଦଳରେ ସେମାନେ ମୋତେ ବଳି ପକାଇ ଦେଇଥାନ୍ତେ।

ଏମ.ଏ.୫୩, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର

## ଚିରନ୍ତନୀ

''ଜଳି ଉଠୁ ଦୀପ୍ତି ତାର ଢାଳି ଦେଇ
ଦୂରେ ବହୁ ଦୂରେ
''ପ୍ରତି ପ୍ରତିବିମ୍ବ ତାର ଫୁଟୁ ବିଶ୍ୱ–
ମାନସ –ମୁକୁରେ। (ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆମ ସମସ୍ୟା

### ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ଯୋଗାଇ ଦିଆଯାଉ

ମହାଶୟ,

ସ୍କୁଲ ଓ ଗଣଶିକ୍ଷା ବିଭାଗ ଗୁଣାତ୍ମକ ଶିକ୍ଷା ନିମନ୍ତେ ଅନେକ ଯୋଜନା କରୁଛି। ସେଥିଲାଗି ପ୍ରଭୂତ ପରୀକ୍ଷା ନିରୀକ୍ଷା ଚାଲିଛି। ଅଜସ୍ର ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ସଂସ୍କୃତ, ହିନ୍ଦୀ ଶିକ୍ଷକ ନିଯୁକ୍ତି ଦେଉନାହାନ୍ତି। ଛାତ୍ରୀଛାତ୍ର ଅଷ୍ଟମରୁ ଉତ୍ତୀର୍ଣ୍ଣ ହେବା ପରେ ନବମ ଶ୍ରେଣୀରେ ଗୋଟିଏ ବିଷୟ ବାଧ୍ୟତାମୂଳକ ହେଉଥିବାରୁ ଏହି ବିଷୟ ସେମାନଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ଶିକ୍ଷକ ମଧ୍ୟ ଏହି ବିଷୟ ପଢ଼ାଇବା ସମ୍ଭବ ନୁହେଁ। ତେଣୁ ସରକାର ବିଚାର କରନ୍ତୁ।

ସୁଧାଂଶୁ କୁମାର ଗୌଡ଼, ଭଞ୍ଜନଗର

### ଏମିତି ଆମ ସ୍ୱଚ୍ଛ ଭାରତ

ଧରିତ୍ରୀ (୧୨।୩)ର ୧୪ ପୃଷ୍ଠାରେ ପଢ଼ିଲି ଗଣ୍ଡପାଣି ପିଉଛନ୍ତି 'ରେପୁର ପାଟଣାବାସୀ'। ଏହି ଗ୍ରାମଟି ପୋତାନଈ ପଞ୍ଚାୟତ ଅଧୀନରେ ଆସୁଛି। ମୋ ଜାଣିବାରେ ପୋତାନଈ ଗ୍ରାମଟି ଓଡ଼ିଶା ତଥା ଦେଶକୁ ଦେଇଛି ଅନେକ ସ୍ୱନାମଧନ୍ୟ ଡାକ୍ତର ଓ ଅନେକ ବୁଦ୍ଧିଜୀବୀ। କିନ୍ତୁ ସେମାନେ ବୋଧହୁଏ ଆଉ ଗ୍ରାମକୁ ଆସୁନାହାନ୍ତି, ଯେଉଁଥିପାଇଁ ଏ ସମସ୍ୟାର ସମାଧାନ ହୋଇପାରୁନାହିଁ। କେବଳ ସରକାରଙ୍କ ଉପରେ ନିର୍ଭର କଲେ ହେବନାହିଁ। ଏହାର ସମାଧାନ ନିଜେ କରନ୍ତୁ ଏବଂ ସରକାର ତଥା ସ୍ଥାନୀୟ ନେତାମାନଙ୍କୁ ଦେଖେଇଦିଅନ୍ତୁ କିମ୍ବା ଆନ୍ଦୋଳନ କରି ଏ ଅଞ୍ଚଳରେ ନେତାଙ୍କୁ ପ୍ରବେଶ କରିବାକୁ ଦିଅନ୍ତୁ ନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

୭– ମାଳଦ୍ୱୀପ ସାଧାରଣ ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦଙ୍କ ଦଳକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମିଳିଛି।

୮– ଓଡ଼ିଶା ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଛୁଟିରେ ଥିବାରୁ ସେ ଫେରିବା ପର୍ଯ୍ୟନ୍ତ ବରିଷ୍ଠ ଆଇପିଏସ୍ ଅଫିସର ବିଜୟ କୁମାର ଶର୍ମା ରାଜ୍ୟର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

୯– ମହିଳାମାନେ ଯେକୌଣସି ସ୍ଥାନରୁ ନିର୍ଯ୍ୟାତନା ମାମଲା ଦାଏର କରିପାରିବେ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।

୧୦– କେରଳର ୱାୟନାଡ୍ ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉତ୍ତରପ୍ରଦେଶର ଅମେଠିରୁ ପ୍ରାର୍ଥୀପତ୍ର ଦାଖଲ କଲେ।

୧୨– ଇଲେକ୍ଟୋରାଲ ବଣ୍ଡରେ ସଂଗୃହୀତ ଚାନ୍ଦାର ବିବରଣୀ ଦେବାକୁ ସୁପ୍ରିମ୍‌କୋର୍ଟ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ବିକାଶ ବିରୋଧୀ ବିଜେଡି ସରକାର
କୋଟି କୋଟି ଟଙ୍କାର ଯୋଜନା ଆଣିଲା ମୋଦି ସରକାର କିନ୍ତୁ ବାଧକ ସାଜିଲା ରାଜ୍ୟ ସରକାର
ବିଜେପି
ଫିର୍ ଏକ୍ ବାର୍ ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର
ଆଦିବାସୀଙ୍କ କଲ୍ୟାଣ ପାଇଁ ଆସିଥିବା ମୋଦିଙ୍କ ଯୋଜନା ଜିଲ୍ଲା ଖଣିଜ ପାଣ୍ଠିର ୬,୪୩୮ କୋଟି ଟଙ୍କାରୁ ମାତ୍ର ୧୫% ଖର୍ଚ୍ଚ କରି ଆଦିବାସୀଙ୍କୁ ଧୋକା ଦେଉଛି ଅପାରଗ ବିଜେଡି ସରକାର।
ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
Issued by BJP, 4R-3/2, Kharavel Nagar, Unit-3, Bhubaneswar

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

## ସଂକ୍ଷେପରେ

### ପାଇପରୁ ବାହାରୁଛି ଗୋଳିଆ ପାଣି

**ସୋର, ୧୪।୪(ଡି.ଏନ.ଏ.):** ସୋର ପୌରାଞ୍ଚଳ ଅନ୍ତର୍ଗତ ୨ ନମ୍ବର ୱାର୍ଡ କମରପୁରକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ପାନୀୟଜଳ ପାଇପରୁ ଗୋଳିଆ ପାଣି ବାହାରୁଥିବା ଦେଖିବାକୁ ମିଳୁଛି। ଶନିବାର ସକାଳୁଠାରୁ ଗୋଳିଆ ଓ ନାଳି ପାଣି ଆସିବାରୁ ଲୋକେ ଅଫିସ୍‌ରେ ଅଭିଯୋଗ କରିଥିଲେ। ହେଲେ ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଗଲା ନାହିଁ। ଫଳରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କମରପୁର, ଉତ୍ତରେଶ୍ୱର ଅଞ୍ଚଳର ରାଜରାଣୀ ଜେନା, ଗୋପାଳଚନ୍ଦ୍ର ଧଡ଼ା, ପୁରୁଷୋତ୍ତମ ପୁହାଣ, କାର୍ତ୍ତି ବେହେରା ଓ ଅରୁଣ ଧଡ଼ା ପ୍ରମୁଖ ଅଭିଯୋଗ କରିଛନ୍ତି।

### ତୁଡିଗଡ଼ିଆ ବିକାଶ ପରିଷଦ ପକ୍ଷରୁ ଜଳଛତ୍ର




**ଖଇରା, ୧୪।୪(ଡି.ଏନ.ଏ.)-**ଖଇରା ବ୍ଲକ ଶହୀଦ ପୀଠ ଭାବେ ପରିଚିତ ରକ୍ତତୀର୍ଥ ତୁଡିଗଡିଆରେ ପବିତ୍ର ବିଷୁବ ସଂକ୍ରାନ୍ତିଠାରୁ ତୁଡିଗଡିଆ ବିକାଶ ପରିଷଦ ପକ୍ଷରୁ ବସ୍‌ଷ୍ଟାଣ୍ଡରେ ଜଳଛତ୍ର ଖୋଲାଯାଇଛି। ବ୍ୟବସାୟୀ ଗୟାଧର ଗାହାଣ ଏହାର ଉଦ୍‌ଘାଟନ କରିଥିଲେ। ପରିଷଦ ସଭ୍ୟ ଅଜୟ ନାୟକ, କୈଳାସ ବେହେରା, ଭାସ୍କର ପାଣିଗ୍ରାହୀ, ଗୟାଧର ମାଝି ଓ ସନ୍ତୋଷ ଷଡ଼େଇ ପ୍ରମୁଖ ଉପସ୍ଥିତ ରହି ଯାତ୍ରୀଙ୍କୁ ସରବତ ପିଇବାକୁ ଦେଇଥିଲେ। କିଛିବର୍ଷ ଧରି ଏହି ସଙ୍ଗଠନ ପକ୍ଷରୁ ଏହି ଉଦ୍ୟମ ଚାଲୁ ରହିଛି।

### ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

**ରୂପ୍‌ସା, ୧୪।୪(ଡି.ଏନ.ଏ.):** ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ଅନ୍ତର୍ଗତ ବାଲିପାଳ ଗ୍ରାମର ଜଣେ ମହିଳାଙ୍କର ଶନିବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଭାସ୍କର ଜେନାଙ୍କ ସ୍ତ୍ରୀ ସୁମିତ୍ରା (୨୨)। ସେ ଘରେ ଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୧/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ୨ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୧୪।୪(ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ରବିବାର ସ୍ଥାନୀୟ ଥାନାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ସମୁଦାୟ ୧୩ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା (ନଂ. ୮/୧୯ ଓ ୯/୧୯) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଗାଙ୍ଗାପୁରା ଗାଁର ନିଲୁ ସିଂ (୫୫) ଓ ପୋଡ଼ାଶୂଳ ଗାଁର ପରମାନନ୍ଦ ଦେହୁରୀ (୪୫)। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶରେ ଉପନୀରିକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ।

# ‘ଚାଷୀଙ୍କୁ ସୁରକ୍ଷା ଦିଅ, ନଚେତ୍ ଭୋଟ ବର୍ଜନ’

**ସଜନାଗଡ଼, ୧୪।୪ (ଡି.ଏନ୍.ଏ.)**

ଚାଷୀଙ୍କୁ ସୁରକ୍ଷା ଯୋଗାଇ ନ ଦେଲେ ଭୋଟ ବର୍ଜନ କରାଯିବ ବୋଲି ନୀଳଗିରି ବ୍ଲକ ବରହମ୍ପୁର ମିନି ଷ୍ଟାଡ଼ିୟମ ପଡ଼ିଆରେ ଆୟୋଜିତ ସମାବେଶରେ ଅଖିଳ ଭାରତ ନବ ନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଚେତାବନୀ ଦେଇଛନ୍ତି। ପ୍ରାଇସ୍, ପ୍ରେଷ୍ଟିଜ୍ ଏବଂ ପେନସନ୍ ସାଙ୍ଗକୁ ଚାଷୀଙ୍କ ଠାରୁ ତୁରନ୍ତ ଧାନ କିଣିବା ଲାଗି ସମାବେଶରେ ଦାବି କରାଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ୯ବର୍ଷ ହେଲା ପ୍ରାଇସ୍, ପ୍ରେଷ୍ଟିଜ୍ ଏବଂ ପେନସନ୍ ପାଇଁ ଦାବି ନେଇ ଆନ୍ଦୋଳନ ଚାଲି ଆସୁଛି। ମାତ୍ର ସରକାରୀ ବ୍ୟବସ୍ଥାର ଉଦାସୀନତା ଯୋଗୁ ଏପରି ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ କରୁଛି। ସମ୍ପୂର୍ଣ୍ଣ ଅହିଂସା ଓ ଗଣତାନ୍ତ୍ରିକ ପଦ୍ଧତିରେ ନବ ନିର୍ମାଣ କୃଷକ ସଙ୍ଗଠନ ଭୋଟ ବର୍ଜନ କରିବ ଏବଂ ନିର୍ବାଚନରେ ଅସହଯୋଗ କରିବ ବୋଲି ମଧ ରାଷ୍ଟ୍ରୀୟ ସଂଯୋଜକ କହିଛନ୍ତି। ଯଦି ଚାଷୀଙ୍କ ସମସ୍ୟାର ସମାଧାନ ନାହିଁ ତେବେ ଭୋଟ ବାକ୍ସ କାହା ପାଇଁ ବୋଲି ମଧ ସେମାନେ ଚେତାବନୀ ଦେଇଛନ୍ତି। ସମାବେଶରେ ରାଜ୍ୟ ନେତୃତ୍ୱ ଶେଷଦେବ ନନ୍ଦ, ଚିତ୍ତରଞ୍ଜନ ଷଡଙ୍ଗୀ, ଉମାକାନ୍ତ ରାଉତ, କୁଳମଣି, ଅଶୋକ ଶାନ୍ତି, ବିକାଶ ରତ୍ନ, ମନୱାର ଅଲ୍ଲୀ, ଲକ୍ଷ୍ମୀଧର ପ୍ରଧାନ, ଜିଲା ସଂଯୋଜକ ଚନ୍ଦନ କୁମାର, ଉପଦେଷ୍ଟା ଉଗ୍ରସେନ ଦାସ, ସୁଦର୍ଶନ ବିଶ୍ୱାଳ, ସଚିନ୍ଦ୍ର ସେଠୀ ପ୍ରମୁଖ ଉଦ୍‌ବୋଧନ ଦେଇ ଚାଷୀମାନଙ୍କ ସ୍ୱାର୍ଥ ପାଇଁ ସଂଗ୍ରାମ ଅବ୍ୟାହତ ରଖିବେ ବୋଲି କହିଛନ୍ତି। ସମାବେଶରେ ୭ଶହରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ସଚେତନତା କାର୍ଯ୍ୟକ୍ରମ

**ବାହାନଗା, ୧୪।୪(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ସରସ୍ୱତୀ ଶିଶୁ ମନ୍ଦିର ତରଫରୁ ଶନିବାର ରାମନବମୀ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁ ମନ୍ଦିର ୪ଜଣ ଛାତ୍ରୀଙ୍କୁ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସଜାଇ ଏକ ରଥରେ ବସାଇ ଗୋପାଳପୁର ବଜାର ଜୁଣିଆ ବଜାର, ମଇଁଷାପଟା ଗ୍ରାମ, ଜଳଖଟୁଆ ଗ୍ରାମ ପରିକ୍ରମା କରାଯିବା ସହ ଏକ ମୋଟର ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଆରଏସ୍‌ଏସ ଓ ଭାଜପା କର୍ମୀମାନେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ଜୁଣିଆଁସ୍ଥିତ ରାମ ମନ୍ଦିର ପରିସରରୁ ବାହାରିଥିଲା। ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଗୁରୁଜୀ ସୁଦର୍ଶନ ମହାଳିକ ସମେତ ଅନ୍ୟ ଗୁରୁମା , ଗୁରୁଜୀ ସମେତ ଆରଏସ୍‌ଏସର କର୍ମକର୍ତ୍ତାମାନେ ଏହାକୁ ପରିଚାଳନା କରିଥିଲେ।

# ହିନ୍ଦୁ ନବବର୍ଷରେ ଧୋତି ବଣ୍ଟନ

**ବାଲେଶ୍ୱର ଅଫିସ, ୧୪।୪**

ବୈଶାଖ ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ କଳିଙ୍ଗ ସେନା ପକ୍ଷରୁ ବାଲେଶ୍ୱର ଗାନ୍ଧୀ ସ୍ମୃତିଭବନ ସମ୍ମୁଖରେ ରବିବାର ଓଡ଼ିଆ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ଖବରଦାତା ଦେବବ୍ରତ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଅଂଶୁଘାତକୁ ଲକ୍ଷ୍ୟ କରି ପ୍ରତ୍ୟେକ ବର୍ଷ ଛତା, ଚଷମା, ଗାମୁଛା, ଟୋପି ଓ ଧୋତି ପ୍ରଦାନ କରାଯିବା ସହିତ ଦହି ସରବତ ବଣ୍ଟନ ହୋଇଥାଏ। ମାତ୍ର ଚଳିତବର୍ଷ ଏକ ନିଆରା ଢ଼ଙ୍ଗରେ ପାଳନ କରାଯାଇ ସମସ୍ତଙ୍କୁ ପ୍ରଥମେ ସୂତା ଧୋତି ପିନ୍ଧା ଯାଇ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସମସ୍ତ



କଳିଙ୍ଗ ସେନା ପକ୍ଷରୁ ଧୋତି ବଣ୍ଟନ କରାଯାଉଛି।

ସାମଗ୍ରୀ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ମୁଖ୍ୟ ସନ୍ତୋଷ ନାୟକ ଏହି କାର୍ଯ୍ୟକ୍ରମ କରିଆସୁଛନ୍ତି। କାର୍ଯ୍ୟକ୍ରମରେ କଳିଙ୍ଗ ସେନାର ଜିଲା ସଭାପତି ବିଦ୍ୟାଧର ମାଝି, ସାଧାରଣ ସମ୍ପାଦକ ହେମନ୍ତ ନାୟକ, ଉପସଭାପତି ସତ୍ୟବ୍ରତ ସାହୁ, କୃତିବାଶ ଗନ୍ତାୟତ, ସୁରେନ୍ଦ୍ର ବେହେରା, ରାଜେଶ କୁମାର ଦାସ, ସୁରେଶ କୁମାର ରାଉତ, ରଘୁ ଦାସ, ଚିପିଲି ଦାସ, ଦିଲୁ ପ୍ରମାଣିକ, ବାପି ପାତ୍ର, ମଦନ ମୋହନ ଯେନା, ନାରୀନେତ୍ରୀ କଳ୍ପନା ଦାସ ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ କାର୍ଯ୍ୟ ଶେଷ କରିଥିଲେ।

## ଆମ୍ବେଡକରଙ୍କ ଜୟନ୍ତୀ

**ବାଲେଶ୍ୱର ଅଫିସ, ୧୪।୪**

ଦଳିତ, ଗରିବଙ୍କ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ନ୍ୟାୟ ପ୍ରଦାନ ପାଇଁ ସଂଘର୍ଷର ମହାନାୟକ ତଥା ଭାରତରତ୍ନ ଉପାଧିପ୍ରାପ୍ତ ଡ. ଭୀମରାଓ ଅମ୍ବେଡକରଙ୍କ ଜୟନ୍ତୀ ସ୍ଥାନୀୟ ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ ଅଫିସ୍ ପରିସରରେ ପାଳିତ ହୋଇଯାଇଛି। ବରିଷ୍ଠ ଶାଖା ପରିଚାଳକ ସଞ୍ଜୀବ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅମ୍ବେଡକର କିପରି ଦଳିତଙ୍କ ତ୍ରାଣକର୍ତ୍ତା ଥିଲେ ତାହା ବୁଝାଇଥିଲେ। ସାମାଜିକ ସୁଧାର ବ୍ୟବସ୍ଥା ପାଇଁ ସେ ଅହରହ ଉଦ୍ୟମ କରୁଥିଲେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ରମାକାନ୍ତ ମଲ୍ଲିକ ଏଥିରେ ଯୋଗଦେଇ ଭୀମରାଓ ଅମ୍ବେଡକର କିପରି ବହୁମୁଖୀ ପ୍ରତିଭାର ଅଧିକାରୀ ତାହା ବର୍ଣ୍ଣନା କରିଥିଲେ। ଅଫିସର ରବୀନ୍ଦ୍ର ମହାଳିକ, କର୍ମଚାରୀ ସୁଶାନ୍ତ ବାରିକ, କୁଞ୍ଜ ବିହାରୀ ଘଡ଼େଇ, ସନାତନ ବେହେରା, ଶ୍ରୀମନ୍ତ ନାରାୟଣ ଘୋଷଙ୍କ ସହ ସମସ୍ତ ଏଜେଣ୍ଟ ଓ ଗ୍ରାହକ ଉପସ୍ଥିତ ଥିଲେ।



ହନୁମାନ ଜୟନ୍ତୀ ଅବସରରେ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ଯଜ୍ଞ।

# ହନୁମାନ ଜୟନ୍ତୀ

**ଖଇରା, ୧୪।୪(ଡି.ଏନ.ଏ.)**

ଖଇରା ବ୍ଲକର ଗଣ୍ଡିବେଡ଼ସ୍ଥିତ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରରେ ହନୁମାନ ଜୟନ୍ତୀ ୩ଦିନ ଧରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସରୋଜକାନ୍ତ ପତି, ଶିବନାରାୟଣ ତ୍ରିପାଠୀ, ବିଭୂରଞ୍ଜନ ପତି, କୈଳାସ ଚନ୍ଦ୍ର ପଣ୍ଡା, ବିରକିଶୋର ପାଣିଙ୍କ ଦ୍ୱାରା ପାର୍ଶ୍ୱଦେବତା ହନୁମାନଙ୍କ ପୂଜାର୍ଚ୍ଚନା ତଥା ଯଜ୍ଞାଦି କର୍ମ କରାଯାଇଥିଲା। ଯଜ୍ଞ କମିଟି କର୍ମକର୍ତ୍ତା ଲମ୍ବୋଦର ବେହେରା, ଦିବାକର ରାଉଳ, ଶଙ୍କର୍ଷଣ ଲେଙ୍କା, ରମାକାନ୍ତ ରାଉଳ, ଶ୍ରୀକାନ୍ତ ଲେଙ୍କା, ସୁଦାମ ମହାରଣା, ରାଧାକାନ୍ତ ରାଉଳ, ଉପେନ୍ଦ୍ର ବୁଗୁଡ଼ାଇଙ୍କ ସମେତ ସମସ୍ତ ଗଣ୍ଡିବେଡ଼ ଗ୍ରାମବାସୀ ସହଯୋଗ କରିଥିଲେ।

# ସରିଲା ଉଡ଼ା ପର୍ବ

**ରୂପ୍‌ସା, ୧୪।୪(ଡି.ଏନ.ଏ.)**

ରୂପ୍‌ସା ଥାନା ଅନ୍ତର୍ଗତ ବିଭିନ୍ନ ଶୈବପୀଠରେ ରବିବାର ମହାବିଷୁବ ସଂକ୍ରାନ୍ତି ଅବସରରେ ଉଡ଼ା ପର୍ବ ପାଳିତ ହୋଇଯାଇଛି। ରାଉତପଡ଼ା ବାବା ବାଳକେଶ୍ୱରନାଥ ମହାଦେବ, ବୁଧଖଣ୍ଡି ରାମେଶ୍ୱର ଶୈବପୀଠ, ରୂପ୍‌ସା ରୂପେଶ୍ୱର ମହାଦେବ, ଆଙ୍କେକା ପଦ୍ମକିଶୋର ମହାଦେବ ମନ୍ଦିରରେ ଭକ୍ତାମାନେ ଉଡ଼ା ପର୍ବ ସାରି ବ୍ରତ ସମାପନ କରିଥିଲେ। ପଶ୍ଚିମ ସିମୁଳିଆ ସିଦ୍ଧେଶ୍ୱର ମହାଦେବଙ୍କଠାରେ ଶନିବାର ଉଡ଼ା ପର୍ବ ସମ୍ପନ୍ନ ହୋଇଥିଲା। ୭ଦିନ ବ୍ୟାପୀ ଭକ୍ତାମାନେ ବ୍ରତ ରଖିଥିଲେ। ନୀଳ ପର୍ବ ଦିନ ଭକ୍ତାମାନେ କଣ୍ଟାରେ ଗଡ଼ିବା ସହ ନିଆଁରେ ଚାଲିଥିଲେ। ଜହତା କାଶୀନାଥେଶ୍ୱର ମହାଦେବ ମନ୍ଦିରରେ ସୋମବାର ଉଡ଼ା ପର୍ବ ପାଳିତ ହେବ। ଆଖପାଖ ଅଞ୍ଚଳରୁ ପଣା ସଂକ୍ରାନ୍ତି ଅବସରରେ ସମସ୍ତ ଶୈବପୀଠରେ ପ୍ରବଳ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରୂପ୍‌ସା ଥାନା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଥିଲା।

## ମହୁମୁହାଣରେ ବାସନ୍ତୀ ଦୁର୍ଗା ପୂଜୋତ୍ସବ

**ସୋର, ୧୪।୪(ଡି.ଏନ.ଏ.)**

ସୋର ବ୍ଲକ ମହୁମୁହାଣ ଗ୍ରାମର ମନମୋହନ ସ୍ମୃତି ପରିଷଦ ଏବଂ ପାଠାଗାର ଆନୁକୂଲ୍ୟରେ ବାସନ୍ତୀ ଦୁର୍ଗା ପୂଜୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଶନିବାର ଅଷ୍ଟମୀ ସନ୍ଧିପୂଜା ଶେଷ ହେବା ପରେ ମଧ୍ୟାହ୍ନରେ ନବମୀ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିଛନ୍ତି। ଏହି ଉତ୍ସବକୁ ମୁଖ୍ୟ ପୁରୋହିତ ରାହାସ ବିହାରୀ ପଣ୍ଡା ଶେଷ କରିଥିଲେ। ଏହାକୁ ଡ. କ୍ଷେତ୍ରମୋହନ ମହାପାତ୍ର, ଦେବେନ୍ଦ୍ର କୁମାର ପ୍ରଧାନ ଓ ଗୋଲକ ମୋହନ ମହାପାତ୍ର ପ୍ରମୁଖ ପରିଚାଳନା କରିଛନ୍ତି।

# ପିକଅପ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଭୋଗରାଇ, ୧୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ବାଟଗ୍ରାମ ପୋଲ ନିକଟରେ ଏକ ବାଇକ୍ ଓ ପିକଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୋଗରାଇ ଥାନା ଅଧୀନ ରସଲପୁର ପଞ୍ଚାୟତ ଚୌଧୁରୀ ଭଉଁରୀ ଗ୍ରାମର ମୁକ୍ତେଶ୍ୱର ବେହେରା (୨୫)। ଗାଡ଼ି ଦୁଇଟି ଭାଙ୍ଗିରୁଜି ଯାଇଥିବା ବେଳେ ପିକଅପ୍ ଡ୍ରାଇଭର ଦୁର୍ଘଟଣା ପରେ ଚମ୍ପଟ ମାରିଛନ୍ତି। ସୂଚନାନୁଯାୟୀ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ବାଟଗ୍ରାମ ପୋଲ ନିକଟରେ ବାଇକ୍ ଆରୋହୀ ସହିତ ପିକଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ସ୍ଥାନୀୟ ଲୋକେ ମୁମୂର୍ଷୁ ଅବସ୍ଥାରେ ବାଇକ୍ ଚାଳକଙ୍କୁ ୧୦୮ ଯୋଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ଯୁବକଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଭୋଗରାଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୧୯) ରୁଜୁ କରି ଶବକୁ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

# ବସ୍ତାରେ ବାଇକ୍ ଶୋଭାଯାତ୍ରା

**ବସ୍ତା, ୧୪।୪(ସ୍ୱ.ପ୍ର.):** ବସ୍ତା ଓ ଏହାର ଆଖପାଖ ଅଞ୍ଚଳରେ ଶ୍ରୀରାମ ନବମୀ ଉପଲକ୍ଷେ ବସ୍ତା ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ରବିବାର ବସ୍ତା ଈଶ୍ୱରବର୍ତ୍ତୀ ମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇ ୨ଶହରୁ ଉର୍ଦ୍ଧ୍ୱ ବାଇକ ବାଉଁଶମୁଖା ହନୁମାନ ମନ୍ଦିରଠାରେ ପହଞ୍ଚିଥିଲା। ସେଠାରୁ ବିଦ୍ୟାଧର ଗ୍ରାମଦେଇ କୁଶଡିହା ଦେଇ ରାସଗୋବିନ୍ଦପୁର ବ୍ଲକର ବେତନାସିଆ ଦେଇ କମାରଡିହାସ୍ଥିତ ହନୁମାନ ମନ୍ଦିର ଠାରେ ପହଞ୍ଚିଥିଲା । ସେଠାରେ ହନୁମାନ ମନ୍ଦିର କମିଟି ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । କିଛି ସମୟ ବ୍ୟବଧାନ ପରେ ଏହି ଶୋଭାଯାତ୍ରା ସେଠାରୁ ବାହାରି କୁଣ୍ଡପୁର ହନୁମାନ ମନ୍ଦିର ଦେଇ ମଥାନି, ବାହାର୍ଦ୍ଦା, ଗାନ୍ଧିଛକ, ମଧୁଭଣ୍ଡା ଦେଇ ପୁଣି ଆସି ସେହି ଈଶ୍ୱରବର୍ତ୍ତୀ ମନ୍ଦିରଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବାକୁ ପୋଲିସ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

# ତାଳସାରୀ-ଉଦୟପୁରରେ ଶ୍ରଦ୍ଧାଳୁଙ୍କ ତିଳତର୍ପଣ

**ଭୋଗରାଇ,୧୪।୪(ଡି.ଏନ.ଏ.)**

ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ତାଳସାରୀ-ଉଦୟପୁରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ସମୁଦ୍ରରେ ସ୍ନାନ କରି ପିଣ୍ଡଦାନ ଓ ତିଳତର୍ପଣ ପ୍ରଦାନ କରିଥିଲେ। ଚନ୍ଦନେଶ୍ୱର ଜୀଉଙ୍କଠାରେ ଉପବୀତଧାରୀ ଭକ୍ତମାନେ ସମୁଦ୍ରରେ ସ୍ନାନ କରିବା ବେଳେ ନିଜ ଗଳାରେ ଧାରଣ କରିଥିବା ଉପବୀତକୁ ନିଷେଧ କରିଥିଲେ। ବହୁ ଶ୍ରଦ୍ଧାଳୁ ସମୁଦ୍ର ସ୍ନାନ କରି ଚନ୍ଦନେଶ୍ୱର ମହାଦେବଙ୍କଠାରେ ଓଡ଼ିଆ ନବବର୍ଷ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ବୋଲି ଜୀଉଙ୍କଠାରେ ପୂଜାର୍ଚ୍ଚନା କରି ଘର ବାହୁଡିଥିଲେ। ଚଡ଼କମେଳାର ଶନିବାର ଅନ୍ତିମ ଦିବସରେ ବହୁଯାତ୍ରୀ ରବିବାର ପ୍ରତ୍ୟୁଷରୁ ଉଦୟପୁର-ତାଳସାରୀ ସମୁଦ୍ରରେ ବୁଡ଼ ଦେଇଥିଲେ। ଏଥିନିମନ୍ତେ ଦୁଇଟି ସ୍ଥାନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।



ତାଳସାରୀ ବେଳାଭୂମିରେ ଶ୍ରଦ୍ଧାଳୁଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଉଛି।

ଯାତ୍ରୀମାନେ ମୁଢ଼ି-ଆଳୁଦମ୍‌ର ମଜା ପଣାଭୋଗ ଓ ନିତ୍ୟ ସେବାରେ ନେଇଥିଲେ। ଚନ୍ଦନେଶ୍ୱର ଜୀଉଙ୍କଠାରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

# ଦେବୀପୀଠରେ ପୂଜା ଉତ୍ସବ ଓ ଅଷ୍ଟମପ୍ରହର ନାମଯଜ୍ଞ

**ଔପଦା, ୧୪।୪(ଡି.ଏନ.ଏ.)**


ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ତଳକିଆ ପଞ୍ଚାୟତର ତଳକିଆ ଗ୍ରାମଦେବୀ ପୀଠରେ ଶନିବାର ଓ ରବିବାର ଦୁଇଦିନ ଧରି ବାର୍ଷିକ ପୂଜା ଉତ୍ସବ ସହ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଶନିବାର ମଧ୍ୟାହ୍ନରେ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଦେବୀପୀଠ ନିକଟରେ ପହଞ୍ଚିଥିଲା। ସେଠାରେ ପାରମ୍ପରିକ ପୂଜା ଉତ୍ସବ ଯଥାବିଧି ସମ୍ପୂର୍ଣ୍ଣ ହେବା ସହ ଦେବୀପୀଠ ନିକଟସ୍ଥ ପଡ଼ିଆରେ ଅଷ୍ଟମପ୍ରହର ନାମଯଜ୍ଞ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା। ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବାବେଳେ ସନ୍ଧ୍ୟା ଆଳତି ସମୟରେ ଗ୍ରାମର ବ୍ରତୀ ମହିଳାମାନେ ପୀଠ ପରିକ୍ରମା କରିଥିଲେ। ଗ୍ରାମ ପୂଜା କମିଟି ତରଫରୁ ଶଙ୍କର୍ଷଣ ମହାକୁଡ଼, ସୁଦାମ ଚରଣ ସେଠୀ, ଜଗବନ୍ଧୁ ଗାହାଣ, ମକରଧର ସେଠୀ, ରାଜେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପୁଥାଳ, ଅକ୍ଷାଂଶୁ ଦଳେଇ, ଭାଗୀରଥି ଗାହାଣ ଓ ସନାତନ ସେଣ୍ଠ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଧନ୍ୟବାଦ ଜଣାଇଛନ୍ତି।

ତୃତୀୟ ଜନ୍ମଦିନ ଶୁଭେଚ୍ଛା

ସାଇ ସୌଭିକ (ଢୁଗୁ)
ତୋର ୩ୟ ଜନ୍ମଦିନରେ ସାଇବାବାଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ ପ୍ରଭୁ ତୋତେ ସୁସ୍ଥ ଓ ଦୀର୍ଘାୟୁ ରଖନ୍ତୁ। ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଚଲାପଥ କୁସୁମିତ ହେଉ ଏତିକି କାମନା ଜଣାଉଛୁ।
ଶୁଭେଚ୍ଛା ସହ
ବାପା- ବିଶିକେଶନ, ମାମା- ସୁଶ୍ରୀ ସଙ୍ଗିତା, ଜେଜେମା, ଅଜା, ଆଈ, ମାମୁ, ମଉସା, ମାଉସୀ, ଏବଂ ପରିବାରବର୍ଗ।
ଧ-୧୨୧୫୨

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା

ଶୁଭଲକ୍ଷ୍ମୀ ଦାସ(ମୁନ୍)
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଗଣେଶ ଠାକୁରେ ତୋତେ ଭଲ ମଣିଷଟିଏ କରନ୍ତୁ।
ଶୁଭେଚ୍ଛା ସହ
ଜେଜେ ବାପା, ଜେଜେ ମା, ଆଈ, ବଡ଼ ବାପା, ବଡ଼ ବୋଉ, ବାପା, ମାମା, ମାମୁ, ମାଇଁ, ଦାଦା, ଦିଦି, ମଉସା, ମାଉସୀ, ପିଇସା, ପିଉସୀ।
ଧ-୧୨୧୫୧

ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା

(ଗୁଡୁ)
ବିନୟ କ୍ରିଷ୍ଣ ତ୍ରିପାଠୀ
ଭୁବନେଶ୍ୱର
ଶୁଭ ଜନ୍ମଦିନରେ ପ୍ରଭୁ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ତୁମ ଚଲାପଥ ପୁଷ୍ପିତ ହେଉ।
ଶୁଭାଶୀର୍ବାଦ ସହ
ଜେଜେବାପା-ଜେଜେମାମାନେ, ନନା, ବୋଉ, ପିଇସା, ପିଇସିମାନେ, କାକାମାନେ, ଅଜା, ଆଈ, ମାମୁମାନେ, ମାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ-୬୨୮୭୯

# ପ୍ରହସନ ପାଲଟିଛି ଜଳଯୋଗାଣ

କପ୍ତିପଦା, ୧୪।୪(ଡି.ଏନ.ଏ)

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର କପ୍ତିପଦା ବ୍ଲକରେ ୬୦ପ୍ରତିଶତରୁ ଅଧିକ ସଂଖ୍ୟକ ଲୋକ ଆଦିବାସୀ ସମ୍ପ୍ରଦାୟର। ଭୌଗୋଳିକ ଦୃଷ୍ଟି କୋଣରୁ ଏହାର ୫୦ପ୍ରତିଶତରୁ ଊର୍ଦ୍ଧ୍ୱ ସ୍ଥାନ ବଣପାହାଡ଼ ଘେରା ମଧ୍ୟରେ ଅବସ୍ଥିତ। ତେଣୁ ପ୍ରତିବର୍ଷ ଖରାଦିନେ ଏହି ଅଞ୍ଚଳରେ ବ୍ୟାପକ ଜଳ ସଙ୍କଟ ଦେଖା ଦେଇଥାଏ । ତେଣୁ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ଯେଉଁ ସ୍ଥାନମାନଙ୍କରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି ନିମ୍ନମାନର କାର୍ଯ୍ୟ ପାଇଁ ତାହା ଉଦ୍ଦେଶ୍ୟଠାରୁ ବହୁ ଦୂରରେ ବୋଲି ସ୍ଥାନୀୟ ଲୋକଙ୍କ ଠାରୁ ପ୍ରକାଶ । ଅଧିକାଂଶ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗିରୁଜି ଯାଇଥିବାବେଳେ କେଉଁଠି ପାଇପ ଫାଟି ପାଣି ବୋହୁଥିବାରୁ ଲୋକମାନେ ଏହି ପାଣିକୁ ପିଇବା ଉପଯୋଗୀ ଭାବେ ବ୍ୟବହାର କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ଏହି ସବୁ ପ୍ରକଳ୍ପ ମାନଙ୍କରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଉଚିତ ତଦାରଖ ଓ ଠିକ୍ ଅଟକଳ ହୋଇ ନ ଥିବାରୁ ଅଧିକାଂଶ ସ୍ଥାନକୁ ପାଣି ପହଞ୍ଚି ପାରୁ ନ ଥିବାର ଜଣାଯାଇଛି ।

କପ୍ତିପଦା ବ୍ଲକ ଅଧୀନ ଜେଏସ



ପୋଡ଼ାଡିହା ଗ୍ରାମରେ ଥିବା ଜଳ ଯୋଗାଣ ପ୍ରକଳ୍ପ ଭାଙ୍ଗି ଯାଇଛି।

- ଲୋକଙ୍କୁ ମିଳୁନି ବିଶୁଦ୍ଧ ପାଣି
- ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗି ଚୂର୍‌ମାର
- ଅଭିଯୋଗ ସତ୍ତ୍ୱେ ହେଉନି ମରାମତି

ଜାମୁଡିହା ପଞ୍ଚାୟତର ପୋଡ଼ାଡ଼ିହା ଗ୍ରାମରେ ପ୍ରତିଷ୍ଠା ହୋଇଛି ଏହି ପ୍ରକଳ୍ପ। ସଂପୃକ୍ତ ଗ୍ରାମରେ ପାନୀୟ ଜଳ ସଂକଟ ଦେଖା ଦେବା ସହିତ ଜନସାଧାରଣଙ୍କୁ ବିଶୁଦ୍ଧ ପାଣି ଟୋପାଏ ପିଇବାକୁ ମିଳୁନି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ହୋଇଥିବା ଏହି ପ୍ରକଳ୍ପରୁ ଗୋଳିଆ ପାଣି ବାହାରୁଥିବା ବେଳେ କେଉଁଠି ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁ ନ ଥିବାର ସେମାନେ ଜଣାଇଛନ୍ତି। ଗ୍ରାମବାସୀଙ୍କ ଦାବିକୁ ଆଖି ଆଗରେ ରଖି ବିଭାଗ ପକ୍ଷରୁ ଗତ ୨୦୦୭-୦୮ ମସିହାରେ ୨୫ଲକ୍ଷ ପାଖାପାଖି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏହି ପ୍ରକଳ୍ପ ଜରିଆରେ ପାନୀୟ ଜଳ ସଙ୍କଟ ଭୋଗୁଥିବା ପୋଡ଼ାଡ଼ିହା, ଜାମଡ଼ିହା, କୁଞ୍ଜବନ, ବେଲଗଡ଼ିଆ, ନୁହାମାଳିଆ, କାଳିଆଶୋଳ, ସାପହଣା, କୁଲଡ଼ିହି, ବାଲିନାଳ, ବଡ଼ଜୁଣପାଳ ଓ ଚାପଲସାହିର ଅନ୍ୟୁନ ୫ହଜାର ପାଖାପାଖି ଲୋକଙ୍କର ପାନୀୟ ଜଳ ସଙ୍କଟ ଦୂର କରିବାର ଯେଉଁ ଉଦ୍ଦେଶ୍ୟ ରହିଥିଲା ତାଙ୍କ ଆଶା ଅଶାରେ ହିଁ ରହିଯାଇଥିବାର ଜଣାଯାଇଛି । ଏହି ପ୍ରକଳ୍ପ ଜରିଆରେ କେବଳ ପୋଡ଼ାଡ଼ିହା ଓ ଜାମଡ଼ିହା ଗ୍ରାମର ଲୋକେ ପାନୀୟ ଜଳର ସୁବିଧା ପାଉଥିଲେ। ଅନ୍ୟ କୌଣସି ଗ୍ରାମକୁ ପାଣି ଯାଉ ନ ଥିବାର ପୂର୍ବତନ ସରପଞ୍ଚ ମୋହନ ଦାସ, ପୂର୍ବତନ ସମିତି ସଭ୍ୟ ପ୍ରସନ୍ନ ବିଶ୍ୱାଳ, ଶୁକ୍ରା ମୁଣ୍ଡା, ପ୍ରଶାନ୍ତ ଦଳବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ବାଲିନାଳ ଗ୍ରାମ ଦେଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ ହେଇଥିବାରୁ ରାସ୍ତା କଡ଼ଦେଇ ଯାଇଥିବା ପାଇପ୍ ଗୁଡ଼ିକ ଏହି କାମ ସମୟରେ ନଷ୍ଟ ହୋଇଯାଇଛି । ଯାହାକି ଠିକ୍ ଭାବରେ ସଜଡ଼ା ଯାଇ ନ ଥିବାରୁ ଗ୍ରାମବାସୀ ସୁଦ୍ଧା ପାନୀୟ ଜଳ ପାଉ ନ ଥିବାର ଠେବଲ ସିଂ ଓ ବିଶେଶ୍ୱର ନାଏକ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଶଶଧର ଜେନାଙ୍କୁ ପଚାରିବାରୁ ମରାମତି ଦାୟିତ୍ୱ ପଞ୍ଚାୟତ ହାତରେ, ତଥାପି ଯେଉଁଠି ସମସ୍ୟା ରହିଛି ତାହାକୁ ସୁଧାରିବା ପାଇଁ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉଛି। ଏତଦ୍‌ବ୍ୟତୀତ ପ୍ରତି ପଞ୍ଚାୟତରେ ଏସ୍‌ଇଏମ୍ କର୍ମଚାରୀଙ୍କୁ ଏହାର ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଥିବା ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ସଂକ୍ଷେପରେ

### ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର

**ଉଦଳା, ୧୪।୪ (ଡି.ଏନ.ଏ.):** ଉଦଳା ଥାନା ଅଧୀନ ଦିବ୍ୟସିଂହପୁର ଶାଳମୁଣ୍ଡଳି ରାସ୍ତାର କେନାଲ ନିକଟ ଏକ ନିମ୍ବଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ରବିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ଲୋକେ ଦେଖି ଉଦଳା ପୋଲିସ୍‌କୁ ଖବର ଦେଇଥିଲେ। ଉଦଳା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଥିଲା । ମୃତ ବ୍ୟକ୍ତି ଜଣକ ହେଲେ ଶାଳମୁଣ୍ଡଳି ଗ୍ରାମର ନିରଞ୍ଜନ ପଣ୍ଡା(୫୧)। ସେ ଏକ ଘରୋଇ ବସ୍‌ରେ କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଥିବା ବେଳେ ଦୀର୍ଘ ଦିନ ହେବ ଉଦଳାରେ ସପରିବାର ରହୁଥିଲେ । ଶନିବାରରେ କାମରୁ ଫେରିବା ପରେ ଘରେ ପହଞ୍ଚିଥିଲେ । ଘରୋଇ କଳିକୁ କେନ୍ଦ୍ର କରି ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ପୋଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।

### ଆମ୍ବେଡକର ଜୟନ୍ତୀ

**ବଡ଼ସାହି, ୧୪।୪(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଅଧୀନ ଅସ୍ତଝରଣ ଗ୍ରାମ ମା’ ଚିନ୍ତାମଣି ଆଦିବାସୀ ଯୁବକ ସଂଘ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା ଡ. ବି.ଆର ଅମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଆମ୍ବେଡ଼କରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଦଶରଥ ସିଂ, ମୁଖ୍ୟବକ୍ତା ଭାବେ ସମାଜସେବୀ ବାଜି ସିଂ, ଶିକ୍ଷୟିତ୍ରୀ ମୁଗୁନୀ ମଣି ସିଂ ଓ ରୋହିଦାସ ସିଂ ପ୍ରମୁଖ ଉପସ୍ଥିତ ରହି ସମାଜରେ ଛୁଆଁ ଅଛୁଆଁ, ଭେଦଭାବ ଓ ଉଚ୍ଚ ନୀଚର ପ୍ରଭାବ ସତ୍ତ୍ୱେ ଦେଶରେ ସମ୍ବିଧାନ ରଚନା କରି ନିଜର ତ୍ୟାଗ ଓ ସଂଘର୍ଷ ଜୀବନ କିପରି ବିତାଇଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ରବୀନ୍ଦ୍ର ସିଂ, ଶୁକୁରା ସିଂଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଛନ୍ତି ।

### ତାରିଣୀଙ୍କ ପୀଠରେ ବାର୍ଷିକ ଉତ୍ସବ

**କୁଆମରା, ୧୪।୪(ଡି.ଏନ.ଏ.):** ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ସାଇଁକୁଳା ପଞ୍ଚାୟତର ସିରାଥଳୀ ଗ୍ରାମର ମା’ତାରିଣୀଙ୍କ ପୀଠରେ ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରି ଦିନ ଧରି ପୂଜା ପାଠ ସହ ଯଜ୍ଞ ଓ ଚଣ୍ଡୀପାଠ କାର୍ଯ୍ୟ ହୋଇଛି। ଶତାଧିକ ମହିଳା ଓ ପୁରୁଷଙ୍କ ଦ୍ୱାରା କଳସ ଶୋଭାଯାତ୍ରା ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲା। କମିଟିର ସଭାପତି ବିପତ୍ତି ଭଞ୍ଜନ ମହାପାତ୍ର ଓ ସମ୍ପାଦକ ନିରଞ୍ଜନ ବେହେରା କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ଶୁଖିଲେ କି କରଇ ନାଆ,**
**ଥନ ଶୁଖିଲେ କି କରଇ ମା’।**

ନଈ ଶୁଖିଗଲେ ଡଙ୍ଗା ବା ନାହା ଯାଇପାରି ନ ଥାଏ। ନଈରେ ପାଣି ଆସିବା ଯାଏ ଗୋଟିଏ ଜାଗାରେ ପଡ଼ିରହିଥାଏ। ସେହିପରି ଥନରୁ କ୍ଷୀର ଶୁଖିଗଲେ ମାଆ ତା’ର ସନ୍ତାନକୁ କ୍ଷୀର ଦେଇପାରି ନ ଥାଏ। ପରୋକ୍ଷରେ ପ୍ରତିକୂଳ ପରିସ୍ଥିତି ଆଗରେ ମଣିଷ ହାର ମାନିଥାଏ। କଳକୌଶଳ ଖଞ୍ଜିବାର ସବୁବାଟ ବନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାହିଁ କୁ ଉପାୟ ନାହିଁ,**
**ମଲାକୁ ଔଷଧ ନାହିଁ।**

ଯିଏ ସବୁବେଳେ ସବୁ କଥାରେ ନାହିଁ ନାହିଁ କରେ ସେଭଳି ବ୍ୟକ୍ତିକୁ ମନେଇ ତା’ଦ୍ୱାରା କାର୍ଯ୍ୟ କରାଇବା କାଠିକର ପାଠ ହୋଇଯାଇଥାଏ। କାରଣ ବିନା ଇଚ୍ଛାଶକ୍ତିରେ କୌଣସି କାର୍ଯ୍ୟ ସଫଳ ହୋଇପାରି ନ ଥାଏ। ଏପରି ବ୍ୟକ୍ତିଙ୍କ ଉପରେ କରାଯାଉଥିବା ସକଳ ପ୍ରଚେଷ୍ଟା ବ୍ୟର୍ଥ ପ୍ରମାଣିତ ହୋଇଥାଏ। ସେହିପରି ଯେତେ ଚେଷ୍ଟା କଲେ ମଧ୍ୟ ମଲା ଲୋକକୁ ବଞ୍ଚାଇ ପାରିବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଲକ୍ଷ୍ମୀପୋଷିରେ ପଶିଲା ଦନ୍ତା



**ବାରିପଦା ଅଫିସ,୧୪।୪:** ବାରିପଦା ସହର ଉପକଣ୍ଠ ଲକ୍ଷ୍ମୀପୋଷି ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଏକ ଦନ୍ତା ହାତୀ ପଶିଛି। ବନ ବିଭାଗ ଖବର ପାଇ ହାତୀର ଗତିବିଧିକୁ ଲକ୍ଷ ରଖିଛି ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲିକ କହିଛନ୍ତି। ସେହିପରି ଏହି ହାତୀ ଅସୁସ୍ଥ ଥିବା ଜଣାପଡିବାରୁ ଏକ ମେଡିକାଲ ଟିମ ଏହା ଉପରେ ନଜର ରଖିଥିବା ମଧ୍ୟ ସେ କହିଛନ୍ତି। ହାତୀ ଜନବସତି ଅଞ୍ଚଳରେ ପଶିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। କେତେକ ସ୍ଥାନୀୟ ଲୋକଙ୍କ କହିବା ମୁତାବକ କିଛି ଦିନ ହେବ ୩ଟି ହାତୀ ଏହି ଅଞ୍ଚଳରେ ଚଳପ୍ରଚଳ କରୁଛନ୍ତି। ଏଣୁ ଲକ୍ଷ୍ମୀପୋଷି ଓ ତକତପୁର ଅଞ୍ଚଳରେ ଲୋକେ ଭୟଭୀତ ହୋଇ ରହିଛନ୍ତି। ଲୋକେ ଭୟଭୀତ ନ ହେବାକୁ ବନଖଣ୍ଡ ଅଧିକାରୀ ସ୍ୱୟମ ପ୍ରକାଶ କରିଛନ୍ତି। ତେବେ ଏହି ହାତୀ ଶିମିଳିପାଳ ଅଭୟାରଣ୍ୟର କିମ୍ବା ଝାଡ଼ଖଣ୍ଡ ଅଞ୍ଚଳର ତାହା ଜଣାପଡି ନାହିଁ।

### ଧୁମଧାମ୍‌ରେ ସରିଲା ଚୈତ୍ର ପର୍ବ -୨୦୧୯

# ମନ ମୋହିଲା ଛଉ ନୃତ୍ୟ

ବାରିପଦା ଅଫିସ,୧୪।୪

ମୟୂରଭଞ୍ଜ ଜିଲାର ଗଣ ପର୍ବ ଚୈତ୍ର ପର୍ବ-୨୦୧୯ ବାରିପଦା ଛଉ ପଡିଆ ସ୍ଥିତ ମଞ୍ଚରେ ଶୁକ୍ରବାର ଉଦ୍‌ଘାଟିତ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଉଭୟ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତା ନୃତ୍ୟ ପରିବେଷଣ କରିଥିଲେ। ବିଶେଷ କରି ଶୁଶୁ କଳାକାର ବୈଭବ ରଣାଙ୍କ ନୃତ୍ୟ ଦର୍ଶକଙ୍କୁ ଆକର୍ଷଣ କରିଥିଲା। ଏହି ପର୍ବକୁ ଚଳିତ ବର୍ଷ ନିର୍ବାଚନ ଆଚରଣ ବିଧୀ ପାଇଁ ଜିଲା ପ୍ରଶାସନ ସହଯୋଗ କରି ନ ଥିଲା। ପ୍ରତି ବର୍ଷ ଏପ୍ରିଲ ମାସର ୧୧, ୧୨ ଓ ୧୩ ତାରିଖରେ ଏହି ପର୍ବ ପାଳନ ହୋଇଥାଏ। ତେବେ ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଓ ଦକ୍ଷିଣ ସାହି ଛଉ ମନ୍ଦିର ପକ୍ଷରୁ ନିଜସ୍ୱ ଉଦ୍ୟମରେ ଏହି ପର୍ବ ପାଳନ କରାଯାଇଛି। । ତିନି ଦିନ ପରିବର୍ତ୍ତେ କେବଳ କେବଳ ଦୁଇ ଦିନ ପାଳନ କରାଯାଇଥିଲା। ପ୍ରକାଶ ଥାଉକି ଏହି ପର୍ବ ନିର୍ବାଚନ ଆଚରଣ ବିଧୀ ଉଲଘଂନ କରୁଥିବା ଦର୍ଶାଇ ପାଳନ ନ କରିବା ପାଇଁ ଡେପୁଟି ଚିଫ ଇଲେକ୍ଟୋରାଲ ଅଫିସର ନିତି ରଞ୍ଜନ ସେନ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଜଣାଇଥିଲେ। ଏଣୁ ଜିଲା ପ୍ରଶାସନ ଏହି ପର୍ବ ପାଳନ ପାଇଁ ସହଯୋଗ କରି ନ ଥିଲେ।



ଜଣେ ଶିଶୁ ଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି।

### ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**ବାରିପଦା ଅଫିସ,୧୪।୪:** ବାରିପଦା ସ୍ଥିତ ଜିଲା ଯକ୍ଷ୍ମା ଅଧିକାରୀଙ୍କ ସଭା ଗୃହରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଶାଖାର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ପ୍ରଥମ ବାର୍ଷିକ ସମ୍ମିଳନୀ କେନ୍ଦ୍ର ସଂଘର ସାଧାରଣ ସମ୍ପାଦକ ପ୍ରଭାକର ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଜନକଲ୍ୟାଣକାରୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ପ୍ରଦୀପ କୁମାର ମହାପାତ୍ର ଉପସ୍ଥିତ ରହି ହିନ୍ଦ ମଜଦୁର ପତାକା ଉତ୍ତୋଳନ କରିଥିଲେ। ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ଜନକଲ୍ୟାଣ ସ୍ୱାସ୍ଥ୍ୟ ଅଧିକାରୀ ଡ.ଚାରୁବାଳା ରଥ, ଜିଲା ମାଲେରିଆ ଅଧିକାରୀ ଡ.ଶରତଚନ୍ଦ୍ର ଦାଶଙ୍କ ଉପସ୍ଥିତିରେ ଚାକିରିରୁ ଅବସର ନେଇଥିବା କେନ୍ଦ୍ର ସଂଘର ଉପସଭାପତି ଶ୍ୟାମସୁନ୍ଦର ଦେଓ ଓ ଶାନ୍ତିଲତା ନାଏକ, ଶାନ୍ତୀ ମୁଖୀ, ଭରତଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ସମ୍ପାଦକ ଶାକିରୀ ଖାନ ଓ କାର୍ଯ୍ୟକାରୀ ସମ୍ପାଦକ ସୁଶୀଲ କୁମାର ସାହୁ, ସହ ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ର ପ୍ରମୁଖ ଆଲୋଚନା କରି ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। ଆସନ୍ତାବର୍ଷ ପାଇଁ ମେଡିକାଲ କଲେଜର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି।

# ବିଜେଡି ରାଜ୍ୟ ଉପସଭାନେତ୍ରୀଙ୍କୁ ସମ୍ବର୍ଦ୍ଧନା

**ବାରିପଦା ଅଫିସ,୧୪।୪:** ମୟୂରଭଞ୍ଜ ଜିଲା ବିଜେଡି ଜିଲା କାର୍ଯ୍ୟାଳୟ ପରିସରରେ ବିଜେଡି ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ନବ ନିଯୁକ୍ତ ବିଜୁ ମହିଳା ଦଳର ରାଜ୍ୟ ଉପ ସଭାନେତ୍ରୀ କମଳା ତିରିଆଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ପର୍ବରେ ବିଜେଡି ଜୋନାଲ ସଭାପତି ସୁବ୍ରମଣ୍ୟମ ମହାନ୍ତି, ବିଜୁ ଛାତ୍ର ଜନତା ଦଳର ଜୋନାଲ ସଭାପତି ଅଭୟ ସିଂ, କାର୍ଯ୍ୟାଳୟ ସମ୍ପାଦକ ଶୈଳେନ୍ଦ୍ର ପାତ୍ର, ନଗର ସଭାପତି ସ୍ୱରୂପ ଦାସ, ପୂର୍ବତନ ପୌରପରିଷଦ ଅଧ୍ୟକ୍ଷ ବବିତା ଦାସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି ବୋଲି କମଳା କହିଛନ୍ତି। ଆଗାମୀ ଦିନରେ ନବୀନ ପଟ୍ଟନାୟକ ପୁଣିଥରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପାଇଁ ବହୁଳ ପ୍ରଚାର କରିବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ କହିଥିଲେ।

# ଯୁବକସଂଘ ପକ୍ଷରୁ ବାଇକ୍ ରାଲି

**ରାସଗୋବିନ୍ଦପୁର, ୧୪।୪ (ଡି.ଏନ.ଏ.):** ପବିତ୍ର ରାମନବମୀ ଉପଲକ୍ଷେ ରାସଗୋବିନ୍ଦପୁର ଯୁବକସଂଘ ପକ୍ଷରୁ ଏକ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଯୁବକସଂଘର ସଦସ୍ୟ ରଘୁନାଥ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବାଇକ୍ ରାଲିରେ ଶତାଧିକ ଯୁବକ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ବାଜପେୟୀ ଛକ ସ୍ଥିତ ହନୁମାନ ମନ୍ଦିରରୁ ଏହି ରାଲି ବାହାରି ରାସଗୋବିନ୍ଦପୁର ବଜାର, ମୂଷାମାରୀ ଛକ ସମେତ ଗ୍ରାମ ପରିକ୍ରମା କରି ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲା।

# ହନୁମାନ ଜୟନ୍ତୀ, ଉଡ଼ାପର୍ବ



ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ବଡ଼ସାହି, ୧୪।୪ (ସ୍ୱ.ପ୍ର)

ବଡ଼ସାହି ବ୍ଲକର ସିଂହଟିଆ, ବଡ଼ସାହି, ଘୁଷୁରିଆ, ମାଣଡ୍ରୀ, ଆଡ଼ିଆସାହି, ତେନ୍ତୁଳିଗାଁ ଓ ବାଲିଆସାହିଠାରେ ଥିବା ହନୁମାନ ମନ୍ଦିରରେ ପାରମ୍ପରିକ ରୀତିରେ ରାମଭକ୍ତ ହନୁମାନଙ୍କ ଜୟନ୍ତୀ ଓ ଉଡ଼ାପର୍ବ ପାଳିତ ହୋଇଯାଇଛି । ସିଂହଟିଆ ଗ୍ରାମ ହନୁମାନ ମନ୍ଦିରରେ ଘଟ ସ୍ଥାପନ ପୂର୍ବକ ହୋମଯଜ୍ଞ ଅନୁଷ୍ଠିତ ହେବା ସହ ନାମ ସଂକୀର୍ତ୍ତନ, ଶଙ୍ଖ ଓ ହୁଳହୁଳି ମାଧ୍ୟମରେ ଭକ୍ତଗଣ ନିଜକୁ ସାମିଲ କରିଥିଲେ। ଆଖପାଖ ଗ୍ରାମର ଶତାଧିକ ଭକ୍ତ ପ୍ରସାଦ ସେବନ କରିଥିବାବେଳେ ସନ୍ଧ୍ୟାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେହିପରି ବିଷୁବ ସଂକ୍ରାନ୍ତି ଅବସରରେ ମାଣଡ୍ରୀ ଶୈବପୀଠ ପ୍ରାଙ୍ଗଣରେ, ଦେଉଳିଆ ଓ ଭୀମିଦା ଗ୍ରାମ ଉଡ଼ାପଦାରେ ପୂର୍ବବର୍ଷମାନଙ୍କ ପରି ଉଡ଼ାପର୍ବ ପାଳିତ ହୋଇଯାଇଛି । ୭ଦିନ ବ୍ୟାପୀ ପାଟଭକ୍ତ ସମେତ ଅନ୍ୟ ଭକ୍ତମାନେ ଉପବାସ ପୂର୍ବକ ଭିନ୍ନଭିନ୍ନ ଦିବସରେ ପାରମ୍ପରିକ ରୀତିରେ ସମସ୍ତ କାର୍ଯ୍ୟ ସମାପନ କରିଛନ୍ତି । ଅପରାହ୍ନରେ ପ୍ରଭୁଙ୍କ ଠାରୁ ଆଜ୍ଞା ଆଣି ଉଡ଼ାସ୍ଥଳରେ ପହଞ୍ଚି ଜଣକ ପରେ ଜଣେ ଉଡ଼ିଥିଲେ। ସହସ୍ରାଧିକ ଜନସାଧାରଣ ଏହି ଉଡ଼ାଯାତ୍ରା ଦେଖିବାକୁ ଆସିଥିଲେ । ଏହି ଅବସରରେ ମେଳା ଅନୁଷ୍ଠିତ ହେବା ସାଙ୍ଗକୁ ଉଠା ଦୋକାନୀମାନେ ସେମାନଙ୍କର ପସରା ମେଲାଇଥିବା ଦେଖିବାକୁ ମିଳିଥିଲା ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001


ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6




## ସଂକ୍ଷେପରେ

### ପକେଟ୍ ମାର୍ କରି ଧରାପଡ଼ିଲେ ଯୁବକ

ଭଦ୍ରକ ଅଫିସ,୧୪।୪ : ଭଦ୍ରକ ବସ୍‌ଷ୍ଟାଣ୍ଡରେ ଜଣେ ଯୁବକ ଏକ ବସ୍‌ରେ ଚଢୁଥିବା ବେଳେ ଅନ୍ୟ ଜଣେ ଯୁବକ ପକେଟ୍ ମାର୍ କରି ଲୋକଙ୍କ ହାତରେ ଧରାପଡ଼ିଛନ୍ତି। ସେ ହେଲେ ପୁରୁଣାବଜାର ଅଞ୍ଚଳର ଡାକଚୁକିଆ ମହଲାର ଶେଖ୍ ରଜାକ୍। ପରେ ଟାଉନ ଥାନା ପୋଲିସ ପହଞ୍ଚି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୦୮/୧୯) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁସାରେ, ନାୟକାଣିଡିହୀ ଥାନା ଅଧୀନ ବ୍ରଜନନ୍ଦପୁର ଗାଁର ଲମ୍ବୋଦର ଜେନା ବାସୁଦେବପୁର ବସ୍‌ରେ ଚଢୁଥିଲେ। ବସ୍ ଗେଟ୍ ନିକଟରେ ଶେଖ୍ ରଜାକ୍ ଚତୁରତାର ସହ ଲମ୍ବୋଦରଙ୍କ ପକେଟ୍‌ରୁ ପର୍ସ କାଢ଼ି ନେଇଥିଲେ। ଲମ୍ବୋଦର ଏହା ଜାଣିପାରି ପାଟି କରିବାରୁ ଲୋକେ ଶେଖ୍ ରଜାକ୍‌ଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ପାଟଣମଙ୍ଗଳା ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ପଣାସଂକ୍ରାନ୍ତି ଉତ୍ସବ**

- ମଙ୍ଗଳାପୋଖରୀରେ ବୁଡ଼ ପକାଇଲେ ୫ ହଜାର ପାଟୁଆ
- ପାଟୁଆଙ୍କ ନୃତ୍ୟରେ କମ୍ପିଲା ପୀଠସ୍ଥଳି

ତିହିଡ଼ି, ୧୪।୪ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଛତ୍ରପଦା ଗ୍ରାମସ୍ଥିତ ମା' ପାଟଣମଙ୍ଗଳା ପୀଠ ପଣାସଂକ୍ରାନ୍ତି ପାଇଁ ଉତ୍ସବମୁଖର ହୋଇଥିଲା। ଏହି ପରିପ୍ରେକ୍ଷୀରେ ପୀଠସ୍ଥିତ ମଙ୍ଗଳା ପୋଖରୀରେ ୫ ହଜାର ପାଟୁଆ ବୁଡ଼ ପକାଇଥିଲେ। ପରେ ସେଠାରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପାଟୁଆଙ୍କ ନୃତ୍ୟରେ କମ୍ପିଥିଲା ମା'ଙ୍କ ପୀଠସ୍ଥଳ। କନିକା ଅଞ୍ଚଳର ଏହି ଅଧିଷ୍ଠାତ୍ରୀ ଦେବୀଙ୍କ ଯାତ୍ରା ୫ଦିନ ଧରି ଚାଲିବ। ତେବେ ରବିବାର ପଣାସଂକ୍ରାନ୍ତିରେ ପୀଠରେ ଜିଲାର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା।

ସଂକ୍ରାନ୍ତି ପୂର୍ବଦିନ ପାଟୁଆମାନେ ମା'ଙ୍କ ନିକଟରେ ଅଧିଆ ପଡ଼ିଥିଲେ। ସେମାନେ ରାତିସାରା ଉଜାଗର ରହି ମା'ଙ୍କ ବେଢ଼ାରେ ଦୀପ ଜାଳିଥିଲେ। ସଂକ୍ରାନ୍ତି ଦିନ ପୂର୍ବାହ୍ନରେ ପାଟୁଆମାନେ ମା'ଙ୍କ ଆଶୀର୍ବାଦ ନେଇ ମଙ୍ଗଳା ପୋଖରୀକୁ ୭ ଥର ପରିକ୍ରମା କରିଥିଲେ। ପାଦୁକ ପାଇବା ପରେ ଆଜ୍ଞାମାଳ ନେଇ ମଙ୍ଗଳା ପୋଖରୀରେ ବୁଡ଼ ପକାଇ ବ୍ରତ ଶେଷ କରିଥିଲେ। ମା'ଙ୍କ ବେତ ପୂଜା ହେବା ପରେ ପାଟୁଆମାନେ ପଇତା ଧାରଣ କରିଥିଲେ। ଏହି ଅବସରରେ ପଡ଼ିଥିବା ମେଳାରେ ଜିଲା ଓ ଜିଲା ବାହାରୁ ୨ ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଛନ୍ତି। ଉଲ୍ଲେଖନୀୟ ଯେ, ଚଣା, ପଣା ଓ ବିଞ୍ଚଣାର ପର୍ବ ଭାବେ ଏହି ଯାତ୍ରା ଜିଲାରେ ପ୍ରସିଦ୍ଧିଲାଭ କରିଛି। କାରଣ ଯାତ୍ରୀମାନଙ୍କୁ ଏଠାରେ ପଣା ଯୋଗାଇ ଦିଆଯିବା ସହ ଯାତ୍ରୀମାନେ ଚଣା ଓ ବିଞ୍ଚଣା ନେଇ ଫେରିଥାନ୍ତି। ସପ୍ତାହବ୍ୟାପୀ ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟହ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ ସେକ୍ସନ ପୋଲିସ ମୁତୟନ ହୋଇଛନ୍ତି। ସେହିପରି କାଁପଡ଼ାସ୍ଥିତ ମା' ବାସୁଳି, ଈଶ୍ୱରପୁର ଦପାନାୟକାଣୀ, ନୂଆନନ୍ଦର କଣ୍ଟିମଙ୍ଗଳା, କୋହ୍ଲସ୍ଥିତ ସାହାଡ଼ାଶୁଣୀ, ଭାଟପଡ଼ା ଓ ଫତେପୁରସ୍ଥିତ ତାରିଣୀ, ମଙ୍ଗଳପୁର ମଙ୍ଗଳା ଓ ପାଟଣାସାହିସ୍ଥିତ କ୍ଷେତ୍ରପାଳ ମା' ମଙ୍ଗଳାଙ୍କ ପୀଠରେ ପଣାସଂକ୍ରାନ୍ତି ଉତ୍ସବ ପାଳିତ ହୋଇଛି।



ପାଟୁଆମାନେ ମଙ୍ଗଳା ପୋଖରୀରେ ବୁଡ଼ ପକାଉଛନ୍ତି।

## ଚାନ୍ଦବାଲିରେ ପାଟୁଆ ଯାତ୍ରା

**ଚାନ୍ଦବାଲି, ୧୪।୪ (ଡି.ଏନ.ଏ.):** ମହାବିଷୁବ ସଂକ୍ରାନ୍ତି ଅବସରରେ ରବିବାର ଚାନ୍ଦବାଲି ବ୍ଲକର ବିଭିନ୍ନ ଶକ୍ତିପୀଠରେ ପାଟୁଆଯାତ୍ରା ଓ ମେଳା ଅନୁଷ୍ଠିତ ହୋଇଛି। ମାଧପୁରର ଈଷାଣ ଚଣ୍ଡୀ, ସାଏନ୍ତାର ଶାରଳା, ଭଉଁରୀରେ ବଛାନାୟକାଣୀ ଓ ଚମ୍ପାନାୟକାଣୀ, ପଥରଗଡ଼ାରେ ବୁଢ଼ୀବାସୁଳି, ଓରାସାହିର ଡାକେଶ୍ୱରୀ, ଭୂଇଁବୃତିରେ ବୁଢ଼ୀବାସୁଳି ଓ ବାଲିଗାଁରେ ସିଦ୍ଧଞ୍ଚବାସୁଳିଙ୍କ ପୀଠରେ ମାନସିକଧାରୀମାନେ ପାଟୁଆ ହୋଇଥିଲେ। ସେମାନେ ପାରମ୍ପାରିକ ବେତ ଧରି ଦେବୀପୀଠରେ ସ୍ନାନ ସହିତ ପୂଜାର୍ଚ୍ଚନା କରି ବ୍ରତ ଶେଷ କରିଥିଲେ। ଅଧିକାଂଶ ସ୍ଥାନରେ ମାନସିକ ପୂରଣ ପାଇଁ ଭକ୍ତମାନେ ମା'ଙ୍କୁ ମାଟିଘୋଡ଼ା ଦାନ କରିଛନ୍ତି। ଦେବୀ ପୀଠରେ ମେଳା ପଡ଼ିଥିବା ବେଳେ ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଓଡ଼ିଆ ନବବର୍ଷ ପାଳନ ପ୍ରତି ଗୁରୁତ୍ୱ

**ଧାମନଗର, ୧୪।୪ (ଡି.ଏନ.ଏ.):** ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ରବିବାର ବିଷୁବ ମିଳନ, ଓଡ଼ିଆ ନବବର୍ଷ ସହ ଡ. ବି.ଆର୍ ଆମ୍ବେଡକରଙ୍କ ଜୟନ୍ତୀ ସ୍ଥାନୀୟ ସରକାରୀ ହାଇସ୍କୁଲରେ ପାଳିତ ହୋଇଯାଇଛି। ସମ୍ପାଦକ ସଚିକାନ୍ତ ପଣ୍ଡାଙ୍କ ଆବାହକତ୍ୱରେ ଶିଶୁ ସାହିତ୍ୟିକ କାହ୍ନୁଚରଣ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ ଯୋଗଦେଇ ଇଂରାଜୀ ନବବର୍ଷ ଧୁମ୍‌ଧାମ୍‌ରେ ପାଳନ କରାଯାଉଥିବା ବେଳେ ଓଡ଼ିଆ ନବବର୍ଷ ପାଳନ ପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି କହିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ମହେଶ୍ୱର ସ୍ୱାଇଁ, ପୁରୁଷୋତ୍ତମ ଦାସ, ବାବାଜି ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରିଷଦର ଅର୍ଥ ସଚିବ ନିରାକାର ଧଳ, ଶିକ୍ଷକ ଯୁଧିଷ୍ଠିର ପଣ୍ଡା, ଆନନ୍ଦ ଦାସ, ଅନନ୍ତ ରାଉତ ଓ ରାମଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରଜକିଶୋର କରଙ୍କୁ ନୂତନ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା।

# ରାଜ୍ୟସ୍ତରୀୟ ବିଷୁବ ମିଳନ ସମାରୋହ

ବାସୁଦେବପୁର, ୧୪।୪ (ଡି.ଏନ.ଏ.)

ବାସୁଦେବପୁର ଏବି ହାଇସ୍କୁଲ ପରିସରରେ 'ଅବସର' ସାହିତ୍ୟ ପତ୍ରିକା ଆନୁକୂଲ୍ୟରେ ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବିଷୁବ ମିଳନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ଡ. ଦୁର୍ଯ୍ୟୋଧନ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଳା ଓ ସଂସ୍କୃତିର ମହାନ ପର୍ବ ବିଷୁବ ମିଳନ। ଓଡ଼ିଆ ଲୋକଙ୍କ ପାଇଁ ଏହି ପର୍ବର ଗୁରୁତ୍ୱ ଯଥେଷ୍ଟ ଅଧିକ। ସାହିତ୍ୟ ସୃଜନଶୀଳତାର ଅଭିବୃଦ୍ଧି ଘଟାଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଶଶଧର ଦାସ ସାହିତ୍ୟ ସୃଜନଶୀଳତାର ଜାଗ୍ରତ ପ୍ରହରୀ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତି ଯୋଗଦେଇ ସାହିତ୍ୟ ସମାଜକୁ ଠିକ୍ ବାଟ ଦେଖାଇବା ସହ ମଣିଷ ମନର କଥା କହିଥାଏ ବୋଲି ବକ୍ତବ୍ୟ ରଖିଥିଲେ। କବି ନରେଶ ମଣ୍ଡଳ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁବାଦକ ଅଭିମନ୍ୟୁ ବେହେରା ସଭାରେ ପୌରୋହିତ୍ୟ କରିଥିଲେ। ଅବସର ସମ୍ପାଦକ ବନମାଳି ବାରିକ ସ୍ୱାଗତ ଭାଷଣ ଓ କବି ରତ୍ନାକର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏହି ସମାରୋହରେ ଅନୁବାଦକ ଶ୍ରୀବତ୍ସ କରଶର୍ମାଙ୍କୁ ସାରସ୍ୱତ ପ୍ରତିଭା, ଉଲ୍ଲେଖନୀୟ ସେବା ପାଇଁ ଡା. ଭଜହରି ସାହୁଙ୍କୁ ଅବସର ସେବା, କବି ଶିବପ୍ରସାଦ ଦାଶଙ୍କୁ କବିତା ସମ୍ମାନ, ଡ. ସ୍ୱରେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ଗବେଷଣା ସମ୍ମାନ, ରାଜା ରଣଜିତ ପ୍ରତାପ ବଳଙ୍କୁ ଯୁବ ସମ୍ମାନ ଏବଂ କଣ୍ଠଶିଳ୍ପୀ ଜଗନ୍ନାଥ ମହାପ୍ରସାଦଙ୍କୁ ସୁଶାନ୍ତ ପାଣିଗ୍ରାହୀ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବସବ୍ୟାପି ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ଧନେଶ୍ୱର ରାଉତ, କବି ପ୍ରହ୍ଲାଦ ବାରିକ, କିଶୋର କୁମାର ମହାପାତ୍ର, ଆଇନଜୀବୀ ନାରାୟଣ ନାୟକ, କବି ରତ୍ନାକର ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ମହେନ୍ଦ୍ର ପ୍ରସାଦ ବାରିକଙ୍କ ସହ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାରସ୍ୱତ ସାଧକମାନେ ଉପସ୍ଥିତ ଥିଲେ।



ଡା. ଭଜହରି ସାହୁଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଉଛି।

# ହନୁମାନ ଜୟନ୍ତୀ, ବିଷୁବ ମେଳା

**ବନ୍ତ, ୧୪।୪ (ଡି.ଏନ.ଏ.) :** ମହାବିଷୁବ ସଂକ୍ରାନ୍ତି ଅବସରରେ ରବିବାର ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ନିଲୋକଠାରେ ହନୁମାନ ଜୟନ୍ତୀ ପାଇଁ ସ୍ଥାନୀୟ ମହାଦେବ ପୁଷ୍କରିଣୀରୁ ଜଳ ଅଣାଯାଇ ଘଟସ୍ଥାପନା ପରେ ପୂଜା ଆରମ୍ଭ ହୋଇଥିଲା। ନରେନ୍ଦ୍ର କୁମାର ପ୍ରଧାନ, ବିଜୟାନନ୍ଦ ଦାସ, ହରିହର ସୂତାର, ସତ୍ୟପ୍ରିୟ ସୁଶୀଲ ନାୟକ, ପାର୍ଥସାରଥୀ ଦାସ ପ୍ରମୁଖ କଳସ ଆଣିଥିଲେ। ମଧ୍ୟାହ୍ନରେ ଘଟ ଉତ୍ତୋଳନ, ହନୁମାନ ଚାଳିଶା ପଠନ, ଯଜ୍ଞ ଓ ଅପରାହ୍ନ ୪ଟାରେ ପ୍ରସାଦ ସେବନ କରାଯାଇଥିଲା। ପୂଜକ ଚିତ୍ତରଞ୍ଜନ ଦାଶ ଓ ଅରବିନ୍ଦ ଦାଶଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାଜେଶ କୁମାର ଦାସ ଓ ଦେବାଶିଷ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବଜାରର ସମସ୍ତ ବ୍ୟବସାୟୀ ଏଥିରେ ସହଯୋଗ କରିଥିଲେ।

ସେହିପରି ବ୍ଲକର ଟିଲୋ ଗ୍ରେନଗୋଲା ଛକ, ଗୋବିନ୍ଦପୁର, ତରାପୁର, କେନ୍ଦୁଆପଦା, ତୋଡଗାଁ, ଷେଣ୍ଡତିରା, ପଳସା, ବସନ୍ତିଆ, ସାହାଡାପଲ୍ଲୀ, ବାଇପୁର ସମେତ ବହୁ ସ୍ଥାନରେ ଏହି ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଟିଲୋସ୍ଥିତ ମା' ଗଡ଼ଚଣ୍ଡୀଙ୍କ ପୀଠରେ ମହାବିଷୁବ ମେଳା ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହେଉଛି। ପୂଜାରେ ସୁବାସ ବିଶ୍ୱାଳ ଓ ଅନୁପମା ବିଶ୍ୱାଳ ସଂକଳ୍ପ କରିଥିବା ବେଳେ ପୂଜକ ନାରାୟଣ ଦାଶ, ଗଦାଧର ପଣ୍ଡା ପୂଜାକାର୍ଯ୍ୟ ତୁଲାଉଛନ୍ତି। ମନ୍ଦିରର ପୂଜକ ଈଶ୍ୱର ବାରିକ ଓ କୀର୍ତ୍ତନ ବିହାରୀ ନାୟକ ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି। କମିଟିର ଦିଲୀପ ରାଉତ, ବିପିନ ରାଉତ, ଶକ୍ତିଧର ରାଉତ, ଗଣେଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

**ପୂର୍ବ ତଟ ରେଳପଥ**

**ରେଲ୍‌ଓ୍ୱେ ରିକ୍ରୁଟମେଣ୍ଟ୍ ସେଲ୍**

ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ମହଲା, ସାଉଥ୍ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017

**ସାଙ୍କେତିକ ସୂଚନା**

ଗୁଡ୍‌ସ ଗାର୍ଡ୍, କମର୍ସିଆଲ୍ କମ୍ ଟିକଟ କ୍ଲର୍କ, ଜୁନିଅର କ୍ଲର୍କ କମ୍ ଟାଇପିଷ୍ଟ, ଟେକ୍ନିସିଆନ୍-III, କନିଷ୍ଠ ଯନ୍ତ୍ରୀ/ଟ୍ରାକ୍ ମେସିନ୍, କନିଷ୍ଠ ଯନ୍ତ୍ରୀ (ସିଭିଲ୍ ଇଞ୍ଜିନିୟରିଂ, ମେକାନିକାଲ, ଇଲେକ୍ଟ୍ରିକାଲ୍, ସଙ୍କେତ ଓ ଦୂରସଞ୍ଚାର ନିମନ୍ତେ) ରେ 310 ସଂଖ୍ୟକ ପଦବୀ ପୂରଣ କରିବା ନିମନ୍ତେ ସାଧାରଣ ବିଭାଗୀୟ ପ୍ରତିଯୋଗିତାମୂଳକ ପରୀକ୍ଷା **(GDCE)** ବିଜ୍ଞପ୍ତି ତା **15.04.2019** ରିଖରେ ଜାରି କରାଯାଇଛି । ଏହି ବିଜ୍ଞପ୍ତି ରେଲ୍‌ଓ୍ୱେ ରିକ୍ରୁଟମେଣ୍ଟ ସେଲ୍ (RRC) ଓ୍ୱେବ୍‌ସାଇଟ : **rrcbbs.org.in** ରେ ପ୍ରସାର ଏବଂ ଅପଲୋଡ କରିଦିଆଯାଇଛି। ପୂର୍ବ ତଟ ରେଳପଥ ପ୍ରଶାସନ ଅଧିନରେ ନିୟମିତ ଭିତ୍ତିରେ ସେବାରତ ରେଳ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ବିସ୍ତୃତ ବିବରଣୀ ତଥା ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କର ଆବେଦନ ପତ୍ର ଦାଖଲ କରିବା ନିମନ୍ତେ ରେଲ୍‌ଓ୍ୱେ ରିକ୍ରୁଟମେଣ୍ଟ ସେଲ୍ (RRC) ଓ୍ୱେବ୍‌ସାଇଟ : **rrcbbs.org.in** କୁ ଅବଲୋକନ କରନ୍ତୁ।

ଆବେଦନର ଅନ୍‌ଲାଇନ୍ ପଞ୍ଜିକରଣ ତା **15.04.2019**ରିଖ ଠାରୁ ଆରମ୍ଭ ହେବ

ଅନ୍‌ଲାଇନ୍ ଆବେଦନ ଦାଖଲ କରିବାର ଅନ୍ତିମ ତାରିଖ : ତା **14.05.2019** ରିଖ

PR-27/K/19-20 — ଅଧ୍ୟକ୍ଷ, ରେଲ୍‌ଓ୍ୱେ ରିକ୍ରୁଟମେଣ୍ଟ ସେଲ୍, ଭୁବନେଶ୍ୱର

# ଜଳିଗଲା ୬ ବଖରା

ତିହିଡ଼ି, ୧୪।୪ (ଡି.ଏନ.ଏ.)

ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ବଉଳପାଳ ଗ୍ରାମରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ସଚ୍ଚିଦାନନ୍ଦ ତ୍ରିପାଠୀ ଓ ପ୍ରେମାନନ୍ଦ ତ୍ରିପାଠୀଙ୍କର ୬ ବଖରା ଘର ଜଳିଯାଇଛି। ତିହିଡ଼ିରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।




# ଆଖଣ୍ଡଳମଣି ପୀଠରେ ଜଳଲାଗି

ଆରଡ଼ି, ୧୪।୪ (ଡି.ଏନ.ଏ.)

ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ସ୍ଥାନୀୟ ଅଞ୍ଚଳର ଗୋପାଳମାନେ ବାବାଙ୍କ ମସ୍ତକରେ ଜଳଲାଗି କରିଛନ୍ତି। ରବିବାର ଭୋର ୫ଟାରେ ମନ୍ଦିରରେ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ଅନ୍ୟାନ୍ୟ ପୂଜା କରାଯିବା ପରେ ପାଣିଭାର ଧରି ଲମ୍ବାଧାଡ଼ିରେ ପ୍ରତୀକ୍ଷାରତ ଗୋପାଳମାନେ ଜଣଙ୍କ ପରେ ଜଣେ ମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ଏହାପରେ ସେମାନେ ଶୁଦ୍ଧପୂତ ମନରେ ୨ଟି ପିତଳ ଗରାରେ ନିକଟସ୍ଥ ବୈତରଣୀ ନଦୀରୁ ଆଣିଥିବା ପବିତ୍ର ଜଳକୁ ସେବାୟତମାନେ ବାବାଙ୍କ ମସ୍ତକରେ ଢାଳିଥିଲେ। ସଂକ୍ରାନ୍ତିରେ ପ୍ରାୟ ୧ ହଜାରରୁ ଅଧିକ ଗୋପାଳ ଜଳଲାଗି କରିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ଥାନୀୟ ମୁଆଁ, ସିଙ୍ଗିପୁର, ବାତୋଳ, ନାନ୍ଦପୁର, ବାଙ୍କମୁହାଁ, କୁଳେଇପଦା, ଓଳଗ, ଷାଠିବାଙ୍କୁଡା, ବୋଡକ, ଅମୃତମଣୋହି, ଦୋହରାପାଟଣା, ସୁନ୍ଦରପୁର, ପାଳସାହି, ସାଆଁଳପୁର, ରଇପୁର, କଣ୍ଟିକା, ବାଙ୍କସାହି, ଶ୍ୟାମସୁନ୍ଦରପୁର, ଉପରଦୁମୁକା, ତଳଦୁମୁକା, ପଡ଼ୋଶୀ ଯାଜପୁର ଜିଲାର ଇଚ୍ଛାପୁର, କୟାଁ, କେନ୍ଦ୍ରାପଡ଼ା ଜିଲାର କନପୁର, ଗୁଣ୍ଡୁଳ, ଭାମଣ୍ଡା ଓ ବଟରପଡ଼ା ଆଦି ଗାଁର ଗୋପାଳମାନେ ଜଳଲାଗି ସେବା କରିଥିଲେ। ସଂକ୍ରାନ୍ତି ବ୍ୟତୀତ ବୈଶାଖ ମାସର ପ୍ରତ୍ୟେକ ସୋମବାରରେ ମଧ୍ୟ ସେମାନେ ଜଳଲାଗି କରିବେ ବୋଲି ଜଣାଯାଇଛି। ରବିବାରଠାରୁ ବାବା ଆଖଣ୍ଡଳମଣିଙ୍କ ଶୀତଳ ଉପଚାର ନୀତି ଆରମ୍ଭ ହୋଇଛି। ଏହା ବୈଶାଖ ମାସ ସାରା ଚାଲୁ ରହିବ ବୋଲି ସେବାୟତଙ୍କଠାରୁ ପ୍ରକାଶ।



ଜଳଲାଗି ପାଇଁ ଗୋପାଳମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

## ବାବାଙ୍କ ଶୀତଳ ଉପଚାର ନୀତି ଆରମ୍ଭ

ଶୀତଳ ଉପଚାର ନୀତି ଅନୁସାରେ ବାବାଙ୍କ ମସ୍ତକ ଉପରିଭାଗରେ ଏକ ପିତଳ ହଣ୍ଡାରେ ସୁବାସିତ ଜଳ ପୂର୍ଣ୍ଣ କରି ରଖାଯାଇଥାଏ। ହଣ୍ଡାର ତଳଭାଗରେ ଏକ ଛିଦ୍ର ଦ୍ୱାରା ବାବାଙ୍କ ମସ୍ତକରେ ଦିନତମାମ ଜଳବିନ୍ଦୁ ପଡ଼ିଥାଏ। ରବିବାର ସଂକ୍ରାନ୍ତିରେ ମଙ୍ଗଳ ଆଳତି ପରେ ବାବାଙ୍କୁ ବେଲ, କଦଳୀ, ଛେନା, ଦହି, ଗୁଡ, ନାରିକେଳ ମିଶ୍ରିତ ପଣାଭୋଗ ଅର୍ପଣ କରାଯାଇଥିଲା। ପରେ ଶ୍ରଦ୍ଧାଳୁମାନଙ୍କୁ ଏହି ପଣାଭୋଗ ଦିଆଯାଇଥିଲା। ବାବାଙ୍କର ଏହି ପଣାଭୋଗ ସେବନ କଲେ ଚର୍ମରୋଗ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି।

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
FORM NO.ITCP- 1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in section 29 of the Recovery of Debts due to Banks & Financial Institutions Act,1993 )
**R. P. No.066/2018/CTC**
(Arising out of OA No. 236 of 2015) **Next Date: 02.05.2019**

**Bank of India, Jeypore Branch,** Main Road, At/PO: Jeypore, Dist- Koraput, PIN- 764001 . **Certificate Holder Bank**

Vs.

**M/s Sai Prasad Enterprises & another** **Certificate Debtors**

To

1. **M/s Sai Prasad Enterprises,** Main Road, At/PO: Jeypore, Dist- Koraput, PIN- 764001 . **(Represented through its proprietor, Shri Pradeep Kumar Biswal)**
2. **Sri Pradeep Kumar Biswal,** S/o-Sri Parshuram Biswal, Prasad Rao Peta, Jeypore, Dist- Koraput, PIN- 764001 .

Take notice that Certificate arising out of **OA No.236 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19(22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.15,32,213.00 (Rupees Fifteen Lac Thirty Two Thousand Two Hundred Thirteen Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. | Decretal Dues | : | Rs.15,32,213.00 |
| 2. | Cost allowed | (+) : | Rs. 18,000.00 |
| 3. | Interest @ 12.95% p.a with quarterly rests from 05.05.2015 to 31.08.2018 | : | Rs. 6,44,870.00 |
| | **Total** | : | **Rs.21,95,083.00** |

**(Rupees Twenty One Lac Ninety Five Thousand Eighty Three only )** with of interest @ 12.95% p.a with quarterly rests on the amount due from 01.09.2018 till realization of the entire Dues.

2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **02.05.2019** and report the details of payment made by you.

Given under my hand & seal at Cuttack on this 4th day of April,2019 .

Sd/-
(R P Patnaik)
Recovery Officer

# ଅସନ୍ତୁଷ୍ଟଙ୍କୁ ମନାଇବା ପାଇଁ ସାନନ୍ଦ, ସରୋଜିନୀଙ୍କ ରୁଦ୍ଧଦ୍ୱାର ବୈଠକ

## ଆଜି ନିର୍ବାଚନ ମଣ୍ଡଳୀର ବିଶାଳ କର୍ମୀ ସମ୍ମିଳନୀ

**ବାରିପଦା ଅଫିସ,୧୪।୪**

ମୟୂରଭଞ୍ଜ ଜିଲ୍ଲା ବାରିପଦା ନିର୍ବାଚନ ମଣ୍ଡଳୀ ସବୁବେଳେ ଗୁରୁତ୍ୱ ବହନ କରିଆସିଛି। ଏହି ବିଧାନସଭା ଆସନ ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ଏଠାରେ ବିଜେଡିର ସାନନ୍ଦ ମାରାଣ୍ଡି ବିଧାୟକ ଅଛନ୍ତି। ସେ ଓଡିଶା ବିଧାନସଭାର ଉପବାଚସ୍ପତି ମଧ୍ୟ ଅଛନ୍ତି। ତେବେ ଦଳ ତାଙ୍କୁ ଏଥର ବାଦ ଦେଇ ଆଦିବାସୀ ନେତ୍ରୀ ତଥା ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମଙ୍କୁ ବାରିପଦା ଆସନରେ ଟିକେଟ ଦେଇଛନ୍ତି। ଏହାକୁ ସାନନ୍ଦଙ୍କ ସମର୍ଥକମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। ଏପରିକି ଖୋଲାଖୋଲି ବିରୋଧ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ସରୋଜିନୀଙ୍କୁ ସମର୍ଥନ କରିବା ପାଇଁ ସାନନ୍ଦଙ୍କୁ ଦଳ ନିର୍ଦ୍ଦେଶ ଦେଇଛି। ଏଣୁ ସାନନ୍ଦ ତାଙ୍କ ଅସନ୍ତୁଷ୍ଟ ସମର୍ଥକମାନଙ୍କୁ ମନାଇବାରେ ଲାଗିଛନ୍ତି। ସରୋଜିନୀଙ୍କ ପାଇଁ କାର୍ଯ୍ୟ କରିବାକୁ କହୁଛନ୍ତି। ଶନିବାର ରାତିରେ ସରୋଜିନୀଙ୍କ ବାରିପଦା ସ୍ଥିତ ବାସଭବନରେ ଉଭୟ ସାନନ୍ଦ ଓ ସରୋଜିନୀ ରୁଦ୍ଧ ଦ୍ୱାର ବୈଠକରେ ଆଲୋଚନା କରିଥିବା ଜଣାପଡ଼ିଛି। ଏଥିରେ ନିର୍ବାଚନ ମଣ୍ଡଳୀର ସାନନ୍ଦଙ୍କ ସମସ୍ତ ଆଗଧାଡିର ସମର୍ଥକ ଓ ଦଳର କର୍ମୀମାନଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ସୋମବାର ଏହି କର୍ମୀମାନଙ୍କୁ ବାରିପଦାକୁ ନିମନ୍ତ୍ରଣ କରାଯାଇଛି। ଏକ ଦଳୀୟ ସଭା ମାଧ୍ୟମରେ ସରୋଜିନୀଙ୍କୁ ସମର୍ଥନ କରିବା ପାଇଁ ସାନନ୍ଦ ସେମାନଙ୍କୁ କହିବେ। ଏହି ବୈଠକରେ ବାରିପଦା ବ୍ଲକ, ଖୁଣ୍ଟା ବ୍ଲକ ସମେତ ବାରିପଦା ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଥିବା ବଡସାହି ବ୍ଲକର ଗୁଡିଆଳିବନ୍ଦ, ଯଦୁନାଥପୁର, ଜାଗକଣି, ଖାନୁଆ, ନାଉପାଳ, ପୁଣ୍ଡରୀପୁର, ସାନକେରେକା, ଟଙ୍ଗାଶୋଳ ଓ ଉଠାଣିଗ୍ରାମ ଆଦି ୯ଟି ପଞ୍ଚାୟତର ପ୍ରାୟ ୫ଶହ ନେତା ଓ କର୍ମୀ ବୈଠକରେ ଯୋଗ ଦେବେ ବୋଲି ସାନନ୍ଦ କହିଛନ୍ତି। ରାଜ୍ୟ ସଭାପତିଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଦଳ ତଥା ପ୍ରାର୍ଥୀଙ୍କ ପାଇଁ କାର୍ଯ୍ୟ କରିବାକୁ ସମସ୍ତଙ୍କୁ କୁହାଯିବ ବୋଲି ମଧ୍ୟ ସେ ଜଣାଇଛନ୍ତି। ତେବେ ବାରିପଦା ପୌରପରିଷଦର ନେତୃବୃନ୍ଦଙ୍କୁ ଏହି ବୈଠକକୁ ଡକାଯାଇ ନାହିଁ। ଜଣେ ପୂର୍ବତନ କାଉନସିଲର ନାମ ଗୋପନ ରଖି କହିଛନ୍ତି ଯେ, ଯେ ସାନନ୍ଦଙ୍କ ଗୋଷ୍ଠୀ ଆନ୍ତରିକତାର ସହିତ ନୁହେଁ ବରଂ ଲୋକଦେଖାଣିଆ ଭାବେ ସମର୍ଥନ କରୁଥିବାର ଅଭିନୟ କରୁଛନ୍ତି। ବାରିପଦା ପୌର ପରିଷଦ ନିର୍ବାଚନ ପାଇଁ ବହୁତ ସମୟ ବାକି ଥିଲେ ମଧ୍ୟ ଜଣେ ପୂର୍ବତନ କାଉନସିଲର ବାରିପଦା ପୌର ପରିଷଦର ନଗରପାଳ ପଦବୀ ପାଇଁ ଆଶାୟୀ ବୋଲି କହିବୁଲୁଛନ୍ତି। ତେଣୁ ଦଳୀୟ ପ୍ରାର୍ଥୀଙ୍କ କଥା କମ୍ ପ୍ରଚାର କରୁଛନ୍ତି। ତାଙ୍କ କାର୍ଯ୍ୟକଳାପ ବିରୋଧରେ ପର୍ଯ୍ୟବେକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଛି ବୋଲି ସାନନ୍ଦ କହିଛନ୍ତି। ତେବେ ଦଳର ସମସ୍ତ ଅସନ୍ତୁଷ୍ଟ କର୍ମୀ ଓ ନେତାଙ୍କୁ ନେଇ ବିଭିନ୍ନ ପର୍ଯ୍ୟାୟରେ ବୈଠକମାନ କରାଯିବା ସହ ଦଳ ଏହି ନିର୍ବାଚନରେ ବିଜୟ ଲାଭ କରିବ ବୋଲି ଉପବାଚସ୍ପତି ସାନନ୍ଦ ପ୍ରକାଶ କରିଛନ୍ତି।

# ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ



ବିଧାୟକ ପ୍ରାର୍ଥୀ ରଘୁନାଥ ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି।

**ରୁପସା, ୧୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲ୍ଲା ବସ୍ତା ବିଧାନସଭା କ୍ଷେତ୍ରର ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଜହଡା ଗ୍ରାମରେ ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ରଘୁନାଥ ମହାନ୍ତି ଏଥିରେ ଯୋଗଦେଇ ଶାସକ ବିଜେଡି ଉପରେ ଖୁବ୍ ବର୍ଷିଥିଲେ। ଦଳର କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ହିଁ ନିର୍ବାଚନରେ ମୁଖ୍ୟ ହୋଇଥିବାରୁ ପ୍ରତିଟି ବୁଥସ୍ତରରୁ କିଭଳି ଭାଜପାର ଭୋଟ୍ ବୃଦ୍ଧି ଘଟିବ ସେ ଦିଗରେ ସେ ଗୁରୁମନ୍ତ୍ର ଦେଇଥିଲେ। ମଣ୍ଡଳ ଉପସଭାପତି ଅମର କୁମାର ରାଉଳ ପୌରୋହିତ୍ୟ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଦେବାଶିଷ ମହାପାତ୍ର ଓ ମିହିର ପାଣି, ପ୍ରଚାର କମିଟି ଅଧ୍ୟକ୍ଷ ଶୁଭଙ୍କର ମହାପାତ୍ର, କାର୍ଯ୍ୟକ୍ରମ ସଂଯୋଜକ ରବୀନ୍ଦ୍ର ଜେନ, କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁ, ରାଉତପଡ଼ା ସମିତି ଅଧ୍ୟକ୍ଷ ହରେନ୍ଦ୍ର କୁମାର ଦାସ, ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ପଣ୍ଡା, ଯୁବନେତା କୈଳାସ ନାୟକ ଓ ୱାର୍ଡସଭ୍ୟ ଅକ୍ଷୟ କୁମାର ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ବଦଳିବା ଦରକାର ମର୍ମରେ କହିଲେ। ୱାର୍ଡ ଓ ବୁଥସ୍ତରରୁ ଦଳ ମଜଭୁତ ହେବ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ଗଡ଼ପଦା ଓ ରାଉତପଡ଼ା ପଞ୍ଚାୟତରୁ ବହୁ କର୍ମୀ ଉପସ୍ଥିତ ଥିଲେ।

# ଜମୁଛି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

**ବାସୁଦେବପୁର, ୧୪।୪ (ଡି.ଏନ.ଏ.)**



ନିର୍ବାଚନ ସଭାରେ ଉପସ୍ଥିତ ନେତୃମଣ୍ଡଳୀ।

ଭଦ୍ରକ ଜିଲ୍ଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଏବେ ଜୋରଦାର ହୋଇଛି। ଶନିବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ଅଢୁଁଆ, ଇରମ, ନୂଆଗାଁ ପଞ୍ଚାୟତରେ ନିର୍ବାଚନ ପ୍ରଚାର କରାଯାଇଥିଲା। ଦଳର ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ନିଜ ସପକ୍ଷରେ ଭୋଟ ପ୍ରଚାର କରିଥିଲେ। ଆୟୋଜିତ ନିର୍ବାଚନ ସଭାରେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଉଦ୍‌ବୋଧନ ଦେଇଥିଲେ। ଏଥିସହ ଦଳୀୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଅଢୁଁଆରେ ସରପଞ୍ଚ ଗିରୀଶ ଚନ୍ଦ୍ର ସାମଲ, ଇରମରେ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ନୂଆଗାଁରେ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ମଳିକ, ଅମର ପଣ୍ଡା ସଭା ପରିଚାଳନା କରିଥିଲେ। ଏହି ୩ ସଭାରେ ଯୁବ ବିଜେଡି ବ୍ଲକ ସଭାପତି ଅସିତ ଦାଶ ଓ ଜିଲ୍ଲା ଉପସଭାପତି ଦେବଦର୍ଶନ ଦାସ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ଭାଜପା ଛାଡ଼ିଲେ ପୀତାମ୍ବର

**ତିହିଡ଼ି, ୧୪।୪ (ଡି.ଏନ.ଏ.)**



ପୀତାମ୍ବର ସେଠୀ।

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଗୁଡୁପାଳ ଗ୍ରାମର ବରିଷ୍ଠ ନେତା ପୀତାମ୍ବର ସେଠୀ ଭାଜପାରୁ ଇସ୍ତଫା ଦେଇଛନ୍ତି। ଶୁକ୍ରବାର ସେ ତାଙ୍କର ଇସ୍ତଫାପତ୍ର ଭାଜପା ରାଜ୍ୟ ସଭାପତିଙ୍କ ନିକଟକୁ ଇମେଲ୍ ଯୋଗେ ପଠାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ଜଣେ ଶୃଙ୍ଖଳିତ କର୍ମୀ ଭାବେ ସେ ଭାଜପାରେ ୧୯୮୯ଠାରୁ କାର୍ଯ୍ୟ କରିଆସୁଥିଲେ। ଦଳର ସମର୍ଥନରେ ଚାନ୍ଦବାଲି(ସଂରକ୍ଷିତ) ଆସନରୁ ବିଧାୟକ ପ୍ରାର୍ଥୀ ଭାବେ ସେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପରେ ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ଏବଂ ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ। ତେବେ ଦଳୀୟ ପଦାଧିକାରୀଙ୍କ ମନମୁଖୀ କାର୍ଯ୍ୟରେ ଅତିଷ୍ଠ ହୋଇ ସେ ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

# କଂଗ୍ରେସର ମାରାଥନ ପ୍ରଚାର

**ବାଲେଶ୍ୱର ଅଫିସ, ୧୪।୪**



ରେମୁଣା ବିଧାନସଭା କ୍ଷେତ୍ରରେ କଂଗ୍ରେସର ପ୍ରଚାର।

ବାଲେଶ୍ୱର ଜିଲ୍ଲାର ରେମୁଣା ଏବଂ ଜଳେଶ୍ୱର ବିଧାନସଭା କ୍ଷେତ୍ରରେ କଂଗ୍ରେସର ଲୋକସଭା ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ରବିବାର ଦିବସବ୍ୟାପୀ ମାରାଥନ୍ ପ୍ରଚାର କରିଛନ୍ତି। ପୂର୍ବାହ୍ନରେ ସେ ବାଲିଆସ୍ଥିତ ରାମେଶ୍ୱର ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ବିଶାଳ ଶୋଭାଯାତ୍ରାରେ ଭୀମପୁରାଠାରେ ପହଞ୍ଚି ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ଅପରାହ୍ନରେ ଜଳେଶ୍ୱର ବିଧାନସଭା କ୍ଷେତ୍ରରେ ପହଞ୍ଚି ବିଭିନ୍ନ ଅଞ୍ଚଳରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ଅବଗତ ହୋଇ ଏହା କଂଗ୍ରେସର ଗ୍ୟାରେଣ୍ଟି କାର୍ଡ଼ ଦ୍ୱାରା ସମାଧାନ ହୋଇପାରିବ ଏବଂ ବାଲେଶ୍ୱର ଜିଲ୍ଲାର ବିକାଶଧାରା କିପରି ତ୍ୱରାନ୍ୱିତ ରହିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ଏହାପରେ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ରେମୁଣା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଚଷାଖଣ୍ଡ, ପଦାବଡ଼ଗାଁ, ନିଜାମପୁର, ପଦ୍ମପୁର, ଗଣ୍ଡର୍ଦା ପ୍ରମୁଖ ଅଞ୍ଚଳକୁ ବାଇକ୍ ଶୋଭାଯାତ୍ରାରେ ଯାଇ ଆୟୋଜିତ ସଭାରେ ଯୋଗଦେଇଥିଲେ। ବିଧାୟକ ପ୍ରାର୍ଥୀ ପ୍ରତାପ ସେଠୀ ଗ୍ୟାରେଣ୍ଟି କାର୍ଡ଼ର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ। ଅର୍ଥାଭାବରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ଛାତ୍ରୀଛାତ୍ରମାନଙ୍କ ସ୍ୱପ୍ନ କଂଗ୍ରେସ ଗ୍ୟାରେଣ୍ଟି କାର୍ଡ଼ ପୂରଣ କରିପାରିବ ବୋଲି ପ୍ରାର୍ଥୀମାନେ ମତ ରଖିଥିଲେ। ସେହିପରି ଜଳେଶ୍ୱର ବିଧାନସଭା କ୍ଷେତ୍ରର ନାବରା, ଆର୍‌ଆର୍‌ପୁର ଅଞ୍ଚଳରେ ଆୟୋଜିତ ସଭାରେ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ଯୋଗଦେବା ସହ ବିଧାନସଭା ପ୍ରାର୍ଥୀ ସୁଦର୍ଶନ ଜେନା କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ବାଲେଶ୍ୱରର ବିକାଶ ପାଇଁ ନିଜର ଭିଜନ ସ୍ପଷ୍ଟ କରିବା ସହ ଲୋକଙ୍କର ଉତ୍ସାହ, ଶ୍ରଦ୍ଧା, ବିକାଶର ଜିଲ୍ଲା ଗଠନ ପାଇଁ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ।

# ବିଜେଡିର ମିଶ୍ରଣ ସଭାରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

## ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ

**ବାରିପଦା ଅଫିସ,୧୪।୪**



ବିଜେଡିର ମିଶ୍ରଣ ସଭାରେ ଦଳୀୟ ନେତୃବୃନ୍ଦ ଓ ଅନ୍ୟମାନେ।

ବାରିପଦା ବିଜୁ ଭବନ ତଥା ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଦଳ ପକ୍ଷରୁ ରବିବାର ଏକ ମିଶ୍ରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେଏମଏମର ରାଇରଙ୍ଗପୁର ଉପଖଣ୍ଡ ସଭାପତି ହରେକୃଷ୍ଣ ମଣ୍ଡଳ ତାଙ୍କ ସମର୍ଥକଙ୍କ ସହିତ ବିଜେଡିରେ ଯୋଗ ଦେଇଛନ୍ତି। ଏହାଛଡ଼ା ସୁମନ୍ତ କୁମାର ବେହେରା, ପୀତାମ୍ବର ବେହେରା, ଭାଗୀରଥି ହାଁସଦା, ବିଦୁ ମୁର୍ମୁ, କାନ୍ଦରା ହେମ୍ବ୍ରମ, ଫାଗୁରାମ ହାଁସଦା, ଜେନାରାମ ପୁର୍ତ୍ତିଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଆଗଧାଡିର ଜେଏମଏମ ନେତୃବୃନ୍ଦ ବିଧିବଦ୍ଧ ଭବେ ବିଜେଡିରେ ଯୋଗ ଦେଇଛନ୍ତି। ଜିଲ୍ଲା ବିଜେଡି ସଭାପତି ଦେବାଶିଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ସଭାରେ ଲୋକସଭା ପ୍ରାର୍ଥୀ ଡା.ଦେବାଶିଷ ମାରାଣ୍ଡି, ବାରିପଦା ବିଧାନସଭା ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମ, ଯୁବ ସଭାପତି ଜିତେନ୍ଦ୍ର ମହାନ୍ତି, ଯୁବ ବିଜେଡିର ଉତ୍ତର ଓଡ଼ିଶା ଜୋନ୍ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଜିଲ୍ଲା ସମ୍ପାଦକ ସୁଜିତ କୁମାର ମହାନ୍ତି, ବାରିପଦା ମ୍ୟୁନିସିପାଲିଟି ପର୍ଯ୍ୟବେକ୍ଷକ ମାନସ କୁମାର ମଲିକ, ରାଜ୍ୟ ମହିଳା ସମ୍ପାଦିକା ସମ୍ପା ମଜୁମଦାର ପ୍ରମୁଖଙ୍କ ସମେତ ଅନ୍ୟ ନେତୃବୃନ୍ଦମାନେ ଉପସ୍ଥିତ ଥିଲେ। ଏହି ଖବରଦାତା ସମ୍ମିଳନୀରେ ଜଣେ ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତାଙ୍କୁ ଜଣେ ବିଜେଡି କର୍ମୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ପ୍ରଥମେ ଉତ୍ତେଜନା ଦେଖା ଦେଇଥିଲା। ପରେ ଦଳୀୟ ନେତୃବୃନ୍ଦ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ହୋଇଥିଲା।

# ଭାଜପାରେ ମିଶିଲେ ଶତାଧିକ କର୍ମୀ

**ରେମୁଣା, ୧୪।୪(ଡି.ଏନ.ଏ.):** ରସାଳପୁର ପଞ୍ଚାୟତର ଶତାଧିକ ବିଜେଡି ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ରବିବାର ପୂର୍ବାହ୍ନରେ ଅକ୍ଷୟ କୁମାର ପାତ୍ର, ଗୌରହରି ପାତ୍ର, ନୂତନ ପାତ୍ର, ନୂତନ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବକ ବିଜେଡି ଛାଡ଼ି ଭାଜପାରେ ମିଶିଛନ୍ତି। ବାଲିଆସ୍ଥିତ ରେମୁଣା ଭାଜପା କାର୍ଯ୍ୟାଳୟରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପଟ୍ଟନାୟକ, କୃଷକମୋର୍ଚ୍ଚା ରାଜ୍ୟ ଉପସଭାପତି ବିପିନ ବିହାରୀ ଦାସ, ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, ସରପଞ୍ଚ ଉମାକାନ୍ତ ପଣ୍ଡା, ବିସ୍ତାରକ ଅଏସ କୁମାର ରାଉତ, ମଣିନାଗେଶ୍ୱର ମଣ୍ଡଳ ସଭାପତି ଭୋଳାନାଥ ପାତ୍ର ଓ ମାନସ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପାରେ ସାମିଲ୍ ହୋଇଥିବା ଅନ୍ୟଦଳର କର୍ମୀ।

# ସିପିଆଇ, କଂଗ୍ରେସର ବୁଥ୍‌ସ୍ତରୀୟ ସମନ୍ୱୟ ବୈଠକ

**ବନ୍ତ,୧୪।୪(ଡି.ଏନ୍.ଏ.)**



ବୈଠକରେ କଂଗ୍ରେସ ଓ ସିପିଆଇ କର୍ମକର୍ତ୍ତା।

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ୯୮ ନମ୍ବର ନିଳୋକ ବୁଥ୍‌ରେ ରବିବାର ସିପିଆଇ ଓ କଂଗ୍ରେସ ପକ୍ଷରୁ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଳୋକସ୍ଥିତ ମା' ବଉଳାଶୁଣୀ ପୀଠରେ ପଞ୍ଚାୟତ ସମନ୍ୱୟ କମିଟିର ଆବାହକ କିଶୋର ବେହେରାଙ୍କ ପରିଚାଳନାରେ ବୈଠକ ହୋଇଥିଲା। ରଘୁନାଥ ନାୟକ, ମଣିଭଦ୍ର ବିଶ୍ୱାଳ, ଅଭିମନ୍ୟୁ ଜେନା, ପ୍ରଭାସ ଦାସ, କାହ୍ନୁଚରଣ ନାୟକ, ଗୋପୀନାଥ ଧଳ, ନୃସିଂହ ଦାଶ ଓ ଗୋପାଳ ଦାଶଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ସାଧାରଣ ନିର୍ବାଚନ ପରିଚାଳନା ସମ୍ପର୍କରେ ବୈଠକରେ ଆଲୋଚନା କରାଯିବା ସହ କଂଗ୍ରେସର ଭଦ୍ରକ ଲୋକ ସଭା ଆସନ ପ୍ରାର୍ଥିନୀ ମଧୁମିତା ସେଠୀ ଓ ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କୁ ବିପୁଳ ଭୋଟରେ ବିଜୟୀ କରାଯିବା ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା।

# ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ



ଯୁବ ବିଜେଡି ସଭାପତି ଜିତେନ୍ଦ୍ର ମହାନ୍ତି ପ୍ରଚାର କରୁଛନ୍ତି।

**ବାରିପଦା ଅଫିସ,୧୪।୪**

ମୟୂରଭଞ୍ଜ ଜିଲ୍ଲା ଯୁବ ବିଜେଡି ସଭାପତି ଜିତେନ୍ଦ୍ର କୁମାର ମହାନ୍ତି ରବିବାର ବାରିପଦା ଅମ୍ବିକା ମନ୍ଦିରରେ ପୂଜାର୍ଚ୍ଚନା କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ଲୋକସଭା ପ୍ରାର୍ଥୀ ଡା.ଦେବାଶିଷ ମାରାଣ୍ଡି ଓ ବାରିପଦା ବିଧାୟକ ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମଙ୍କ ପାଇଁ ସେ ପ୍ରଚାର ମଙ୍ଗ ଧରିଛନ୍ତି। ୱାର୍ଡ ନଂ ୫ରୁ ତାଙ୍କ ପ୍ରଚାର ଆରମ୍ଭ ହୋଇଛି। ସହରର ଯୁବଛାତ୍ର କର୍ମୀଙ୍କୁ ସାଙ୍ଗରେ ନେଇ ସେ ପ୍ରଚାର କରୁଛନ୍ତି। ତାଙ୍କ ସହିତ ଯୁବ ନେତା ସମ୍ବିତ କୁମାର ବଶା, କପିଳ ଖଣ୍ଡେଲୱାଲଙ୍କ ସମେତ ଅନ୍ୟ ଯୁବଛାତ୍ର ନେତାମାନେ ସାମିଲ ଥିଲେ।

# ୯ ଅତି ଉତ୍ତେଜନାପ୍ରବଣ ବୁଥ୍

**ଜଳେଶ୍ୱର, ୧୪।୪(ଡି.ଏନ.ଏ.)**

ଜଳେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ୨୫ଟି ଉତ୍ତେଜନା ପ୍ରବଣ ବୁଥ ରହିଛି। ସେଥିମଧ୍ୟରୁ ୯ଟି ବୁଥ ଅତି ଉତ୍ତେଜନାପ୍ରବଣ ରହିଛି। ସେଗୁଡ଼ିକ ହେଲା ଗୋପୀମୋହନପୁର, ଅଲାଲପୁର, ପଞ୍ଚୁଘଣ୍ଟା, ନାମ୍ପୋ, ପଶ୍ଚିମବାର୍ଡ଼, ବାଇଗଣବାଡ଼ିଆ, ଝାଡ଼ପିପଳ, ରାଜପୁର ଓ ଆରୁହା। ଉକ୍ତ ବୁଥରେ ସିସିଟିଭି କ୍ୟାମେରା ଲଗାଯିବା ସହିତ ସିଆରପିଏଫ୍, ସିଆଇଏସଏଫ୍ ଓ ବିଏସଏଫ୍‌ର ଯବାନମାନଙ୍କୁ ମୁତୟନ କରାଯାଇଛି। ପ୍ରଶାସନ ତରଫରୁ ତୀକ୍ଷ୍ଣ ନଜର ରଖାଯିବ ବୋଲି ଜଳେଶ୍ୱର ଥାନା ଆଇଆଇସି ପ୍ରଦୀପ କୁମାର ମାଝୀ ସୂଚନା ଦେଇଛନ୍ତି। ପୂର୍ବରୁ ନିର୍ବାଚନ ସମୟରେ ବିଭିନ୍ନ ହିଂସା ତଥା ଗଣ୍ଡଗୋଳରେ ଲିପ୍ତ ଥିବା ୨ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ସ୍ଥାନୀୟ ପୋଲିସ ନୋଟିସ ଜାରି କରିଛି।

# ବଦଳୁଛି ସିମୁଳିଆ ସମୀକରଣ

## ଏକାଠି ହେଉଛନ୍ତି କଂଗ୍ରେସ ନେତା ଓ କର୍ମୀ

**ଖଇରା, ୧୪।୪(ଡି.ଏନ.ଏ.)**



ସ୍ଥିତି ସଜାଡ଼ିବାକୁ ଏକାଠି ହୋଇଥିବା କଂଗ୍ରେସ ନେତା।

ସିମୁଳିଆ ନିର୍ବାଚନମଣ୍ଡଳୀରେ ଦୁର୍ବଳ ହୋଇପଡ଼ିଛି ବୋଲି କୁହାଯାଉଥିବା କଂଗ୍ରେସ ଏବେ ଧୀରେ ଧୀରେ ସଙ୍ଗଠିତ ହେଉଛି। ଏଠାରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ରାଜ୍ୟ ଉପସଭାପତି ଅନନ୍ତ ପ୍ରସାଦ ସେଠୀ ଏବେ ଦୁର୍ବଳ ସ୍ଥିତିକୁ ଖୁବ୍ ଅଳ୍ପ ସମୟରେ ସଜାଡ଼ି ନେବା ପାଇଁ ଉଦ୍ୟମ ଚଳାଇଥିବାବେଳେ ଏବେ ପରିସ୍ଥିତିରେ ଯଥେଷ୍ଟ ସୁଧାର ଆସିଥିବାର କୁହାଯାଉଛି। ପ୍ରଥମେ ବିଜେଡି ପ୍ରାର୍ଥୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ପଦ୍ମଲୋଚନ ପଣ୍ଡାଙ୍କ ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ବୋଲି ଆଲୋଚନା ହେଉଥିବାବେଳେ ଏବେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଭାସ ମିଳିଲାଣି।

କଂଗ୍ରେସରେ ରହି ୩ଥର ବିଧାୟକ ସହ ମନ୍ତ୍ରୀ ହୋଇଥିବା ପଦ୍ମଲୋଚନ ପଣ୍ଡା ଦଳ ଛାଡ଼ିବା ପରେ କଂଗ୍ରେସ ଏକପ୍ରକାର ଦୁର୍ବଳ ହୋଇପଡ଼ିଥିଲା। ଅନ୍ୟତମ ଯୁବନେତା ରବୀନ୍ଦ୍ର ଶତପଥୀ କଂଗ୍ରେସକୁ ଏକଜୁଟ୍ କରିବାକୁ ଉଦ୍ୟମ କରିଥିଲେ ହେଁ ରାଜ୍ୟ କଂଗ୍ରେସ ନେତୃବୃନ୍ଦଙ୍କ ଆଶୀର୍ବାଦ ମିଳି ନ ଥିଲା। ପଦ୍ମଲୋଚନ ଅଧିକାଂଶ କର୍ମୀଙ୍କୁ ତାଙ୍କ ସପକ୍ଷକୁ ନେବାକୁ ସମର୍ଥ ହୋଇଥିଲେ। ହେଲେ ବହୁ ବିଳମ୍ବରେ ଅନନ୍ତ ପ୍ରାର୍ଥୀ ହେବା ପରେ କଂଗ୍ରେସ ଆଉ ଉଠିପାରିବ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଥିଲେ। ହେଲେ ଏବେ ଅନନ୍ତ ଖଇରା ବ୍ଲକର ପୁରୁଖା ନେତା ନବକିଶୋର କର, ରାମଚନ୍ଦ୍ର ଶତପଥୀ, ରଘୁନାଥ ପାତ୍ର, ଉପେନ୍ଦ୍ର ସାହୁ, ବସନ୍ତ ପାତ୍ର, ଶରତ ଦାସ, ରାଜେନ୍ଦ୍ର ଜେନା, ପରେଶ ସାମଲଙ୍କୁ ନେଇ ପ୍ରଚାରକୁ ଯଥେଷ୍ଟ ଆଗେଇ ନେଇଛନ୍ତି। ସେହିଭଳି ସିମୁଳିଆ ବ୍ଲକରେ ସୁପ୍ତ ଅବସ୍ଥାରେ ଥିବା ସ୍ଥାନୀୟ କଂଗ୍ରେସ ନେତା ଶରତ ନାୟକ, ଉତ୍ତମ ମହାନ୍ତି, ପ୍ରହ୍ଲାଦ ନାୟକ, କନ ପରିଡ଼ା ତଥା ଜିଲ୍ଲା ଉପସଭାପତି ବନମାଳୀ ବିଶ୍ୱାଳଙ୍କୁ ଆଣି ସ୍ଥିତି ସଜାଡିବାକୁ ସକ୍ଷମ ହୋଇଛନ୍ତି। ସେପଟେ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିବା ଶଶି କୁମାର ସାହୁ ବିଜେଡିରେ ମିଶିଥିଲେ ମଧ୍ୟ ତାଙ୍କ ଅନୁଗତମାନେ ମଧ୍ୟ ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ପ୍ରତି ବିମୁଖ ହୋଇ ଏବେ ଅନନ୍ତଙ୍କ ଶିବିରକୁ ଯିବାକୁ ଇସାରା ଦେଇସାରିଲେଣି। ସ୍ୱାଧୀନତା ପରଠାରୁ କୌଣସି ପ୍ରତିଷ୍ଠିତ ରାଜନୈତିକ ଦଳ ଖଇରା ବ୍ଲକରୁ ପ୍ରାର୍ଥୀ କରି ନ ଥିଲା। ଏଥର କଂଗ୍ରେସ ପ୍ରାର୍ଥୀ ହୋଇଥିବା ଅନନ୍ତ ଖଇରା ବ୍ଲକରୁ ହୋଇଥିବାରୁ 'ମୁଁ ଖଇରା ମାଟିର ପୁଅ' ନାରାରେ ଆକୃଷ୍ଟ ହୋଇ ତାଙ୍କ ସପକ୍ଷରେ ଜନମତ ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଯଦି କଂଗ୍ରେସ ତାର ପୂର୍ବସ୍ଥିତିକୁ ଫେରି ଆସିବାକୁ ସକ୍ଷମ ହୁଏ ତେବେ କଂଗ୍ରେସ ଅନ୍ୟ ପ୍ରାର୍ଥୀଙ୍କୁ ମାତ୍ ଦେଇ ବିଜୟ ହାସଲ କରିବା ଅସମ୍ଭବ ନୁହେଁ। ଏ ସମ୍ପର୍କରେ ଅନନ୍ତଙ୍କ ସହ ଯୋଗାଯୋଗ କରିବାରେ ସିମୁଳିଆରେ କଂଗ୍ରେସର କେତେକ ନେତା ଅନ୍ୟ ଦଳକୁ ଯାଇଥିଲେ ହେଁ ସମସ୍ତ କର୍ମୀ କଂଗ୍ରେସ ତାଙ୍କ ସହ ରହିଛନ୍ତି। ଅନ୍ୟତମ ଆଶାୟୀ ଥିବା କଂଗ୍ରେସ ନେତା ରବି ଶତପଥୀ ଏବେ ପ୍ରଚାରର ମଙ୍ଗ ଧରି କାର୍ଯ୍ୟାରମ୍ଭ କରିଛନ୍ତି। କଂଗ୍ରେସର ସମସ୍ତ କର୍ମୀ, ପୁରୁଖା ଓ ଯୁବନେତା ସଙ୍ଗଠିତ ହୋଇ ଏକ ମନ ଏକ ପ୍ରାଣରେ କାର୍ଯ୍ୟ ଆରମ୍ଭ କରୁଛନ୍ତି। ସିମୁଳିଆ ନିର୍ବାଚନମଣ୍ଡଳୀରେ କଂଗ୍ରେସର ବିଜୟ ସୁନିଶ୍ଚିତ ବୋଲି ସେ ଦାବି କରିଛନ୍ତି।

# ଝୁମ୍ପୁରାରେ ଭାଜପାର ପ୍ରଚାର

**ଝୁମ୍ପୁରା, ୧୪।୪(ଡି.ଏନ.ଏ.):** ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଜୋରଦାର ହୋଇଛି। କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ଝୁମ୍ପୁରା ବ୍ଲକର ୧୨ ପଞ୍ଚାୟତ ସାମିଲ ଅଛି। ସଦର ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝି ଏବଂ ଲୋକ ସଭା ପ୍ରାର୍ଥୀ ଅନନ୍ତ ନାୟକ ମାରାଥନ ପ୍ରଚାର ଚଳାଇଛନ୍ତି। ଝୁମ୍ପୁରା ବ୍ଲକରେ ୧୨ ପଞ୍ଚାୟତରେ ଭାଜପା ପକ୍ଷରୁ ପ୍ରଚାରର ମଙ୍ଗ ଧରିଛନ୍ତି ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା। ଭାଜପା ତୃଣମୂଳସ୍ତରରେ ସଙ୍ଗଠନକୁ ସଜାଡିଥିବା ଏବଂ ଘରେ ଘରେ ପରିଚିତ ଅନୁବ୍ରତ ଏବେ ଜିଲ୍ଲା ପରିଷଦ ସଦସ୍ୟ ରହିଛନ୍ତି।

# କଂଗ୍ରେସର ନିର୍ବାଚନ ସଭା

**କୋଲିମାଟି, ୧୪।୪(ଡି.ଏନ.ଏ.):** କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନମଣ୍ଡଳୀର କୁଣ୍ଡାକୋଟ ଗ୍ରାମରେ ରବିବାର କଂଗ୍ରେସ ତରଫରୁ ନିର୍ବାଚନ ସଭା ହୋଇଥିଲା। ଏଥିରେ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଶିଳ୍ପପତି ନବରଞ୍ଜନ ପଟ୍ଟନାୟକ ଓ ଆନନ୍ଦପୁରର ଯୁବନେତା ସୁରେଶ ସାହୁ କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ସଭାକୁ ପଦ୍ମଲାଭ ମହାନ୍ତ, ମନୋ ବେହେରା, ଦୀପକ ବେହେରା, ରଘୁନାଥ ବେହେରା, ଶ୍ରୀଧର ବେହେରା, ବିନୋଦ ଖିଲାଲ, ବାବୁଲି ସେଠୀ, ଅଲେଖ ବେହେରା, ବିଶ୍ୱନାଥ ଖିଲାର, ନାରାୟଣ ପାତ୍ର ସହ କର୍ମୀ ଉପସ୍ଥିତ ଥିଲେ।

## କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀ

# ବିଜେଡି, ଭାଜପାକୁ ଅଡୁଆ ସ୍ୱାଧୀନ ପ୍ରାର୍ଥୀ

**ଆଦିତେଶ୍ୱର ମିଶ୍ର**
**କନ୍ଧମାଳ, ୧୪।୪**

ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ହେବା ପରେ ବାଲିଗୁଡା ଓ ବୌଦ୍ଧ ନିର୍ବାଚନ ମଣ୍ଡଳୀର ଅଂଶକୁ ନେଇ କନ୍ଧମାଳ ବିଧାନସଭା କ୍ଷେତ୍ର ଗଠିତ ହୋଇଛି। କନ୍ଧମାଳ ନିର୍ବାଚନ ମଣ୍ଡଳୀରୁ ୨୦୧୪ ନିର୍ବାଚନରେ ବିଜେଡିର ମହୀଧର ରଣା ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ମହୀଧର ବିଜେଡି ପ୍ରାର୍ଥୀ ହୋଇଛନ୍ତି। ସେହିପରି କଂଗ୍ରେସରୁ ଆଇନଜୀବୀ ପ୍ରଶାନ୍ତ ସାହୁ, ଭାଜପାର କହ୍ନେଇ ଚରଣ ଡାଙ୍ଗ ନିର୍ବାଚନ ଲଢୁଛନ୍ତି। ସେପଟେ ଶେଷ କୁମାର ମେହେର ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଏହା ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

ଚଳିତ ନିର୍ବାଚନରେ ଏଠାରେ କଂଗ୍ରେସ ଚାଷ ଓ ଚାଷୀ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରି ଭୋଟ୍ ହାତେଇବାକୁ ଲକ୍ଷ୍ୟ ରଖିଛି। ୨୦୧୪ ନିର୍ବାଚନରେ ଅନ୍ୟ ଦଳକୁ ଚାଲିଯାଇଥିବା ପାରମ୍ପରିକ ଭୋଟ ଫେରାଇ ଆଣିବାକୁ କଂଗ୍ରେସ ଉଦ୍ୟମ ଚଳାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି, କୃଷିଋଣ ଛାଡ ସହ ଜଳସେଚନ ପାଇଁ କଂଗ୍ରେସ ପ୍ରତିଶ୍ରୁତି ଦେଉଛି। ସେହିପରି ଭାଜପା ବିଜେଡିର ୧୯ ବର୍ଷର କଳଙ୍କିତ ଶାସନକୁ ସମାଲୋଚନା କରିବା ସହ ମୋଦିଙ୍କ ଲୋକପ୍ରିୟତାକୁ ପାଥେୟ କରି ଭୋଟ୍ ପାଇବାକୁ ଯୋଜନା ଚଳାଇଛି। ଭାଜପା ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗଙ୍କ ବୌଦ୍ଧ ବ୍ଲକ ଅଞ୍ଚଳରେ ସଙ୍ଗଠନ ରହିଛି। ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାରଙ୍କ ଘର ମଧ୍ୟ ବୌଦ୍ଧ ବ୍ଲକ ଅଞ୍ଚଳରେ ହୋଇଥିବାରୁ ଏହି ବ୍ଲକର ୧୨ଟି ପଞ୍ଚାୟତରେ କହ୍ନେଇ ଓ ଶେଷକୁମାରଙ୍କ ମଧ୍ୟରେ କଡା ଟକ୍କର ହେବ। ଭାଜପା ପ୍ରାର୍ଥୀ କହ୍ନେଇ ଚରଣ କହିଛନ୍ତି ଯେ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଦୃଷ୍ଟିରୁ କନ୍ଧମାଳ ବହୁ ପଛରେ ରହିଛି। ଜଳସେଚନ ଓ ଚାଷୀ ସମସ୍ୟା ମଧ୍ୟ ଏଠି ଉତ୍କଟ। ସେସବୁ ଦିଗରେ କାର୍ଯ୍ୟ କରିବାକୁ ସେ ପ୍ରତିଶ୍ରୁତିବଦ୍ଧ ଅଛନ୍ତି।


ମହୀଧର ରଣା


କହ୍ନେଇ ଚରଣ ଡାଙ୍ଗ


ପ୍ରଶାନ୍ତ ସାହୁ


ଶେଷ କୁମାର ମେହେର

ଅନ୍ୟପକ୍ଷେ ବିଧାୟକ ମହୀଧର ରଣା ତୃଣମୂଳସ୍ତରରେ ବିଜେଡିର ସଙ୍ଗଠନକୁ ଧରି ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛନ୍ତି। ୧ ନମ୍ବର ଜୋନରେ ତାଙ୍କ ଘର ହୋଇଥିବାରୁ ସେହି ଜୋନ୍‌ର ଭୋଟ୍ ଉପରେ ତାଙ୍କ ବିଜୟ ନିର୍ଭର କରୁଛି। କାରଣ ସେ ଗତ ନିର୍ବାଚନରେ ସେଠାରୁ ବିପୁଳ ଭୋଟ ପାଇ ବିଜୟୀ ହୋଇଥିଲେ। ମହୀଧର କୁହନ୍ତି, ମୋ କାର୍ଯ୍ୟକାଳ ଭିତରେ ଜାମୁଟ ଘାଟରେ ପୋଲ, କନ୍ଧମାଳ, ଘଣ୍ଟାପଡା ଓ ଗବକୋରଠାରେ ତେଲ ନଦୀରେ ପୋଲ ସହିତ ଜଳସେଚନ କ୍ଷେତ୍ରରେ ଯାହା ପାରିଛି, କାମ କରିଛି। ଆହୁରି ଅଧୁରା ସ୍ୱପ୍ନ ରହିଛି। ନିର୍ବାଚନରେ ବିଜୟୀ ହେଲେ ସେସବୁ ପୂରଣ କରିବି। ହେଲେ ତାଙ୍କ ପାଇଁ ମଧ କଣ୍ଟା ହୋଇ ଠିଆ ହୋଇଛନ୍ତି ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାର ମେହେର। କାରଣ ଶେଷ କୁମାର ମେହେର ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଭାବେ ଛିଡା ହୋଇଛନ୍ତି। ବିଜେଡି ସଙ୍ଗଠନର ସବୁ ସ୍ତରରେ ତାଙ୍କର ସମ୍ପର୍କ ଓ ପ୍ରଭାବ ରହିଛି। ତାଙ୍କୁ ବିଧାୟକଙ୍କ ବିପକ୍ଷ ବିଜେଡି ନେତା ଓ କର୍ମୀଙ୍କ ସମର୍ଥନ ମିଳୁଛି। ତାଙ୍କ ସପକ୍ଷରେ ପୂର୍ବତନ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସାମନ୍ତ ମାଝୀ ଓ ପୂର୍ବତନ ବିଧାୟକ ଭଗବାନ କହଁରଙ୍କ ସମର୍ଥନ ରହିଛି। ଶଙ୍କର୍ଷଣ ପ୍ରଧାନ ୨ ଓ ୩ ନମ୍ବର ଜୋନରେ ପାରମ୍ପରିକ ବିଜେଡି ଭୋଟକୁ ପ୍ରଭାବିତ କରୁଥିବା ବେଳେ ଭଗବାନ କହଁର ଓ ସାମନ୍ତ ମାଝୀ ୧ ନମ୍ବର ଜୋନରେ ବିଜେଡି ଭୋଟ୍‌କୁ ପ୍ରଭାବିତ କରିବା ଆଶଙ୍କା ରହିଛି। କର୍ମୀମାନଙ୍କ ସହ ପୁରୁଣା ସମ୍ପର୍କ ଓ ଦଳୀୟ ଅସନ୍ତୁଷ୍ଟଙ୍କ ଉପରେ ଶେଷକୁମାରଙ୍କ ବିଜୟ ନିର୍ଭର କରୁଛି। କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଶେଷ କୁମାରଙ୍କୁ ସମର୍ଥନ କରୁଥିବା ବିଜେଡିର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ବିଧାୟକ ରଣା ତାଙ୍କ ସପକ୍ଷରେ ନେଇ ପାରିନାହାନ୍ତି। ଏଠାକାର ଜଣେ ଭୋଟର ଫଟୁ ରାଜହଂସ କୁହନ୍ତି, ସବୁ ପ୍ରାର୍ଥୀ ସମାନ ସମାନରେ ଯାଉଛନ୍ତି। ଆସନ୍ତା ଦୁଇଦିନ ଭିତରେ ସମୀକରଣ ନ ବଦଳିଲେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ। ଚଳିତ ନିର୍ବାଚନରେ ୧୧ ହଜାର ୨୫୬ ଯୁବ ଭୋଟର ଭୋଟ ଦେବେ। ଏହି ଯୁବ ଭୋଟରଙ୍କ ସମର୍ଥନ ଉପରେ ସବୁ ଦଳର ପ୍ରାର୍ଥୀଙ୍କ ନଜର ରହିଛି।

# ପ୍ରାର୍ଥୀଙ୍କ ପ୍ରତିଷ୍ଠା ଉପରେ ବାଜି ଲାଗିଛି

## ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ

**ବୀରେନ୍ଦ୍ର ଝାଙ୍କର**
**ବଲାଙ୍ଗୀର ଅଫିସ, ୧୪।୪**

ସଂସଦୀୟ କ୍ଷେତ୍ର ବଲାଙ୍ଗୀରରେ ସବୁବେଳେ ହାଇଭୋଲଟେଜ ଲଢେଇ ହୋଇଥାଏ। ଏଠାକାର ନିର୍ବାଚନ ରାଜନୀତି ଏଥର ଏକ ରୋଚକ ମୋଡରେ ପହଞ୍ଚିଛି। ଭୋଟ ଗ୍ରହଣ ଦିବସ ଆଉ ମାତ୍ର ଚାରିଦିନ ବାକି ଥିବାବେଳେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ବିଜୟ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ସଭା, ଶୋଭାଯାତ୍ରା ଓ ରୋଡ ଶୋ କରାଯାଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରାଯାଉଛି। ପ୍ରାର୍ଥୀଙ୍କ ପରିବାରର ମହିଳା ସଦସ୍ୟମାନେ ବାହାରି ନିର୍ବାଚନୀ ବାତାବରଣକୁ ସରଗରମ କରି ଦେଇଛନ୍ତି। ବଲାଙ୍ଗୀର ସଦର, ଲୋଇସିଂହା, ଟିଟିଲାଗଡ, କଣ୍ଟାବାଞ୍ଜି, ପାଟଣାଗଡ ଏବଂ ସୁବର୍ଣ୍ଣପୁର ଜିଲାର ସୋନପୁର ଓ ବୀରମହାରାଜପୁର ବିଧାନସଭା କ୍ଷେତ୍ରକୁ ନେଇ ଏହି ଲୋକ ସଭା ନିର୍ବାଚନ ମଣ୍ଡଳୀ ଗଠିତ। ମୋଟ ୧୭ ଲକ୍ଷ ୧୩ ହଜାର ୯୯୬ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୮ ଲକ୍ଷ ୮୬ ହଜାର ୮୯୯ ଜଣ ପୁରୁଷ ଓ ୮ ଲକ୍ଷ ୨୬ ହଜାର ୯୬୬ ମହିଳା ଭୋଟର ରହିଛନ୍ତି। ୧୩୧ଜଣ ଅନ୍ୟ ଭୋଟର ରହିଛନ୍ତି।

ଏଠାରେ ଆଗାମୀ ୧୮ତାରିଖରେ ମତଦାନ ହେବ। ବିଜେଡି ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କୁ ପୁଣି ଥରେ ମଇଦାନରେ ଅବତୀର୍ଣ୍ଣ କରାଇଥିବା ବେଳେ ତାଙ୍କୁ ସାମ୍ନା କରୁଛନ୍ତି ତାଙ୍କ ଭାଉଜ ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସଙ୍ଗୀତା କୁମାରୀ ସିଂଦେଓ। କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କୁ ପ୍ରାର୍ଥୀ କରିବା ପରେ ପ୍ରତିଦ୍ୱନ୍ଦ୍ୱିତା ତ୍ରିମୁଖୀ ହୋଇଯାଇଥିବା ରାଜନୀତିରେ ରୁଚି ରଖୁଥିବା ଲୋକେ କହିଛନ୍ତି। ମଇଦାନରେ ଅବତୀର୍ଣ୍ଣ ଅନ୍ୟ ପ୍ରାର୍ଥୀମାନଙ୍କର ଉପସ୍ଥିତି ସେତେଟା ଅନୁଭୂତ ହେଲା ଭଳି ମନେ ହେଉନାହିଁ। ତେବେ ଏହି ନିର୍ବାଚନର ଫଳାଫଳ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କର ରାଜନୈତିକ ଭବିଷ୍ୟତ ଓ ବ୍ୟକ୍ତିଗତ ପ୍ରତିଷ୍ଠା ଉପରେ ବାଜି ଲାଗିଥିବା କୁହାଯାଉଛି। ବିଜେଡି-ଭାଜପା ମେଣ୍ଟ ଥିବାବେଳେ ଲଗାତର ତିନିଥର ଭାଜପାରୁ ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ ସଙ୍ଗୀତା କୁମାରୀ ସିଂଦେଓ। ମେଣ୍ଟ ଭାଙ୍ଗିବା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କଠାରୁ ପରାଜିତ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ୧୯ବର୍ଷର ବିଜେଡି ଶାସନର ବିଫଳତା ତାଙ୍କୁ ନିର୍ବାଚନୀ ବୈତରଣୀ ପାର କରାଇବ ବୋଲି ଆଶା ରଖିଛନ୍ତି ସଙ୍ଗୀତା। ତାଙ୍କ ପାଇଁ ଷ୍ଟାର ପ୍ରଚାରକଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋନପୁରଠାରେ ଆସି ପ୍ରଚାର କରିଯାଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଭୟ ଜିଲାରେ ମାରଥନ ପ୍ରଚାର କରିବା ପରେ ଦଳୀୟ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଲୋୟର ସୁକ୍ତେଲ ଜଳସେଚନ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା, ସବୁ ଗାଁରେ ପାନୀୟ ଜଳପ୍ରକଳ୍ପ, ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପର ଅଗ୍ରଗତି, ବଲାଙ୍ଗୀର ଓ ସୋନପୁର ଅଞ୍ଚଳରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ତାଙ୍କର ପ୍ରାଥମିକତା ବୋଲି ସଙ୍ଗୀତା କହିଛନ୍ତି। ତେବେ ନିର୍ବାଚନ ପୂର୍ବରୁ ଡା. ବାସୁଦେବ ପତିଙ୍କ ଭଳି କେତେକ ବରିଷ୍ଠ ନେତା ଦଳ ଛାଡି ବିଜେଡିରେ ମିଶିବା ତାଙ୍କୁ ଅକଳରେ ପକାଇବା ଆକଳନ କରାଯାଉଛି।

ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସଂଦେଓ ତୃତୀୟ ଥର ପାଇଁ ଏହି କ୍ଷେତ୍ରରୁ ପ୍ରାର୍ଥୀ ହୋଇଛନ୍ତି। ଦଳୀୟ କର୍ମୀ ଓ ନେତାଙ୍କୁ ଧରି ସେ ନିର୍ବାଚନ ମଣ୍ଡଳୀ ଅଧୀନ ସମସ୍ତ ବିଧାନ ସଭା କ୍ଷେତ୍ରରେ ଜୋରଦାର ପ୍ରଚାର ଚଳାଇଛନ୍ତି। ଦଳ ତରଫରୁ ସୋମବାର ଷ୍ଟାର ପ୍ରଚାରକଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାରାଥନ ପ୍ରଚାର କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିଫଳତା ଓ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରର ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁଫଳ ତାଙ୍କ ପାଇଁ ପୁଣି ଥରେ ବିଜୟ ଆଣି ଦେବ ବୋଲି କଳିକେଶ କହିଛନ୍ତି। ଲୋୟର ସୁକ୍ତେଲ ପ୍ରକଳ୍ପ କାମକୁ ଅବିଳମ୍ବେ ସମାପ୍ତ, ତୁଷରାଠାରେ ପାଇଲଟ୍ ଟ୍ରେନିଂ ସେଣ୍ଟର, ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପକୁ ସୋନପୁର ପର୍ଯ୍ୟନ୍ତ ଶୀଘ୍ର ନିର୍ମାଣ, ସୋନପୁରଠାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ ଉନ୍ନତମାନର ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିବା ତାଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି। ତେବେ ଗତ ଦୁଇ ନିର୍ବାଚନ ପରି ଚଳିତ ଥର କଳିକେଶ କେବଳ ବିରୋଧୀ ନୁହଁନ୍ତି ନିଜ ଦଳ ଭିତରୁ ବି କଡା ଆହ୍ୱାନର ସମ୍ମୁଖୀନ ହେଉଥିବା କୁହାଯାଉଛି। ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା ଓ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁଙ୍କ ଟିକେଟ କଟିବା ପରେ ଉଭୟ ନେତା ବସ୍ତୁତଃ ନିର୍ବାଚନ ପ୍ରଚାରରୁ ନିଜକୁ ଦୂରେଇ ରଖିଛନ୍ତି। ସେହିପରି ଶ୍ରମିକ ନେତା ଲଳିତ ନାୟକଙ୍କୁ ମଧ୍ୟ ଏଠାରେ ପ୍ରଚାରରେ ଦେଖାଯାଉନାହିଁ। ଏହାର ପ୍ରଭାବ ବିଜେଡି ଭୋଟ ରାଜନୀତି ଉପରେ କେତେ ପ୍ରଭାବ ପକାଇବ ତାହା ଫଳାଫଳ ଘୋଷଣା ପରେ ଜଣା ପଡିବ।

କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ପ୍ରଥମ ଥର ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ପିତା ନରସିଂହ ମିଶ୍ରଙ୍କ ଲୋକପ୍ରିୟତା ସାଙ୍ଗକୁ ନିଜସ୍ୱ ସାଙ୍ଗଠନିକ ଦକ୍ଷତା ଓ ଲୋକସମ୍ପର୍କ ତାଙ୍କୁ ଅଧିକ ଗ୍ରହଣଶୀଳ କରିବ ବୋଲି ସମରେନ୍ଦ୍ର କହିଛନ୍ତି। ଭାଜପା ଓ ବିଜେଡି ଏମ୍‌ପି ଦୀର୍ଘବର୍ଷ ଧରି ରହିବା ସତ୍ତ୍ୱେ ବଲାଙ୍ଗୀରବାସୀ କିଛି ପାଇ ନ ଥିବାରୁ ଏହା ସିଧାସଳଖ ତାଙ୍କୁ ଫାଇଦା ଦେବ ବୋଲି କହିଛନ୍ତି। ଇତିମଧ୍ୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଷ୍ଟାର ପ୍ରଚାରକଭାବେ ସମରେନ୍ଦ୍ରଙ୍କ ପାଇଁ ବୀରମହାରାଜପୁର ବ୍ଲକ ଅଞ୍ଚଳରେ ପ୍ରଚାର କରି ସାରିଛନ୍ତି। ଦାଦନ ସମସ୍ୟାର ସ୍ଥାୟୀ ସମାଧାନ, ସ୍ଥାନୀୟ ଅଞ୍ଚଳରେ ଯୁବକଯୁବତୀଙ୍କୁ ନିଯୁକ୍ତି, ଲୋୟର ସୁକ୍ତେଲ ସହ ଦୁଇ ଜିଲାରେ ଜଳସେଚନ ପ୍ରକଳ୍ପ, କୃଷିଭିତ୍ତିକ ଶିଳ୍ପପ୍ରତିଷ୍ଠା, ଚାଷୀଙ୍କୁ ୨୬୦୦ ଟଙ୍କାର ଏମ୍‌ଏସ୍‌ପି ସହାୟତା, କୃଷିଋଣ ଛାଡ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣ ଛାଡ ଭଳି ପ୍ରତିଶ୍ରୁତି ଦେଇ ସେ ଭୋଟର ଆଶୀର୍ବାଦ ଲାଭ କରିବାକୁ ଚେଷ୍ଟା କରୁଛନ୍ତି। ତେବେ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ତାଙ୍କୁ ଅଡୁଆରେ ପକାଉଥିବା ପ୍ରତୀୟମାନ ହେଉଛି। ଦେଓଗାଁ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ପୂର୍ବତନ ଜିଲା କଂଗ୍ରେସ ସଭାପତି ଭଗବାନ ବଗର୍ତ୍ତୀ ପ୍ରମୁଖ ତାଙ୍କ ପ୍ରାର୍ଥିତ୍ୱକୁ ଚ୍ୟାଲେଞ୍ଜ କରି ଦଳ ଛାଡିବା ସମରେନ୍ଦ୍ରଙ୍କୁ କେତେକାଂଶରେ ପ୍ରଭାବିତ କରିବ ବୋଲି କୁହାଯାଉଛି।

ବଲାଙ୍ଗୀର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ଅନେକ ସମସ୍ୟା ରହିଛି। ଲୋୟର ସୁକ୍ତେଲ, ବଲାଙ୍ଗୀର ବାଇପାସ୍ ରାସ୍ତା, ବଲାଙ୍ଗୀର ଚିନିକଳ, ସୋନପୁର ସୂତାକଳ ବନ୍ଦ ପଡିଛି। ଲୋକେ ଧୀରେ ଧୀରେ ସଚେତନ ହେଉଛନ୍ତି ଓ ଏଥର ଉଚିତ୍ ପ୍ରାର୍ଥୀଙ୍କୁ ଭୋଟ୍ ଦେବେ ବୋଲି ସଚେତନ ନାଗରିକ ବାଳକୃଷ୍ଣ ଷଡଙ୍ଗୀ କହିଛନ୍ତି। ସେହିପରି ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ କୁରୁଲ ଗ୍ରାମର ରାଜକିଶୋର ନାଏକ କହନ୍ତି, ୧୮ ତାରିଖ ଭୋଟ୍‌ରେ ବିକାଶ କାମ କରିବା ସାମର୍ଥ୍ୟ ଥିବା ପ୍ରାର୍ଥୀଙ୍କୁ ହିଁ ଲୋକେ ଭୋଟ୍ ଦେବେ।


ସଙ୍ଗୀତା କୁମାରୀ ସିଂଦେଓ


କଳିକେଶ ନାରାୟଣ ସିଂଦେଓ


ସମରେନ୍ଦ୍ର ମିଶ୍ର

### ବଲାଙ୍ଗୀର ଲୋକ ସଭା ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| କଳିକେଶ ନାରାୟଣ ସିଂଦେଓ | ବିଜେଡି | ୪,୫୩,୫୧୯ |
| ସଙ୍ଗୀତା କୁମାରୀ ସିଂଦେଓ | ଭାଜପା | ୩,୩୯,୨୨୦ |
| ଶରତ ପଟ୍ଟନାୟକ | କଂଗ୍ରେସ | ୨,୭୭,୬୧୬ |

# ବିଜେଡି ଛାଡ଼ିଲେ ସୁଷମାରାଣୀ

**ବାଲେଶ୍ୱର ଅଫିସ, ୧୪।୪**

ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା କ୍ଷେତ୍ରରେ ୨୦୧୯ ନିର୍ବାଚନରେ ଭାଜପାରୁ ଟିକେଟ ନ ପାଇବାର ଆଶଙ୍କା କରି ସୁଷମାରାଣୀ ବିଶ୍ୱାଳ ମାର୍ଚ୍ଚ ୧୧ ତାରିଖରେ ବିଜେଡିରେ ଯୋଗ ଦେଇଥିଲେ। ବିଜେଡିର ୩୩ ପ୍ରତିଶତ ମହିଳା ସଂରକ୍ଷଣ ନୀତି ଏବଂ ଦଳୀୟ ନେତୃବର୍ଗଙ୍କ ପ୍ରତିଶ୍ରୁତିରେ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିବା ସୁଷମାରାଣୀ କୌଣସି କାରଣରୁ ବିଧାୟକ ପ୍ରାର୍ଥୀ ଟିକେଟ ପାଇବାରୁ ବଞ୍ଚିତ ହେଲେ। ଏଥିରେ ସେ ଅସନ୍ତୋଷ ପ୍ରକାଶ କରି ରବିବାର ଅପରାହ୍ନରେ ବିଜେଡିର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଚଳିତ ନିର୍ବାଚନରେ ତାଙ୍କର ଭୂମିକା ସମ୍ପର୍କରେ ଖବରଦାତାମାନେ ପ୍ରଶ୍ନ କରିବାରୁ ସେ କହିଛନ୍ତି ଯେ, ବିଜେଡିର ନେତୃତ୍ୱାଧୀନ ବ୍ୟକ୍ତିମାନେ ବାରମ୍ବାର ନିଷ୍ପତ୍ତି ବଦଳାଉଛନ୍ତି। ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନଙ୍କୁ ପରାଜିତ କରିବା ପାଇଁ ସେ ବାଲେଶ୍ୱର ତଥା ନୀଳଗିରିବାସୀଙ୍କୁ ଆହ୍ୱାନ କରିବେ। ଅନ୍ୟପକ୍ଷରେ ସେ ପୁନର୍ବାର ଭାଜପାରେ ସାମିଲ ହେବା ନେଇ ସୂଚନା ମିଳୁଥିଲେ ମଧ ସେ ସ୍ପଷ୍ଟ କରି ନ ଥିଲେ। ଖବରଦାତା ସମ୍ମିଳନୀରେ ଯୁବନେତା କମ୍ବୁନାଥ ମଲ୍ଲିକ ଓ ବେଗୁନିଆ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଲକ୍ଷ୍ମୀକାନ୍ତ ଜେନା ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୪ ସାଧାରଣ ନିର୍ବାଚନରେ ଭାଜପାର ବିଧାୟିକା ପ୍ରାର୍ଥିନୀ ସୁଷମାରାଣୀ ପ୍ରତିଦ୍ୱନ୍ଦ୍ୱିତା କରି ୩୭ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜେଡି ପ୍ରାର୍ଥୀ ଇଂ. ସୁକାନ୍ତ ନାୟକଙ୍କଠାରୁ ପରାଜିତ ହୋଇଥିଲେ।



ସୁଷମାରାଣୀ ବିଶ୍ୱାଳଙ୍କ ଖବରଦାତା ସମ୍ମିଳନୀ।

## ବାରବାଟୀ-କଟକ ବିଧାନସଭା ଆସନ

# ଯାଦବ, ସଂଖ୍ୟାଲଘୁ ଭୋଟକୁ ନେଇ ତର୍ଜମା

**ନିର୍ମଳ ପଣ୍ଡା**
**କଟକ ଅଫିସ, ୧୪।୪**

ଏପ୍ରିଲ ୨୩ ତାରିଖରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ। ଆଉ ଅଳ୍ପଦିନ ଥିବାରୁ ପ୍ରାର୍ଥୀମାନେ ଦିନରାତି ଏକାକାର କରିଦେଇଛନ୍ତି। ଚଳିତ ନିର୍ବାଚନରେ ଏହି ଆସନରେ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ହେଲେ ଲଢେଇ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ବାରବାଟୀ-କଟକ ଆସନରେ ମୋଟ ଭୋଟର ସଂଖ୍ୟା ୨ ଲକ୍ଷ ୨୭ହଜାର ୭୭୭। ସେଥିରୁ ଯାଦବ ଭୋଟରଙ୍କ ସଂଖ୍ୟା ପାଖାପାଖି ୨୨ହଜାର ଥିବାବେଳେ ମୁସ୍‌ଲିମ୍ ଭୋଟରଙ୍କ ସଂଖ୍ୟା ପ୍ରାୟ ୩୬ହଜାର ରହିଛି। ଏଣୁ ଯାଦବ ଓ ସଂଖ୍ୟାଲଘୁ ଭୋଟକୁ ନେଇ ଏବେ ତର୍ଜମା ଚାଲିଛି।

୨୦୧୪ରେ ଯାଦବ ନେତା ଆଶୀର୍ବାଦ ବେହେରା ବିଜେଡି ସପକ୍ଷରେ ପ୍ରଚାର କରିଥିବାବେଳେ ଚଳିତଥର ମଧ ବିଜେଡିକୁ ସମର୍ଥନ ଦେବେ ବୋଲି ଖୋଲାଖୋଲି ଭାବେ କହିଛନ୍ତି। ସୂଚନାଥାଉକି, ଆଶୀର୍ବାଦଙ୍କୁ ନେଇ ବାରବାଟୀ-କଟକରେ ନୂଆ ସମୀକରଣ ସୃଷ୍ଟିହେବ ବୋଲି ଆକଳନ କରାଯାଉଥିଲା। କାରଣ ଆଶୀର୍ବାଦ ଏଠାରୁ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଟିକେଟ ଦୌଡ଼ରେ ଥିଲେ। ହେଲେ ଶେଷ ମୁହୂର୍ତ୍ତରେ ବିଜେଡି ଦେବାଶିଷଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଆଶୀର୍ବାଦଙ୍କ ପରବର୍ତ୍ତୀ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ମାତ୍ର ଆଶୀର୍ବାଦଙ୍କୁ ମନାଇବାରେ ବିଜେଡି ନେତୃତ୍ୱ ସଫଳ ହୋଇଛନ୍ତି। ମାତ୍ର ଯାଦବ ସମ୍ପ୍ରଦାୟରୁ ହେମନ୍ତ ବେହେରା ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ତେଣୁ ହେମନ୍ତ କେତେ ମାତ୍ରାରେ ଯାଦବ ଭୋଟକୁ ନିଜ ସପକ୍ଷରେ ନେବାରେ ସକ୍ଷମ ହେବେ ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଜଣେ ଯାଦବ ଭୋଟର କାର୍ତ୍ତିକେଶ୍ୱର ବେହେରା କୁହନ୍ତି, କଟକକୁ ଭଲ ପାଉଥିବା ନେତାଟିଏ ଦରକାର। ଜାତି କଥା ପଛରେ। ଜାତିକୁ ନେଇ ରାଜନୀତି କଟକରେ ହୋଇନାହିଁ କି ହେବନାହିଁ। ମୌଳିକ ସମସ୍ୟାକୁ ଦୂର କରିପାରିବା ଭଳି ସାହସ ଥିବା ନେତାକୁ କଟକବାସୀ ବାଛିବେ। ଆଉ ବାହୁସ୍ଫୋଟ କଥା ଓ ଟଙ୍କାର ବଳ କାମ ଦେବ ନାହିଁ ବୋଲି କାର୍ତ୍ତିକେଶ୍ୱର କହିଛନ୍ତି।

ସେହିପରି ସଂଖ୍ୟାଲଘୁ ସମ୍ପ୍ରଦାୟରୁ ଏବେ ମହମ୍ମଦ ମୋକିମ ଓ ସେକ୍ ମୁନ୍ତାକିମ ବକ୍ସ ପ୍ରାର୍ଥୀ ହୋଇଛନ୍ତି। ୨୦୧୪ ଫଳାଫଳ ଅନୁଯାୟୀ ମୁସ୍‌ଲିମ୍‌ବହୁଳ ବୁଥ୍‌ଗୁଡ଼ିକରୁ ବିଜେଡି ୧୨ହଜାର ଭୋଟ ପାଇଥିବା ବେଳେ କଂଗ୍ରେସ ୧୬ହଜାର ଭୋଟ ପାଇଥିଲା। ଏବେ ନିର୍ବାଚନୀ ମଇଦାନରେ ୨ ଜଣ ମୁସ୍‌ଲିମ ପ୍ରାର୍ଥୀ ଅଛନ୍ତି ତେଣୁ ଏହି ଭୋଟ ଭାଗ ହେବାର ଆଶଙ୍କା ରହିଛି। ମାତ୍ର ମୁସ୍‌ଲିମ୍ ସମ୍ପ୍ରଦାୟର ଅଧିକାଂଶ ନେତା ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ସେମାନଙ୍କ ମଧ୍ୟରେ ମହମ୍ମଦ ଶକିଲ, ସେକ୍ କମରୁଦ୍ଦିନ, ଏକ୍ରାମ ହୁସେନ, ଡ. ମହମ୍ମଦ ଆୟୁବ, ରମଜାନ ଖାଁ ଓ ଆଡଭୋକେଟ ସେକ୍ ଶରିଫ ପ୍ରମୁଖ ରହିଛନ୍ତି। ମୁସ୍‌ଲିମ୍ ଭୋଟ ଯଦି ଧ୍ରୁବୀକରଣ ହୁଏ ତେବେ ତାହା ବିଜେଡି କିମ୍ବା କଂଗ୍ରେସ ମଧ୍ୟରୁ କାହାକୁ ଫାଇଦା ଦେବ ସେ ନେଇ ରାଜନୈତିକ ସମୀକ୍ଷକମାନେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁନାହାନ୍ତି। ଏନେଇ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ କହିବାନୁଯାୟୀ, ଜାତିକୁ ନେଇ କଟକରେ ଭୋଟ ହୁଏ ନାହିଁ। ଏଠାରେ ଅନେକ ସମସ୍ୟା ରହିଛି, ଯାହାକୁ ଲୋକେ ରାତିପାହିଲେ ସାମ୍ନା କରୁଛନ୍ତି। ଅସରାଏ ବର୍ଷାରେ ଲୋକଙ୍କ ଚୁଲିରେ ପାଣି ପଶୁଛି। ସହରକୁ ଜଳବନ୍ଦୀରୁ ମୁକ୍ତ କରିବା, ମଶାଙ୍କ କବଳରୁ ସହରକୁ ମୁକ୍ତକରିବା, ଟ୍ରାଫିକ ସମସ୍ୟା ଦୂର କରିବା ଆଦି ପ୍ରସଙ୍ଗକୁ ନେଇ ସେ ଲୋକଙ୍କ ପାଖକୁ ଯାଉଛନ୍ତି। ଲୋକେ ଏହିସବୁ ପ୍ରସଙ୍ଗକୁ ଗ୍ରହଣ କରୁଥିବା ସେ ହୃଦୟଙ୍ଗମ କରୁଛନ୍ତି। କଟକବାସୀ ଅତୀତରେ ବିଜେଡି ଓ ଭାଜପାକୁ ବହୁବାର ଭୋଟ ଦେଇ ପ୍ରତାରଣାର ଶିକାର ହୋଇଛନ୍ତି। ତେଣୁ କଂଗ୍ରେସକୁ ଭୋଟ ଦେବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ଥିବା ଦେଖିବାକୁ ପାଉଛନ୍ତି ବୋଲି ମୋକିମ କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ମୁନ୍ତାକିମ୍ ବକ୍ସ କୁହନ୍ତି, ସହରବାସୀଙ୍କୁ ନାଳନର୍ଦ୍ଦମାରେ ବୁଡ଼ାଇ ରଖିଥିବା ଲୋକେ ପ୍ରାର୍ଥୀ ହୋଇ ଭୋଟ ମାଗୁଛନ୍ତି। ସବୁ ସମ୍ପ୍ରଦାୟର ଲୋକେ ତାଙ୍କୁ ଭୋଟ ଦେବେ ବୋଲି ମୁନ୍ତାକିମ୍ ଆଶାବାଦୀ ଥିବା କହିଛନ୍ତି। ସେହିପରି ଜଣେ ମହମ୍ମଦ ସାହିଦ କୁହନ୍ତି ଯେ, ଜାତିକୁ ଦେଖି ଲୋକ ଭୋଟ ଦେବେନି। ଯିଏ ସତରେ ଲୋକଙ୍କ ପାଇଁ କାମ କରିଛି ସାଧାରଣ ଲୋକ ତାକୁ ହିଁ ଭୋଟ ଦେବେ। ମଣିଷପଣିଆ ରହୁଥିବା ନେତାଙ୍କୁ ଏଥର କଟକବାସୀ ବାଛିବେ ବୋଲି ତାଙ୍କର ଆଶା। ନାଳନର୍ଦ୍ଦମା, ମଶା ସମସ୍ୟାରେ ଘାଣ୍ଟି ହେଉଥିବା କଟକିଆ ଭୁଲ ବିଚାର କଲେ ଏଥିରେ ଆହୁରି ୫ ବର୍ଷ ଘାଣ୍ଟି ହେବେ ବୋଲି ସାହିଦ୍ କହିଛନ୍ତି।

ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ କହିବାନୁଯାୟୀ, ସବୁ ସମ୍ପ୍ରଦାୟ ବିଜେଡି ସହିତ ଅଛନ୍ତି। ନବୀନ ସରକାରଙ୍କ ସମୟରେ କଟକର ଅନେକ ବିକାଶ ହୋଇଛି। ଜାଇକା ପ୍ରକଳ୍ପଠାରୁ ଆରମ୍ଭ କରି ସହର ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ ଅନେକ କାର୍ଯ୍ୟ ସାଧିତ ହୋଇଛି। ନବୀନ ସରକାରର ବିକାଶକୁ ଓ ଜନକଲ୍ୟାଣକାରୀ ଯୋଜନାକୁ ନେଇ ସେ ଲୋକଙ୍କ ପାଖକୁ ଯାଉଛନ୍ତି। ଲୋକେ ତାହାକୁ ଗ୍ରହଣ କରୁଛନ୍ତି ବୋଲି ସାମନ୍ତରାୟ କହିଛନ୍ତି।

ଭାଜପା ପ୍ରାର୍ଥୀ ସମୀର ଦେ ମଧ ଅନୁରୂପ ଢଙ୍ଗରେ କହିଛନ୍ତି। କଟକ ଭାଇଚାରାର ସହର। ଏଠାରେ ଜାତିଭିତ୍ତିକ ଭୋଟ ହୁଏନାହିଁ। ସହରକୁ ଆବର୍ଜନାମୁକ୍ତ କରିବା ସହିତ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। ଲୋକଙ୍କ ପାଖକୁ ଯିବା ସମୟରେ ଲୋକେ ଭୋଗୁଥିବା ମୌଳିକ ସମସ୍ୟା ଆମ ଆଗରେ ବଖାଣୁଛନ୍ତି। ଭାଜପା କ୍ଷମତାକୁ ଆସିବା ମାତ୍ରେ ପ୍ରଥମେ ଲୋକଙ୍କୁ ସାଥିରେ ଧରି ସେମାନଙ୍କ ସମସ୍ୟାକୁ ସମାଧାନ କରାଯିବ ବୋଲି ସମୀର କହିଛନ୍ତି।


ଦେବାଶିଷ ସାମନ୍ତରାୟ


ମହମ୍ମଦ ମୋକିମ


ସମୀର ଦେ

### ୨୦୧୪ର ଫଳାଫଳ

| | | |
|---|---|---|
| ବିଜେଡି | ଦେବାଶିଷ ସାମନ୍ତରାୟ | ୫୭,୬୬୩ |
| କଂଗ୍ରେସ | ଇଂ. ମହମ୍ମଦ ମୋକିମ୍ | ୪୩,୩୩୫ |
| ଭାଜପା | ପ୍ରଦୀପ ସ୍ୱାଇଁ | ୨୦,୫୫୨ |
| ବିଏସ୍‌ପି | ସୟଦ ସଫିକ୍ ଅଲି | ୨୭୪ |
| ଏସ୍‌ୟୁସିଆଇ | ପ୍ରତାପ ଚନ୍ଦ୍ର ମିଶ୍ର | ୨୦୭ |
| ଏଏପି | ସେକ୍ ମୁନ୍ତାକିମ୍ ବକ୍ସ | ୧୦୧୨ |
| ଏଓପି | ମହମ୍ମଦ ୱହିଦ ଶକିଲ | ୭୭୧ |
| ସ୍ୱାଧୀନ | ବିପିନ ବିହାରୀ ସାହୁ | ୧୨୫ |
| ସ୍ୱାଧୀନ | ଡା. ରମାରମଣ ଷଡ଼ଙ୍ଗୀ | ୬୬୭ |
| ନୋଟା | | ୧୨୩୮ |

### ୨୦୧୯ର ପ୍ରାର୍ଥୀ

| | |
|---|---|
| ଦେବାଶିଷ ସାମନ୍ତରାୟ | ବିଜେଡି |
| ମହମ୍ମଦ ମୋକିମ | କଂଗ୍ରେସ |
| ସମୀର ଦେ | ଭାଜପା |
| ପ୍ରିୟଦର୍ଶନ ପାଢୀଭେଲ | ଏସ୍‌ୟୁସିଆଇ |
| ଶୀତଲ କିନ୍ନର | ହିନ୍ଦୁ ମହାସଭା |
| ସେକ୍ ମୁନ୍ତାକିମ୍ ବକ୍ସ | ଏଏପି |
| ଜୟଶଙ୍କର ଆଚାର୍ଯ୍ୟ | କଳିଙ୍ଗସେନା |
| ଦୀପକ କୁମାର ମହାନ୍ତ | ହିନ୍ଦୁସ୍ଥାନ ନିର୍ମାଣ ଦଳ |
| ବିଶ୍ୱନାଥ ରାଉତ | କୃପା ପାର୍ଟି |
| ହେମନ୍ତ ବେହେରା | ସ୍ୱାଧୀନ |

ଧରିତ୍ରୀ
DHARITRI
ସୋମବାର, ୧୫ ଏପ୍ରିଲ , ୨୦୧୯




## ଅତ୍ୟଧିକ ମିଠା ଖାଇଲେ..



ସାଧାରଣତଃ ମିଠାଜାତୀୟ ଖାଦ୍ୟ ଦେଖିଲେ ଅଧିକାଂଶଙ୍କ ପାଟିରୁ ଲାଳ ଗଡ଼େ। ଯଦି ଆପଣ ଅଧିକ ପରିମାଣର ମିଠା ଖାଉଛନ୍ତି ତେବେ ସେଥିରେ ବ୍ରେକ୍ ଲଗାନ୍ତୁ। ନ ହେଲେ ଏହାଦ୍ୱାରା ଆପଣଙ୍କର ସ୍ମରଣଶକ୍ତି ପ୍ରଭାବିତ ହୋଇପାରେ। ଏଭଳି ସତର୍କ ସୂଚନା ଦେଇଛନ୍ତି ୟୁନିଭର୍ସିଟି ଅଫ୍ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ। ସାଧାରଣ ଭାବରେ ମିଠା ଖାଉଥିବା ଏବଂ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିବା କେତେଜଣ ବ୍ୟକ୍ତିଙ୍କର ସ୍ମରଣଶକ୍ତିକୁ ସେମାନେ ପରୀକ୍ଷା କରିଥିଲେ। ହେଲେ ଆଶ୍ଚର୍ଯ୍ୟଜନକ ଭାବରେ ଅଧିକ ମିଠା ଖାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପାଖାପାଖି ୪୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ଏପରି ଅଭ୍ୟାସରେ ପରିବର୍ତ୍ତନ ଆଣିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ମ୍ୟୁଜିକ ଲଭର ରୋବୋ

କେବଳ ମଣିଷ ନୁହନ୍ତି, ରୋବୋ ମଧ୍ୟ ସଙ୍ଗୀତ ପ୍ରେମରେ ପଡ଼ିପାରେ। ଏପରି ଏକ ମ୍ୟୁଜିକ ଲଭର ରୋବୋ ନିକଟରେ ପ୍ରସ୍ତୁତ କରିଛନ୍ତି ଚାଇନାର ବିଶେଷଜ୍ଞମାନେ। ନିଜକୁ ଖୁସ୍ ରଖିବା



ପାଇଁ ସେ ନିଜେ ମନ ପସନ୍ଦର ଗୀତ ଶୁଣିପାରିବ। କେବଳ ସେତିକି ନୁହେଁ, ଅନ୍ୟମାନଙ୍କୁ ଆକର୍ଷିତ କରିବା ଭଳି ଟ୍ୟୁନିଂ ମଧ୍ୟ ବଜାଇପାରିବ। ବିଶେଷଭାବରେ ପିଆନୋ ବଜାଇବାରେ ଏପରି ରୋବୋ ବେଶ୍ ଏକ୍ସପର୍ଟ। ଯଦି ଜଣେ ବ୍ୟକ୍ତି ଟେନ୍ସନରେ ଅଛନ୍ତି ତେବେ କିଛି ସମୟ ଏହି ରୋବୋ ପାଖରେ ବିତାଇଲେ ସେ ଅନେକାଂଶରେ ଆରାମ ଅନୁଭବ କରିପାରିବେ। ସେହି ସମୟରେ ରୋବେ ଉକ୍ତ ବ୍ୟକ୍ତିଙ୍କ ମାନସିକତାକୁ ଅନୁଧ୍ୟାନକରି ତାଙ୍କ ମନ ପସନ୍ଦ ଅନୁସାରେ ଗୀତ ଏବଂ ପିଆନୋ ଟ୍ୟୁନିଂ ଶୁଣାଇପାରିବ।



ଡା. ଆଶିଷ ବାନାର୍ଜୀ

# ନିୟନ୍ତ୍ରିତ ଆହାର

**ସୁସ୍ଥ, ନୀରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୈନିକ ମାତ୍ରା ଅନୁଯାୟୀ ପୌଷ୍ଟିକ ଆହାର ସେବନ ଆବଶ୍ୟକ। ଯେପରି ରୋଗୀ ପାଇଁ ବୟସ କାଳ, ପରିସ୍ଥିତି ଦେଖି ଔଷଧ ମାତ୍ରା ନିର୍ଦ୍ଧାରଣ କରାଯାଏ, ସେହିପରି ଶରୀରକୁ ଦେଖି ଖାଦ୍ୟକୁ ଔଷଧ ପରି ମାତ୍ରାନୁଯାୟୀ ଠିକ୍ ସମୟରେ ଗ୍ରହଣ କରିବା ଉଚିତ, ନଚେତ୍ ଭବିଷ୍ୟତରେ ଔଷଧକୁ ଆହାର ରୂପେ ଖାଇବେ। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୧୫୦୦ ରୁ ୨୫୦୦ କ୍ୟାଲୋରି ପର୍ଯ୍ୟନ୍ତ ଖାଦ୍ୟ ଖାଇବା ଉଚିତ। ଏହା ତାଙ୍କ ବୟସ, ଶାରୀରିକ ପରିଶ୍ରମ, ଉଚ୍ଚତା, ଦେଶ ଓ କାଳ ଅନୁଯାୟୀ ନିର୍ଦ୍ଧାରଣକରି ତାଲିକା ପ୍ରସ୍ତୁତ ହୁଏ...**



ରୋଗ ପାଇଁ ଅନିୟମିତ ଆହାର ଦାୟୀ। ତେଣୁ ସୁସ୍ଥ, ନୀରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ନିମନ୍ତେ ଦୈନିକ ମାତ୍ରା ଅନୁଯାୟୀ ପୌଷ୍ଟିକ ଆହାର ସେବନ ଆବଶ୍ୟକ। ଯେପରି ରୋଗୀ ପାଇଁ ବୟସ କାଳ, ପରିସ୍ଥିତି ଦେଖି ଔଷଧ ମାତ୍ରା ନିର୍ଦ୍ଧାରଣ କରାଯାଏ, ସେହିପରି ଶରୀରକୁ ଦେଖି ଖାଦ୍ୟକୁ ଔଷଧ ପରି ମାତ୍ରାନୁଯାୟୀ ଠିକ୍ ସମୟରେ ଗ୍ରହଣ କରିବା ଉଚିତ, ନଚେତ୍ ଭବିଷ୍ୟତରେ ଔଷଧକୁ ଆହାର ରୂପେ ଖାଇବେ। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୧୫୦୦ ରୁ ୨୫୦୦ କ୍ୟାଲୋରି ପର୍ଯ୍ୟନ୍ତ ଖାଦ୍ୟ ଖାଇବା ଉଚିତ। ଏହା ତାଙ୍କ ବୟସ, ଶାରୀରିକ ପରିଶ୍ରମ, ଉଚ୍ଚତା, ଦେଶ ଓ କାଳ ଅନୁଯାୟୀ ନିର୍ଦ୍ଧାରଣକରି ତାଲିକା ପ୍ରସ୍ତୁତ ହୁଏ। ନୀରୋଗ ରହିବା ପାଇଁ ସନ୍ତୁଳିତ ଖାଦ୍ୟ, ହାଲ୍କା ବ୍ୟାୟାମ(୪୫ ମି. ରୁ ୧ ଘ. ପର୍ଯ୍ୟନ୍ତ) କରିବା ଆବଶ୍ୟକ। ପତଳା ବା କୃଶକାୟ ବ୍ୟକ୍ତି ପ୍ରୋଟିନ୍‌ଯୁକ୍ତ ଆହାର ଯଥା: କ୍ଷୀର, ଛେନା, ଖୁଆ, ପନିର , ମାଛ, ମାଂସ, ଅଣ୍ଡାର ଧଳା ଅଂଶ, କାଜୁ, ପେସ୍ତା, ଛୋଟ ମାଛ, ଫଳ ଇତ୍ୟାଦି ମାତ୍ରାନୁଯାୟୀ ଖାଇବା ଆବଶ୍ୟକ। ମାତ୍ର ମୋଟା ବା ସ୍ଥୂଳକାୟ ବ୍ୟକ୍ତିମାନେ ଦୈନିକ ଶାରୀରିକ ପରିଶ୍ରମ ସହ ତେଲ, ଚର୍ବି, ପ୍ରୋଟିନ୍ ରହିତ ଖାଦ୍ୟ ଖାଇବା ଉଚିତ। ଶାଗ, ପନିପରିବା, ତରକାରି ଓ ସାଲାଡ୍ ଖାଇବା ସହ ଚିନ୍ତା, କ୍ରୋଧ, ଅହଂକାରକୁ ମନରୁ ଅପସରି ଦେବା ଉଚିତ। ୧ ପାଉଣ୍ଡ ଚର୍ବି ପାଇଁ ୩୫୦୦ କ୍ୟାଲୋରି ଶକ୍ତି ଖର୍ଚ୍ଚ କରିବା ଆବଶ୍ୟକ। ପତଳା ହେବା ପାଇଁ ଖାଦ୍ୟ ନିୟନ୍ତ୍ରଣ ଅତ୍ୟନ୍ତ ଜରୁରୀ। ତେଣୁ ଏହି ବ୍ୟକ୍ତି ଭୋକରେ ନ ରହି କମ୍ କ୍ୟାଲୋରିଯୁକ୍ତ ଖାଦ୍ୟ ତାଲିକା ଅନୁଯାୟୀ ଗ୍ରହଣ କରିବେ।

**ପ୍ରାତଃ(ସକାଳ ୬ଘ.ରେ):** ଚା', କଫି ବା କ୍ଷୀର ୧ କପ୍ ସହ ୨/୩ ଖଣ୍ଡ ବିସ୍କୁଟ୍, ମଧୁମେହ ଥିଲେ ବିନା ଚିନି ଖାଇବେ।

**ସକାଳ ଜଳଖିଆ(ଘ.୮.୩୦ ମି.ରେ):** ରୁଟି ୨/୩ ଖଣ୍ଡ ସହ ପରିବା ତରକାରି ୧ ଗିନା, ଇଡ୍‌ଲି ୪ଟି/ଉପମା ୧ କପ୍ ସହ ସମ୍ବର ୧ ଗିନା, କର୍ନଫ୍ଲେକ୍ସ ୫୦ ଗ୍ରାମ୍ ବା ସାଦା ପିଆଜରେ ଦୋଷା ୨ଟା ସହ ସନ୍ତୁଳା ୧ ଗିନା।

**ଦିବା(ଘ.୧୧ ରୁ ୧୧.୩୦ମି. ମଧ୍ୟରେ) :** ପରିବା ସୁପ୍ ୧ ଗିନା, ଛେନା ୩୦ ଗ୍ରାମ୍, ଫଳ ମଧ୍ୟରେ ସେଓ/କମଳା ୧୦୦ ଗ୍ରାମ୍, ପିଜୁଳି ୧ଟା, ଘୋଳଦହି ବା ପଇଡ଼ପାଣି।

**ମଧ୍ୟାହ୍ନ ଭୋଜନ (ଦ୍ୱିପ୍ରହର ଘ.୧.୩୦ମି.):** ଉଷୁନା ଭାତ(୨ଗିନା-୧୦୦ଗ୍ରାମ୍), ରୁଟି ୨ଟା, ପତଳା ଡାଲି ୧ ଗିନା, ପରିବା ତରକାରି ୧ ଗିନା, ଶାଗ ୧ ପ୍ଲେଟ୍, ସାଲାଡ୍ ୧ ପ୍ଲେଟ୍, ଦହି ୧ଗିନା(ମାଛ ୨ଟା/ଅଣ୍ଡା ବିନା କେଶର ୨/ଚିକେନ୍ ୨ /ପନିର ୩୦ଗ୍ରାମ୍ ସପ୍ତାହକୁ ୨ ଥର)।

**ଅପରାହ୍ନ (ଘ.୫.୩୦ ମି. ରୁ ୬.୦୦ ଘ. ମଧ୍ୟରେ):** ଚା' ୧ କପ୍ ସହ ବିସ୍କୁଟ (୨-୩),ଚୁଡ଼ା ସନ୍ତୁଳା(୧ ଗିନା)/ଚୁଡ଼ା ଭଜା/ଗଜାମୁଗ(୧ ଗିନା), ହୁଡୁମ ୧ ଗିନା, ଖଇ ୧ ଗିନା, ସିଝା ବୁଟ(୧ ଗିନା)।

**ରାତ୍ରିଭୋଜନ(ଘ.୯.୩୦ମି.):** ରୁଟି ୩ଟା ସହ ପତଳା ଡାଲି ୧ ଗିନା/ ଡାଲମା ୧ ଗିନା, ପରିବା ତରକାରି(୧ ଗିନା), ସାଲାଡ୍ (୧ ପ୍ଲେଟ୍)।

**ରାତ୍ରିଭୋଜନ ଖାଇବା ପରେ:** ୧କପ୍(୧୫୦ମି.ଲି.) ବିନା ସର କ୍ଷୀର ପିଇ ଶୋଇବାକୁ ଯିବେ।


ପ୍ରତି ମିଲ୍ ଓ ଜଳଖିଆ ଅଢ଼େଇରୁ ତିନିଘଣ୍ଟା ବ୍ୟବଧାନରେ ଗ୍ରହଣ କରିବେ।

**ଖାଇବେ ନାହିଁ:** ମଧୁମେହ ରୋଗୀ ମିଠା, ଚିନି, ଗୁଡ଼, ଜାମ୍, ଜେଲି, ଚକୋଲେଟ୍, ମୃଦୁପାନୀୟ, ଥଣ୍ଡାପାନୀୟ, ଆମ୍ବ, ପଣସ, ଆତ, ଲିଚୁ, ସପେଟା, କଦଳୀ, ଅଙ୍ଗୁର, ଫଳରସ, ଆଇସ୍‌କ୍ରିମ୍, ଖଜୁରି, ବାଦାମ, ନଡ଼ିଆ, ଆଳୁ, ମାଟିଆଳୁ, ଖମ୍ବଆଳୁ, ସାରୁ ଏବଂ କନ୍ଦମୂଳ ଖାଇବେ ନାହିଁ।

**ଉଚ୍ଚ ରକ୍ତଚାପ ରୋଗୀ:** ଅଧିକ ଲୁଣ, ତୈଳ, ଚର୍ବି ଜାତୀୟ ଖାଦ୍ୟ ସେବନରୁ ବିରତ ହେବେ।

**ବୃକ୍କ ରୋଗୀ:** ଅତ୍ୟଧିକ ଲୁଣ, ଚଟଣି, ପାମ୍ପଡ଼, ଆଚାର, ସାମୁଦ୍ରିକ ମାଛ, କଙ୍କଡ଼ା, ରେଡ୍ ମିଟ୍, ଚିଙ୍ଗୁଡ଼ି, ଅଣ୍ଡା କେଶର, ଫାଷ୍ଟଫୁଡ୍, ଲୁଣ, ବଟର, ଘିଅ, ଡାଲ୍‌ଡା, ମିକ୍ସଚର, ଚିପ୍‌ସ, ମୁଢ଼ି, ଲୁଣ ମିଶା ବାଦାମ, ମଟର, ପଇଡ଼ପାଣି, ଲେମ୍ବୁ କମଳା, ପେନ୍ କିଲର ବଟିକା, ନଡ଼ିଆ ତିଆରି ଜିନିଷ, ବୁଟ, ରାଜ୍‌ମା ଇତ୍ୟାଦି ଶସ୍ୟଜାତୀୟ ଖାଦ୍ୟ ବର୍ଜନୀୟ।

**ହୃଦ୍‌ରୋଗୀ:** ତେଲ, ଚର୍ବି ଜାତୀୟ ଖାଦ୍ୟ, ରେଡ୍‌ମିଟ୍, ଫାଷ୍ଟଫୁଡ୍, ଆମିଷ, କ୍ଷୀର ଜାତୀୟ ଖାଦ୍ୟ, ମିଠା ଇତ୍ୟାଦି ଖାଇବେ ନାହିଁ।



**ବି.ଦ୍ର. :** ଏହି ତିନି ପ୍ରକାର ରୋଗୀ ପ୍ରତିଦିନ ୨୦ ମି.ଲି.ରୁ କମ୍ ତେଲରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଇବା ଉଚିତ୍। ପ୍ରାତଃ (ଘ.୬.୩୦ମି. ଭିତରେ)ସୂର୍ଯ୍ୟସ୍ନାନ ଓ ଖୋଲା ବାୟୁରେ ଭ୍ରମଣ ସ୍ୱାସ୍ଥ୍ୟ ପକ୍ଷେ ହିତକର।

*-ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*
*ମୋ: ୯୮୬୧୩୭୪୩୮୫*

## ଅବସାଦ ହୋଇପାରେ କ୍ୟାନ୍‌ସରର କାରଣ




ଆଜିକାଲି ଅବସାଦଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ। ଏହାଦ୍ୱାରା ମାନସିକତା ପ୍ରଭାବିତ ହୋଇଥାଏ। ହେଲେ ଦୀର୍ଘଦିନ ଧରି ଏପରି ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଲେ ତାହା ଆଉ ଏକ ଗୁରୁତର ରୋଗକୁ ଡାକିଆଣିବାର ଯଥେଷ୍ଟ ଆଶଙ୍କା ରହିଛି। ତାହା ହେଲା କ୍ୟାନ୍‌ସର। 'ଅବସାଦ ଓ କ୍ୟାନ୍‌ସର' ଶୀର୍ଷକ ବିଷୟବସ୍ତୁକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କ୍ୟାନ୍‌ସର ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିବା କେତେଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ପରୀକ୍ଷା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ୧୫ପ୍ରତିଶତ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସରର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଜଣେ ବ୍ୟକ୍ତି ଯଦି ଦୀର୍ଘଦିନ ଧରି ଅବସାଦଗ୍ରସ୍ତ ହୋଇ ରହନ୍ତି ତେବେ ଏହାଦ୍ୱାରା ତାଙ୍କର କୋଷ (ସେଲ୍) ପ୍ରଭାବିତ ହୋଇଥାଏ। ଏପରି କି ଏହାଦ୍ୱାରା କ୍ୟାନ୍‌ସର ପରି ଗୁରୁତର ରୋଗର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

❖କେତେକେ ଏକାଥରେ ପୁଳାଏ ଖାଦ୍ୟ ଖାଆନ୍ତି। ପୁଣି ମନଲୋଭା ଖାଦ୍ୟ ଦେଖିଲେ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି। ଫଳରେ ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ସବୁବେଳେ ଖାଉଥିବା ଖାଦ୍ୟର ପରିମାଣ ପ୍ରତି ଧ୍ୟାନ ଦିଅନ୍ତୁ। ରାତିରେ ହାଲ୍କା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।

❖ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ମାନସିକ ଶାନ୍ତି ଦେଇଥାଏ।




❖ସକାଳୁ ଉଠି ଦାନ୍ତ ନ ଘଷି ଦୁଇ ଗ୍ଲାସ୍ ପାଣି ପିଅନ୍ତୁ। ଏହାଦ୍ୱାରା ପାଚନଶକ୍ତି ଆହୁରି ଦୃଢ଼ ହୋଇଥାଏ।

❖କେତେକ ରୋଗର ଘରୋଇ ଉପଚାର ରହିଛି। ଏହାକୁ ଆପଣେଇପାରନ୍ତି। ହେଲେ ତା'ପୂର୍ବରୁ ସେ ବିଷୟରେ ଭଲ ଭାବରେ ଅବଗତହେବା ଦରକାର।

❖ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ପରାମର୍ଶ କରିବା ବେଳେ ସେ କେତେକ ପ୍ୟାଥୋଲୋଜି ଟେଷ୍ଟ କରିବାକୁ ଲେଖିଥାଆନ୍ତି। କେତେକେ ସେଗୁଡ଼ିକ ମଧ୍ୟରୁ କିଛି ପରୀକ୍ଷାକୁ ଏଡ଼ାଇଯାଇଥାଆନ୍ତି। ହେଲେ ସେହିସବୁ ଟେଷ୍ଟର ଗୁରୁତ୍ୱକୁ ଉପଲବ୍ଧିକରି ପରୀକ୍ଷା କରାଇନେବା ଭଲ।

## ଟାଇପ-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା ବଢୁଛି

ବର୍ତ୍ତମାନ ଟାଇପ-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା ବଢୁଛି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଜଣାପଡ଼ିଛି ଯେ, ଏବେ ସମଗ୍ର ବିଶ୍ୱରେ ଡାଇବେଟିସ ରୋଗୀଙ୍କ ସଂଖ୍ୟା ପ୍ରାୟ ୪୨୫ ମିଲିୟନ। ଏହି ରୋଗ ନିଜର କାୟା ଏପରି ବିସ୍ତାର କରିସାରିଲାଣି ଯେ ପ୍ରତି ଦୁଇଜଣରେ ଜଣେ ଡାଇବେଟିସ ରୋଗୀ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏହି ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା କମାଇବାକୁ ସମସ୍ତେ ସଚେତନ ରହିବା ଦରକାର। ରୋଗର କାରଣ ସମ୍ପର୍କରେ ଭଲ ଭାବରେ ଅବଗତ ହେବା, ଏହାଦ୍ୱାରା ଆକ୍ରାନ୍ତ ହେବା ପରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ଆବଶ୍ୟକ। ସାଧାରଣତଃ ରକ୍ତରେ ସୁଗାର ପରିମାଣ ବଢ଼ିଗଲେ ତାହା ଡାଇବେଟିସ୍‌ର କାରଣ ସାଜିଥାଏ। ତେଣୁ ନିୟମିତ ସମୟ ଅନ୍ତରାଳରେ ରକ୍ତ ପରୀକ୍ଷା କରାଇ ସେଥିରେ ସୁଗାର ପରିମାଣ କେତେ ଅଛି ତାହା ଜାଣିନିଅନ୍ତୁ। ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। କେଉଁ ଖାଦ୍ୟ ଖାଇବା ଅନୁଚିତ ଏବଂ କ'ଣ ଖାଇବା ଦରକାର ତାହା ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ। ଡାଇବେଟିସ ରୋଗୀ ରକ୍ତରେ ସୁଗାର ପରୀକ୍ଷା କରିବା ସହ ବ୍ଲଡ୍‌ପ୍ରେସର ଚେକ୍ କରିନେବା ଆବଶ୍ୟକ। ଏହାଦ୍ୱାରା ଆକ୍ରାନ୍ତ ହୋଇଥିଲେ ନିଜକୁ ଯେତେ ସମ୍ଭବ ଟେନ୍‌ସନଠାରୁ ଦୂରେଇ ରଖନ୍ତୁ। ଡାଇବେଟିସ୍‌କୁ ନେଇ ଅନେକ ଲୋକ ଅନେକ କଥା କହିଥାଆନ୍ତି। ହେଲେ ଆପଣ ଡାକ୍ତରଙ୍କ ପରାମର୍ଶକୁ ହିଁ ଅନୁସରଣ କରନ୍ତୁ। କେତେକେ ଡାଇବେଟିସ୍‌କୁ ନେଇ ବ୍ୟସ୍ତ ହୋଇପଡ଼ନ୍ତି। ହେଲେ ଯଦି ଆପଣ ନିଜର ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନଦେବା ସହ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତି ତେବେ ଆପଣ ସୁସ୍ଥ ରହିପାରିବେ। ଡାଇବେଟିସ୍ ରୋଗୀ କେବଳ ଖାଦ୍ୟ ନିୟନ୍ତ୍ରଣ ନୁହେଁ, ଦୈନନ୍ଦିନ ଜୀବନତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।



# ମହୁ

ଡା. ରୀତା ସାହୁ

**"ଆମ୍ଭମାନଙ୍କୁ ମନେ ରଖିବାକୁ ପଡ଼ିବ ଯେ, ଦୈନିକ ୨୦ ଗ୍ରାମରୁ ଅଧିକ ମହୁ ଖାଇବା ଉଚିତ ନୁହେଁ। ପ୍ରତ୍ୟେକ ଦିନ ମହୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ଗ୍ରୀଷ୍ମ ଋତୁରେ ମହୁ ସେବନ ବର୍ଜନ ଅଟେ। କିନ୍ତୁ ଶୀତ ଦିନରେ ଏହା ଅତ୍ୟନ୍ତ ହିତକାରୀ। ମହୁ ଗରମ କରି ଖାଇଲେ ଏହା ବିଷ ତୁଲ୍ୟ ଶରୀରରେ କାମ କରେ।"**



ବହୁ ପୂର୍ବରୁ ବଗିଚା କରିବା, ମହୁମାଛି ପାଳନ ଏବଂ ଶତକଡ଼ା ଶହେ ଭାଗ ଲୋକ ଦୈନିକ ମହୁ ଖାଇବା କଥା ମଧ୍ୟ ବର୍ଣ୍ଣନା ରହିଛି। ମୁନି ଋଷିମାନେ ମହୁ ସର୍ବଶ୍ରେଷ୍ଠ ସଞ୍ଜୀବନୀ, ଶ୍ରମନାଶକ, ବଳ ବର୍ଦ୍ଧକ, ବୀର୍ଯ୍ୟବର୍ଦ୍ଧକ ଓ କାନ୍ତିଜନକ ବୋଲି କହି ଯାଇଛନ୍ତି। ଏହି ସମ୍ବନ୍ଧୀୟ ଗବେଷଣା ଜାରି ରହିଛି। ନ୍ୟୁଜିଲାଣ୍ଡରେ ଗବେଷଣା କରାଯାଇ ବୈଜ୍ଞାନିକମାନେ ମତ ଦେଇଛନ୍ତି କି ମହୁରେ ଏପରି ଶକ୍ତି ଅଛି ଯାହା ଜୀବାଣୁ, ଭୂତାଣୁ ଓ ବାହ୍ୟ ସଂକ୍ରମଣକୁ ଅକାମୀ କରି ପାରିଥାଏ। ଏକଥା ମଧ୍ୟ ଜଣାପଡିଥିଲା କି ଆଣ୍ଟିବାୟୋଟିକ୍ ଔଷଧ ଯାହାକୁ ନଷ୍ଟ କରି ପାରୁନାହିଁ ତାହାକୁ ମହୁ ନଷ୍ଟ କରିବାରେ ସକ୍ଷମ ଅଟେ। ଏହାର ସଂରଚନା ମଣିଷ ଶରୀରରେ ସୁରକ୍ଷା କବଚ ସଦୃଶ କାମ କରିଥାଏ। ଆମେରିକାର ଅନୁସନ୍ଧାନ କର୍ତ୍ତାମାନେ ଅଧ୍ୟୟନ ପରେ ଜଣାଇଛନ୍ତି ଯେ ମହୁରେ ଆଣ୍ଟିବାୟୋଟିକ୍ ତତ୍ତ୍ୱ ଭରପୂର ମାତ୍ରାରେ ରହିଥିବାରୁ ଏହା ପୁରାତନ ଘା' ଶୁଖାଇବା ସହ ସଂକ୍ରମଣକୁ ରୋକିବାରେ ପୂର୍ଣ୍ଣ ସକ୍ଷମ ଅଟେ। ଇସ୍ରାଏଲରେ ପେଟରେ ହେଉଥିବା ଅଲସର ରୋଗର ଚିକିତ୍ସା ପାଇଁ ମହୁ ପ୍ରୟୋଗ କରାଯାଉଛି। ଏହି ରୋଗାଣୁମାନଙ୍କୁ ନିର୍ଜୀବ କରିବା ଓ ତା' ସହିତ ଲଢିବାର କାରିଗର ଅଟେ ମହୁ। ଆମେରିକାର ଇଲିନାଇସ୍ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଅଧ୍ୟୟନରୁ ଜଣାପଡିଛି ଯେ ମହୁ କ୍ୟାନସର, ହୃଦ୍‌ରୋଗ ପରି ଅସାଧ୍ୟ ରୋଗକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୁଏ। ଆମେରିକାର ୟୁନିଭରସିଟି ଅଫ୍ ମେଫିଂଫସ୍‌ର ଅଧ୍ୟୟନ କର୍ତ୍ତାମାନେ ଗବେଷଣା କରି ଏହି ସିଦ୍ଧାନ୍ତରେ ଉପନୀତ ଯେ ଦୈନିକ ୩ ଚାମଚ ମହୁ ୩ ଥରରେ ସେବନ କଲେ ଏଥିରୁ ଏତେ ଉର୍ଜା ମିଳେ ଯାହା ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ପଦାର୍ଥରୁ ମିଳିଥାଏ ବୋଲି ଜଣାପଡିନାହିଁ। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଦୁଇ ଚାମଚ ମହୁ ଖାଇବାର ଦଶ ମିନିଟ୍ ପରେ ଯେଉଁ ଉର୍ଜା ମିଳେ ତାହା କୌଣସି carbohydrate drinks, pre exercise drinks/ energized drinks/sports drinks ରୁ ମିଳିନଥାଏ। ଅନ୍ୟପକ୍ଷରେ ୧ ଲିଟର ଉପରୋକ୍ତ ପାନୀୟରୁ ଯାହା ମିଳିଥାଏ ତାହା ମାତ୍ର ଦୁଇ ଚାମଚ ମହୁ ଯୋଗାଇବାକୁ ସମର୍ଥ ହୋଇଥାଏ।

ଆମ୍ଭମାନଙ୍କୁ ମାନି ନେବାକୁ ପଡ଼ିବ ଯେ ମହୁ ବାସ୍ତବରେ ମହୁମାଛିମାନଙ୍କର ଅତ୍ୟଧିକ ପରିଶ୍ରମର ସଂଗ୍ରହ ଅଟେ। ଏହି ପ୍ରାକୃତିକ ପ୍ରକ୍ରିୟା ତାହାକୁ ବଳଶାଳୀ କରିଥାଏ। ମହୁମାଛି ବହୁ ହୁସିଆରରେ ପରାଗ ସଂଗ୍ରହ କରିଥାଏ। ସକାଳ ସମୟରେ ବାସ୍ନାରୁ ସେ ଚୟନ କରିଥାଏ କେଉଁ ଫୁଲରୁ ପରାଗ ସୃଷ୍ଟି କରିବ ଅଧିକ ରସ। ସକାଳ ସମୟରେ ଅଧିକ ରସ ସଂଗ୍ରହ କରାଯାଇପାରେ। ଜର୍ମାନୀର ବୈଜ୍ଞାନିକମାନେ କହନ୍ତି ଭାରତୀୟ ମହୁ ସବୁଠାରୁ ଉତ୍କୃଷ୍ଟ, କାରଣ ପ୍ରାକୃତିକ ଜଳବାୟୁ ଓ ବାତାବରଣରୁ ଏହାକୁ ସଂଗ୍ରହ କରାଯାଇଥାଏ।

ଆମ୍ଭମାନଙ୍କୁ ମନେ ରଖିବାକୁ ପଡିବ ଯେ, ୨୦ ଗ୍ରାମରୁ ଅଧିକ ମହୁ ଖାଇବା ଉଚିତ ନୁହେଁ। ପ୍ରତ୍ୟେକ ଦିନ ମହୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ଗ୍ରୀଷ୍ମ ଋତୁରେ ମହୁ ସେବନ ବର୍ଜନ ଅଟେ। କିନ୍ତୁ ଶୀତ ଦିନରେ ଏହା ଅତ୍ୟନ୍ତ ହିତକାରୀ। ମହୁ ଗରମ କରି ଖାଇଲେ ଏହା ବିଷ ତୁଲ୍ୟ ଶରୀରରେ କାମ କରେ।

### ମହୁର ଔଷଧୀୟ ଗୁଣ

- କାଶ ହେଉଥିଲେ, କାଶରେ କଫ ପଡୁଥିଲେ, କାଶରେ ରକ୍ତ ପଡୁଥିଲେ ୧ ଚାମଚ ଲେଖାଏ ମହୁ ଦିନକୁ ୩ ଥର ଖାଇଲେ ଅଧିକ ଲାଭପ୍ରଦ ଅଟେ।

-୧୦ ଗ୍ରାମ ମହୁ, ୧୦ ଗ୍ରାମ ଲେମ୍ବୁପତ୍ର ସ୍ୱରସ ସକାଳେ ସନ୍ଧ୍ୟାରେ ଦିନକୁ ଦୁଇଥର ୨୧ ଦିନ ପର୍ଯ୍ୟନ୍ତ ଖାଇଲେ ବାହ୍ୟ ସଂକ୍ରମଣ ଶରୀର ମଧ୍ୟରେ ଥିଲେ ସେମାନଙ୍କୁ ଏହା ନଷ୍ଟ କରି ପାରିଥାଏ।

- ଝାଡ଼ା ଲାଗି ରହିଥାଏ ଏବଂ ଯେତେ ଔଷଧ ନେଲେ କମୁ ନ ଥାଏ ତେବେ ସେପରି ସମୟରେ ଏକ କପ୍ ଡାଳିମ୍ବରସ, ଏକ ଚାମଚ ମହୁ, ଲବଙ୍ଗ, ଶୁଣ୍ଠି, ଜାଇଫଳ ଚୂର୍ଣ୍ଣ ଏକ ଚାମଚ ମିଶାଇ ଖାଇଲେ ଆରାମ ମିଳିଥାଏ।

-ଜିରାକୁ ଭାଜି ଗୁଣ୍ଡ କରି ସେଥିରେ ଚାରି ଭାଗରୁ ଏକ ଭାଗ ମହୁ ମିଶାଇ ଚାଟି ଚାଟି ଖାଇଲେ ପତଳା ଝାଡ଼ାରୁ ଉପଶମ ମିଳିଥାଏ।

-ଅଦାରସ ୬ ଗ୍ରାମ, ମହୁ ୬ ଗ୍ରାମ ମିଶାଇ ଖାଇଲେ ଅରୁଚି ନଷ୍ଟ ହୁଏ। ଏତଦ୍ ଜନିତ ରୋଗ ପ୍ରତିରୋଧ ଶକ୍ତି ନଷ୍ଟ ହେଲେ ସେଥିରୁ ମୁକ୍ତି ମିଳିଥାଏ।

-କାଶ ଦୀର୍ଘ ଦିନ ଧରି ଲାଗି ରହୁଥିଲେ ଲବଙ୍ଗ ଭାଜି ଗୁଣ୍ଡ କରି ସେଥିରେ ମହୁ ମିଶାଇ ଚାଟି ଚାଟି ଖାଇଲେ ଆରାମ ମିଳେ।

-ଶ୍ୱେତପ୍ରଦର ରୋଗରେ ଗୁଡୁଚି ସ୍ୱରସ ଓ ମହୁ ସମାନ ପରିମାଣରେ ମିଶାଇ ଦିନକୁ ୨ ଥର ଖାଇଲେ ଏହି ରୋଗ ଛାଡିଯାଇଥାଏ।

-ଅଁଳା ଚୂର୍ଣ୍ଣ ଗୋଟେ ଚାମଚରେ ଏକ ଭାଗରୁ ଭାଗେ ମହୁ ମିଶାଇ ୩ଥର ଖାଇଲେ ଶ୍ୱେତପ୍ରଦର ରୋଗରୁ ମୁକ୍ତି ମିଳିଥାଏ।

- ଯୌନ ସମସ୍ୟା ଥିଲେ ୧ ଚାମଚ ଆମଳକୀ ରସାୟନ, ୧ ଚାମଚ ମିଶ୍ରି, ୧ ଚାମଚ ମହୁ ମିଶାଇ ଖାଇଲେ ଲାଭପ୍ରଦ ହୁଏ।

- ମହୁ ଓ ଅଁଳା ଚୂର୍ଣ୍ଣ/ଅଁଳା ସ୍ୱରସ ମିଶାଇ ଖାଇଲେ ଶରୀରରେ ସମସ୍ତ ପ୍ରକାର ବିଷ ପ୍ରକ୍ରିୟାରୁ ଶରୀରକୁ ମୁକ୍ତି ମିଳିଥାଏ।

-ଓଜନ ହ୍ରାସ ହେଲେ ରାତ୍ରିରେ ଶୋଇବା ସମୟରେ ଥଣ୍ଡା କ୍ଷୀରରେ ମହୁ ମିଶାଇ ୩ ମାସ ପିଇଲେ ଓଜନ ବଢ଼ିଯାଏ ଏବଂ ମାଂସପେଶୀମାନେ ସବଳ ହୋଇଥାନ୍ତି।

-ପ୍ରତ୍ୟେକ ଅସୁସ୍ଥ ବ୍ୟକ୍ତି ରାତିରେ ଶୋଇବା ସମୟରେ ୧ ଚାମଚ ଅଁଳା ଚୂର୍ଣ୍ଣ ଓ ମହୁ ମିଶାଇ ଖାଇଲେ ନୀରୋଗ ହୋଇଥାନ୍ତି।

-ତାଜା ଅଁଳା ରସ ୨ ଚାମଚ ଓ ମହୁ ୨ ଚାମଚ ପ୍ରତିଦିନ ସକାଳେ ଖାଇଲେ ସୁସ୍ଥ ଓ ଯୁବା ଦେଖାଯାଆନ୍ତି। ଦୈନନ୍ଦିନ ଏହାକୁ ଖାଇଲେ ରୋଗ ପ୍ରତିରୋଧ ଶକ୍ତି ବଢି



ଶରୀରକୁ ନୀରୋଗ ରଖିଥାଏ।

- ଅଁଳା ରସ ଓ ମହୁ ଖାଇଲେ ରକ୍ତ ଧମନୀ ପରିଷ୍କାର ରହେ ଓ ଉଚ୍ଚ ରକ୍ତ ଚାପରୁ ମୁକ୍ତି ମିଳେ।

- ଏକ ଚାମଚ ପିଆଜ ରସ ଓ ୧ ଚାମଚ ମହୁ ସହିତ ମିଶାଇ ଖାଇଲେ ପୌରୁଷତ୍ୱ ବଢିଥାଏ ଓ ନପୁଂସକତା ଦୂର ହୋଇଥାଏ।

- ଏକ ଚାମଚ ରସୁଣ ରସ ଓ ୧ ଚାମଚ ମହୁ ସହିତ ମିଶାଇ ଖାଇଲେ ମୋଟା ହୋଇଥିଲେ ମୋଟାପା କମ୍ କରିଥାଏ।

ଏତେ ସବୁ ଆଲୋଚନା କରିବାର ଉଦ୍ଦେଶ୍ୟ ମହୁ ରୋଗ ପ୍ରତିରୋଧ ଶକ୍ତି ବଢାଇଥାଏ। ରୋଗ ପ୍ରତିରୋଧ ଶକ୍ତି କ୍ଷୟ ହୋଇଯାଉଥିବା ବ୍ୟକ୍ତିମାନେ ଦୈନିକ ମହୁ ସେବନ କଲେ ରୋଗର ସ୍ଥାୟୀ ପ୍ରତିକାର କରିପାରନ୍ତେ। ଏହାବ୍ୟତୀତ ଆଧୁନିକ ଔଷଧ ସେବନର ପାର୍ଶ୍ୱପ୍ରତିକ୍ରିୟାରୁ ମହୁ ଶରୀରକୁ ସୁରକ୍ଷା ଦେଇଥାଏ।

*-ଫ୍ଲାଟ୍ ନମ୍ବର-୧୧୭*
*ମହାନଦୀ ବିହାର, କଟକ-୪*
*ମୋ: ୯୪୩୭୨୭୨୬୬୩*

## ସଂକ୍ଷେପରେ

### ସରକାରଙ୍କ ସାମାଜିକ କାର୍ଯ୍ୟକ୍ରମକୁ ପାନଗାରିୟାଙ୍କ ପ୍ରଶଂସା



**ନୂଆଦିଲ୍ଲୀ,୧୪-୪:** ମୋଦି ସରକାରଙ୍କ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଯୋଜନା ତଥା ଗ୍ରାମୀଣ ବିଦ୍ୟୁତୀକରଣ ଭଳି ସାମାଜିକ କ୍ଷେତ୍ରର କାର୍ଯ୍ୟକ୍ରମଗୁଡ଼ିକ ବଡ଼ ସଫଳତା ହାସଲ କରିଛି ବୋଲି ନୀତି ଆୟୋଗ ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି। ଦୁର୍ନୀତି ବିରୋଧରେ ଲଢ଼େଇ ଦିଗରେ କେନ୍ଦ୍ର ସରକାର ଉଲ୍ଲେଖନୀୟ ପ୍ରଗତି ହାସଲ କରିଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନିଆଯାଇଥିବା ସଂସ୍କାରମୂଳକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ସେ କହିଛନ୍ତି ଯେ, ବସ୍ତୁ ଏବଂ ସେବା ଟିକସ (ଜିଏସ୍‌ଟି), ଦେବାଳିଆ ଆଇନ ତଥା ପ୍ରତ୍ୟକ୍ଷ ଲାଭ ପ୍ରଦାନ(ଡିବିଟି) ଆଦି ୩ଟି ବଡ଼ ପଦକ୍ଷେପ। ଗଣମାଧ୍ୟମ ସହ ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ, ସରକାର ସଡ଼କ, ରେଲୱେ, ଜଳମାର୍ଗ, ବେସାମରିକ ବିମାନ ଚଳାଚଳ ତଥା ଡିଜିଟାଲୀକରଣ କ୍ଷେତ୍ରରେ ଦ୍ରୁତଗତିରେ କାମ କରିଛି, ଯାହାର ଫଳାଫଳ ନଜରକୁ ଆସୁଛି। ଶହେରୁ ଅଧିକ ଅର୍ଥନୀତିଜ୍ଞଙ୍କ ଜିଡିପି ଡାଟାକୁ ନେଇ ଉଠାଇଥିବା ପ୍ରଶ୍ନ ଉପରେ ସେ କହିଛନ୍ତି ଯେ, ସମାଲୋଚକମାନେ ଯେପର୍ଯ୍ୟନ୍ତ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ)/ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟର କାର୍ଯ୍ୟଧାରାର ଯେଉଁ ଅଂଶ ନେଇ ସ୍ପଷ୍ଟ କରିନାହାନ୍ତି, ସେ ପର୍ଯ୍ୟନ୍ତ ସେମାନଙ୍କ ବୟାନ କେବଳ ଦାବି ଭାବେ ମନେକରାଯିବ। ସେ କହିଛନ୍ତି ଯେ, ଜିଡିପି ଡାଟା ଗଣନା ବେଳେ ସରକାର ଯେଉଁ ପନ୍ଥାପଦ୍ଧତି ବ୍ୟବହାର କରିଛନ୍ତି, ସେସମ୍ପର୍କରେ ୪୦ ପୃଷ୍ଠାର ଏକ ଦସ୍ତାବିଜ ପ୍ରକାଶ କରିଛନ୍ତି। ବିଶ୍ୱ ବ୍ୟାଙ୍କ, ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି ଏବଂ ଜାତିସଂଘ ସମେତ କୌଣସି ଅନ୍ତଃରାଷ୍ଟ୍ରୀୟ ଏଜେନ୍ସି ଭାରତର ପରିସଂଖ୍ୟାନ ସଂସ୍ଥାର ବିଶ୍ୱଯୋଗ୍ୟତା ନେଇ ସନ୍ଦେହ କରିନାହାନ୍ତି ବୋଲି ପାନଗାରିୟା କହିଛନ୍ତି। ସେ ମଧ୍ୟ ଜିଡିପି ଡାଟା ପ୍ରସ୍ତୁତିରେ ସରକାରଙ୍କ ହସ୍ତକ୍ଷେପ ହୋଇଥିବା ଲକ୍ଷ୍ୟ କରିନାହାନ୍ତି ବୋଲି କଲମ୍ବିଆ ବିଶ୍ୱବିଦ୍ୟାଳୟ ପ୍ରଫେସର କହିଛନ୍ତି। ତାଙ୍କ ମତରେ ଜିଡିପି ଅନୁମାନ ନୂଆ ନୁହେଁ। ଏହା ଏକ ସ୍ଥାପିତ ପ୍ରକ୍ରିୟା। ସୂଚନାଥାଉ କି, ଜିଡିପି ଡାଟାକୁ ନେଇ ନିକଟରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ, ଆଇଏମ୍‌ଏଫର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ଓ ୧୦୮ ଅର୍ଥନୀତିଜ୍ଞ ତଥା ସମାଜ ବିଜ୍ଞାନୀ ପ୍ରଶ୍ନ ଉଠାଇଥିଲେ।

### ରିଲାଏନ୍ସ ଜିଓ ଗ୍ରାହକ ସଂଖ୍ୟା ୩୦ କୋଟି ଟପିଲା

**ନୂଆଦିଲ୍ଲୀ,୧୪-୪:** ବିଶିଷ୍ଟ ବ୍ୟବସାୟୀ ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ଆରମ୍ଭ ହେବା ଦିନ ଠାରୁ ମାତ୍ର ଅଢ଼େଇ ବର୍ଷ ମଧ୍ୟରେ ୩୦ କୋଟି ଗ୍ରାହକ ସଂଖ୍ୟା ଅତିକ୍ରମ କରିବାରେ ସଫଳ ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କମ୍ପାନୀ ମାର୍ଚ୍ଚ ୨ରେ ଏହି ଉପଲବ୍ଧି ହାସଲ କରିଛି। ତେବେ ଜିଓ ପକ୍ଷରୁ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ କିଛି ପ୍ରକାଶ କରାଯାଇ ନାହିଁ। ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଟୁର୍ଣ୍ଣାମେଣ୍ଟ ଚାଲିଥିବା ବେଳେ କମ୍ପାନୀ ନିଜର ଉପଲବ୍ଧି ହାସଲ ନେଇ ଉତ୍ସବ ପାଳନ କରୁଥିବା ଏହାର ବିଜ୍ଞାପନରୁ ପ୍ରତୀୟମାନ ହେଉଛି। ଜିଓ ଆରମ୍ଭ ହେବା ଦିନଠାରୁ ସବୁଠାରୁ କମ୍ ସମୟ ମଧ୍ୟରେ ୧୦କୋଟି ଗ୍ରାହକ ହାସଲ କରିବାରେ ପ୍ରଥମ ଟେଲିକମ କମ୍ପାନୀ ହୋଇଛି। କମ୍ପାନୀ ମାତ୍ର ୧୭୦ ଦିନରେ ଏହି ସଫଳତା ହାସଲ କରିଥିଲା।

> ଜୁଲାଇ ସୁଦ୍ଧା ପର୍ସ ନୂଆ ଜେନେରେଶନର ଏସ୍‌ୟୁଭି ମାକାନ ଭାରତରେ ଲଞ୍ଚ କରିବ । ଏହା ଦୁଇ ଭାରିଆଣ୍ଟରେ ଦେଶରେ ପ୍ରବେଶ କରିବ ।
> – ପୱନ ସେଟ୍ଠୀ, ଡାଇରେକ୍ଟର, ପର୍ସ ଇଣ୍ଡିଆ



> ଅଧିକ ଅଧିଗ୍ରହଣ ପାଇଁ ଟାଟା କନସଲଟାନ୍ସି ସର୍ଭିସେସ୍ ବ୍ୟଗ୍ର । ଅଭିବୃଦ୍ଧିକୁ ଦ୍ରୁତତର କରିବା ଲାଗି କମ୍ପାନୀ ପ୍ରୟାସ କରୁଛି ।
> – ଏନ.ଗଣପତି ସୁବ୍ରମଣ୍ୟମ, ସିଓଓ, ଟିସିଏସ୍



# ଜେଟ୍‌ର ଭାଗ୍ୟ ନିର୍ଦ୍ଧାରଣ ଆଜି

ନୂଆଦିଲ୍ଲୀ,୧୪-୪




ଜେଟ୍ ଏୟାରୱେଜ ପାଇଁ ସୋମବାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ। କାରଣ ସଙ୍କଟଗ୍ରସ୍ତ ଏହି ଏୟାରଲାଇନ୍ସରେ ତାଲା ଝୁଲିବ ନା ଉଡ଼ାଣ ଜାରି ରହିବ ସେ ନେଇ ସୋମବାର ନିଷ୍ପତ୍ତି ନିଆଯିବ। କମ୍ପାନୀ ମ୍ୟାନେଜମେଣ୍ଟ ୧୫୦୦ କୋଟି ଟଙ୍କାର ନିବେଶ ଅପିଲ ଏବଂ ନୂଆ ଯୋଜନା ନେଇ ସୋମବାର ଋଣପ୍ରଦାନକାରୀଙ୍କ ସହ ବୈଠକରେ ବସିବେ। ଋଣପ୍ରଦାନକାରୀ ଜରୁରୀ ପାଣ୍ଠି ଦେବାକୁ ମନା କରିଦିଅନ୍ତି ଅଥବା ଏଥିରେ ବିଳମ୍ବ କରନ୍ତି, ଏହାର ଅର୍ଥ ହେବ ଜେଟ୍‌ରେ ତାଲା ଝୁଲିବ। ଏହାର ସମସ୍ତ ବିମାନ ଛିଡ଼ା ହୋଇଯିବ। ଏହାବ୍ୟତୀତ ଏହି ଦିନ ଜେଟ୍‌ର ପାଇଲଟ ଓ କର୍ମଚାରୀ କମ୍ପାନୀର ମୁମ୍ବାଇସ୍ଥିତ ମୁଖ୍ୟାଳୟରେ ଏକାଠି ହେବେ ଏବଂ ଭବିଷ୍ୟତକୁ ନେଇ ନିଷ୍ପତ୍ତି ନେବେ। ନ୍ୟାଶନାଲ ଏଭିଏଟର୍ସ ଗିଲ୍‌ଡ ଏହାର ସମସ୍ତ ପାଇଲଟଙ୍କୁ ସମ୍ପୂର୍ଣ୍ଣ ୟୁନିଫର୍ମରେ ସୋମବାର ସକାଳ ୧୦ଟାରେ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛି। ଜେଟ ଏୟାରୱେଜର ଅଂଶଧନ କିଣିବା ଲାଗି କେତେଜଣ ଆଗ୍ରହ ଦେଖାଇଛନ୍ତି। ସେ ସମ୍ପର୍କରେ ସୋମବାର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସୂଚନା ଦେବ। ଏହାପରେ ଏପ୍ରିଲ ୩୦ ଯାଏ ବିଡ୍ ଦାଖଲ କରାଯାଇପାରିବ। ତେବେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବାକୁ କିଛି ମାସ ଲାଗିଯିବ। ପ୍ରତିଶ୍ରୁତି ମୁତାବକ ୧୫୦୦ କୋଟି ଟଙ୍କାର ଜରୁରୀ ପାଣ୍ଠି ନ ଦେଲେ ଜେଟ୍‌ର ଅବସ୍ଥା ସାଂଘାତିକ ହେବ। ୨୬ ବର୍ଷ ପୁରୁଣା ଏହି ଏୟାରଲାଇନ୍ସ କମ୍ପାନୀ ବଞ୍ଚିବ ଅଥବା ବୁଡ଼ିଯିବ ସୋମବାର ନିର୍ଦ୍ଧାରିତ ହେବ।

## ବିମାନ ଉଡ଼ାଣ ନେଇ ହେବ ନିଷ୍ପତ୍ତି

ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜର ପାଇଲଟମାନେ ସୋମବାରଠାରୁ ବିମାନ ନ ଉଡ଼ାଇବାକୁ ଚାହୁଁଛନ୍ତି। ପାଇଲଟଙ୍କୁ ପ୍ରତିନିଧିତ୍ୱ କରୁଥିବା ସଂଗଠନ ନ୍ୟାଶନାଲ ଏଭିଏଶନ ଗିଲ୍‌ଡ (ଏନ୍‌ଏଜି)ର ୧୧୦୦ ପାଇଲଟ ବେତନ ନ ମିଳିବା ଅଭିଯୋଗରେ ସୋମବାର ସକାଳ ୧୦ଟାରୁ ବିମାନ ଉଡ଼ାଇବା ବନ୍ଦ କରିବାକୁ ଚାହୁଁଛନ୍ତି। ତେବେ ଏନେଇ ସୋମବାର ନିଷ୍ପତ୍ତି ନିଆଯିବ। ଏଥିପାଇଁ ପାଇଲଟମାନେ ନିଜର ୟୁନିଫର୍ମରେ ବୈଠକରେ ଉପସ୍ଥିତ ରହିବାକୁ ଗିଲ୍‌ଡ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ପାଇଲଟଙ୍କ ସହିତ ଇଞ୍ଜିନିୟର ଏବଂ ବରିଷ୍ଠ ମ୍ୟାନେଜମେଣ୍ଟ ଅଧିକାରୀମାନଙ୍କୁ ଜାନୁୟାରୀରୁ ବେତନ ମିଳି ନାହିଁ। ଋଣରେ ବୁଡ଼ି ରହିଥିବା ଉକ୍ତ କମ୍ପାନୀ ଅନ୍ୟ ବର୍ଗର କର୍ମଚାରୀଙ୍କୁ ମଧ୍ୟ ମାର୍ଚ୍ଚ ଦରମା ଦେଇନାହିଁ। ଗିଲ୍‌ଡ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ସାଢ଼େ ୩ ମାସ ହେଲା ସେମାନେ ଦରମା ପାଇନାହାନ୍ତି। ଏହା କେବେ ମିଳିବ ତାହା ଜଣାନାହିଁ। ଏହି କାରଣରୁ ସେମାନେ ୧୫ ତାରିଖ ସକାଳୁ ଆଉ ବିମାନ ନ ଉଡ଼ାଇବାକୁ ଚାହୁଁନାହାନ୍ତି। ସୂଚନାଥାଉ କି, ଏନ୍‌ଏଜି ଏପ୍ରିଲ ପହିଲାରୁ ବିମାନ ନ ଉଡ଼ାଇବାକୁ ଚେତାବନୀ ଶୁଣାଇଥିଲା। କିନ୍ତୁ ମ୍ୟାନେଜମେଣ୍ଟ ସହ ଆଲୋଚନା ପରେ ସେମାନେ ଏପ୍ରିଲ ୧୪ ଯାଏ ଦରମା ପ୍ରଦାନ ପାଇଁ ସମୟ ଦେଇଥିଲେ।

## ଅଧା ଦରମାରେ ସ୍ପାଇସଜେଟ ଯାଉଛନ୍ତି ଜେଟ୍ ପାଇଲଟ

ଜେଟ୍ ଏୟାରୱେଜରେ ଦେଖାଦେଇଥିବା ସଙ୍କଟରୁ ଫାଇଦା ନେବା ଆରମ୍ଭ କରିଛି ଏହାର ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ସ୍ପାଇସଜେଟ୍। ଜେଟ୍‌ର ପାଇଲଟ ଓ ଇଞ୍ଜିନିୟରଙ୍କୁ ଏହା ଅଧା ଦରମାରେ ଚାକିରିରେ ନିଯୁକ୍ତ କରୁଛି। ଉଦ୍ୟୋଗ ଜଗତ ସୂତ୍ରରୁ ପ୍ରାପ୍ତ ସୂଚନାନୁସାରେ, ଜେଟ୍ ଏୟାରୱେଜ ପାଇଲଟ ଓ ଇଞ୍ଜିନିୟରମାନେ ବର୍ତ୍ତମାନର ଦରମାଠାରୁ ପ୍ରାୟ ୨୫ରୁ୩୦ ପ୍ରତିଶତ ଏପରି କି ୫୦ ପ୍ରତିଶତ କମ୍ ଦରମାରେ ସ୍ପାଇସଜେଟ୍‌ରେ ଯୋଗ ଦେଉଛନ୍ତି। ପୂର୍ବରୁ ଏହି କମ୍ପାନୀ ଜେଟ୍‌ର ପାଇଲଟମାନଙ୍କୁ ଭଲ ଦରମା ପ୍ୟାକେଜରେ ଚାକିରି ଦେଉଥିଲା। ବେସାମରିକ ବିମାନ ଚଳାଚଳ ଉଦ୍ୟୋଗ ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏୟାରୱେଜ ବନ୍ଦ ହେବା ସମ୍ଭାବନା ଅଧିକ ରହିଛି। ଏହି କାରଣରୁ କର୍ମଚାରୀମାନେ କମ୍ ଦରମାରେ ଅନ୍ୟ କମ୍ପାନୀରେ ଯୋଗ ଦେବାକୁ ବାଧ୍ୟ ହେଉଛନ୍ତି।

# ୪,୧୫୨ କୋଟିର ପ୍ରିମିୟମ ସଂଗ୍ରହ କଲା ଏଲ୍‌ଆଇସି

ଭୁବନେଶ୍ୱର, ୧୪-୪



ସି.ବିକାଶ ରାଓ

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ପୂର୍ବ କେନ୍ଦ୍ରୀୟ ଜୋନ ବୀମା ପ୍ରିମିୟମ ସଂଗ୍ରହ କ୍ଷେତ୍ରରେ ରେକର୍ଡ ହାସଲ କରିଛି। ଜୋନ ପ୍ରଥମ ପ୍ରିମିୟମ ଆୟ ଭାବେ ୪,୧୫୨ କୋଟି ଟଙ୍କା ସଂଗ୍ରହ କରିବାକୁ ସକ୍ଷମ ହୋଇଥିବା ପ୍ରବନ୍ଧକ ସି.ବିକାଶ ରାଓ ସୂଚନା ଦେଇଛନ୍ତି। ଏଲଆଇସିର ଏକମାତ୍ର ଜୋନ ଭାବେ ଏହା ପଲିସି, ଏକକ ପ୍ରିମିୟମ, ନିୟମିତ ପ୍ରିମିୟମ, ମୋଟ ପ୍ରଥମ ପ୍ରିମିୟମ ଆୟ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିଛି। ପ୍ରଥମ ପ୍ରିମିୟମ ଆୟ ଅଭିବୃଦ୍ଧି ଏବଂ ବଜେଟ ଲକ୍ଷ୍ୟ ହାସଲ ଦିଗରେ ଏହା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ପଲିସିରେ କଟକ ଡିଭିଜନ ପ୍ରଥମ ସ୍ଥାନରେ ରହିଛି। ବ୍ରହ୍ମପୁର ଏବଂ ଭୁବନେଶ୍ୱର ଭଳି ଡିଭିଜନଗୁଡିକ ପଲିସି ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପ୍ରଥମ ପ୍ରିମିୟମ ଆୟ କ୍ଷେତ୍ରରେ କଟକ ଡିଭିଜନ ପ୍ରଥମ ରହିଥିବା ବେଳେ ଏଫ୍‌ପିଆଇ କ୍ଷେତ୍ରରେ ହଜାରିବାଗ ଡିଭିଜନ ଅଗ୍ରଣୀ ରହିଛି।

## ହିରୋର ମତଦାନ ସଚେତନତା

ଭୁବନେଶ୍ୱର, ୧୪-୪




ହିରୋ ମୋଟୋକର୍ପ ପକ୍ଷରୁ ୨୦୧୯ ସାଧାରଣ ନିର୍ବାଚନକୁ ନେଇ ମତଦାନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କମ୍ପାନୀ ଏହାର ୮୫ ନିୟୁତ ଗ୍ରାହକଙ୍କୁ ଏହା ଦ୍ୱାରା ସଚେତନ କରାଉଥିବା ସୂଚନା ଦେଇଛି। ଏହା ସହ କମ୍ପାନୀ ଏକ ଆକର୍ଷକ ଭେଇକିଲ ମେଣ୍ଟେନାନ୍ସ ସ୍କିମ ହାତକୁ ନେଇଛି। ଭୋଟ ଦେଇ ସାରିବା ପରେ ଗ୍ରାହକମାନେ ହିରୋର ଡିଲରଶିପକୁ କାଳି ଲାଗିଥିବା ମାର୍କ ସହ ଆସିଲେ ମାଗଣା ଗାଡି ୱାଶ ସୁବିଧା ଏବଂ ମାତ୍ର ୧୯୯ ଟଙ୍କାରେ ଯାନର ସର୍ଭିସ କରାଇ ପାରିବେ। ଭୋଟଦାନ ପରର ଦୁଇ ଦିନ ପର୍ଯ୍ୟନ୍ତ ଏହି ସୁବିଧା ମିଳିବ। ଏପ୍ରିଲ ଏବଂ ମେ ମାସରେ ଏହାର ଲାଭ ନେବାକୁ କମ୍ପାନୀ ଗ୍ରାହକଙ୍କୁ ନିବେଦନ କରିଛି। ସେହିଭଳି ଗ୍ରାହକ ଭେଇକିଲ ସର୍ଭିସ ପ୍ୟାକେଜକୁ ପ୍ରିବୁକିଂ କରାଇ ପାରିବେ। ଏହି ସୁବିଧା ସମ୍ପର୍କରେ ଜାଣିବା ଲାଗି ଗ୍ରାହକ ନିକଟସ୍ଥ ଡିଲରଶିପ ସହ ସମ୍ପର୍କ କରିବାକୁ କୁହାଯାଇଛି।

## ଜଏଣ୍ଟ ୱାର୍କିଂ ଗ୍ରୁପ ମିଟିଂରେ ଯୋଗଦେବେ ଜେକେ ମହାନ୍ତି

ଭୁବନେଶ୍ୱର,୧୪-୪



ଜେକେ ମହାନ୍ତି

ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ଅନୁଷ୍ଠିତ ହେଉଥିବା ତୃତୀୟ ଇଣ୍ଡିଆ-ଅଷ୍ଟ୍ରେଲିଆ ଜଏଣ୍ଟ ୱାର୍କିଂ ଗ୍ରୁପ ମିଟିଂରେ ଭାରତୀୟ ଶିଳ୍ପ ପକ୍ଷରୁ ପ୍ରତିନିଧି ଭାବେ ପ୍ରତିଷ୍ଠିତ ହୋଟେଲିୟର ଜେକେ ମହାନ୍ତି ଯୋଗ ଦେବେ। ପର୍ଯ୍ୟଟନ ଶିଳ୍ପର ବିକାଶ ଲାଗି ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଏମ୍‌ଓୟୁ ମୁତାବକ ଏହି ବୈଠକ ଆୟୋଜନ ହେଉଛି। ଭାରତୀୟ ପ୍ରତିନିଧି ଦଳରେ ପର୍ଯ୍ୟଟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁମନ ବିଲା ସାମିଲ ଅଛନ୍ତି। ଅଷ୍ଟ୍ରେଲିଆ ପର୍ଯ୍ୟଟକଙ୍କ ନିକଟରେ ଭାରତୀୟ ହୋଟେଲ ଶିଳ୍ପର ମାର୍କେଟିଂ ଏବଂ ପ୍ରୋତ୍ସାହନର ବିଭିନ୍ନ ଦିଗରେ ମହାନ୍ତି ଗୁରୁତ୍ୱାରୋପ କରିବେ। ଭାରତର ବିଭିନ୍ନ ପର୍ଯ୍ୟଟନସ୍ଥଳ, ପ୍ରଡକ୍ଟ, ପର୍ଯ୍ୟଟକ ଟ୍ରାଫିକ ବୃଦ୍ଧି ଲାଗି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ରୋଡ ଶୋ’ ଏହି ଅବସରରେ ଆୟୋଜନ କରାଯାଉଛି।

# ୮୮ ମାମଲାରେ ଅର୍ଦ୍ଧେକ ଋଣ ଅସୁଲ

ନୂଆଦିଲ୍ଲୀ,୧୪-୪




ଦେବାଳିଆ ଏବଂ ଋଣ ସମାଧାନ ସଂହିତା (ଆଇବିସି) ଅଧୀନରେ ବକେୟା ଋଣ ଆଦାୟରେ ସଫଳତା ମିଳୁଛି। ଫେବୃୟାରୀ ୨୮ ସୁଦ୍ଧା ୮୮ ମାମଲାରେ ଋଣପ୍ରଦାନକାରୀଙ୍କ ବକେୟା ବାବଦରେ ଥିବା ୧.୪୨ ଲକ୍ଷ କୋଟି ଟଙ୍କାର ଦାବିରୁ ପ୍ରାୟ ଅଧା ଅସୁଲ ହୋଇସାରିଲାଣି ବୋଲି ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ(ଆଇବିବିଆଇ) ତଥ୍ୟରୁ ସ୍ପଷ୍ଟ ହୋଇଛି। ମୋଟ ବକେୟା ମଧ୍ୟରୁ ବିତ୍ତୀୟ ଋଣପ୍ରଦାନକାରୀଙ୍କର ଦାବି ୧.୩୬ ଲକ୍ଷ କୋଟି ଟଙ୍କା ଥିବା ବେଳେ ପରିଚାଳନା ଋଣପ୍ରଦାନକାରୀ ୬,୪୬୯ କୋଟି ଟଙ୍କା ଦାବି କରିଥିଲେ। ପ୍ରାପ୍ତ ତଥ୍ୟ ଅନୁଯାୟୀ, ବିତ୍ତୀୟ ଋଣପ୍ରଦାନକାରୀମାନେ ମୋଟ ଦାବିର ୪୮.୨୪ ପ୍ରତିଶତ ଏବଂ ପରିଚାଳନ ଋଣପ୍ରଦାନକାରୀ ୪୮.୪୧ ପ୍ରତିଶତ ଦାବି ଅର୍ଥ ଫେରିପାଇଛନ୍ତି। ଋଣପ୍ରଦାନକାରୀ ଏହି ୮୮ ମାମଲାରେ ୬୮,୭୬୬ କୋଟି ଟଙ୍କା ଅସୁଲ କରିଛନ୍ତି। ତନ୍ମଧ୍ୟରୁ ବିତ୍ତୀୟ ଋଣପ୍ରଦାନକାରୀ ୬୫,୬୩୫ କୋଟି ଏବଂ ପରିଚାଳନା ଋଣପ୍ରଦାନକାରୀ ୩,୧୩୧ କୋଟି ଟଙ୍କା ପାଇଛନ୍ତି। ବୋର୍ଡ ପକ୍ଷରୁ ଗତ ସପ୍ତାହରେ ସତ୍ୟପାଠ ଦାଖଲ କରି ଏନ୍‌ସିଏଲ୍‌ଏଟିକୁ ଉକ୍ତ ସୂଚନା ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, କେତେକ ମାମଲାରେ ଦାବିଠାରୁ ଅଧିକ ରାଶି ଅସୁଲ କରାଯାଇଛି। ବୋର୍ଡର ସତ୍ୟପାଠରେ କୁହାଯାଇଛି ଯେ, ୮୮ ମଧ୍ୟରୁ ୧୧ ମାମଲାରେ ଶତପ୍ରତିଶତ ଅସୁଲ ହୋଇପାରିଛି। ଅନ୍ୟପକ୍ଷରେ ପରିଚାଳନା ଋଣପ୍ରଦାନକାରୀ ୬ ମାମଲାରେ ସମ୍ପୂର୍ଣ୍ଣ ବକେୟା ପାଇଛନ୍ତି। ୩ ମାମଲାରେ ବିତ୍ତୀୟ ଋଣପ୍ରଦାନକାରୀ ୧୦୦ ପ୍ରତିଶତରୁ ଅଧିକ ଆଦାୟ କରିଛନ୍ତି। ଭୂଷଣ ଷ୍ଟିଲ୍ ମାମଲାରେ ୫୭,୫୦୫.୦୫ କୋଟି, ଇଲେକ୍ଟ୍ରୋଷ୍ଟିଲ ମାମଲାରେ ୧୩,୯୫୮ କୋଟି ଏବଂ ମୋନେଟ ଇସ୍ପାତ ମାମଲାରେ ୧୧,୪୭୮.୦୮ କୋଟି ଟଙ୍କା ଆଦାୟ ହୋଇଛି।

## ଫେବୃୟାରୀରେ ଡଲାର କିଣିଛି ଆର୍‌ବିଆଇ

ମୁମ୍ବାଇ,୧୪-୪

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଫେବୃୟାରୀରେ କ୍ରମାଗତ ତୃତୀୟ ମାସ ଡଲାର କିଣିଛି। ଆଲୋଚ୍ୟ ମାସରେ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରା ବଜାରରୁ ୮୨.୫୦ କୋଟି ଡଲାର କିଣିଛି। ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡିଛି ଯେ, ଆଲୋଚ୍ୟ ମାସରେ ଆର୍‌ବିଆଇ ୨.୦୮୬ ବିଲିୟନ ଡଲାର କିଣିଥିବା ବେଳେ ୧.୨୬୧ ବିଲିୟନ ଡଲାର ବିକିଥିଲା। ଏଭଳି ଭାବେ ଏହା ୮୨.୫୦ କୋଟି ଡଲାର କିଣିଛି। ଏଥିପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୧୮-୧୯ର ଡିସେମ୍ବର ୨୦୧୮ରେ ୬୦.୭୦ କୋଟି ଡଲାର ଏବଂ ଜାନୁୟାରୀ ୨୦୧୯ରେ ୨୯.୩୦ ଡଲାର କିଣିଛି। ଆର୍ଥିକ ବର୍ଷ ୨୦୧୭-୧୮ରେ ରିଜର୍ଭ ବ୍ୟାଙ୍କ ମୁଦ୍ରା ବଜାରରୁ ୩୩.୬୮୯ ବିଲିୟନ ନେଟ୍ ଡଲାର କିଣିଥିଲା।

## ସାମ୍‌ସଙ୍ଗ୍ ଗାଲାକ୍ସି ଏ-୮୦ ବଜାରରେ

ଭୁବନେଶ୍ୱର, ୧୪-୪

ସାମ୍‌ସଙ୍ଗ୍ ପକ୍ଷରୁ ପରବର୍ତ୍ତୀ ପିଢିର ନୂତନ ଗାଲାକ୍ସି ଏ-୮୦ ମୋବାଇଲ୍ ହ୍ୟାଣ୍ଡସେଟ ବଜାରକୁ ଆସିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ମଡେଲ ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ଦେବ। ଦୈନନ୍ଦିନ ଜୀବନଶୈଳୀରେ ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହା ସହାୟକ ହେବ। ଏହି ଅବସରରେ ସାମସଙ୍ଗ୍ ଇଲେକ୍ଟ୍ରୋନିକ୍ସ ଆଇଟି ଏବଂ ମୋବାଇଲ୍ ସିଇଓ ତଥା ସଭାପତି ଡି.ଜେ. କୋହ କହିଛନ୍ତି ଗ୍ରାହକଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ସାମ୍‌ସଙ୍ଗ ସର୍ବଦା ପ୍ରୟାସ ଜାରି ରଖିଛି। ଏଥିରେ ୬.୭ ଇଞ୍ଚ ଏଫ୍‌ଏଚ୍‌ଡି ପ୍ଲସ୍ ସ୍କ୍ରିନ୍, ଇନଫିନିଟି-ସୁପର ଆମଲୋଏଡ୍ ଡିସପ୍ଲେ, ୪୮ ଏମ୍‌ପି ସମ୍ମୁଖ କ୍ୟାମେରା, ୮ ଏମ୍‌ପି ୱାଇଡ୍ ବିଏମ୍‌ପି ପଛ କ୍ୟାମେରା, ୩,୭୦୦ ଏମ୍‌ଏଏଚ୍ ବ୍ୟାଟେରି ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି।

# ଫୋର୍ବସ୍ ୟଙ୍ଗ ଆଚିଭର୍ସ ତାଲିକାରେ ଅଭିନବ

ନୂଆଦିଲ୍ଲୀ, ୧୪-୪



ଅଭିନବ ଅଗ୍ରୱାଲ

ଫୋର୍ବସ୍ ପତ୍ରିକା ପକ୍ଷରୁ ପ୍ରକାଶ ପାଉଥିବା ଅଣ୍ଡର-୩୦ ଏସିଆ ୟଙ୍ଗ ଆଚିଭର୍ସ ୨୦୧୯ ତାଲିକାରେ ଗ୍ରେଟର ନଏଡା ନିବାସୀ ଅଭିନବ ଅଗ୍ରୱାଲ ସ୍ଥାନିତ ହୋଇଛନ୍ତି। କଳା କ୍ଷେତ୍ରରେ ଅବଦାନ ଲାଗି ତାଙ୍କୁ ଏହି ସଫଳତା ମିଳିଛି। ଚଳିତ ବର୍ଷ ତାଲିକାରେ ବିଭିନ୍ନ ବର୍ଗ ଲାଗି ୫୯ ଯୁବ ଭାରତୀୟଙ୍କୁ ସାମିଲ କରାଯାଇଛି। ଦେଶ ମଧ୍ୟରେ ଥିବା ବିଭିନ୍ନ ଆଦିବାସୀ ଅଞ୍ଚଳର ଲୁପ୍ତ ଲୋକ ସଙ୍ଗୀତର ସଂରକ୍ଷଣ ତଥା ଲୋକପ୍ରିୟତା ବଢାଇବା ଦିଗରେ ତାଙ୍କର ଯୋଗଦାନକୁ ବିଚାର କରି ଫୋର୍ବସ୍ ତାଙ୍କୁ ତାଲିକାରେ ସାମିଲ କରିଛି। ୨୬ ବର୍ଷୀୟ ଅଗ୍ରୱାଲ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଲୋକ ସଙ୍ଗୀତର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଛନ୍ତି। ବର୍କଲେ କଲେଜ ଅଫ ମ୍ୟୁଜିକରୁ ଶିକ୍ଷା ଗ୍ରହଣ କରିଥିବା ଅଭିନବ ଅନହଦ ଫାଉଣ୍ଡେଶନ ନାମକ ଏନ୍‌ଜିଓର ପ୍ରତିଷ୍ଠା ମଧ୍ୟ କରିଛନ୍ତି। ଅନହଦ ଜରିଆରେ ସେ ୟୁଟ୍ୟୁବ୍‌ରେ ଏହି ସଂଗୀତ ପ୍ରକଳ୍ପକୁ ଲଞ୍ଚ କରିବା ସହ ଆଇରିୟଲିଟିକୁ କଳାକାରଙ୍କ ନିକଟରେ ପହଞ୍ଚାଇବା କାମ କରୁଛନ୍ତି। କଳାକାରମାନେ କିଭଳି ଜୀବିକା ପାଇପାରିବେ ସେ ଦିଗରେ ମଧ୍ୟ ତାଙ୍କର ଯୋଗଦାନ ରହିଛି। ୨୦୧୬ ଅକ୍ଟୋବରରେ ଗ୍ରାଜୁଏଶନ ସାରିବା ପରେ ସେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜସ୍ଥାନ, ପଞ୍ଜାବ, ହିମାଚଳ ପ୍ରଦେଶ, ଝାଡଖଣ୍ଡ ଏବଂ କର୍ନାଟକର ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ କଳାକାରଙ୍କ ସହ କାମ କରି ସାରିଛନ୍ତି। କଳାକାରଙ୍କୁ ଖୋଜିବା ଲାଗି ଅଭିନବ ଜୟସାଲମେର, ବଡମେର, ଯୋଧପୁର, ପଟିଆଲା, ସଙ୍ଗପୁର, ଚଣ୍ଡୀଗଡ, ଚମ୍ବା, ଧର୍ମଶାଳା, କୁଲୁ ଭଳି ବିଭିନ୍ନ ସ୍ଥାନ ଯାଇ ମ୍ୟୁଜିକ ରେକର୍ଡ କରିଛନ୍ତି। ଲୋକ ସଙ୍ଗୀତର ସଂରକ୍ଷଣ ଦିଗରେ ଏତେଟା କାର୍ଯ୍ୟ ହୋଇ ନ ଥିବାରୁ ଏ ଦିଗରେ ନିଜର ଯୋଗଦାନ ରଖିଥିବା ଅଭିନବ କହିଛନ୍ତି।

# କେନ୍ଦ୍ରୀୟ ବ୍ୟାଙ୍କ ସ୍ୱାଧୀନତାରୁ ମିଳିଛି ସଫଳତା: ଲାଗାର୍ଡ

**ୱାଶିଂଟନ ଡିସି,୧୪-୪:** କେନ୍ଦ୍ରୀୟ ବ୍ୟାଙ୍କକୁ ସରକାର ଦେଇଥିବା ସ୍ୱାଧୀନତାରୁ ଭଲ ସଫଳତା ମିଳିଛି ବୋଲି ଅନ୍ତର୍ରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ପ୍ରମୁଖ କ୍ରିଷ୍ଟିନ ଲାଗାର୍ଡ ପ୍ରକାଶ କରିଛନ୍ତି। ବିଶ୍ୱର ଅନେକ ଦେଶରେ ରିଜର୍ଭ ବ୍ୟାଙ୍କ ଉପରେ ସରକାରଙ୍କ ହସ୍ତକ୍ଷେପ ବଢୁଥିବା ବେଳେ ଲାଗାର୍ଡଙ୍କ ମନ୍ତବ୍ୟ ବେଶ ପ୍ରଣିଧାନଯୋଗ୍ୟ। ସୂଚନାଥାଉ କି, ଫେଡେରାଲ ରିଜର୍ଭ ଦ୍ୱାରା ନୀତିଗତ ସୁଧ ହାର ବୃଦ୍ଧି କରାଯିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ନେଇ ସମାଲୋଚନା କରିଥିଲେ। ସେ ଫେଡେରାଲ ରିଜର୍ଭର କେନ୍ଦ୍ରୀୟ ନିର୍ଦ୍ଦେଶକମଣ୍ଡଳରେ ଖାଲିପଡିଥିବା ସ୍ଥାନକୁ ପୂରଣ କରିବା ଲାଗି ନିଜ ପାର୍ଟି ରିପବ୍ଲିକାନର ବିଶ୍ୱସ୍ତ ବ୍ୟକ୍ତିଙ୍କୁ ମନୋନୀତ କରିଥିଲେ। ଭାରତରେ ମଧ୍ୟ କେତେକ ମୁଖ୍ୟ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କ ଉପରେ ଏନ୍‌ଡିଏ ସରକାରଙ୍କ କ୍ରମାଗତ ଚାପ ରହିବା ଯୋଗୁ ଦୁଇ ଜଣ ଗଭର୍ନର ରଘୁରାମ ରାଜନ ଏବଂ ଡଃ. ଉର୍ଜିତ ପଟେଲଙ୍କ ସହ ମତାନ୍ତର ଦେଖାଦେଇଥିଲା। ଉର୍ଜିତ ସମୟ ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇଥିବା ବେଳେ ସରକାର ରାଜନଙ୍କ କାର୍ଯ୍ୟକାଳକୁ ଆଉ ବୃଦ୍ଧି କରି ନ ଥିଲେ। ଏଠାରେ ଆୟୋଜିତ ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ଗ୍ରୀଷ୍ମକାଳୀନ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଲାଗାର୍ଡ ପରାମର୍ଶ ଦେଇ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ଅଧିକାରୀମାନେ ଜନତାଙ୍କ ପ୍ରତି ଉତ୍ତରଦାୟୀ ହେବା ସହିତ ନିଷ୍ପତ୍ତି ନେବାରେ ସ୍ୱଚ୍ଛତା ଅବଲମ୍ବନ କରିବା ଉଚିତ୍।

**MCL** Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla-768020, Dist-Sambalpur, Odisha
Ph.(EPABX):0663-2542461 to 469, Website: www.mahanadicoal.in

**GENERAL TENDER NOTICE FOR e-PROCUREMENT**

Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, Coal loading, Extraction of Coal by Surface Miner, Overburden removal etc.) and GOODS (Procurement of Equipments, Spares, Consumables, Medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL (https://coalindiatenders.nic.in) as well as on the Central Public Procurement portal of Govt. of India (http://eprocure.gov.in). Bids are to be submitted ONLINE on the above e-Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e-Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. Contact details : Tel. No. 0663-2542264 / 2542695 (available during office hours only), e-Mail : hlp-eproc.mcl@nic.in
R-4900

*Give a missed call on toll free number 1800 200 3004 to get our apps.*

No. 3-D:-

**ବିଜ୍ଞାପନ**

ତା୦୭।୦୪।୨୦୧୯

ରାଜ୍ୟର ସମସ୍ତ ରାଜନୈତିକ ଦଳ, ପ୍ରାର୍ଥୀ/ପ୍ରାର୍ଥିନୀ ତଥା ମୁଦ୍ରଣ ଗଣମାଧ୍ୟମର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବାଦପତ୍ରମାନଙ୍କରେ ଅପମାନଜନକ ଓ ବିଭ୍ରାନ୍ତିକର ବିଜ୍ଞାପନମାନ ପ୍ରକାଶିତ ହେଉଥିବାର ଅନେକ ଦୃଷ୍ଟାନ୍ତ ଅତୀତରେ ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଅଣାଯାଇଅଛି। ନିର୍ବାଚନର ଶେଷ ସୋପାନରେ ଏହିପରି ବିଜ୍ଞାପନ ସମଗ୍ର ନିର୍ବାଚନ ପଦ୍ଧତିକୁ କ୍ଷତି ପହଞ୍ଚାଇଥାଏ। ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଓ ରାଜନୈତିକ ଦଳଗୁଡ଼ିକ ଏ ସମ୍ବନ୍ଧରେ ସ୍ପଷ୍ଟୀକରଣ ଦେବା କିମ୍ବା ଖଣ୍ଡନ କରିବାକୁ ସୁଯୋଗ ପାଇପାରନ୍ତି ନାହିଁ। ଏହିପରି ଘଟଣାର ପୁନରାବୃତ୍ତି ନ ହେବା ତଥା ଏହିପରି ବିଭ୍ରାନ୍ତିକର, ଉତ୍ତେଜକ ଓ ଘୃଣ୍ୟ ବିଜ୍ଞାପନ ଯୋଗୁଁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ସମ୍ବିଧାନର ଧାରା ୩୨୪ ଦ୍ୱାରା ପ୍ରଦତ୍ତ କ୍ଷମତା ବଳରେ କମିଶନ ଏହି ନିର୍ଦ୍ଦେଶ ଦେଉଛନ୍ତି ଯେ କୌଣସି ରାଜନୈତିକ ଦଳ, ପ୍ରାର୍ଥୀ/ପ୍ରାର୍ଥିନୀ କିମ୍ବା ଅନ୍ୟ ସଂଗଠନ ପ୍ରତ୍ୟେକ ପର୍ଯ୍ୟାୟର ମତଦାନ ଦିବସ ଓ ତା’ର ପୂର୍ବଦିନରେ ପ୍ରକାଶିତ ହେଉଥିବା କୌଣସି ସମ୍ବାଦପତ୍ରରେ ରାଜ୍ୟ/ଜିଲ୍ଲାସ୍ତରୀୟ ଗଣମାଧ୍ୟମ ପ୍ରମାଣୀକରଣ ଓ ପର୍ଯ୍ୟାଲୋଚନା କମିଟି ଦ୍ୱାରା ପ୍ରାକ୍ ପ୍ରମାଣିତ ହୋଇନଥିବା କୌଣସି ବିଜ୍ଞାପନ ପ୍ରକାଶନ କରିପାରିବେ ନାହିଁ।

ରାଜ୍ୟରେ ପ୍ରସାରଣ ହେଉଥିବା ସମସ୍ତ ମୁଦ୍ରଣ ଗଣମାଧ୍ୟମମାନଙ୍କରେ ପ୍ରକାଶିତ ହେବାକୁ ଥିବା ରାଜନୈତିକ ବିଜ୍ଞାପନ କ୍ଷେତ୍ରରେ ଏହା ପ୍ରଯୁଜ୍ୟ।

12030/11/0001/1920



“ଆମ ଦଳର ନେଟ୍ସ ବେଳେ ଟିମ୍‌ମେଟ ଜୋସ୍ ବଟଲରଙ୍କୁ ବୋଲିଂ କରିବା ଦ୍ୱାରା ମୋର ଯଥେଷ୍ଟ ଉନ୍ନତି ଘଟିଛି।
–ଧାୱଲ କୁଲକର୍ଣ୍ଣୀ, ରାଜସ୍ଥାନ ରୟାଲ୍ସ ସିମ୍ ବୋଲର





“ଅମ୍ପାୟର ଉଲ୍ହାସ ଗାନ୍ଧେଙ୍କ ଉପରେ କ୍ରୋଧ ପ୍ରକାଶ କରିବା ଘଟଣାରେ ମହେନ୍ଦ୍ର ସିଂ ଧୋନୀଙ୍କୁ ୨ରୁ ୩ ମ୍ୟାଚ ବାସନ୍ଦ କରାଯିବା ଉଚିତ୍ ।
–ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ଭାରତୀୟ ଓପନର

## ଆଜିର ମ୍ୟାଚ

ମୁମ୍ବାଇ ଇଣ୍ଡିଆନ୍ସ
ବନାମ
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

ପ୍ରସାରଣ
ସ୍ଥାନ : ମୁମ୍ବାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ଟି୨୦ ମ୍ୟାଚ୍ ଖେଳିବାରେ ମୁମ୍ବାଇର ରେକର୍ଡ

ମୁମ୍ବାଇ, ୧୪।୪: କ୍ରିକେଟ ଇତିହାସରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଦଳ ଭାବେ ୨୦୦ ଟି୨୦ ମ୍ୟାଚ୍ ଖେଳିବାର ରେକର୍ଡ କରିଛି। ଶନିବାର ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଆଇପିଏଲ୍‌ର ୨୭ତମ ମ୍ୟାଚ୍‌ରେ ମୁମ୍ବାଇ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍ ଖେଳିବା ସହ ଏହି କିର୍ତ୍ତିମାନ ସ୍ଥାପନ କରିଥିଲା। ରୋହିତ୍ ଶର୍ମାଙ୍କ ମୁମ୍ବାଇ ଦଳ ଏହି ଅବସରରେ ଇଂଲଣ୍ଡ କାଉଣ୍ଟି କ୍ରିକେଟ କ୍ଲବ ସମରସେଟ୍‌କୁ ପଛରେ ପକାଇ ଦେଇଛି। ସମରସେଟ୍ ବର୍ତ୍ତମାନ ସୁଦ୍ଧା ୧୯୯ ଟି୨୦ ମ୍ୟାଚ୍ ଖେଳିଛି। ଆଇପିଏଲ୍‌ରେ ମୁମ୍ବାଇ ୨୦୧୩, ୨୦୧୫ ଓ ୨୦୧୭ରେ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଥିଲା। ମୁମ୍ବାଇ ବ୍ୟତୀତ ଆଇପିଏଲ୍‌ର ଅନ୍ୟ ୨ ଫ୍ରାଞ୍ଚାଇଜ ଭାବେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ କୋଲକାତା ନାଇଟ୍ ରାଇଡର୍ସ ସର୍ବାଧିକ ଟି୨୦ ମ୍ୟାଚ୍ ଖେଳିଥିବା ଟିମ୍ ତାଲିକାର ଟପ୍-୫ରେ ରହିଛନ୍ତି।

### ବିଜୟ ବଜାୟ ଲକ୍ଷ୍ୟରେ ରୟାଲ ଚ୍ୟାଲେଞ୍ଜର୍ସ

ମୁମ୍ବାଇ, ୧୪।୪(ପି.ଟି.): ଆଇପିଏଲ୍ ଦ୍ୱାଦଶ ସଂସ୍କରଣ ୩୧ତମ ମ୍ୟାଚ୍‌ରେ ସୋମବାର ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ପରସ୍ପରକୁ ଭେଟିବେ। ଏହି ହାଇଭୋଲଟେଜ୍ ମ୍ୟାଚ୍ ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ଓ ଉପଅଧିନାୟକ ରୋହିତ୍ ଶର୍ମା ଯଥାକ୍ରମେ ବାଙ୍ଗାଲୋର ଓ ମୁମ୍ବାଇର ନେତୃତ୍ୱ ନେଉଥିବାରୁ ଏଠାରେ ଦର୍ଶକେ ଏକ ରୋମାଞ୍ଚକ ଲଢ଼େଇ ଆଶା ରଖିଛନ୍ତି।

ଚଳିତ ଟୁର୍ନାମେଣ୍ଟରେ ନୈରାଶ୍ୟଜନକ ଆରମ୍ଭ କରି ବାଙ୍ଗାଲୋର ଏହାର ପ୍ରଥମ ୬ ମ୍ୟାଚ୍‌ରେ ପରାଜୟ ସାମ୍ନା କରିଥିଲା। କିନ୍ତୁ ଶନିବାର ରାତିରେ କିଙ୍ଗ୍ସ ଇଲେଭନ ପଞ୍ଜାବକୁ ୮ ଉଇକେଟ୍‌ର ବୃହତ ବ୍ୟବଧାନରେ ପରାସ୍ତ କରି ରୟାଲ ଚ୍ୟାଲେଞ୍ଜର୍ସ ସିଜନରେ ଏହାର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା। ଅଧିନାୟକ ବିରାଟ କୋହଲି ଓ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଏବି ଡି ଭିଲର୍ସ ଏହି ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପଞ୍ଜାବ ବିପକ୍ଷ ବିଜୟ ସତ୍ତ୍ୱେ ବାଙ୍ଗାଲୋର ୮ ଦଳୀୟ ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିବାକୁ ହେଲେ ଦଳ ବଳକା ଲିଗ୍ ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ତେଣୁ ଏହି ମ୍ୟାଚ୍‌ରେ ମୁମ୍ବାଇକୁ ପରାସ୍ତ କରି ବିଜୟ ବଜାୟ ରଖିବା ଲକ୍ଷ୍ୟରେ ବାଙ୍ଗାଲୋର ରହିଛି। ଅଧିନାୟକ କୋହଲି ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୨୭୦ ଓ ଡି ଭିଲର୍ସ ୨୩୨ ରନ ସଂଗ୍ରହ କରିସାରିଛନ୍ତି। ଏହି ମ୍ୟାଚ୍‌ରେ ମଧ ଦଳ ଉଭୟଙ୍କ ବ୍ୟାଟିଂ ଉପରେ ନିର୍ଭର କରିବ। ସେହିଭଳି ୱାଙ୍ଖେଡେ ପିଚ୍ ସାଧାରଣତଃ ସ୍ପିନରଙ୍କୁ ସୁହାଉଥିବାରୁ ଏହି ମ୍ୟାଚ୍‌ରେ ମୁମ୍ବାଇର ଦୃଢ଼ ବ୍ୟାଟିଂଲାଇନ୍ ବିପକ୍ଷରେ ୟେଜୁବେନ୍ଦ୍ର ଚହଲ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ। ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ୍ ଚଳିତ ଆଇପିଏଲ୍ ଖେଳିବାକୁ ପହଞ୍ଚି ସାରିଥିବାରୁ ବାଙ୍ଗାଲୋରର ବୋଲିଂ ଲାଇନ୍‌ଅପ୍ ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ମୁମ୍ବାଇ ଏହାର ଅନ୍ତିମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସଠାରୁ ୪ ଉଇକେଟ୍‌ରେ ପରାସ୍ତ ହୋଇଥିଲା। ତେଣୁ ଘରୋଇ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସକୁ ପରାସ୍ତ କରି ମୁମ୍ବାଇ ବିଜୟ ଧାରାକୁ ଫେରିବାକୁ ଲକ୍ଷ୍ୟ ରଖିଛି। ଆହତ ଲାଗି ରାଜସ୍ଥାନ ବିପକ୍ଷରେ ଖେଳିପାରି ନ ଥିବା ଅଧିନାୟକ ରୋହିତ୍ ଶର୍ମା ଏହି ମ୍ୟାଚ୍ ଲାଗି ଫିଟ୍ ଘୋଷିତ ହୋଇଛନ୍ତି। ରୋହିତ୍ ଚଳିତ ସିଜନରେ ୧୬୫ ରନ କରିଥିବାବେଳେ କ୍ୱିଣ୍ଟନ ଡି କକ୍ (୨୩୮), ଇଶାନ କିଷାନ, ସୂର୍ଯ୍ୟକୁମାର ଯାଦବ (୧୫୪), କିରନ ପୋଲାର୍ଡ (୧୮୫) ପ୍ରମୁଖ ମଧ ଉଲ୍ଲେଖନୀୟ ବ୍ୟାଟିଂ କରିଛନ୍ତି। ତେଣୁ ଏଠାରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

# ଚେନ୍ନାଇ ପ୍ଲେ-ଅଫ୍‌ର ନିକଟତର

**ଆଇପିଏଲ-୧୨**

କୋଲକାତା, ୧୪।୪

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ-୧୨)ରେ ପ୍ରଥମ ଦଳଭାବେ ଚେନ୍ନାଇ ସୁପର କିଙ୍ଗ୍ସ ଚମତ୍କାର ପ୍ରଦର୍ଶନ ଜାରି ରଖି ପ୍ଲେ-ଅଫ୍‌ର ନିକଟତର ହୋଇଛି। ୮ ମ୍ୟାଚରୁ ୭ ବିଜୟ ସହ ଦଳ ୧୪ ପଏଣ୍ଟରେ ପହଞ୍ଚି ଟେବୁଲରେ ନିଜର ଶୀର୍ଷସ୍ଥାନକୁ ଦୃଢ଼ କରିଛି ମହେନ୍ଦ୍ର ସିଂ ଧୋନୀଙ୍କ ଦଳ। ରବିବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସକୁ ୫ ଉଇକେଟରେ ପରାସ୍ତ କରିଛି ସୁପର କିଙ୍ଗ୍ସ। ଅନ୍ୟପକ୍ଷରେ କ୍ରମାଗତ ୩ୟ ପରାଜୟ ବରଣ କରି ୮ ପଏଣ୍ଟରେ ସ୍ଥିର ରହିଛି ନାଇଟ ରାଇଡର୍ସ।

କୋଲକାତା ପକ୍ଷରୁ ଧାର୍ଯ୍ୟ ୧୬୨ ରନ ବିଜୟ ଲକ୍ଷ୍ୟକୁ ସୁପର କିଙ୍ଗ୍ସ ୧୯.୪ ଓଭରରେ ୫ ଉଇକେଟ ହରାଇ ହାସଲ କରିଛି। ଦୁଇ ଭେଟେରାନ ଖେଳାଳି ସୁରେଶ ରାଇନା ଓ ରବୀନ୍ଦ୍ର ଜାଡେଜା ଚେନ୍ନାଇ ପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଛନ୍ତି। ୧୫.୪ ଓଭରରେ ୧୨୧ ରନ କରି ୫ମ ଉଇକେଟ ହରାଇଥିବା ଚେନ୍ନାଇକୁ ରାଇନା ଓ ଜାଡେଜା ଅସମାପ୍ତ ୬ଷ୍ଠ ଉଇକେଟରେ ୨୬ ବଲ୍‌ରୁ ୪୧ ରନ ସଂଗ୍ରହ କରି ବିଜୟ ମୁକୁଟ ପିନ୍ଧାଇଛନ୍ତି। ରାଇନା ୪୨ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୫୮ ଏବଂ ଜାଡେଜା ୧୭ ବଲ୍‌ରୁ ୫ ଚୌକା ସହ ୩୧ ରନରେ ଅପରାଜିତ ରହିଛନ୍ତି। ଓପନର ଶେନ ୱାଟସନ ପୁଣି ବିଫଳ ହୋଇ ମାତ୍ର ୬ ରନରେ ପ୍ୟାଭିଲିୟନ ଫେରିଥିବାବେଳେ ଫାଫ୍ ଡୁପ୍ଲେସି ୨୪, ଅମ୍ବାତି ରାୟୁଡୁ ୫, କେଦାର ଯାଦବ ୨୦ ଓ ମହେନ୍ଦ୍ର ସିଂ ଧୋନୀ ୧୬ ରନରେ ଆଉଟ ହେବାରୁ ଚେନ୍ନାଇର ବିଜୟକୁ ନେଇ ଆଶଙ୍କା ଦେଖା ଦେଇଥିଲା। ମାତ୍ର ରାଇନା ଡୁ ପ୍ଲେସିଙ୍କ ସହ ୧୫, ରାୟୁଡୁଙ୍କ ସହ ୧୭, କେଦାରଙ୍କ ସହ ୨୦, ଧୋନୀଙ୍କ ସହ ୪୦ ଓ ଜାଡେଜାଙ୍କ ସହ ୪୧ ରନର ଭାଗୀଦାରି ଗଢ଼ି ସୁପରକିଙ୍ଗ୍ସ ବିଜୟର କର୍ଣ୍ଣଧାର ସାଜିଥିଲେ। କୋଲକାତା ବୋଲରଙ୍କ ମଧ୍ୟରେ ପୀୟୂଷ ଚାୱ୍ଲା ଓ ସୁନୀଲ ନାରିନ ୨ଟି ଲେଖାଏ ଏବଂ ହାରି ଗର୍ନେ ଗୋଟିଏ ଉଇକେଟ ନେଇଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନାଇଟ ରାଇଡର୍ସ କ୍ରିସ୍ ଲିନ୍‌ଙ୍କ ୮୨ ରନ ସତ୍ତ୍ୱେ ୨୦ ଓଭରରେ ୮ ଉଇକେଟ ହରାଇ ୧୬୧ ରନ କରିପାରିଥିଲା। ଟପ୍ ଅର୍ଡରରେ ବିସ୍ଫୋରକ ବ୍ୟାଟିଂ କରୁଥିବା ସୁନୀଲ ନାରିନ, ମିଡିଲ ଅର୍ଡରରେ ରବିନ ଉଥପ୍ପା ଓ ଲୋୟର ଅର୍ଡରରେ ଆନ୍ଦ୍ରେ ରସେଲ ବିଫଳ ହେବାରୁ ଦଳ ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ୫୧ ବଲ୍ ଖେଳିଥିବା ଲିନ୍ ନିଜ ଇନିଂସ ମଧ୍ୟରେ ୭ ଚୌକା ଓ ୬ ଛକା ମାରିଥିଲେ। ନୀତୀଶ ରାଣା ଦ୍ୱିତୀୟ ସର୍ବାଧିକ ୨୧ ରନ କରିଥିବାବେଳେ ଅଧିନାୟକ ଦୀନେଶ କାର୍ତ୍ତିକ ୧୮, ଶୁବମନ ଗିଲ ୧୫, ରସେଲ ୧୦, ନାରିନ ୨ ରନ କରିଥିଲେ। ଉଥପ୍ପା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇ ଯାଇଥିଲେ। ଚେନ୍ନାଇର ଇମ୍ରାନ ତାହିର ୨୭ ରନରେ ୪ଟି ଉଇକେଟ ନେଇ କୋଲକାତାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ଶେଷରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଶାର୍ଦ୍ଦୁଳ ଠାକୁର ୨ଟି ଏବଂ ମିଚେଲ ସାଣ୍ଟନର ଗୋଟିଏ ଉଇକେଟ ନେଇଥିଲେ।



ମ୍ୟାନ ଅଫ ଦି ମ୍ୟାଚ ଇମ୍ରାନ ତାହିର ।

**ସଂକ୍ଷିପ୍ତ ସ୍କୋର**

- କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୬୧/୮(ଲିନ-୮୨, ରାଣା-୨୧, ତାହିର-୪/୨୭, ଠାକୁର-୨/୧୮, ସାଣ୍ଟନର-୧/୩୦)।
- ଚେନ୍ନାଇ ସୁପର କିଙ୍ଗ୍ସ ୧୯.୪ ଓଭରରେ ୧୬୨/୫(ରାଇନା-୫୮*, ଜାଡେଜା-୩୧*, ଡୁପ୍ଲେସି-୨୪, ଚାୱ୍ଲା-୨/୩୨, ନାରିନ-୨/୧୯, ଗର୍ନେ-୧/୩୭)।
- ମ୍ୟାନ ଅଫ ଦି ମ୍ୟାଚ: ଇମ୍ରାନ ତାହିର



ଝିଅ ଜିଭା ସହ ଚେନ୍ନାଇ ସୁପରକିଙ୍ଗ୍‌ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ।

## କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଅର୍ଥଦଣ୍ଡ

ମୋହାଲି, ୧୪।୪(ପି.ଟି.)

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଶନିବାର ଏଠାରେ ଖେଳାଯାଇଥିବା କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ବାଙ୍ଗାଲୋର ସ୍ଲୋ-ଓଭର ବୋଲିଂ କରିଥିବାରୁ ଅଧିନାୟକ ଭାବେ କୋହଲିଙ୍କୁ ଏହି ଦଣ୍ଡ ହୋଇଛି। ‘ଚଳିତ ଟୁର୍ନାମେଣ୍ଟରେ ବାଙ୍ଗାଲୋର ପ୍ରଥମଥର ଲାଗି ନିର୍ଦ୍ଧାରିତ ସମୟ ସୀମାଠାରୁ କମ୍ ଓଭର ବୋଲିଂ କରିଥିବାରୁ ଆଇପିଏଲ୍ ନିୟମ ଅନୁଯାୟୀ କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି’ ବୋଲି ରବିବାର ଆଇପିଏଲ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହି ମ୍ୟାଚ୍‌ରେ ବାଙ୍ଗାଲୋର ୮ ଉଇକେଟ୍‌ରେ ପଞ୍ଜାବକୁ ପରାସ୍ତ କରିଥିଲା। ଚଳିତ ସିଜନରେ ଲଗାତର ୬ ମ୍ୟାଚ୍ ହାରିବା ପରେ ପ୍ରଥମଥର ଲାଗି ବିରାଟ ବାହିନୀ ବିଜୟ ସ୍ୱାଦ ଚାଖିଥିଲା। ପ୍ରକାଶଯୋଗ୍ୟ, ବିରାଟଙ୍କ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ୍ ଶର୍ମା ଓ ରାଜସ୍ଥାନ ରୟାଲ୍ସର ଅଜିଙ୍କ୍ୟ ରାହାନେଙ୍କୁ ସମାନ କାରଣ ଲାଗି ୧୨ଲକ୍ଷ ଲେଖାଏ ଜରିମାନା କରାଯାଇଥିଲା।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | +୦.୨୮୮ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | +୦.୩୫୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୨୦୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୪ | ୩ | ୮ | ୦.୧୯୭ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | -୦.୦୯୩ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୧ | ୬ | ୨ | -୧.୨୦୨ |

# ବାଙ୍ଗାଲୋରର ପ୍ରଥମ ବିଜୟ

ମୋହାଲି, ୧୪।୪

କ୍ରିସ୍ ଗେଲ୍‌ଙ୍କ ଅପରାଜିତ ୯୯ରନ ସତ୍ତ୍ୱେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର କ୍ରମାଗତ ୬ଟି ପରାଜୟ ପରେ ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ପଞ୍ଜାବ କ୍ରିକେଟ ଆସୋସିଏଶନ ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଦଳ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ୮ ଉଇକେଟରେ ପରାସ୍ତ କରିଛି। ଅଧିନାୟକ ବିରାଟ କୋହଲି ଓ ଏବି ଡି'ଭିଲର୍ସଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସହାୟତାରେ ବାଙ୍ଗାଲୋର ଦଳ ୧୭୪ ରନର ବିଜୟ ଲକ୍ଷ୍ୟକୁ ୧୯.୨ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। କୋହଲି ୫୩ ବଲ୍‌ରେ ୮ ଚୌକା ସହ ୬୭ ରନ କରିଥିବାବେଳେ ଡି'ଭିଲର୍ସ ୩୮ ବଲ୍‌ରେ ୫ ଚୌକା ଓ ୨ ଛକା ସହାୟତାରେ ୫୯ ରନ କରି ଅପରାଜିତ ରହିଥିଲେ। ପାର୍ଥିବ ପଟେଲ ୧୯ ରନ କରିଥିବାବେଳେ ମାର୍କସ ଷ୍ଟୋଇନିସ ୨୮ ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ଦଳ ପକ୍ଷରୁ ମହମ୍ମଦ ସାମି ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

### ଗେଲ୍ ଶତକରୁ ବଞ୍ଚିତ

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ତରଫରୁ ଅଭିଜ୍ଞ ଓପନର କ୍ରିସ୍ ଗେଲ ୯୯ ରନର ବିସ୍ଫୋରକ ଇନିଂସ ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେ ୬୪ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୫ ଛକା ମାରି ଘରୋଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ ମଧ ୧ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅନ୍ୟତମ ଓପନର ଲୋକେଶ ରାହୁଲ ୧୮ରନ (୧୫ ବଲ, ୨ଚୌକା, ୧ଛକା) କରି ୟୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ ୧୫, ସର୍ଫରାଜ ଖାଁ ୧୫, ସାମ କୁରାନ ୧ ରନ କରି ଯଥାକ୍ରମେ ଚହଲ, ମହମ୍ମଦ ସିରାଜ ଓ ମୋଇନ ଅଲିଙ୍କ ଦ୍ୱାରା ଆଉଟ ହୋଇଥିଲେ। ମନଦୀପ ସିଂ ୧୬ ବଲରୁ ୧୮ ରନ କରି ଅପରାଜିତ ରହିଥିଲେ।

# ଏଫ୍‌ସି ଗୋଆ ନୂଆ ଚାମ୍ପିୟନ

ଭୁବନେଶ୍ୱର, ୧୪।୪(କ୍ରୀଡ଼ା ପ୍ରତିନିଧି)

ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଚେନ୍ନାଇନ୍ ଏଫସିକୁ ୨-୧ ଗୋଲରେ ହରାଇ ଏଫସି ଗୋଆ ହୋଇଛି ନୂଆ ଚାମ୍ପିୟନ। ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ) ଫାଇନାଲରେ ବେଙ୍ଗାଲୁରୁ ଏଫସି ନିକଟରୁ ଏକମାତ୍ର ଗୋଲରେ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିବା ଗୋଆ ଏଠାରେ କିନ୍ତୁ ପିନ୍ଧିଛି ବିଜୟ ମୁକୁଟ। ଜାତୀୟ ଫୁଟବଲରେ ଏଫସି ଗୋଆର ଏହାଥିଲା ପ୍ରଥମ ଟାଇଟଲ। ଚାମ୍ପିୟନ ଗୋଆକୁ ଟ୍ରଫି ସହ ୨୫ ଲକ୍ଷ ଏବଂ ରନର୍ସଅପ୍ ଚେନ୍ନାଇନ୍ ଏଫସିକୁ ୧୫ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସସ୍ମିତା ମଲିକ, କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ବରିଷ୍ଠ ଉପସଭାପତି ସୁବ୍ରତ ଦତ୍ତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚେନ୍ନାଇନ୍ ଏଫସି ସହ ମାଲିକ ତଥା ବଲିଉଡ ଅଭିନେତା ଅଭିଷେକ ବଚନ ଚେନ୍ନାଇନ୍ ଡଗ୍‌ଆଉଟ ନିକଟରେ ଉପସ୍ଥିତ ରହି ଖେଳାଳି ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଗୋଆ ଗୋଲକିପର ମହମଦ ନୱାଜ ହିରୋ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ହିରୋ ଅଫ ଦି ସିରିଜ ପୁରସ୍କାର ପାଇଥିଲେ ଏଫସି ଗୋଆ ଫରୱାର୍ଡ ଫେରାନ କୋରୋମିନାସ।

ବାସନ୍ଦ ଯୋଗୁ ସେମିଫାଇନାଲ ଖେଳିପାରି ନ ଥିବା ମିଡ୍‌ଫିଲ୍ଡର ଏଡୁଆର୍ଡୋ ବେଡିଆ ପେଲେଜ ଫାଇନାଲରେ ଗୋଆ ଦଳର ନେତୃତ୍ୱ ନେଇଥିଲେ। ସେ ଜାଇଦ୍ କ୍ରୋଚ୍‌ଙ୍କ ସ୍ଥାନରେ ଷ୍ଟାର୍ଟିଂ ଇଲେଭେନରେ ସ୍ଥାନ ପାଇଥିଲେ। ଦୁଇ ହେଭିୱେଟ ଦଳ ମଧ୍ୟରେ ଲଢ଼େଇ ଆରମ୍ଭରୁ ବେଶ୍ ରୋମାଞ୍ଚକ ହୋଇଥିଲା। ଅଗ୍ରଣୀ ନେବା ପାଇଁ ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ। ଉଭୟ ଦଳ ଅନେକ ସୁଯୋଗ ମଧ ସୃଷ୍ଟି କରିଥିଲେ। ମାତ୍ର ପ୍ରଥମାର୍ଦ୍ଧର ନିର୍ଦ୍ଧାରିତ ସମୟ ଓ ୨ ମିନିଟର ଇଞ୍ଜୁରି ଟାଇମ୍‌ରେ ଗୋଲ ହୋଇପାରି ନ ଥିଲା।

ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକଭାବେ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଗୋଆ ପକ୍ଷରୁ ଆକ୍ରମଣକୁ ଜୋରଦାର କରାଯାଇଥିଲା। ୫୦ତମ ମିନିଟରେ ବେଡିଆ ମାରିଥିବା ଶଟ୍ ଚେନ୍ନାଇନ୍ ଗୋଲପୋଷ୍ଟରେ ବାଜି ଫେରି ଆସିଥିଲା। ମାତ୍ର ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ ଟୁର୍ନାମେଣ୍ଟର ଅନ୍ୟତମ ଅଗ୍ରଣୀ ସ୍କୋରର ଫେରାନ କୋରୋମିନାସ। ଚେନ୍ନାଇନ୍‌ର ଅନିରୁଦ୍ଧ ଥାପା ବଲ୍‌କୁ କ୍ଲିୟର କରିଦେବାକୁ ଉଦ୍ୟମ କରିଥିବାବେଳେ ଦୁର୍ବଳ ଶଟ୍‌କୁ କୋରୋମିନାସ ରୋକିବା ସହ ବାମପାଦରେ ବଲ୍‌କୁ ଚେନ୍ନାଇନ୍ ଗୋଲପୋଷ୍ଟ ମଧ୍ୟକୁ ଠେଲିଦେଇଥିଲେ। ୫୧ତମ ମିନିଟରେ କୋରୋ ଏହି ଗୋଲଟି ଦେଇଥିଲେ। ମାତ୍ର ଗୋଆର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା । ଗୋଆ ଗୋଲପୋଷ୍ଟରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ଚେନ୍ନାଇନ୍‌ର ରାଫାଲ ଅଗଷ୍ଟୋ ୫୪ତମ ମିନିଟରେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଫଳରେ ମ୍ୟାଚରେ ଉଷ୍ମତା ଭରିଥିଲା। ଗୋଆ କିନ୍ତୁ ସହଜରେ ଛାଡ଼ିବାର ନ ଥିଲା। ୬୪ତମ ମିନିଟରେ ଇଡୁ ବେଡିଆ ବଲ୍‌କୁ ନିୟନ୍ତ୍ରଣକୁ ଆଣି ବ୍ରେଣ୍ଡନ ଫର୍ନାଣ୍ଡିଜ୍ ଦ୍ରୁତ ବେଗରେ ଚେନ୍ନାଇନ୍ ବକ୍ସ ଏରିଆକୁ ଯାଉଥିବାର ଦେଖିଥିଲେ। ତେଣୁ ସେ ଫର୍ନାଣ୍ଡିଜ୍‌ଙ୍କୁ ପାସ୍ ଦେଇଥିଲେ ଏବଂ ସେ ଏହାକୁ ଗୋଲରେ ପରିଣତ କରିଥିଲେ। ୭୫ତମ ମିନିଟରେ ବେଡିଆ ଓ କୋରୋମିନାସ ମିଳିତଭାବେ ବଲ୍ ନେଇ ଚେନ୍ନାଇନ୍ ଗୋଲପୋଷ୍ଟରେ ପହଞ୍ଚିଥିଲେ। ବେଡିଆ ବାମ ପାଦରେ ବଲ୍‌କୁ ଗୋଲପୋଷ୍ଟକୁ ଠେଲି ଥିଲେ ହେଁ ଚେନ୍ନାଇନ୍ ଗୋଲକିପର କରନଜିତ ସିଂ ଚମତ୍କାରଭାବେ ଏହାକୁ ସେଭ୍ କରିଥିଲେ। ୮୧ତମ ମିନିଟରେ ଜ୍ୟାକିଚାନ୍ଦ ସିଂ ଗୋଲପୋଷ୍ଟ ନିକଟରୁ ମାରିଥିବା ଶଟ୍‌କୁ ଗୋଲକିପର କରନଜିତ ଅଟକାଇ ଦେଇଥିଲେ। ବଲ ଫେରି ଆସୁଥିବାବେଳେ କୋରୋମିନାସ ତାହାକୁ ଗୋଲରେ ପରିଣତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଶୋଇପଡ଼ି ବଲ୍‌କୁ ଧରିବା ଉଦ୍ୟମରେ ଗୋଲକିପର କରନଜିତଙ୍କ ହାତ କୋରୋମିନାସଙ୍କ ଗୋଡ଼ରେ ବାଜିଥିଲା। ଫଳରେ କୋରୋମିନାସ ତଳେ ପଡ଼ି ଯାଇଥିଲେ। ୬ ମିନିଟ ଇଞ୍ଜୁରି ଟାଇମ୍ ଆରମ୍ଭରେ ଚେନ୍ନାଇନ୍‌କୁ ଏକ କର୍ନର ମିଳିଥିଲା। ମାତ୍ର ଗୋଆ ଡିଫେଣ୍ଡର ସରିଗ୍ନେ ମୋର୍ତାଦା ଫଲ୍ ବଲ୍‌କୁ ବାହାରକୁ ପଠାଇ ଦେଇଥିଲେ। ଶେଷ ମିନିଟରେ ଚେନ୍ନାଇନ୍ ପକ୍ଷରୁ ମରାଯାଇଥିବା ଏକ ଶଟ୍ ଗୋଆ ଗୋଲପୋଷ୍ଟ ବାର୍‌ରେ ବାଜି ଫେରି ଆସିଥିଲା। ପରେ ରେଫରିଙ୍କ ମ୍ୟାଚ ଶେଷ ହ୍ୱିସିଲ ବାଜିଥିଲା ଏବଂ ଗୋଆ ଖେଳାଳି ଓ ଟିମ୍ ମ୍ୟାନେଜମେଣ୍ଟ ସଦସ୍ୟମାନେ ନାଚି ଖୁସି ମନାଇଥିଲେ।



ସୁପର କପ୍ ଫୁଟବଲ ଚାମ୍ପିୟନ ଏଫ୍‌ସି ଗୋଆ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

**ସୁପର କପ୍ ଫୁଟବଲ**

- ଚାମ୍ପିୟନ ଏଫ୍‌ସି ଗୋଆ-୨୫ ଲକ୍ଷ
- ରନର୍ସଅପ୍ ଚେନ୍ନାଇନ୍ ଏଫ୍‌ସି- ୧୫ ଲକ୍ଷ
- ହିରୋ ଅଫ୍ ଦି ମ୍ୟାଚ୍ - ମହମ୍ମଦ ନୱାଜ
- ହିରୋ ଅଫ୍ ଦି ସିରିଜ - ଫେରାନ କୋରୋମିନାସ

## ଦୂତୀଙ୍କ ପ୍ରଦର୍ଶନ ବଳରେ ରିଲେ ଦଳର ଯୋଗ୍ୟତା

ପଟିଆଲା, ୧୪।୪(ପି.ଟି.)

ଓଡ଼ିଆ ତାରକା ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତୀୟ ୪x ୧୦୦ ରିଲେ ଦଳ ଦୋହାରେ ଆୟୋଜନ ହେବାକୁ ଥିବା ଏସିଆନ୍ ଆଥଲେଟିକ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଛି। ଏହି ମେଗା ଇଭେଣ୍ଟ ପାଇଁ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏକ ୫୧ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଦୋହାରେ ଏହି ଇଭେଣ୍ଟ ଏପ୍ରିଲ ୨୧ରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ସ୍ଥାନୀୟ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ) ରେ ଶନିବାର ଅନୁଷ୍ଠିତ ଟ୍ରାଏଲରେ ଦୂତୀ, ହିମା, ଅର୍ଚ୍ଚନା ସୁସିନ୍ଦ୍ରନ ଓ କେ ରଙ୍ଗାଙ୍କୁ ନେଇ ଗଠିତ ମହିଳା ୧୦୦ ମିଟର ରିଲେ ଟିମ୍ ୪୪.୧୨ ସେକେଣ୍ଡ ସମୟ ନେଇଥିଲେ। ତେବେ ଏଏଫ୍‌ଆଇ ଷ୍ଟାଣ୍ଡାର୍ଡ ୪୪.୫୦ ରହିଥିବା ବେଳେ ଏହି ରିଲେ ଦଳ ଅପେକ୍ଷାକୃତ କମ୍ ସମୟ ନେଇ ଯୋଗ୍ୟତା ହାସଲ କରିଛି। ମହିଳା ରିଲେ ଦଳ ଓ ୮୦୦ ମିଟରରେ କେ. ଗୋମଥୀ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ କ୍ରସ କରିଥିଲେ। ଅଧିକାଂଶ ରନର କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ କ୍ରସ୍ କରିବାରେ ବିଫଳ ହୋଇଥିଲେ।



“ଏବି ଡି'ଭିଲର୍ସଙ୍କ ସହିତ ପାର୍ଟନର ହୋଇ ବ୍ୟାଟିଂ ବେଳେ ଚାପରେ ଥିଲେ ମଧ୍ୟ ମୁଁ ନିଜକୁ ସହଜ ଅନୁଭବ କରିଥାଏ।
–ମାର୍କସ ଷ୍ଟୋଇନିସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଲରାଉଣ୍ଡର



“ଆଇପିଏଲରେ କ୍ରମାଗତ ୬ଟି ପରାଜୟ ପରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ୮ ଉଇକେଟ ବିଜୟର ସ୍ୱାଦ ଅବର୍ଣ୍ଣନୀୟ।
–ବିରାଟ କୋହଲି, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଅଧିନାୟକ

## ସଂକ୍ଷେପରେ

### ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ: ଓଡ଼ିଶା ବିଦା

**କଟକ ଅଫିସ,୧୪।୪:** ପଞ୍ଜାବର ଲୁଧିଆନାସ୍ଥିତ ଗୁରୁନାନକ ଷ୍ଟାଡିୟମରେ ଚାଲିଥିବା ୭୩ତମ ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରୁ ଓଡ଼ିଶା ବିଦା ହୋଇଛି । ପ୍ରତିଯୋଗିତାର ପ୍ରଥମ ୩ଟି ଯାକ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି । ରବିବାର ମ୍ୟାଚ୍‌ରେ ଦଳ ୧-୨ ଗୋଲରେ ଗୋଆଠାରୁ ହାରିଛି। ପୂର୍ବରୁ ୨-୩ ଗୋଲରେ ମେଘାଳୟଠାରୁ ଓ ୦-୨ ଗୋଲରେ ସର୍ଭିସେସ ଠାରୁ ପରାସ୍ତ ହୋଇଥିଲା । ୧୬ ତାରିଖରେ ଦିଲ୍ଲୀ ବିପକ୍ଷରେ ସୌଜନ୍ୟମୂଳକ ଭାବେ ଅନ୍ତିମ ଫାଇନାଲ ରାଉଣ୍ଡ ମ୍ୟାଚ୍ ଖେଳିବ। ପ୍ରଥମାର୍ଦ୍ଧରେ ଗୋଆ ପକ୍ଷରୁ ୨ଟି ଗୋଲ ସ୍କୋର ହୋଇଥିଲା । ୧୪ତମ ମିନିଟରେ ଜସେଲ କାର୍ନିରିଓ ଓ ୧୭ତମ ମିନିଟରେ ସାର୍ନିଓ ଫର୍ନାଡେସ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ଦ୍ୱିତୀୟାର୍ଦ୍ଧର ୮୭ତମ ମିନିଟରେ ଓଡ଼ିଶା ଗୋଟିଏ ଗୋଲ ସୁଝିବାକୁ ସକ୍ଷମ ହୋଇଥିଲା । ଅରବିନ ଲାକ୍ରା ଉକ୍ତ ଗୋଲ ସ୍କୋର କରିଥିଲେ । ପରବର୍ତ୍ତୀ ସମୟରେ କୌଣସି ଗୋଲ ନ ହେବା ଯୋଗୁ ଓଡ଼ିଶା ପରାଜୟ ବରଣ କରିଛି ।

### କ୍ରିକେଟ ଦଳ ଚୟନ ପ୍ରକ୍ରିୟାକୁ କୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ, ୧୪।୪ (ପି.ଟି.):** ଜୋନାଲ ଓ ଜାତୀୟସ୍ତରର ଟୁର୍ନାମେଣ୍ଟ ପାଇଁ ଦିଲ୍ଲୀ ଓ ଜିଲା କ୍ରିକେଟ ଆସୋସିଏଶନ (ଡିଡିସିଏ) ପକ୍ଷରୁ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ମାତ୍ର ଚୟନ ପକ୍ରିୟାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଖେଳାଳି ଚୟନ ବେଳେ ବେନିୟମ କାର୍ଯ୍ୟ ହୋଇଛି ବୋଲି ଆବେଦନକାରୀ ଅରୁଣ ହାମରୋଲ ଦର୍ଶାଇଛନ୍ତି ଦଳ ମନୋନୟନ ପାଇଁ ଡିଡିସିଏର କ୍ରିକେଟ କମିଟି ୩ ଜଣିଆ ସିଲେକ୍ସନ କମିଟି ଗଠନ କରିଥିଲା। ଟ୍ରାଏଲରେ ଭାଗ ନେବା ଲାଗି ୨୦୧୮ ଅକ୍ଟୋବର ୧ ଏବଂ ୨୦୧୮ ଅକ୍ଟୋବର ୫ ମଧ୍ୟରେ ୩ଟି ପୃଥକ୍ ପୃଥକ୍ ଦିବସରେ ବହୁସଂଖ୍ୟାରେ ଯୁବ ଖେଳାଳିଙ୍କୁ ଡକାଯାଇଥିଲା। ପ୍ରତ୍ୟେକଙ୍କୁ ସେମାନଙ୍କ ଦକ୍ଷତା ଓ ସାମର୍ଥ୍ୟ ପ୍ରତିପାଦନ କରିବା ଲାଗି ମାତ୍ର ଏକ ମିନିଟ ସମୟ ଦିଆଯାଇଥିଲା। ସିଲେକ୍ସନ କମିଟି ଅକ୍ଟୋବର ୧୬ରେ ୧୫ଜଣିଆ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଥିଲା। ଆବେଦନକାରୀ ଜଣକ ସିଲେକ୍ସନକୁ ରଦ୍ଦ କରିବା ସହ ନିରପେକ୍ଷତା ଓ ସ୍ୱଚ୍ଛତା ଭିତ୍ତିରେ ସାନି ଦଳ ମନୋନୟନ ଲାଗି ନିର୍ଦ୍ଦେଶ ପାଇ କୋର୍ଟଙ୍କୁ ନିବେଦନ କରିଛନ୍ତି।

## ଭାରତୀୟ ଦଳ ଚୟନ ଆଜି

# ଟିମ୍ କମ୍ବିନେଶନକୁ ଗୁରୁତ୍ୱ

ନୂଆଦିଲ୍ଲୀ, ୧୪।୪(ପି.ଟି.)

ଆଇସିସି କ୍ରିକେଟ ବିଶ୍ୱକପ ଦ୍ୱାଦଶ ସଂସ୍କରଣ ଇଂଲଣ୍ଡରେ ମେ ୩୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ରିକେଟ ମହାକୁମ୍ଭ ପାଇଁ ଭାରତୀୟ ଦଳ ଚୟନ ସୋମବାର ମୁମ୍ବାଇରେ ଅନୁଷ୍ଠିତ ହେବ। ବିଭିନ୍ନ ସ୍ଥାନ ପାଇଁ ପ୍ରାୟତଃ ଖେଳାଳି ଚୂଡ଼ାନ୍ତ ହୋଇ ସାରିଛି। ତେବେ ଦ୍ୱିତୀୟ ଉଇକେଟ କିପର, ୪ ନମ୍ବର ବ୍ୟାଟ୍ସମ୍ୟାନ ଏବଂ ଜଣେ ଅତିରିକ୍ତ ପେସର ସମ୍ପର୍କରେ ବିଶେଷ କରି ଚୟନ କମିଟି ବୈଠକରେ ଆଲୋଚନା ହେବ। ଅନ୍ୟପକ୍ଷରେ କେବଳ ଗୋଟିଏ ସ୍ଥାନ ପୂରଣ ହେବାକୁ ବାକି ରହିଛି ବୋଲି ଗତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜପରେ ଅଧିନାୟକ ବିରାଟ କୋହଲି ସୂଚନା ଦେଇଥିଲେ। କୋର୍ ଖେଳାଳି ଏକବର୍ଷ ପୂର୍ବରୁ ସେଟ୍ ହୋଇ ସାରିଛନ୍ତି ବୋଲି ସେ କହିଥିଲେ। ଚୟନ କମିଟି ବୈଠକରେ ଟିମ୍ କମ୍ବିନେଶନକୁ ଅଗ୍ରାଧିକାର ଦିଆଯିବ।

ମହେନ୍ଦ୍ର ସିଂ ଧୋନୀଙ୍କ ପରେ ଦ୍ୱିତୀୟ ଉଇକେଟ କିପର ସ୍ଥାନ ପାଇଁ ଯୁବ ଖେଳାଳି ରିଷଭ ପନ୍ତ ଏବଂ ଅଭିଜ୍ଞ ଦୀନେଶ କାର୍ତ୍ତିକ ଦୃଢ଼ ଦାବିଦାର। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ପନ୍ତଙ୍କ ୨୨୨ ରନ ତୁଳନାରେ କାର୍ତ୍ତିକ ୯୩ ରନ ସ୍କୋର କରିଛନ୍ତି। ତେଣୁ ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ପନ୍ତ ଦୌଡ଼ରେ ଆଗରେ ରହିଛନ୍ତି। ପନ୍ତ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ, ଉଇକେଟ କିପର ଏବଂ ନମ୍ବର ୧ରୁ ଆରମ୍ଭକରି ୭ମ ସ୍ଥାନ ପର୍ଯ୍ୟନ୍ତ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି। ସ୍ପିନରଙ୍କ ବିପକ୍ଷରେ ପନ୍ତଙ୍କ ଉଇକେଟ କିପିଂ ଦକ୍ଷତାରେ ଉନ୍ନତି ଆବଶ୍ୟକ, ମାତ୍ର କାର୍ତ୍ତିକ ମଧ୍ୟ ଗତ ୧୨ ମାସ ମଧ୍ୟରେ ଏପରି କିଛି କରିନାହାନ୍ତି ଯାହାକି ପନ୍ତଙ୍କ ତୁଳନାରେ ତାଙ୍କୁ ଆଗରେ ରଖି ପାରିବ। ତେବେ ଆଇପିଏଲ ଫ୍ରାଞ୍ଚାଇଜ୍ କୋଚ୍ ଦିଲ୍ଲୀ କ୍ୟାପିଟାଲ୍ସର ରିକି ପଣ୍ଟିଂ ପନ୍ତଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିବାବେଳେ ଦୀନେଶ କାର୍ତ୍ତିକ ହିଁ ଉପଯୁକ୍ତ ଖେଳାଳି ବୋଲି କୋଲକାତା ନାଇଟ ରାଇଡର୍ସର ଜ୍ୟାକ୍ସ କାଲିସ କହିଛନ୍ତି। ଦୌଡ଼ରେ ଏହି ଦୁଇ ଖେଳାଳି ରହିଥିବାବେଳେ ତୃତୀୟ ଖେଳାଳି ଭାବେ ଏଥିରେ ସାମିଲ ହୋଇଛନ୍ତି ଲୋକେଶ ରାହୁଲ। ରାହୁଲ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ଉଇକେଟ କିପିଂ ଜାରି ରଖିଥିବାବେଳେ ବ୍ୟାଟିଂରେ ୩୩୫ ରନ ସ୍କୋର କରି ସାରିଛନ୍ତି। ଏହା ମଧ୍ୟରେ ଏକ ଶତକ ସାମିଲ। ତେଣୁ ଭାରତୀୟ ଦଳ ପାଇଁ ତୃତୀୟ ଓପନର ଏବଂ ଦ୍ୱିତୀୟ ଉଇକେଟ କିପର ସମ୍ପର୍କରେ ଆଲୋଚନା ବେଳେ ଚୟନକର୍ତ୍ତାମାନେ ରାହୁଲଙ୍କ ନାମକୁ ମଧ୍ୟ ବିଚାରକୁ ନେଇପାରନ୍ତି।

“ଧୋନୀ ଆହତ ହେଲେ ଯାଇ ଦ୍ୱିତୀୟ ଉଇକେଟ କିପରଙ୍କ ଖେଳିବା ସମ୍ଭାବନା ରହିବ। ରିଷଭ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ, ମାତ୍ର ଏକଦିବସୀୟ କ୍ରିକେଟରେ ସେ ସେପରି କିଛି କରିସ୍ପା ଦେଖାଇ ପାରି ନାହାନ୍ତି। ସେ ୫୦ ଓଭର ପର୍ଯ୍ୟନ୍ତ ନିଜ ଦାୟିତ୍ୱକୁ ଠିକ୍‌ଭାବେ ତୁଲାଇ ପାରିବେ କି ନାହିଁ ତାହାକୁ ନେଇ ପ୍ରଶ୍ନ ରହିଛି” ବୋଲି ପୂର୍ବରୁ ଚୟନ କମିଟି ସଦସ୍ୟଥିବା ଜଣେ ପୂର୍ବତନ ଭାରତୀୟ ଖେଳାଳି ପ୍ରକାଶ କରିଛନ୍ତି। ଯଦି ରାହୁଲଙ୍କ ନାମ ଦ୍ୱିତୀୟ ଉଇକେଟ କିପର ଭାବେ ନିଆଯାଏ ତେବେ ୪ ନମ୍ବର ସ୍ଥାନରେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଅମ୍ବାତି ରାୟୁଡୁଙ୍କ ନାମ ଆସିବ। ଗତ ନଭେମ୍ବର ପର୍ଯ୍ୟନ୍ତ ରାୟୁଡୁ ୪ ନମ୍ବର ସ୍ଥାନ ପାଇଁ ହଟ୍ ଫେଭରାଇଟ ଥିଲେ। କୋହଲି ଓ କୋଚ୍ ରବି ଶାସ୍ତ୍ରୀ ମଧ୍ୟ ଏହା ଏକପ୍ରକାର ସ୍ଥିର କରି ସାରିଥିଲେ। ମାତ୍ର ଏହି ହାଇଦ୍ରାବାଦ ବ୍ୟାଟ୍ସମ୍ୟାନ ଲମ୍ବା ସମୟ ପାଇଁ ଘରୋଇ କ୍ରିକେଟ ନ ଖେଳିବାକୁ ନିଷ୍ପତ୍ତି ନେବା ଏବଂ ପେସ୍ ବୋଲରଙ୍କ ବିପକ୍ଷରେ ଦୁର୍ବଳ ଟେକ୍ନିକ୍ ତାଙ୍କୁ ଝୁଲାଇ ରଖିଛି। ତେବେ ଯଦି ଚୟନକର୍ତ୍ତାମାନେ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ୪ ନମ୍ବର ସ୍ଲଟ୍ ପାଇଁ ମନୋନୟନ କରନ୍ତି ତେବେ ରାୟୁଡୁଙ୍କ ସମ୍ପର୍କରେ ଆଲୋଚନାର ଯବନୀକା ପଡ଼ିବ।

ଇଂଲଣ୍ଡର ଜଳବାୟୁ ଅସ୍ଥିର ରହୁଥିବାରୁ ବିଶେଷ କରି ବର୍କିଂହାମ, ଲିଡ୍ସ ଓ ମାଞ୍ଚେଷ୍ଟର ଭେନ୍ୟୁକୁ ଦୃଷ୍ଟିରେ ରଖି ଭାରତକୁ ୪ର୍ଥ ସ୍ପେଶାଲିଷ୍ଟ ପେସ୍ ବୋଲର କଥା ଚିନ୍ତା କରିବାକୁ ପଡ଼ିପାରେ। “ବିଜୟ ଶଙ୍କର ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବର୍ତ୍ତମାନ ୪ର୍ଥ ପେସର ଭାବେ ବିବେଚନା କରାଯାଉଛି। ଅନ୍ୟପକ୍ଷରେ ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ଦକ୍ଷତା ଏବଂ ବିଗ୍ ହିଟିଂ ପାୱାର ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଏହା ବ୍ୟତୀତ ଡ୍ରାଏ କଣ୍ଡିଶନରେ ସେ ବିକଳ୍ପ ବୋଲରର ଭୂମିକା ମଧ୍ୟ ନେବାର ଦକ୍ଷତା ରଖିଛନ୍ତି” ବୋଲି ଏହି ସୂତ୍ରରୁ ପ୍ରକାଶ କରାଯାଇଛି। ତେବେ ଉମେଶ ଯାଦବଙ୍କ ପ୍ରଦର୍ଶନରେ ସ୍ଥିରତା ରହୁ ନ ଥିବାରୁ ୪ର୍ଥ ପେସର ସମ୍ଭାବନା ଅଧିକ ରହିବ। ଖଲିଲ ଅହମଦଙ୍କୁ ବାମହାତୀ ପେସର ବିକଳ୍ପ ବିବେଚନା କରାଯାଉଥିଲା। ମାତ୍ର ଟେଷ୍ଟିଂ ଟାଇମ୍‌ରେ ସେ ସେପରି ଭରସାଯୋଗ୍ୟ ହୋଇପାରି ନ ଥିଲେ। ଇଂଲଣ୍ଡରେ ଅତୀତ ରେକର୍ଡକୁ ଦେଖିଲେ ଈଶାନ୍ତ ଶର୍ମା, ନଭଦୀପ ସଇନି କିମ୍ବା ଭଲ ପାୱାର ପ୍ଲେ ବୋଲର ଦୀପକ ଚହରଙ୍କ ନାମ ବିଚାରକୁ ଆସିପାରେ। ଚୟନ କମିଟି ଏହାର ନୀତିରେ ଅଟଳ ରହିବ। ଏଥିରୁ ବିଚ୍ୟୁତ ହେବାର କୌଣସି କାରଣ ଦେଖିବାକୁ ମିଳୁନାହିଁ ବୋଲି ସେ କହିଛନ୍ତି।



ରିଷଭ ପନ୍ତ



ଦୀନେଶ କାର୍ତ୍ତିକ

**ସମ୍ଭାବ୍ୟ ଦଳ**

- ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା।
- ୧୫ତମ ସଦସ୍ୟ(ବିକଳ୍ପ) ଦ୍ୱିତୀୟ ଉଇକେଟ କିପର କ୍ଷେତ୍ରରେ: ଦୀନେଶ କାର୍ତ୍ତିକ/ରିଷଭ ପନ୍ତ। ଚାରି ନମ୍ବର ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ : ଅମ୍ବାତି ରାୟୁଡୁ। ଯଦି ୪ର୍ଥ ପେସର ନିଆଯାଏ: ଉମେଶ ଯାଦବ/ଖଲିଲ ଅହମଦ/ଈଶାନ୍ତ ଶର୍ମା/ନଭଦୀପ ସଇନି।

### ଧୋନୀଙ୍କ କହିବା ଅନୁସାରେ ବୋଲିଂ କରିଥିଲି: ତାହିର

**କୋଲକାତା, ୧୪।୪ (ପି.ଟି.)**

ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଯୋଜନା ମୁତାବକ ବୋଲିଂ କରିବାରୁ ମୁଁ ସଫଳ ହେଲି ବୋଲି କହିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ବୋଲର ଇମ୍ରାନ ତାହିର। ଶନିବାର ଏଠାରେ ଅନୁଷ୍ଠିତ ଏକ ଆଇପିଏଲ ମ୍ୟାଚରେ ସିଏସ୍‌କେ ୫ ଉଇକେଟରେ କୋଲକାତା ନାଇଟ ରାଇଡର୍ସକୁ ହରାଇ ଦେଇଛି। ଦଳକୁ ଜିତାଇବାରେ ତାହିର ବିଶେଷ ଭୂମିକା ଗ୍ରହଣ କରିଥିଲେ। ସେ ୨୭ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତାହିର କହିଛନ୍ତି ମୋତେ କେଉଁ ବ୍ୟାଟ୍ସମ୍ୟାନକୁ କିପରି ବଲ୍ ପକାଇବାକୁ ପଡ଼ିବ ଧୋନୀ ମୋତେ ପରାମର୍ଶ ଦେଇଥିଲେ।

## ■ ପ୍ୟାରିସ ମାରାଥନ

### ବୁର୍କା, ମିଲ ଜିତିଲେ ଟାଇଟଲ



ଜିଲେଟ ବୁର୍କା

ପ୍ୟାରିସ, ୧୪।୪ (ଏଏଫ୍‌ପି)

ରବିବାର ଅନୁଷ୍ଠିତ ପ୍ୟାରିସ ମାରାଥନରେ ଇଥିଓପିଆ ଆଥଲେଟ ଉଭୟ ମହିଳା ଓ ପୁରୁଷ ଟାଇଟଲ ଜିତିଛନ୍ତି। ଆବ୍ରା ମିଲ ଦୁଇ ଥର ଚାମ୍ପିୟନ ପଲ୍ ଲନୟାନଗାଟାଙ୍କୁ ପଛରେ ପକାଇ ପୁରୁଷ ବିଭାଗ ରେସ୍ ଜିତିଛନ୍ତି। ମିଲ ୨ ଘଣ୍ଟା ୭ ମିନିଟ ଓ ୫ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। କେନିୟାର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଲନୟାନଗାଟା ତୃତୀୟ ସ୍ଥାନରେ ରହିଥିଲେ। ନିର୍ମଳ ଆକାଶ ଓ ଥଣ୍ଡା ପରିବେଶରେ ଅନୁଷ୍ଠିତ ମାରାଥନରେ ମୋଟ ୪୯,୧୫୫ ଧାବକ ଭାଗ ନେଇଥିଲେ। ଇଥିଓପିଆର ଜିଲେଟ ବୁର୍କା ୨:୨୨:୪୮ ଟାଇମିଂରେ ମହିଳାମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କ୍ଲେମାନ୍ସ କାଲଭିନ୍ ଫ୍ରାନ୍ସର ଏକମାତ୍ର ମହିଳା ଭାବେ ରେସ୍ ଶେଷ କରିବାରେ ସମର୍ଥ ହୋଇଥିଲେ। ଗତ ମାସରେ ମରକ୍କୋରେ ଡୋପ୍ ଟେଷ୍ଟକୁ ଏଡାଇଦେଇଥିବା ଅଭିଯୋଗରେ ସାମୟିକ ବାସନ୍ଦ ହୋଇଥିବା ଏହି ଧାବିକା ଫ୍ରେଞ୍ଚ ମହିଳା ରେକର୍ଡ ଭଙ୍ଗ କରିବାରେ ସମର୍ଥ ହୋଇଛନ୍ତି। କାଲଭିନ୍ ୨:୨୩:୪୧ ଟାଇମିଂରେ ଚତୁର୍ଥ ହୋଇଥିଲେ। ସେ ୪୧ ସେକେଣ୍ଡ ବ୍ୟବଧାନରେ ୨୦୧୦ରେ ଖ୍ରିଷ୍ଟିଲ ଡାଉନେଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ଭଙ୍ଗ କରି ଦେଇଥିଲେ। ଏହା ଆହୁରି ମଧ୍ୟ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ଗତବର୍ଷ ବର୍ଲିନଠାରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍‌ରେ ୨:୨୬:୨୮ ଟାଇମିଂ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏଥିରେ ସେ ଦ୍ୱିତୀୟ ହୋଇଥିଲେ।

# ହାମିଲଟନ ଜିତିଲେ ଚାଇନିଜ ଗ୍ରାଁ ପ୍ରି

ସାଂଘାଇ, ୧୪।୪(ଏଏଫ୍‌ପି)

ମର୍ସିଡିଜର ଲୁଇସ୍ ହାମିଲଟନ ଓ ତାଙ୍କ ଟିମ୍‌ମେଟ୍ ଭାଲେଟେରୀ ବୋଟାସ ଚାଇନିଜ ଫର୍ମୁଲାୱାନ ଗ୍ରାଁ ପ୍ରିରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଫର୍ମୁଲା ୱାନର ଏହି ୧,୦୦୦ ତମ ରେସ୍‌ରେ ହାମିଲଟନ ଗ୍ରୀଡ୍‌ର ଦ୍ୱିତୀୟ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ। ଶନିବାର ପୋଲ ପୋଜିଶନ ହାସଲ କରିଥିବା ବୋଟାସଙ୍କଠାରୁ ସେ ୬.୫ ସେକେଣ୍ଡ ଆଗରେ ରହିଥିଲେ। ଫେରାରିର ସେବାଷ୍ଟିଆନ ଭେଟେଲ ତୃତୀୟ ହୋଇଥିବାବେଳେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୨୧ ବର୍ଷୀୟ ପ୍ରତିଭାସମ୍ପନ୍ନ ଫେରାରିର ଅନ୍ୟତମ ଡ୍ରାଇଭର ଚାର୍ଲସ ଲେକରେକ୍‌ଙ୍କୁ ୫ମ ସ୍ଥାନ ମିଳିଥିଲା। ଚାଇନିଜ ଗ୍ରାଁ ପ୍ରିରେ ବିଶ୍ୱ ଚାମ୍ପିୟନ ହାମିଲଟନଙ୍କ ଏହା ଥିଲା ୬ଷ୍ଠ ଚଳିତ ସିଜନରେ ଏହା ତାଙ୍କର କ୍ରମାଗତ ଦ୍ୱିତୀୟ ବିଜୟ। ଫର୍ମୁଲା ୱାନର ୧,୦୦୦ତମ ରେସ୍‌ରେ ମର୍ସିଡିଜ ଟିମ୍ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିବା ବାସ୍ତବିକ ସ୍ମରଣୀୟ ବୋଲି ରେସ୍ ପରେ ହାମିଲଟନ ପ୍ରକାଶ କରିଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ରହିଥିବା ଡ୍ରାଇଭରମାନେ ହେଲେ ପିଏରେ ଗାସ୍‌ଲି (ରେଡ୍‌ବୁଲ୍), ଡାନିଏଲ ରିକାର୍ଡୋ (ରେନଲ୍ଟ), ସର୍ଗିଓ ପେରେଜ (ରେସିଂ ପଏଣ୍ଟ), କିମି ରାଇକୋନେନ (ଆଲ୍‌ଫା ରୋମିଓ) ଓ ଆଲେକ୍‌ଜାଣ୍ଡର ଅଲବନ୍ (ଟୋରୋ ରୋସୋ)। ୧୫ ଦିନ ପରେ ସିଜନର ଚତୁର୍ଥ ରେସ୍ ଆଜରବୈଜାନର ବାକୁଠାରେ ହେବ।



ଚାଇନିଜ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ପୁରସ୍କାର ବିତରଣ ଉତ୍ସବରେ ମର୍ସିଡିଜ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଟିମ୍‌ମେଟ୍ ଭାଲଟେରି ବୋଟାସ ଟିମ୍ ଇଞ୍ଜିନିୟର ମାର୍କସ ଡଡ୍‌ଲିଙ୍କ ଉପରେ ସାମ୍ପେନ ଢାଳୁଛନ୍ତି। ଡାହାଣ ପାର୍ଶ୍ୱରେ ଫେରାରି ଡ୍ରାଇଭର ସେବାଷ୍ଟିଆନ ଭେଟେଲ ଏଥିରେ ସାମିଲ ହୋଇଛନ୍ତି।

# ସିରିଜ କବ୍‌ଜା କଲା ଜିମ୍ବାୱେ



ଶତକ ହାସଲକାରୀ ସିନ୍ ୱିଲିୟମ୍ସ।

**ହରାରେ, ୧୪।୪**

ଭ୍ରମଣକାରୀ ୟୁଏଇ ବିପକ୍ଷରେ ରବିବାର ଏଠାରେ ଖେଳାଯାଇଥିବା ୩ୟ ଦିନିକିଆ ମ୍ୟାଚ୍‌କୁ ଜିମ୍ବାୱେ ୧୩୧ ରନର ବୃହତ ବ୍ୟବଧାନରେ ଜିତିନେଇଛି। ଜିମ୍ବାୱେ ପକ୍ଷରୁ ଧାର୍ଯ୍ୟ ୩୦୮ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ୟୁଏଇ ୧୭୬ ରନରେ ଅଲ୍‌ଆଉଟ୍ ହୋଇ ପରାଜୟବରଣ କରିଥିଲା। ଏହି ବିଜୟ ସହ ୪ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ଜିମ୍ବାୱେ ୩–୦ରେ ଆଗୁଆ ଜିତିନେଇଛି। ପୂର୍ବରୁ ପ୍ରଥମ ଓ ୨ୟ ମ୍ୟାଚ୍‌କୁ ଘରୋଇ ଦଳ ଯଥାକ୍ରମେ ୭ ଉଇକେଟ୍ ଓ ୪ ରନ (ଡିଏଲ୍ ପଦ୍ଧତି)ରେ ଜିତିଥିଲା। ସିରିଜର ଅନ୍ତିମ ତଥା ୪ର୍ଥ ମ୍ୟାଚ୍ ଆସନ୍ତା ମଙ୍ଗଳବାର ଏଠାରେ ଖେଳାଯିବ।

ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜିମ୍ବାୱେ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୪ ଉଇକେଟ୍ ବିନିମୟରେ ୩୦୭ ରନ କରିଥିଲା। ଦଳ ପକ୍ଷରୁ ଅଭିଜ୍ଞ ସିନ୍ ୱିଲିୟମ୍ସ ୮୪ ବଲରୁ ୧୦୯ ରନର ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରେଗ୍ ଇର୍ଭିନ (୬୪), ଅଧିନାୟକ ପିଟର ମୁର୍ (୫୮*) ଓ ଓପନର ସୋଲୋମୋନ ମିର (୪୦) ଉପଯୋଗୀ ବ୍ୟାଟିଂ କରିଥିଲେ। ଜବାବରେ ୟୁଏଇ ସିପି ରିଜୱାନଙ୍କ ୪୭ ଓ ମହମ୍ମଦ ଉସମାନଙ୍କ ୪୯ ରନ ସତ୍ତ୍ୱେ ୪୬.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଲେଗ୍–ସ୍ପିନର ର୍‌ୟାନ ବର୍ଲ ସର୍ବାଧିକ ୪ଟି ଉଇକେଟ୍ ନେଇଥିବାବେଳେ କେଲ୍ ଜାର୍ଭିସ ଓ ସିକନ୍ଦର ରାଜାଙ୍କୁ ୨ଟି ଲେଖାଏ ସଫଳତା ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଜିମ୍ବାୱେ ଇନିଂସ–** ୩୦୭/୪, ୫୦ ଓଭର (ୱିଲିୟମ୍ସ ୧୦୯, ଏର୍ଭିନ ୬୪, ସିକନ୍ଦର ୧୮, ମୁର୍ ୫୮*, ମହମ୍ମଦ ନବଦୀପ ୧/୪୨)।

**ୟୁଏଇ ଇନିଂସ–** ୧୭୬/୧୦, ୪୬.୨ ଓଭର (ରିଜୱାନ ୪୭, ଉସମାନ ୪୯, ସାଇମନ ଅନୱର ୨୭, ର୍‌ୟାନ ୪/୩୨, ସିକନ୍ଦର ୨/୪୪, ଜାର୍ଭିସ ୨/୨୦)।

# ସମ୍ବିତ ଚାମ୍ପିୟନ, ବୈଭବ ରନର୍ସଅପ୍

**ରାଜ୍ୟ ଓପନ ଚେସ୍**



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ଭୁବନେଶ୍ୱର, ୧୪।୪(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସସିଏ) ଆନୁକୂଲ୍ୟରେ ଓପନ ଚେସ୍ ଚାମ୍ପିୟନଶିପ୍ ୟୁନିଟ–୨ସ୍ଥିତ ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଦୁଇ ଦିନଧରି ଅନୁଷ୍ଠିତ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୮ ପଏଣ୍ଟ ଲେଖାଏ ହାସଲ କରି ଭୁବନେଶ୍ୱରର ସମ୍ବିତ ପଣ୍ଡା ଚାମ୍ପିୟନ ଓ ପୁରୀର ବୈଭବ ମିଶ୍ର ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର କୁମାର ସାହୁ, ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଜଗଦୀଶ ବାରିକ, ତନ୍ମୟ କୁମାର, ଅମିତ ମହାନ୍ତି, ପ୍ରିୟବ୍ରତ ସାମନ୍ତ, ହର୍ଷିତ ରଞ୍ଜନ ସାହୁ, ଶାଶ୍ୱତ ମଳିକ(ସମସ୍ତେ ୭ ପଏଣ୍ଟ ଲେଖାଏ) ଟପ୍–୧୦ ଫିନିଶ୍ କରିଛନ୍ତି। ପ୍ରଦର୍ଶନ ଆଧାରରେ ୨୫ ଜଣଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୫ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଥିଲା। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା, ବଂଶୀଧର ଭୋଇ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ୫ ଖେଳାଳିଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ ଦିଆ ଯାଇଥିଲା। ଓଏସସିଏ ସମ୍ପାଦକ ସ୍ମୃତି ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜକିଶୋର ଘଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଏସସିଏ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ, କୋଷାଧ୍ୟକ୍ଷ ବଂଶୀଧର ଭୋଇ ଓ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାତ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan. *In 125cc. **also available in FI.

HeroFinCorp.

HeroMotoCorpIndia HeroMotoCorpLimited heromotocorp.com @HeroMotoCorp TheHeroMotoCorp

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍ଡ ଡିଲର : ଭୁବନେଶ୍ୱର:** ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. **ବାଲେଶ୍ୱର:** ନୀଳମ ହୀରୋ - 7799766393. **ବାରିପଦା :** ଆଦିତ୍ୟ ହୀରୋ - 7799766370. **ଭଦ୍ରକ :** ସଞ୍ଜୀବ ହୀରୋ - 7799766380. **ଚଣ୍ଡୀଖୋଲ:** ଏସ୍.କେ. ହୀରୋ - 7799766362. **କଟକ:** ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. **ଜଗତସିଂହପୁର:** ତ୍ରିଶୂଳ ହୀରୋ - 7799766383. **ଯାଜପୁର ରୋଡ:** ସୌମିକ ହୀରୋ - 7799766410. **ଜଳେଶ୍ୱର:** ସାଇ ହୀରୋ - 7799766407. **ଜଟଣୀ:** ବିଶାଳ ହୀରୋ - 7799766398. **କେନ୍ଦୁଝର:** ସୁପ୍ରିମ ହୀରୋ - 7799766360. **ନୟାଗଡ଼:** ଭଗବତୀ ହୀରୋ - 7799766417. **ପୁରୀ:** ସଞ୍ଜୀବ ହୀରୋ - 06752-255881, 8448389695. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ :** ବାବା ମୋଟର୍ସ - 253841, 9438757377. **ବାଲୁଗାଁ:** ମହାମୟୀ ମୋଟର୍ସ - (06756) 250280. **ଯାଜପୁର:** ଆୟୁଷ ଅଟୋମୋବାଇଲ୍ସ - 223864. **କେନ୍ଦ୍ରାପଡ଼ା:** ବୈଷ୍ଣବୀ ମୋଟର୍ସ - 221083. **ଖୋର୍ଦ୍ଧା:** ଦିନେଶ ଟ୍ରେଡିଂ କମ୍ପାନୀ - 221511. **ନିମାପଡ଼ା:** ବାସୁଦେବ ଅଟୋମୋବାଇଲ୍ସ - 252725. **ପାରାଦୀପ:** ପ୍ରଦୀପ ମୋଟର୍ସ - 9238120001. **ପଟ୍ଟାମୁଣ୍ଡାଇ:** ମିଶ୍ର ଅଟୋ - 220430. **ପିପିଲି:** ଶ୍ରୀରାମ ମୋଟର୍ସ - 240687. **ପୁରୀ:** ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. **ରାହାମା:** ଶରଳା ଅଟୋମୋବାଇଲ୍ସ - 248001, 248002. **ରାଇରଙ୍ଗପୁର:** ନା ସାକନରୀ ମୋଟର୍ସ - 7008906387. **ସୋରୋ:** ଟୁଇଙ୍କିଲ ମୋଟର୍ସ - 221711, 9337375571.




**DZIRE** SAVE UP TO ₹**50,000*** | **SWIFT** SAVE UP TO ₹**45,000***

DZIRE SWIFT

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in

| ODYSSEY MOTORS | JYOTE MOTORS | SKY AUTOMOBILES | NARAYANI MOTORS |
|---|---|---|---|
| • ANGUL: 7752076136, 9776901481 • PALLAHARA: 7873565435, 9437831123 | • BHUBANESWAR: LEWIS ROAD-9776615020, 9776615035, 9776615032 NAYAPALLI- 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240 • NAYAGARH: 7381028515 • BALASORE: 7064499108 | • BHUBANESWAR: 9776645711 • CUTTACK: 9776677771, 7381873818 • DHENKANAL: 9776900005 • JAJPUR: 9776900777 | • BHUBANESHWAR: 7381094890/ 0674-2588474, 0674-2588475, 0674-2588473 • PURI: 9583022035 • PARADEEP: 9583022034/ 06722-228044 |

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes applicable consumer offer and exchange bonus and is valid till 30th April'19. Offers mentioned above is of Dzire(AGS) & Swift(AGS). Offers as shown above may change without any prior notice.

## ସଂକ୍ଷେପରେ

### କଂଗ୍ରେସରେ ମିଶିଲେ ୨୫ କର୍ମୀ

ଆନନ୍ଦପୁର,୧୪।୪(ସ୍ୱ.ପ୍ର.): ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୀତି ସେତେ ସରଗରମ ହେଉଛି। ନିର୍ବାଚନ ପ୍ରଚାରର ସରଗରମ ନ ଥିଲେ ସୁଦ୍ଧା ଦଳବଦଳ ଅଭିଯାନ ମାହୋଲକୁ ଅଧିକ ରୋମାଞ୍ଚକର କରିପକାଇଛି। ନେତାଙ୍କ ଦଳବଦଳ ପରେ ଏବେ କର୍ମୀମାନଙ୍କ ଦଳବଦଳ ନିର୍ବାଚନ ମାହୋଲକୁ ଗୋଳିଆ ଘାଣ୍ଟିଆ କରୁଛି। ଏ ନେଇ ରବିବାର ଆନନ୍ଦପୁର ବ୍ଲକର ଆଦିବାସୀ ଅଧୁଷିତ ପଣଷଡିହା ପଞ୍ଚାୟତର ଆଗଧାଡିର ୨୫ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ବୀରକିଶୋର ଗାଗରାଇ, ତରଣୀସେନ ମହାନ୍ତ, ହାଡିବନ୍ଧୁ ଖୁଣ୍ଟିଆଙ୍କ ନେତୃତ୍ୱରେ କର୍ମୀମାନେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଜୟଦେବ ଯେନାଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଛନ୍ତି। ଜୟଦେବ ଯେନାଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ କର୍ମୀମାନେ ଏଥିରେ ସାମିଲ ହୋଇଥିବା କହିଛନ୍ତି। ଆନନ୍ଦପୁର ନିର୍ବାଚନମଣ୍ଡଳୀର ହାଟଡିହୀ ବ୍ଲକ ଓ ଆନନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ କର୍ମୀମାନେ କଂଗ୍ରେସ ଦଳରେ ସାମିଲ ହେବା ଦ୍ୱାରା ଜୟଦେବଙ୍କ ରାଜନୈତିକ ଶକ୍ତି ବୃଦ୍ଧି ହେଉଥିବା ଆଲୋଚନା ହେଉଛି।

### ଢେଙ୍କିକୋଟରେ ରାମନବମୀ

ଢେଙ୍କିକୋଟ, ୧୪।୪ (ଡି.ଏନ.ଏ.): ଢେଙ୍କିକୋଟ ରାମନବମୀ ପୂଜା କମିଟି ତରଫରୁ ୨୮ତମ ରାମନବମୀ ପୂଜା ଯଥାବିଧି ପାଳନ କରାଯାଇଛି। ୧୯୯୨ରେ ସ୍ୱର୍ଗତ କୈଳାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ କମିଟି ଗଠନ କରି ଏଠାରେ ସାହିତ୍ୟିକ ହନୁମାନଙ୍କ ମୂର୍ତ୍ତି ସ୍ଥିତ ପୂଜାମଣ୍ଡପଠାରେ ପୁରୋଧା ଡଲାଇ କମିଟିର ସଭାପତି ନାଳକଣ୍ଠ ବେହେରାଙ୍କ ସଂକଳ୍ପରେ ପୂଜା କରାଯାଇଛି। ପୂର୍ବାହ୍ନ ସାଢେ ୧୧ଟା ବେଳେ ଶୁଭ ମୁହୂର୍ତ୍ତରେ କଳସ ଅଣାଯାଇ ପୂଜକ ଗୌରୀଶଙ୍କର ପଣ୍ଡାଙ୍କ ଦ୍ୱାରା ଯଥାବିଧି ପୂଜା କରାଯାଇଛି।

■ ମା’ ତାରିଣୀଙ୍କ ପ୍ରସିଦ୍ଧ ଚଇତି ପର୍ବ

# ୨ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ

ଘଟଗାଁ, ୧୪।୪(ଡି.ଏନ.ଏ.)

କେନ୍ଦୁଝର ଘଟଗାଁ ମା’ ତାରିଣୀଙ୍କ ପ୍ରସିଦ୍ଧ ଚଇତି ପର୍ବ ରବିବାର ୬ଷ୍ଠ ଦିବସରେ ପହଞ୍ଚିଛି। ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷରେ ମା’ ତାରିଣୀ ପୀଠରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଭୋର୍ ୫ଟାରେ ପୂଜାନୀତି ଶେଷ ହୋଇଥିଲା। ସାଧାରଣ ଭକ୍ତଙ୍କ ପାଇଁ ଦର୍ଶନ ପାଇଁ ଲମ୍ବାଧାଡ଼ି ଆରମ୍ଭ ହୋଇଥିଲା। ମା’ଙ୍କ ସୁନାବେଶ ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସୁଅ ଛୁଟିଥିଲା। ରାତି୩ଟାରୁ ଧାଡ଼ିରେ ଭୋଗ ଡାଲା ଧରି ଭକ୍ତ ଠିଆ ହୋଇ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ମୁଖ୍ୟ ପୂଜକ ଶ୍ୟାମସୁନ୍ଦର ଦେହୁରି, ପ୍ରଭାତ ଦେହୁରି, ରାଜକିଶୋର ଦେହୁରି, ଯଯାତି ଦେହୁରି, ପର୍ଶୁ ଦେହୁରି, ମୋହନ ଦେହୁରି, ରମେଶ ଦେହୁରି ପ୍ରମୁଖ ମାଙ୍କ ବେଶ ଓ ଷୋଡଶ ଉପଚାର କରି ବଡସିଂହାର ବେଶ କରିଥିଲେ।


ଚଇତି ପର୍ବରେ ଯୋଗ ଦେଇଥିବା ଭକ୍ତ।

ମା’ଙ୍କର ମଙ୍ଗଳ ଆଳତୀ ବେଳେ ବାଦ୍ୟ ଶଂଖ ଓ ଘଣ୍ଟାରେ ପ୍ରକମ୍ପିତ ହୋଇଥିଲା। ପୀଠରେ ଗୀତାପାଠ, ଚଣ୍ଡିପାଠ, ଭାଗବତ ପାଠ ସହିତ ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହୋଇଥିଲା। ପଣା ସଂକ୍ରାନ୍ତି ଅବସରରେ ମା’ଙ୍କ ନିକଟରେ ପଣାଭୋଗ ଲାଗି କରାଯାଇଥିଲା। ସାଧାରଣ ଭକ୍ତଙ୍କୁ ପଣା ବିତରଣ କରାଯାଇଥିଲା। ମନ୍ଦିର ପରିସରରେ ଅଖଣ୍ଡ ଭଜନ ସହିତ ସନ୍ଧ୍ୟାରେ ଧର୍ମ ପ୍ରବଚନ କାର୍ଯ୍ୟକ୍ରମରେ ପଣ୍ଡିତ ଜିତୁ ଦାସ ପ୍ରବଚନ ପ୍ରଦାନ କରିଥିଲେ।

କେନ୍ଦୁଝର ତାରିଣୀ ସେବା ସଂଘ ଓ ଜଗତ ଜନନୀ ଟ୍ରଷ୍ଟ ପକ୍ଷରୁ ଭକ୍ତଙ୍କୁ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ଟ୍ରଷ୍ଟବୋର୍ଡ ଓ ଯାଦବ ମହାସଭା କେନ୍ଦୁଝର ପକ୍ଷରୁ ଭକ୍ତଙ୍କୁ ପଣା ବିତରଣ କରାଯାଇଥିଲା। ଶୃଙ୍ଖଳା ଦର୍ଶନ ପାଇଁ ପୋଲିସ କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ, ବିର୍ସାମୁଣ୍ଡା ଆଦିବାସୀ ଯୁବକ ସଂଘ, ଗାଏତ୍ରୀ ପରିବାର, ଓ ମନ୍ଦିର କର୍ମଚାରୀ ଉପସ୍ଥିତ ଥିଲେ। ପରିଚାଳନା ବୋର୍ଡ ପକ୍ଷରୁ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ଟ୍ରଷ୍ଟବୋର୍ଡ ସଦସ୍ୟ ଆନନ୍ଦ ଚନ୍ଦ୍ର ସିଂହ, ନିର୍ମଳ ମହାନ୍ତି, ବଳଭଦ୍ର ନନ୍ଦ, ଦୟାନିଧି ମହାନ୍ତ, ରୁଦ୍ର ନାରାୟଣ ମହାନ୍ତ ଉପସ୍ଥିତ ଥିଲେ। ପୋଲିସ ଏସ୍‌ଡିପିଓ ରବୀନ୍ଦ୍ର ମଲିକ ସମେତ ଘଟଗାଁ ପାଟଣା, ହରିଚନ୍ଦନପୁର, ଥାନା ଅଧିକାରୀ ସମେତ ୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

■ ପଣାସଂକ୍ରାନ୍ତି, ଓଡ଼ିଆ ନବବର୍ଷ ପାଳିତ
■ ଅନ୍ନପ୍ରସାଦ, ପଣା ବିତରଣ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ଶୁଖିଲେ କି କରଇ ନାଆ,**
**ଥନ ଶୁଖିଲେ କି କରଇ ମା’।**

ନଈ ଶୁଖିଗଲେ ଡଙ୍ଗା ବା ନାହା ଯାଇପାରି ନ ଥାଏ। ନଈରେ ପାଣି ଆସିବା ଯାଏ ଗୋଟିଏ ଜାଗାରେ ପଡ଼ିରହିଥାଏ। ସେହିପରି ଥନରୁ କ୍ଷୀର ଶୁଖିଗଲେ ମାଆ ତା’ର ସନ୍ତାନକୁ କ୍ଷୀର ଦେଇପାରି ନ ଥାଏ। ପରୋକ୍ଷରେ ପ୍ରତିକୂଳ ପରିସ୍ଥିତି ଆଗରେ ମଣିଷ ହାର ମାନିଥାଏ। କଳକୌଶଳ ଖଞ୍ଜିବାର ସବୁବାଟ ବନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାହିଁ କୁ ଉପାୟ ନାହିଁ,**
**ମଲାକୁ ଔଷଧ ନାହିଁ।**

ଯିଏ ସବୁବେଳେ ସବୁ କଥାରେ ନାହିଁ ନାହିଁ କରେ ସେଭଳି ବ୍ୟକ୍ତିକୁ ମନେଇ ତା’ଦ୍ୱାରା କାର୍ଯ୍ୟ କରାଇବା କାଠିକର ପାଠ ହୋଇଯାଇଥାଏ। କାରଣ ବିନା ଇଚ୍ଛାଶକ୍ତିରେ କୌଣସି କାର୍ଯ୍ୟ ସଫଳ ହୋଇପାରି ନ ଥାଏ। ଏପରି ବ୍ୟକ୍ତିଙ୍କ ଉପରେ କରାଯାଉଥିବା ସକଳ ପ୍ରଚେଷ୍ଟା ବ୍ୟର୍ଥ ପ୍ରମାଣିତ ହୋଇଥାଏ। ସେହିପରି ଯେତେ ଚେଷ୍ଟା କଲେ ମଧ୍ୟ ମଲା ଲୋକକୁ ବଞ୍ଚାଇ ପାରିବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପରିବେଶ ସ୍ୱଚ୍ଛ ରଖିବାକୁ ଆହ୍ୱାନ

ଚମ୍ପୁଆ, ୧୪।୪(ଡି.ଏନ.ଏ.)

ସରସ୍ୱତୀ ଶିଶୁ ମନ୍ଦିର ଚମ୍ପୁଆଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସମରଶିକ୍ଷାର୍ଥୀ ବାହିନୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଯାଇଛି। ଏନ୍‌ସିସି କେୟାରଟେକର ଅସିଷ୍ଟାଣ୍ଟ ବସନ୍ତ କୁମାର ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଦ୍ୱିତୀୟ ବର୍ଷର ୨୫ ଛାତ୍ରଛାତ୍ରୀ ସାମିଲ ହୋଇ ସଫେଇ


ଜାତୀୟ ସମରଶିକ୍ଷାର୍ଥୀ ବାହିନୀ।

କାର୍ଯ୍ୟ କରିଥିଲେ। ବିଦ୍ୟାଳୟ ଇଳେକ୍ଟ୍ର ପ୍ରଶିକ୍ଷକ ଉମେଶ ଚନ୍ଦ୍ର ମହାନ୍ତ ଏଥିରେ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗଦେଇ ଆଜିର ସମାଜ ପାଇଁ ସ୍ୱଚ୍ଛତାର ଆବଶ୍ୟକତା, ପ୍ରତ୍ୟେକ ମନୁଷ୍ୟ ଦେଶର ସ୍ୱଚ୍ଛତା ଦିଗକୁ ହାତ ବଢାଇ ନିଜ ପରିବେଶକୁ ସ୍ୱଚ୍ଛ ରଖିବାକୁ ଆହ୍ୱାନ ଦେଇଥିଲେ।

### ମହୁଲି ଜବତ, ଜଣେ ଗିରଫ

ଯୋଡ଼ା, ୧୪।୪(ଡି.ଏନ.ଏ.)

ବାମେବାରୀ ଥାନା ଅନ୍ତର୍ଗତ ବି ପଟ ଗ୍ରାମରେ ରବିବାର ମହୁଲି ମଦ କାରବାରରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୨୦ ଲିଟର ମହୁଲି ମଦ ଜବତ ହୋଇଛି। ସେ ହେଲେ ହରି ହାମ୍‌ସଦା। ଉକ୍ତ ଗ୍ରାମରେ ମହୁଲିମଦ କାରବାର ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଗ୍ରାମରେ ଚଢାଉ କରିଥିଲା ବୋଲି ପୋଲିସ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

### ମଦ୍ରାସା ଦାରୁସ୍ ସଲାମ୍ ବିଦ୍ୟାଳୟ ବାର୍ଷିକୋତ୍ସବ

ଚମ୍ପୁଆ, ୧୪।୪(ଡି.ଏନ.ଏ.)

ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ମୌଲାନା ଗୋଡ଼ାଗୁଡ଼ିତ ମଦ୍ରାସା ଦାରୁସ ସଲାମ ବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ମୌଲାନା ଅବ୍ଦୁଲ ଜଲିଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଜନାବ ଶୋଏବ ଅନସାରୀ, ସମ୍ମାନିତ ଅତିଥି ଭାବେ ହବିବୁଲ୍ଲା ଅମରି, ହସାମୁଲ ହାସନ, ସୟଦ ଗୁଲାମ ଦାଉଦ, ସୁଲତାନ ସକିଲ, ଗୋଧୂଳି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ମୌଲାନା ମହମ୍ମଦ ମଶାହିଦ ଯୋଗଦେଇ ଶିକ୍ଷା ମଣିଷ ସମାଜର ଏକ ଅଭିନ୍ନ ଅଙ୍ଗ ଏହା ବିନା ମନୁଷ୍ୟ କେବେ ସମ୍ପୂର୍ଣ୍ଣ ହୋଇପାରେ ନାହିଁ ବୋଲି ମତ ଦେଇଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପ୍ରତ୍ୟେକ ଘରର ଜଣେ ସଦସ୍ୟଙ୍କୁ ଚାକିରି: ଭାଜପା

କେନ୍ଦୁଝର, ୧୪।୪ (ସ୍ୱ.ପ୍ର.)

ସବୁ ଆଡ଼େ ମୋଦି ହାୱା ଥିବାରୁ ନିଶ୍ଚିତ ଭାବେ ୩ରୁ ୪ ବହୁମତରେ ଭାଜପା ବିଜୟ ହେବ। କ୍ଷମତାକୁ ଆସିଲେ ଭାଜପା ସବୁ କ୍ଷେତ୍ର ଓ ସବୁ ସ୍ତରର ଲୋକଙ୍କୁ ସବୁ ପ୍ରକାରର ସୁବିଧାସୁଯୋଗ ଦେବ। ଏଭଳି ବକ୍ତବ୍ୟ ରଖିଛନ୍ତି ଭାଜପା ରାଷ୍ଟ୍ରୀୟ ନେତା ଅରୁଣ ସିଂ। ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଅରୁଣ ସିଂ ପୁଣି ଥରେ ତାଙ୍କ ଦଳର ଆଭିମୁଖ୍ୟକୁ ଦୋହରାଇ କେନ୍ଦୁଝର ଜିଲାରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା କରିବା ସହ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରି କି ବିଜେଡି ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିବା ସହ ରାଜ୍ୟରେ ଚାଲିଥିବା ପାଣ୍ଡିଆନ୍‌ଙ୍କ ଶାସନକୁ କଡ଼ା ସମାଲୋଚନା କରିଥିଲେ। ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିଲେ କିଷାନଙ୍କୁ ବିନା ସୁଧରେ ଋଣ ଦିଆଯିବ।



ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ନେତା ଅରୁଣ ସିଂ ଓ ଅନ୍ୟମାନେ।

ଓଡ଼ିଶାର ଯୁବକମାନେ ବାହାର ରାଜ୍ୟରେ କାମ କରିବାକୁ ଯାଉଛନ୍ତି। ପ୍ରତ୍ୟେକ ଘରୁ ଜଣଙ୍କୁ କାମ ଦିଆଯିବ ବୋଲି ସେ ଦୃଢ଼ୋକ୍ତିର ସହ ପ୍ରକାଶ କରିଛନ୍ତି। ୧ ପ୍ରତିଶତ ସୁଧ ହାରରେ ଋଣ ଦିଆଯିବ। ମେଧାବୀ ଛାତ୍ରୀମାନଙ୍କ ମାଗଣା ସ୍କୁଟି ଦିଆଯିବ। ବୃଦ୍ଧାବୃଦ୍ଧମାନଙ୍କ ଦୁଇ ଗୁଣା ପେନସନ ଦିଆଯିବ। ଏହା ଛଡା ଆଦିବାସୀ ଲୋକଙ୍କ ଜଙ୍ଗଲଜାତ ଦ୍ରବ୍ୟ ଓ ସାମଗ୍ରୀର ଏମ୍‌ଏସ୍‌ପି ଦେଢ଼ ଗୁଣା କରାଯାଇ ସେମାନଙ୍କୁ ଅଧିକ ଲାଭ ଦିଆଯିବ ବୋଲି ମଧ୍ୟ ସେ କହିଥିଲେ। ଜିଲାର ଲୋକ ସଭା ଓ ୬ ବିଧାନସଭା ଭାଜପା ଜିତିବା ନିଶ୍ଚିତ ବୋଲି ସେ କହିଛନ୍ତି। ଜିଲା ସଭାପତି ରାଧାକାନ୍ତ ମହାନ୍ତ, ଜିଲା ପରିଷଦ ସଦସ୍ୟ ଅଂଶୁମାନ ସବୁଜ ବର୍ମା ମହାନ୍ତ, ବିରଞ୍ଚି ତ୍ରିପାଠୀଙ୍କ ସମେତ ଅନ୍ୟ ପ୍ରମୁଖ ନେତାମାନେ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

### ବେପରୁଆ ଗାଡ଼ି ଚାଳଣା

କେନ୍ଦୁଝର, ୧୪।୪(ଡି.ଏନ.ଏ.)

କେନ୍ଦୁଝର ସହରର ଗାନ୍ଧିଛକ ନିକଟରେ ବର୍ତ୍ତମାନ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଛକରେ ସୂଚନା ଫଳକ ନ ଥିବାରୁ ଦୁର୍ଘଟଣା ବାରମ୍ବାର ଘଟୁଛି ବୋଲି ଅଭିଯୋଗ ହେଉଛି। ଶନିବାର ବିଳମ୍ବିତ ରାତିରେ ଏକ ୧୦ ଚକିଆ ମାଲବାହୀ ଟ୍ରକ୍ ରାସ୍ତାରେ ଥିବା ଡିଭାଇଡରକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କେନ୍ଦୁଝର ସହରର ଗାନ୍ଧି ଛକ ନିକଟରେ ଜାତୀୟ ରାଜପଥ ୪୯ ଓ କେନ୍ଦୁଝର ସହରର ମୁଖ୍ୟ ରାସ୍ତା ନରଶପୁର-ଧୁର୍ଦ୍ଧିଆ ରାସ୍ତା ପରସ୍ପରକୁ ଅତିକ୍ରମ କରିଛନ୍ତି। ଏହି ଛକଟି କେନ୍ଦୁଝର ସହରର ଜନାକୀର୍ଣ୍ଣ ଅଞ୍ଚଳ ଭାବେ ପରିଚିତ। ସେଠାରେ ଅଣଓସାରିଆ ରାସ୍ତା ରହିଛି। ରାସ୍ତା କଡରେ ଦୋକାନ ଘର ରହିଛି। ପାର୍କିଂ ସୁବିଧା ନାହିଁ। ଛକ ସ୍ଥାନରେ ଡିଭାଇଡର ପୂର୍ବରୁ ସତର୍କ ସୂଚନା ବୋର୍ଡ ଲଗାଯାଇ ନ ଥିବାରୁ ଦୁର୍ଘଟଣାରେ ବେପରୁଆ ଭାବେ ଆସୁଥିବା ଗାଡ଼ିଡିଭାଇଡରକୁ ଧକ୍କା ଦେଉଛି। ପ୍ରଶାସନ ଏହିସ୍ଥାନରେ ଦୁର୍ଘଟଣା ରୋକିବା ପାଇଁ ରାସ୍ତା ସମ୍ପ୍ରସାରଣ ସହ ଜବରଦଖଲ ଉଚ୍ଛେଦ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଜୟନ୍ତୀରେ ମନେପଡ଼ିଲେ ଆମ୍ବେଡ଼କର

କେନ୍ଦୁଝର, ୧୪।୪(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ବାବା ସାହେବ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ରବିବାର ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ତଳେ ସମବେତ ହୋଇ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେବାଯୁକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି କୁମରମଣୀ ତନ୍ତି, ଅଲେଖ ଚନ୍ଦ୍ର ପାତ୍ର, କେଶବ ଚନ୍ଦ୍ର ସେଠୀ, ଭରତ ଚନ୍ଦ୍ର ପାତ୍ର, ଶରତ ଚନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ଗିରିଶ ଚନ୍ଦ୍ର ନାୟକ, ପଦ୍ମଲୋଭ ପାତ୍ର, ଦୁର୍ଯ୍ୟୋଧନ ପାତ୍ର, ଗୋପାଳ ଚନ୍ଦ୍ର ପାତ୍ର, ବିଜୟ ବେହେରା, ଗୋକୁଳ ଚନ୍ଦ୍ର ପାତ୍ର, ରାଜେନ୍ଦ୍ର ସିଂହ, ବାବାଜୀ ଚରଣ ପାତ୍ର ଓ ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

ମାଇନିଂ ରୋଡ଼ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ତାଲିମ କେନ୍ଦ୍ରରେ ଏକ ସଭା ଆୟୋଜନ ହୋଇଥିଲା। ଆମ୍ବେଡ଼କରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କ ମହାନ ଆଦର୍ଶକୁ ମନେ ପକାଇଥିଲେ। କୁମରମଣୀ ତନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସିଜେଏମ୍ ତିରନ ପାତ୍ର, ମୁଖ୍ୟ ବକ୍ତା ଭାବେ ଡ. କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଆମ୍ବେଡ଼କରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିକାରୀ ହରିଶଙ୍କର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



ସଭାରେ ଯୋଗ ଦେଇଥିବା ଅତିଥି।

# ଯୋଡ଼ାରେ ବାସନ୍ତୀ ଦୁର୍ଗାପୂଜା

■ ଭାଇଚାରାର ନିଆରା ପରମ୍ପରା


ମା’ ବାସନ୍ତୀ ଦୁର୍ଗା।

ଯୋଡ଼ା, ୧୪।୪(ଡି.ଏନ.ଏ.)

ଖଣି ଖାଦାନ ଭରା ଯୋଡ଼ା ସହରରେ ବାସନ୍ତୀ ଦୁର୍ଗାପୂଜା ପାଳନ କରାଯାଉଛି। ପଶ୍ଚିମ ଯୋଡ଼ାସ୍ଥିତ ସେଗ୍ରିଗେସନ କ୍ୟାମ୍ପରେ ଏହି ଦୁର୍ଗାପୂଜା ପାଳନ କରାଯାଉଥାଏ। ବହୁ ଶ୍ରଦ୍ଧାଳୁ ୫ ଦିନ ଧରି ମା’ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଏହି ଦୁର୍ଗାପୂଜାରେ ଜାତିଧର୍ମ ନିର୍ବିଶେଷରେ ମୁସଲମାନ ସମ୍ପ୍ରଦାୟର ମହମ୍ମଦ ସଜାବାଦ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଅମିତ ସୋରେନ୍, ପ୍ରଦୀପ୍ ହୋରୋ ପ୍ରମୁଖ ଭାଇଚାରାର ଏକ ବଳିଷ୍ଠ ନିଦର୍ଶନ ସାଜିଥାନ୍ତି। କମିଟିର ସଭାପତି ରାଜେଶ କୁମାର, ସମ୍ପାଦକ ବିନୋଦ କୁମାର, କୋଷାଧ୍ୟକ୍ଷ ଗୌର ମୋହନ ପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ବାସନ୍ତୀ ଦୁର୍ଗା ପୂଜାର ଖେତୁଡ଼ି ଭୋଗ ଏ ଅଞ୍ଚଳରେ ଖୁବ୍ ପ୍ରସିଦ୍ଧ। ବହୁ ଦୂରଦୂରାନ୍ତରୁ ମା’ଙ୍କୁ ଦର୍ଶନ କରିବା ପାଇଁ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ଚଳିତ ବର୍ଷ ଦୁର୍ଗାପୂଜା ୧୧ ତାରିଖଠାରୁ ଆରମ୍ଭ ହୋଇଛି। ଉକ୍ତ ଦିନ ବିଲ୍ୱ ବରଣ ଓ ଷଷ୍ଠ ପୂଜା, ଶୁକ୍ରବାର ସକାଳ ୯.୪୩ ମିନିଟରେ ନବପତ୍ରିକା ପ୍ରବେଶ, ସାଢ଼େ ୧୦ଟାରେ ସପ୍ତମୀ ବିହିତ ପୂଜା, ସନ୍ଧ୍ୟା ୭ଟାରେ ସନ୍ଧ୍ୟା ଆଳତି, ଶନିବାର ମହା ଅଷ୍ଟମୀପ୍ରଭୃତି କାର୍ଯ୍ୟସୂଚୀ ରହିଥିବା ସୂଚନା ଦେଉଛନ୍ତି। ୧୨ ତାରିଖଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଧର୍ମକୁ ନେଇ ସମାଜରେ ଅସହିଷ୍ଣୁତା ବୃଦ୍ଧି ପାଉଥିବାବେଳେ ଧର୍ମଗତ ନିର୍ବିଶେଷରେ ବାସନ୍ତୀ ଦୁର୍ଗାଦେବୀଙ୍କ ପୂଜାରେ ଧର୍ମ କୌଣସି ପ୍ରକାର ବାଧକ ସାଜି ନାହିଁ। ଭାଇଚାରାର ଏହା ଏକ ନିଆରା ପରମ୍ପରା ଏଠାରେ ଦେଖିବାକୁ ମିଳିଛି।


## CLASSIFIED DISPLAY

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କେଟ, ପ୍ରପର୍ଟି, ଏଗ୍ରିକଲ୍ଚର, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add.: T-51, Gali No. 8, Gautampuri, Delhi

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କେଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
9058692160
7467886694

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କେଟ, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କେଟ, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କେଟ, ପ୍ରପର୍ଟି, କୁକୁଡ଼ା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299


BUSINESS

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ ହେଉଥିବା ବିଜ୍ଞାପନ ଭିତ୍ତିରେ କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିଚାର ପରେ ହିଁ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ସ୍ୱୀକୃତିପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କେଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କେଟ, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ. ୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ ନେଟୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍।
Helpline Numbers
9430834074
8709556494
House No.267, Friends Colony, New Delhi-6




# ଉତ୍ସବମୁଖର ଗାଁଠୁ ସହର

**କେନ୍ଦୁଝର, ୧୪।୪(ସ୍ୱ.ପ୍ର.)**

ଓଡ଼ିଆ ନବ ବର୍ଷ, ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ ସାଙ୍ଗକୁ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକର ଜୟନ୍ତୀ ପାଇଁ ରବିବାର ଗାଁଠୁ ସହର ଉତ୍ସବ ମୁଖର ହୋଇଉଠିଛି। ଏ ନେଇ କେନ୍ଦୁଝରଗଡ ପୌରପାଳିକାର ଅବହେଳା ଯୋଗୁଁ ସହରର ମଇଳା ଆବର୍ଜନା ସଫେଇ କରାଯାଇନି। ସକାଳୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ରବିବାର ସାପ୍ତାହିକ ହାଟ ଥିବାରୁ ଗାଁ ଗଣ୍ଡାରୁ ବହୁ ଚାଷୀ ପନି ପରିବା, ଛୋଟ ଛୋଟ ବେପାରୀ ହଣ୍ଡି, ବାଉଁଶ ସାମଗ୍ରୀ ଆଦି ବିକିବାକୁ ଆସିଥିବା ବେଳେ ପାହାଡିଆ ଅଞ୍ଚଳରୁ ଆଦିବାସୀ ଫଳ ମୂଳ, ବନଜାତ ଦ୍ରବ୍ୟ ଆଦି ଆଣି ରାସ୍ତା କଡରେ ବିକୁଛନ୍ତି। ମଇଳା ବର୍ଜ୍ୟବସ୍ତୁ କୁଢ଼କୁଢ଼ ହୋଇ ପଡ଼ିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶରେ ବସି ବିକିବାକୁ ବାଧ ହୋଇଛନ୍ତି।



ଦିନେଶଙ୍କୁ ସୁଗାରଫ୍ରି ପଣା ଭର୍ତ୍ତି ରୁପା ଗ୍ଲାସ ଅର୍ପଣ କରି ସମ୍ବର୍ଦ୍ଧିତ କରାଯାଉଛି।

**■ଓଡ଼ିଆ ନବ ବର୍ଷ, ପଣା ସଂକ୍ରାନ୍ତି ସାଙ୍ଗକୁ ହନୁମାନ ଜୟନ୍ତୀ**
**■ବଡ଼ବିଲରେ ନିଲାମ ହେଲା ପଣା ଭର୍ତ୍ତି ରୁପା ଗ୍ଲାସ**

### ବଡ଼ବିଲ, (ସ୍ୱ.ପ୍ର.)

ପଣା ସଂକ୍ରାନ୍ତି ଯୋଗୁଁ ବଡ଼ବିଲ ଅଞ୍ଚଳ ରବିବାର ଉତ୍ସବମୁଖର ହୋଇଉଠିଛି। ସକାଳୁ ବିଭିନ୍ନ ମନ୍ଦିରରେ ପୂଜା, ହୋମ ଯଜ୍ଞାଦି କରାଯାଉଥିଲା। ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନୀଳାଚଳ ସାଂସ୍କୃତିକ ପରିଷଦ ସ୍ଥାନୀୟ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଆୟୋଜନ କରିଥିଲା ବିଷୁବ ମିଳନ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବଡ଼ବିଲ ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତ, ମୁଖ୍ୟ ବକ୍ତାଭାବେ ଡା. ସୌଦାମିନି ଧଳ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌରାଧକ୍ଷ ଦିଲୀପ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପରିଷଦର ସଭାପତି ନିର୍ମଳ ପତି ସଭା ପରିଚାଳନା କରିଥିଲେ। ବିଶିଷ୍ଟ ବ୍ୟକ୍ତିଗଣଙ୍କ ସହ ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ସାଇକଳାକେନ୍ଦ୍ରର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଇଂରାଜୀ ନବ ବର୍ଷ ଭଳି ଓଡ଼ିଆ ନବ ବର୍ଷକୁ ରାଜ୍ୟବ୍ୟାପି ସ୍ୱତନ୍ତ୍ର ଭାବେ ପାଳନ କରାଯିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ଅନାବଶ୍ୟକ ବିଦ୍ୟୁତ୍ ଓ ଯାନବାହନ ବ୍ୟବହାର ଓ ଜଙ୍ଗଲ ସୃଷ୍ଟି ନେଇ ସଚେତନତା ପାଇଁ ଆହ୍ୱାନ ଦେଇଥିଲେ ମୁଖ୍ୟବକ୍ତା ଡା. ଧଳ। ବିଷୁବ ମିଳନ ପାଇଁ ପରିଷଦ ତରଫରୁ ପ୍ରସ୍ତୁତ ହୋଇଥିଲା ସୁଗାର ଫ୍ରି ପଣା। ପ୍ରତାପ କିଶୋର ଦାସଙ୍କ ଦ୍ୱାରା ପରିଚାଳିତ ଏହି ପଣା ଗ୍ଲାସକୁ ୧୨ ହଜାର ୨ ଶହ ଟଙ୍କାରେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ଦିନେଶ ଅଗ୍ରୱାଲ ନେବାକୁ ସକ୍ଷମ ହୋଇଥିଲେ। ପରିଷଦ ପକ୍ଷରୁ ଦିନେଶଙ୍କୁ ଉପଢୌକନ ଦେଇ ଅତିଥି ସମ୍ବର୍ଦ୍ଧିତ କରାଯାଇଥିଲା। ପଣା ଭର୍ତ୍ତି ରୂପା ଗ୍ଲାସ ମଧ ପ୍ରଦାନ କରାଯାଇଥିଲା। ପରିଷଦର ସମ୍ପାଦକ ଦେବପ୍ରିୟ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିଷୁବ ମିଳନରେ ଅନ୍ୟମାନଙ୍କ ମଧ୍ୟରେ ସ୍ମୃତିରଞ୍ଜନ ଦାସ, ମନୋଜ ପତି, ସଞ୍ଜୀବ ରଣା, ମାନସ ନାୟକ, ଭରତ ଦଳାଇ, ପଞ୍ଚୁ ଦାଶ, ବିଦ୍ୟାଧର ବେହେରା, ହାକିମ ବାବୁ, ଚିତ୍ତରଞ୍ଜନ କର ଓ ଅଶୋକ ଠକର ପ୍ରମୁଖ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

### ଝୁମ୍ପୁରା, (ଡି.ଏନ.ଏ.)

ଓଡ଼ିଆ ନବବର୍ଷ, ମହାବିଷୁବ ପଣା ସଂକ୍ରାନ୍ତି ସହିତ ହନୁମାନ ଜୟନ୍ତୀ ଝୁମ୍ପୁରାରେ ପାଳିତ ହୋଇଛି। ଶୈବପୀଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଛକ ଜାଗା ଗୁଡିକରେ ସ୍ଥାପିତ ହୋଇଥିବା ହନୁମାନଙ୍କ ପ୍ରତିମୂର୍ତ୍ତି ପାଖରେ ପୂଜା କରାଯାଇଛି। ବୈଶାଖର ପ୍ରଥମ ଦିନରେ ତୁଳସୀ ଚଉରା ଉପରେ ପରମ୍ପରା ଅନୁଯାୟୀ ମାଠିଆ ବନ୍ଧା କାର୍ଯ୍ୟ ମଧ୍ୟ ହୋଇଥିଲା। କେତେକ ସ୍ଥାନରେ ଚବିଶ ପ୍ରହର ନାମ ଯଜ୍ଞ, ବାଦପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପାଟଣା, (ସ୍ୱ.ପ୍ର.)

ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଛକରେ ରବିବାର ହନୁମାନ ଜୟନ୍ତୀ ପାଳନ ହୋଇଛି। ପୁରୋହିତ ଭାବେ ଜିତେନ୍ଦ୍ର କୁମାର ମିଶ୍ର ଓ ଲୋକନାଥ ମିଶ୍ର ପୂଜା ଅର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ଗୌରୀରଞ୍ଜନ ମିଶ୍ର କାର୍ଯ୍ୟ ତୁଲାଇଥିଲେ। ମନ୍ଦିର କମିଟିର ବୀରମୋହନ ଦ୍ୱିବେଦୀ, ଓମ ପ୍ରକାଶ ପରିଡ଼ା, ଅଜୟ ପରିଡ଼ା, ଜ୍ଞାନେନ୍ଦ୍ର ମିଶ୍ର, ସୁମିତ ପତି, ଅମରେନ୍ଦ୍ର ମିଶ୍ର ଓ ଗିରିଜା ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଦେବ ନୀତି ସମ୍ପନ୍ନ ହୋଇଥିଲା। ମନ୍ଦିର କମିଟି ତରଫରୁ ଶ୍ରଦ୍ଧାଳୁ ଙ୍କ ମଧ୍ୟରେ ଭୋଗ ଓ ପଣା ବଣ୍ଟନ କରାଯାଇଥିଲା।

### ତେଲକୋଇ, (ଡି.ଏନ.ଏ.)

ତେଲକୋଇ ଅନ୍ତର୍ଗତ ହାଲପୋଡି ନିକଟ ମା' ନାଗପାଟ ପୀଠରେ ପଣା ସଂକ୍ରାନ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ନାଗପାଟଙ୍କ ମହିମା ଉପରେ ଏକ କବିତା ସଂକଳ୍ପ ବହି ଉନ୍ମୋଚିତ ହୋଇଯାଇଛି। ଭକ୍ତଙ୍କ ଭିଡ଼ ହୋଇଥିଲା। ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା ହୋଇଥିଲା। ପଣା ସକ୍ରାଂନ୍ତି ଅବସରରେ ସମସ୍ତ ଭକ୍ତଙ୍କୁ ପଣା ବଣ୍ଟନ କରାଯାଇଥିଲା। ମା'ଙ୍କର ମହିମା ରହିଛି ଚୋରି ଜିନିଷର ମନାସୀ ତୁରନ୍ତ ଫଳପ୍ରଦ ହୋଇଥାଏ। ପୋଲିସ ବିଭାଗ ଚୋରକୁ ଧରିବାରେ ବିଫଳ ହେଉଥିବା ବେଳେ ଲୋକେ ମା'ଙ୍କର ଶରଣ ନେଇ ଚୋରି ଜିନିଷ ପାଇବା ବହୁଳ ଦୃଷ୍ଟାନ୍ତ ରହିଛି। ମା'ଙ୍କ ବିଷୟରେ ଲେଖା ହୋଇଥିବା କବିତା ବହି ଏହି ଅବସରରେ ଗ୍ରାମର କବି ବିଜୟ କୁମାର ପ୍ରଧାନ ଉନ୍ମୋଚନ କରିଥିଲେ।

### ଆନନ୍ଦପୁର, (ସ୍ୱ.ପ୍ର.)

ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ ସରେଇଁଠାରେ ହନୁମାନ ମନ୍ଦିର ପ୍ରତିଷ୍ଠା ସହିତ ପଣାସଂକ୍ରାନ୍ତି ଉତ୍ସବ ପାଳିତ ହୋଇଛି। ୫୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ କୁଶଭଦ୍ରା ନଦୀରୁ ଜଳକଳସ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ଗ୍ରାମର କାଳନ୍ଦୀ ସାହୁ ଓ କୁକ୍ମଣୀ ସାହୁ ସଂକଳ୍ପ କାର୍ଯ୍ୟରେ ବସିଥିଲେ। ପୂଜକ ରୀତିନୀତି ଅନୁଯାୟୀ ହନୁମାନ ମୂର୍ତ୍ତି ଉନ୍ମୋଚନ କରିଥିଲେ। କମିଟିର ସଭାପତି ନିଳମାଧବ ସାହୁ, ଉପସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ନିଳକଣ୍ଠ ସାହୁ, କୋଷାଧକ୍ଷ ଅକ୍ଷୟ ମହାରଣାଙ୍କ ସମେତ କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗ କରିଥିଲେ। ପଣା ସଂକ୍ରାନ୍ତି ଅବସରରେ ବାଟୋଇଙ୍କ ନିମନ୍ତେ ସ୍ୱତନ୍ତ୍ର ପଣା ବଣ୍ଟନର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଚକାଦରରେ ଉଡ଼ା ପର୍ବ


ଜଣେ ଭକ୍ତ ଚକ୍ରି ଦୋଳିରେ ଝୁଲିବାକୁ ପ୍ରସ୍ତୁତ ହେଉଛନ୍ତି।

**କେନ୍ଦୁଝର, ୧୪।୪(ସ୍ୱ.ପ୍ର.)**

ସଦର ବ୍ଲକ ପୋଇପାଣି ଗ୍ରାମ ନିକଟ ଚକାଦର ଗାଁରେ ରବିବାର ଉଡା ପର୍ବ ପାଳିତ ହୋଇଯାଇଛି। ପାରମ୍ପରିକ ରୀତିନୀତିରେ ବହୁ ଭକ୍ତଙ୍କ ଗହଣରେ ପାଳିତ ହୋଇଯାଇଛି। ମାନସିକ କରି ଭକ୍ତ ଉପବାସ ରହି ନିକଟ ନଦୀରେ ବୁଡ଼ ଦେଇଥାନ୍ତି। ତା' ପରେ ପାରମ୍ପରିକ ରିତିନୀତିରେ ପୂଜାର୍ଚ୍ଚନା କରାଯାଏ। ଦେହରେ ଲୁହା କଣ୍ଟା ଫୋଡି ବ୍ରତ ପାଳନ କରାଯାଇଥାଏ। ଏ ନେଇ ଏକ କାଠରେ ନିଜକୁ ବାନ୍ଧି ଚକ୍ରି ଦୋଳିରେ ବୁଲିଥିଲେ। ଯାହାକୁ ଉଡା ପର୍ବ ବୋଲି କୁହାଯାଏ। ଆଖପାଖ ଅଞ୍ଚଳର ବହୁ ସଂଖ୍ୟରେ ଭକ୍ତ ରାତି ପର୍ଯ୍ୟନ୍ତ ରହି ଦେଖିଥିଲେ। ସେଠାରେ ମେଳା ବସିଥିବା ବେଳେ ଲୋକେ ଜିନିଷ କିଣାବିକା କରିଥିଲେ। ଜିଲାର ଚମ୍ପୁଆ ବ୍ଲକ ଜ୍ୟୋତିପୁର, ମୟୂରଭଞ୍ଜର ସୀମାନ୍ତ ଠାକୁରମୁଣ୍ଡ ରେ ଏହି ପର୍ବ ପାଳିତ ହେଉଛି।

**ପୂର୍ବ ତଟ ରେଳପଥ**
**ରେଲ୍‌ୱେ ରିକ୍ରୁଟମେଣ୍ଟ୍ ସେଲ୍**
ଅଧକ୍ଷଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ମହଲା, ସାଉଥ୍ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017

**ସାଙ୍କେତିକ ସୂଚନା**

ଗୁଡ୍‌ସ ଗାର୍ଡ୍, କମର୍ସିଆଲ୍ କମ୍ ଟିକଟ କ୍ଲର୍କ, ଜୁନିଅର କ୍ଲର୍କ କମ୍ ଟାଇପିଷ୍ଟ, ଟେକ୍ନିସିଆନ୍-III, କନିଷ୍ଠ ଯନ୍ତ୍ରୀ/ଟ୍ରାକ୍ ମେସିନ୍, କନିଷ୍ଠ ଯନ୍ତ୍ରୀ (ସିଭିଲ୍ ଇଞ୍ଜିନିୟରିଂ, ମେକାନିକାଲ, ଇଲେକ୍ଟ୍ରିକାଲ୍, ସଙ୍କେତ ଓ ଦୂରସଞ୍ଚାର ନିମନ୍ତେ) ରେ 310 ସଂଖ୍ୟକ ପଦବୀ ପୂରଣ କରିବା ନିମନ୍ତେ ସାଧାରଣ ବିଭାଗୀୟ ପ୍ରତିଯୋଗିତାମୂଳକ ପରୀକ୍ଷା **(GDCE)** ବିଜ୍ଞପ୍ତି ତା **15.04.2019** ରିଖରେ ଜାରି କରାଯାଇଛି । ଏହି ବିଜ୍ଞପ୍ତି ରେଲ୍‌ୱେ ରିକ୍ରୁଟମେଣ୍ଟ୍ ସେଲ୍ (RRC) ୱେବ୍‌ସାଇଟ : **rrcbbs.org.in** ରେ ପ୍ରସାର ଏବଂ ଅପଲୋଡ କରିଦିଆଯାଇଛି। ପୂର୍ବ ତଟ ରେଳପଥ ପ୍ରଶାସନ ଅଧୀନରେ ନିୟମିତ ଭିତ୍ତିରେ ସେବାରତ ରେଳ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ବିସ୍ତୃତ ବିବରଣୀ ତଥା ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କର ଆବେଦନ ପତ୍ର ଦାଖଲ କରିବା ନିମନ୍ତେ ରେଲ୍‌ୱେ ରିକ୍ରୁଟମେଣ୍ଟ ସେଲ୍ (RRC) ୱେବ୍‌ସାଇଟ : **rrcbbs.org.in** କୁ ଅବଲୋକନ କରନ୍ତୁ।

ଆବେଦନର ଅନ୍‌ଲାଇନ୍ ପଞ୍ଜିକରଣ ତା **15.04.2019**ରିଖ ଠାରୁ ଆରମ୍ଭ ହେବ
ଅନ୍‌ଲାଇନ୍ ଆବେଦନ ଦାଖଲ କରିବାର ଅନ୍ତିମ ତାରିଖ : ତା **14.05.2019** ରିଖ
PR-27/K/19-20 ଅଧକ୍ଷ, ରେଲ୍‌ୱେ ରିକ୍ରୁଟ୍‌ମେଣ୍ଟ୍ ସେଲ୍, ଭୁବନେଶ୍ୱର

## ଲୋକ ସଭା ପ୍ରାର୍ଥୀଙ୍କ ଅଶ୍ଳୀଳ ଭିଡ଼ିଓ ଭାଇରାଲ ମାମଲା ଆଉ ଜଣେ ଅଭିଯୁକ୍ତ ଗିରଫ

**କେନ୍ଦୁଝର, ୧୪।୪(ସ୍ୱ.ପ୍ର.)**

ଜଣେ ଲୋକସଭା ପ୍ରାର୍ଥୀଙ୍କ ଅଶ୍ଳୀଳ ଭିଡ଼ିଓ ଭାଇରାଲ ମାମଲାରେ ରବିବାର ଆଉ ଜଣେ ଅଭିଯୁକ୍ତଙ୍କୁ କେନ୍ଦୁଝର ପୋଲିସ ଗିରଫ କରିଛି। ସେ ହେଲେ ପ୍ରଶାନ୍ତ ମିଶ୍ର। ପ୍ରଶାନ୍ତ ଏକ ୱେବ୍ ଚ୍ୟାନେଲର ମୁଖ୍ୟ ଥିଲେ। ଏହି ଭିଡ଼ିଓ ଭାଇରାଲ ଘଟଣାରେ ପ୍ରଶାନ୍ତଙ୍କ ସମ୍ପୃକ୍ତି ରହିଛି। ଏହି ଘଟଣାରେ ପୋଲିସ ମୋଟ ୪ ଜଣଙ୍କୁ ଗିରଫ କରିଛି। ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଥିବା ଏସଡ଼ିପିଓ ପି.ଜେ. ଟପ୍ପୋ କହିଛନ୍ତି।

## ତାମୁଣ୍ଡିଆ ଆଦିବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

**କେନ୍ଦୁଝର, ୧୪।୪(ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଡିମିରିଡିହା ୪ ନଂମ୍ବର ୱାର୍ଡର ତାମୁଣ୍ଡିଆ ଆଦିବାସୀ ଲୋକଙ୍କ ଜମିପଟ୍ଟାରେ ତାମୁଣ୍ଡିଆ, ତାମୁଡିଆ, ଏଭଳି ଭିନ୍ନ ଜାତି ଉଲ୍ଲେଖ କରାଯାଇଛି। ସେମାନେ ଜାତିଗତ ପ୍ରମାଣ ପତ୍ର ଆଦି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜାତିଗତ ପ୍ରମାଣ ପତ୍ର ନ ପାଇ ପିଲାମାନେ ସ୍କୁଲରେ ନାମ ଲେଖାଇ ପାରୁନାହାନ୍ତି। ଶିକ୍ଷା କ୍ଷେତ୍ରରୁ ବଞ୍ଚିତ ହେଉଛନ୍ତି। ଏ ନେଇ ରବିବାର ମହାବିଷୁବ ପଣାସଂକ୍ରାନ୍ତିରେ ତାମୁଣ୍ଡିଆ ଆଦିବାସୀ ସମ୍ପ୍ରଦାୟର ଝିଅବହୂ, ମହିଳାପୁରୁଷ ଆଦିବାସୀ ବାହାବଗାଂ ପର୍ବ ପାଳନ କରିବା ସହ ମାଦଳ ଢ଼ଲ ବଜାଇ ତାମୁଣ୍ଡିଆ ଏକ ଆଦିବାସୀ ଜାତି ଏହାକୁ ପ୍ରଶାସନ ଏବଂ ଲୋକ ଲୋଚନକୁ ଦୃଷ୍ଟି ଦେଇ ଭିନ୍ନ ଭିନ୍ନ ଜାତିକୁ ଆଦିବାସୀ ଜାତିରେ ସାମିଲ କରିବା ପାଇଁ ପ୍ରକାଶ କରିଛନ୍ତି ବୋଲି କହିଛନ୍ତି। ଚଳିତ ବର୍ଷ ସାଧାରଣ ନିର୍ବାଚନ ହେଉଛି। ନେତା ଗାଁକୁ ଆସି ମିଠା କଥା ପ୍ରତିଶ୍ରୁତି ଦେଉଛନ୍ତି। ଚଳିତବର୍ଷ ଭୋଟ ବର୍ଜନ କରିବାକୁ ତାମୁଣ୍ଡିଆ ସମାଜ ନିଷ୍ପତ୍ତି ନେଇଛି ବୋଲି ସେମାନେ କହିଛନ୍ତି। ଗାଁକୁ କୌଣସି ରାଜ ନେତାକୁ ପୁରାଇ ଦେବୁ ନାହିଁ ବୋଲି ତାମୁଣ୍ଡିଆ ସମାଜର ମୁଖ୍ୟ ବିଶ୍ୱନାଥ ତାମୁଣ୍ଡିଆ ସହ ଗୁରଣ ତାମୁଣ୍ଡିଆ କହିଛନ୍ତି।


ତାମୁଣ୍ଡିଆ ଆଦିବାସୀ ସମ୍ପ୍ରଦାୟର ଲୋକେ।

## ଜବତ ଜେସିବିର ପତ୍ତା ମିଳୁନି

**ହାଟଡ଼ିହୀ,୧୪।୪(ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକ ଝଣଝଣା ନିକଟ ଏକ ମୋରମ ଖଣିରୁ ବେଆଇନ ଭାବେ ମୋରମ ଚୋରା ଚାଲାଣ ହେଉଥିଲା। ହାଟଡ଼ିହୀ ତହସିଲଦାର ଗାୟତ୍ରୀ ସୋରେନ ବିଳମ୍ବିତ ରାତିରେ ଉକ୍ତ ମୋରମ ଖଣିରେ ପହଞ୍ଚି ଏକ ଜେସିବି ମେଶିନ ଜବତ କରିଥିଲେ। ସୂଚନାଯୋଗ୍ୟ, ତହସିଲ ବିଭାଗର ଦୁଇ ଜଣ ଆରଆଇ ମଧ ତହସିଲଦାରଙ୍କ ନିର୍ଦ୍ଦେଶ ପାଇଁ ସେଠାରେ ଉପସ୍ଥିତ ଥିଲେ। ଜବତ ମେଶିନକୁ ସେଠାରେ ରଖାଯାଇଥିଲା। ରାତିରେ ମେଶିନଟି ଉକ୍ତ ସ୍ଥାନରୁ ଚୋରି ହୋଇଯାଇଛି। ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛି। ଜବତ ଜେସିବି ଦାୟିତ୍ୱ ସୋସୋ ପୋଲିସକୁ ଦିଆଯାଇଥିବା ତହସିଲ କର୍ତ୍ତୃପକ୍ଷ କହୁଥିବାବେଳେ ପୋଲିସ ହାତ ଟେକି ଦେଉଛି। ଉକ୍ତ ଜେସିବିକୁ ପୋଲିସ ଛାଡ଼ିଦେବା ଓ ଜେସିବି ମାଲିକଠାରୁ ୫ ଲକ୍ଷ ଟଙ୍କାର କାରବାର ହୋଇଥିବା ଆଲୋଚନା ହେଉଛି।

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
FORM NO.ITCP- 1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in section 29 of the Recovery of Debts due to Banks & Financial Institutions Act,1993 )
**R. P. No.066/2018/CTC**
(Arising out of OA No. 236 of 2015) **Next Date: 02.05.2019**

**Bank of India, Jeypore Branch,** Main Road, At/PO: Jeypore, Dist- Koraput, PIN- 764001 . **Certificate Holder Bank**
Vs.
**M/s Sai Prasad Enterprises & another** **Certificate Debtors**
To
1. **M/s Sai Prasad Enterprises,** Main Road, At/PO: Jeypore, Dist-Koraput, PIN- 764001 . **(Represented through its proprietor, Shri Pradeep Kumar Biswal)**
2. **Sri Pradeep Kumar Biswal,** S/o-Sri Parshuram Biswal, Prasad Rao Peta, Jeypore, Dist- Koraput, PIN- 764001 .

Take notice that Certificate arising out of **OA No.236 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19(22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.15,32,213.00 (Rupees Fifteen Lac Thirty Two Thousand Two Hundred Thirteen Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. | Decretal Dues | : | Rs.15,32,213.00 |
| 2. | Cost allowed | (+) : | Rs. 18,000.00 |
| 3. | Interest @ 12.95% p.a with quarterly rests from 05.05.2015 to 31.08.2018 | : | Rs. 6,44,870.00 |
| | Total | : | **Rs.21,95,083.00** |

**(Rupees Twenty One Lac Ninety Five Thousand Eighty Three only )** with of interest @ 12.95% p.a with quarterly rests on the amount due from 01.09.2018 till realization of the entire Dues.

2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **02.05.2019** and report the details of payment made by you.

Given under my hand & seal at Cuttack on this 4th day of April,2019 .

**Sd/-**
**(R P Patnaik)**
**Recovery Officer**




## ଖଣ୍ଡୁରୀ ଦେବୀଙ୍କ ଚଇତି ମେଳା

**ଆନନ୍ଦପୁର, ୧୪।୪(ସ୍ୱ.ପ୍ର.)**

ଘସିପୁରା ବ୍ଲକ ବଡ଼ପଦନାଠାରେ ପଣା ସଂକ୍ରାନ୍ତୀ ଅବସରରେ ରବିବାର ମା' ଖଣ୍ଡୁରୀ ଦେବୀଙ୍କ ୧୦ମ ବାର୍ଷିକ ଚଇତି ମେଳା ଆରମ୍ଭ ହୋଇଛି। ଏହି ମେଳା ଦୀର୍ଘ ୫ ଦିନ ଧରି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ଭକ୍ତଙ୍କ ଦ୍ୱାରା କଳସ ଶୋଭାଯାତ୍ରା, ଦେହୁରୀଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା ପୂର୍ବକ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ମୁଖ୍ୟ ଆକର୍ଷଣ ପାଇଁ ମେଳାରେ ବିଭିନ୍ନ ପ୍ରକାରର ଦୋଳି, ମନୋହରୀ ପଦାର୍ଥର ଆସର ସାଙ୍ଗକୁ ଖାଦ୍ୟପଦାର୍ଥର ଦୋକାନମାନ ପସରା ମେଲିଛି। ମେଳାକୁ ଅଧିକ ଆକର୍ଷଣ କରିବାଲାଗି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ୩ ଦିନ ଧରି ଖୋଲାମଞ୍ଚ ନାଟକ ପରିବେଷଣ କରାଯିବାର ବ୍ୟବସ୍ଥା ରହିଛି। ରାମଚନ୍ଦ୍ରପୁରର ପୂର୍ବତନ ସରପଞ୍ଚ ମଦନମୋହନ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରାଯାଉଛି। ମେଳା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି।


ଖଣ୍ଡୁରୀ ପୀଠ ଚଇତି ମେଳାରେ ଭକ୍ତଙ୍କ ଭିଡ଼।

**■ମୁଖ୍ୟ ଆକର୍ଷଣ ଦୋଳି, ପସରା**
**■ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ**